# ରଜନୀଗନ୍ଧାର ପ୍ରଶ୍ନ

ଉପେକ୍ଷା ଷଡ଼ଙ୍ଗୀ

ବିଜୟ ବୁକ୍ ଷ୍ଟୋର

Digitized by srujanika@gmail.com

# ରଜନୀଗନ୍ଧାର ସ୍ୱପ୍ନ

Digitized by srujanika@gmail.com

# ରଜନୀଗନ୍ଧାର ପ୍ରଶ୍ନ

ଶ୍ରୀ ଉମେଶ ଚରଣ ପାଢ଼ୀ

ବିଜୟ ବୁକ୍ ଷ୍ଟୋର
ବ୍ରହ୍ମପୁର-୧ (ଗଞ୍ଜାମ)

Digitized by srujanika@gmail.com

# ରଜନୀଗନ୍ଧାର ପ୍ରଶ୍ନ

ଲେଖିଛନ୍ତି :

ଇଞ୍ଜିନିୟର ଉମେଶ ଚରଣ ପାଢ଼ୀ

ଲୋକନାଥପୁର, ଚିକିଟି (ଗଞ୍ଜାମ)

ପ୍ରକାଶ କରିଛନ୍ତି :

ଶ୍ରୀ ଭାସ୍କରଚନ୍ଦ୍ର ପାତ୍ର

ବିଜୟ ବୁକ୍ ଷ୍ଟୋର୍, ବ୍ରହ୍ମପୁର

ସ୍ୱତ୍ୱ ରଖିଛନ୍ତି :

ଶ୍ରୀମତୀ ଇନ୍ଦିରା ପାଢ଼ୀ

ପ୍ରକାଶ ପାଇଛି :

ଗଣେଶ ଚତୁର୍ଥୀ, ୬-୯-୭୮

ଛାପିଛନ୍ତି :

ଶ୍ରୀ ନଟବର ସାହୁ

ସ୍ୱାଧୀନ ପ୍ରେସ୍, ବ୍ରହ୍ମପୁର

ପ୍ରଚ୍ଛଦ ଆଙ୍କିଛନ୍ତି :

ଶ୍ରୀ ସୀତାକାନ୍ତ ମହାପାତ୍ର

ମୂଲ୍ୟ : Rs. ୭ ଟଙ୍କା ପଚାଶ ପଇସା

Rajanigandhar Prasna

Written by :

Er. Umesh Charan Padhi

Lokenathpur, Chikiti (Ganjam)

Published by :

Sri Bhaskar Chandra Patra

Bijoya Book Store, Berhampur

Copyright :

Smt. Indira Padhi

Published on :

Ganesh Chaturthi, 6-9-1978

Printed by :

Sri Natabar Sahu

Swadheen Press, Berhampur

Coverpage by :

Sri Sitakanta Mahapatro

Price : Rs. 7·50

Digitized by srujanika@gmail.com

ଯା’ ପ୍ରଶ୍ନର ଉତ୍ତର

ଦେଇ ହେଉନ୍ନ………

ତା’ର ହାତରେ………

Digitized by srujanika@gmail.com

ଉପନ୍ୟାସକ ସଂପୂର୍ଣ୍ଣ କାଳ୍ପନିକ

*Digitized by srujanika@gmail.com*

ARY
No.

## ଲେଖକଙ୍କ କଲମରୁ—

ଏହି ଗଳ୍ପଗୁଡ଼ିକ ବହୁତ ଦିନ ତଳର ଲେଖା । ମାନେ ଇଞ୍ଜିନିୟରିଂ ପରିସ୍ଥିତି ପୂର୍ବର । ପାଣ୍ଡୁଲିପି ଖଣ୍ଡିକ ଲେଖକଙ୍କ ସହ ଜରୁରୀକାଳୀନ ଦୁଃଖ ଦୁର୍ଦ୍ଦଶା ଭୋଗି ଗୁଣ୍ଡାଖାନାରେ ଅଟକିଗଲା । ତେବେ ପ୍ରକାଶକଙ୍କ ପ୍ରଚେଷ୍ଟା ଓ ସ୍ୱତ୍ୱାଧିକାରିଣୀଙ୍କ ଆନ୍ତରିକତା ଯୋଗୁଁ ବର୍ତ୍ତମାନ ପ୍ରକାଶ ପାଉଛି । ତେଣୁ ପ୍ରକାଶକଙ୍କୁ ଧନ୍ୟବାଦ ।

ଇଞ୍ଜିନିୟର୍ ଜୀବନରେ ସାହିତ୍ୟାନୁରାଗୀ ହେବା ଧୃଷ୍ଟତା ମାତ୍ର । ତଥାପି ସାହିତ୍ୟପ୍ରେମୀ ବନ୍ଧୁ ତଥା ପାଠକ ବନ୍ଧୁମାନଙ୍କ ପ୍ରେରଣା ଲେଖାଲେଖି ନିମନ୍ତେ ମୋଠାରେ ତୀବ୍ର କ୍ଷୁଧା ଜାଗ୍ରତ କରାଇଛି । ନିଷ୍କୃତି ପାଇପାରୁନି । ତା' ବୋଲି ଅବହେଳା ଅପରାଧରୁ ମୁକ୍ତି ପାଇନି ।

ଅନେକ ଇଞ୍ଜିନିୟର୍ ବନ୍ଧୁଙ୍କ ଅନୁରୋଧରେ କେତେକ ଗବେଷଣା-ମୂଳକ ବୈଷୟିକ ପ୍ରବନ୍ଧ ଲେଖିବାକୁ ହେଲା । ଓଡ଼ିଶା ବୁକ୍ ଷ୍ଟୋର୍, କଟକ, ପ୍ରୋପ୍ରାଇଟର୍ ଶ୍ରୀ ଗୋବିନ୍ଦଚନ୍ଦ୍ର ପାତ୍ରଙ୍କ ଅନୁରୋଧରେ ଜ୍ୟୋତିଷ ଶାସ୍ତ୍ର ସମ୍ବନ୍ଧୀୟ କେତେକ ବହି ଲେଖିଲି । ତା ପରେ ଜରୁରୀ ଅବସ୍ଥା ସମୟରେ ମାତ୍ରାଧିକ କାର୍ଯ୍ୟର ଶିକାର ହୋଇ ଆସ୍ତେ ଆସ୍ତେ ସାହିତ୍ୟ କ୍ଷେତ୍ରରୁ ବହୁତ ଦୂରକୁ ଚାଲି ଯାଇଥିଲି । ଫେରିବାର ଆଶା ନଥିଲା । ତଥାପି ପ୍ରକାଶକ ଶ୍ରୀ ଭାସ୍କରଚନ୍ଦ୍ର ପାତ୍ରଙ୍କ ଉଦ୍ୟମ ଏବଂ ବନ୍ଧୁ ଶ୍ରୀ ସୂର୍ଯ୍ୟନାରାୟଣ ଦାସ, O. F. S. ଙ୍କ ପ୍ରେରଣାରେ ମୁଁ ମୋର 'ଅଶ୍ରୁଟୀକା' ଓ 'ଘୁମନ୍ତ ମାଳମା'ର ପାଠକ ବନ୍ଧୁଙ୍କ ନିକଟକୁ ଫେରି ଆସିବା ସମ୍ଭବ ହୋଇଛି । ତେଣୁ ସେମାନଙ୍କ ପ୍ରତି ମୋର ଆନ୍ତରିକ କୃତଜ୍ଞତା କେତେ ବା ବଖାଣିବି ?

ଗଳ୍ପଗୁଡ଼ିକ ବିଭିନ୍ନ ସମୟରେ ଲିଖିତ । ତଦନୁଯାୟୀ ଏହାର ମୂଲ୍ୟାୟନ କରିବେ ବୋଲି ପାଠକମାନଙ୍କୁ ଅନୁରୋଧ ।

ଲେଖକ

Digitized by srujanika@gmail.com

# ସୂଚୀପତ୍ର


| ବିଷୟ | ପୃଷ୍ଠା |
| --- | --- |
| ୧ । ଜ୍ଞାନର ପ୍ରତିମା | ୧ |
| ୨ । ଛନ୍ଦବଦ୍ଧ କବିତା | ୩୩ |
| ୩ । ପିତୃ ବ୍ୟଥା | ୫୧ |
| ୪ । ପ୍ରଥମ ଓ ତୃତୀୟ ପୁରୁଷ | ୮୨ |
| ୫ । ରଜନୀଗନ୍ଧାର ପ୍ରଶ୍ନ | ୯୭ |


Digitized by srujanika@gmail.com

# ଜ୍ଞାନର ପ୍ରତିମା

ନିସ୍ୱାର୍ଥ ସତ କହିବାକୁ ଗଲେ ସନ୍ତୋଷ ଥିଲା ମୋର ଆନ୍ତରିକ ବନ୍ଧୁ । ଖୁବ୍ ଘନିଷ୍ଠ । ମୁଁ ଯଦି ଆଜି ମୋ ଅତୀତର ସମସ୍ତ ହିସାବ ମେଳ କରେ, ତେବେ ସନ୍ତୋଷର ଆତ୍ମୀୟତା ସଂଖ୍ୟାଟା ହେବ ଖୁବ୍ ବଡ଼ । ମୋ ଜୀବନରେ ଧୂଳିଖେଳ, ବାଲିଘର, ଲୁଚିଲୁଚାଣି, ବଉବଉକା, ଆ···ଡୁ···ଡୁ, ନଈ ପହଁରା, ଗଛ ଚଢ଼ା ଠାରୁ ଆରମ୍ଭ କରି ବସ୍ ଫ୍ରେଣ୍ଡ୍, ଟ୍ରେନ୍ ଫ୍ରେଣ୍ଡ୍, ଲଭ୍ ଫ୍ରେଣ୍ଡ୍, ବିରହ ଫ୍ରେଣ୍ଡ୍, ଶ୍ମଶାନ ଫ୍ରେଣ୍ଡ୍ ଆଦି ସମସ୍ତଙ୍କ ତାଲିକାର ସବା ଉପରେ ସନ୍ତୋଷର ନାମଟା ଖୁବ୍ ମୋଟା ଅକ୍ଷରରେ ଲିଖିତ । ବାସ୍ତବିକ୍ ଭୁଲି ହୁଏନି ।

ସେ ବର୍ତ୍ତମାନ କେଉଁଠି ଓ କିପରି ଅଛି ମୁଁ ଜାଣେନି । ଆଉ ଏତକ ଲେଖିଲା ବେଳେ ସେ ତା ମନ ଓ ବିବେକର କେଉଁ ଋତୁରେ ପହଞ୍ଚିଥିବ ତାହା ବି କଳ୍ପନା କରି ହେଉନି । କିନ୍ତୁ ମୋ କାଗଜର ଧଳା ପୃଷ୍ଠା ଉପରେ ଏବଂ କଲମ ମୁନରେ ତାର ସେଇ ସଦାସର୍ବଦା ହସ ହସ ରୂପ ମୂର୍ତ୍ତିମନ୍ତ ହୋଇ ସ୍ପଷ୍ଟରୁ ସ୍ପଷ୍ଟତର ହୋଇ ଉଠୁଛି । ସେ ମୋର ସାଙ୍ଗ···ସଖା···ବନ୍ଧୁ···ଆତ୍ମୀୟ···ସର୍ବୋପରି ମୋର ସବୁ କିଛି ।

(ସନ୍ତୋଷ ! ତୋତେ ଯେତେ ପ୍ରକାରେ ସମ୍ବୋଧନ କଲେ ବି ତୃପ୍ତି ଆସେନି । ତୋ କଥା ଭାବିଲା ବେଳେ ମୁଁ ବାଷ୍ପ ଭଳି ତରଳ ହୋଇ ଯାଉଛି । ଅସୀମ ଓ ଅନନ୍ତ ଆକାଂକ୍ଷା ନେଇ ତୋ ନିକଟରେ ନିଜକୁ ସମର୍ପି ଦେଉଛି । କାହିଁକି, ମୁଁ ଜାଣେନି ।)

Digitized by srujanika@gmail.com

ସନ୍ତୋଷଠାରୁ ମୁଁ (ହେଉଟି ପର ଲାଗୁଛି) ଅଶ୍ରୁଳ ବିଦାୟ ନେଲାବେଳେ ସ୍ପଷ୍ଟ ଅନୁଭବ କରୁଛି, ଯେପରି ମୋ ଫୁସ୍‌ଫୁସ୍‌ଠାରୁ ଅଲଗା ହୋଇ ଯାଉଛି ହୃତ୍‌ପିଣ୍ଡଟା । ଆଜିଯାଏଁ ତାକୁ ଝୁରୁଛି ପ୍ରତ୍ୟେକ ସୁଖ ଓ ଦୁଃଖରେ । ଜୀବନରେ ଏତିକି ଟିକିଏ ବି ସୁଖ କିମ୍ବା ତୃପ୍ତି ଲାଭ କଲେ, ତା'ଠାରେ ପ୍ରକାଶକରି ସେଇ ଆନନ୍ଦ ଓ ସନ୍ତୋଷକୁ ଦ୍ୱିଗୁଣିତ କରିବା ପାଇଁ ତାକୁ ଝୁରେ । ଆଉ ଦୁଃଖ ଲାଭ କଲେ ତାକୁ ଝୁରେ ତା ଠାରେ ଟିକିଏ ଗପି ଦେଇ 'ଆହା' ଶୁଣିବା ପାଇଁ—ଦୁଃଖକୁ ବାଣ୍ଟି ଦୁଃଖ ଲାଘବ କରିବା ପାଇଁ । ବୋଧହୁଏ ଏଇଥିକୁ ହିଁ କହନ୍ତି ଦୁନିଆର ଚିର ଶାଶ୍ୱତ ପ୍ରେମ ଓ ଭଲ ପାଇବା ।

ସେଇ ଶେଷ ବିଦାୟ ମୁହୂର୍ତ୍ତରେ ତାର ଅଶ୍ରୁ ଗଦ୍ ଗଦ୍ ବାକ୍ୟ ଏବେ ବି ମନେ ପଡ଼େ । ସେ କହିଥିଲା, "ମନୋଜ ! ସମାଜର ବନ୍ଧନରେ ବାନ୍ଧି ହୋଇ ଏବଂ ସମାଜର ନିର୍ଦ୍ଦିଷ୍ଟ ପରିସର ଭିତରେ ଚଳପ୍ରଚଳ ଓ କଥାବାର୍ତ୍ତା କରି ଆମ ଦିହିଁଙ୍କ ବନ୍ଧୁତ୍ୱକୁ ସୀମିତ କରିବାକୁ ମୁଁ ଚାହିଁଲିନି । କାରଣ, ତା ହେଲେ ଆମ ଭଲ ପାଇବା ତଥା ଆନଠାରେ ନିଜର ସମସ୍ତ ପ୍ରକାର ଦାବୀ ପୂରଣ କରି ନେବାର ପରସ୍ପରଙ୍କ ଆଶା ଆକାଂକ୍ଷା ଧୂଳିସାତ୍ ହେବ । ଚୁରମାର ହୋଇଯିବ ଆମ ଦିହିଁଙ୍କ ଆନ୍ତରିକ ଭଲ ପାଇବାଟା । କେବଳ ସମ୍ମାନ ଓ ମର୍ଯ୍ୟାଦାହିଁ ଆମ ଭଲ ପାଇବା ଭିତରେ ପ୍ରାଧାନ୍ୟ ଲାଭ କରିବ । ବ୍ୟବହାର କରିବାକୁ ପଡ଼ିବ ସ୍କେଲ୍, ଡ଼ିଭାଇଡ଼ର୍, ପ୍ରୋଟାକ୍ଟର୍ ସାହାଯ୍ୟରେ ମାପିଚୁପି ।"

ଏତିକି ବେଳେ ତା' ଆଖି ଲୁହ ଛଳଛଳ ହୋଇ ଯାଇଥିଲା । ଏ ଆଖିର ଲୁହକୁ ସେ ଆଖିରେ ପୋଛି ଟିକିଏ ସାହସ ନେଇ ପୁଣି କହିଥିଲା, "ତେଣୁ ମୁଁ ଖୁବ୍ ସ୍ୱାର୍ଥପର ହୋଇ 'ଅନି'କୁ ଅନ୍ୟ ପାତ୍ର ହାତରେ ଟେକି ଦେଲି । ତୁମ ଦିହିଁଙ୍କ ଚିର ଶାଶ୍ୱତ ପ୍ରେମ ଓ ଭଲ ପାଇବାକୁ ଧୂଳିସାତ୍ କଲି । ସେତିକି ବେଳେ ମୋର ଏକମାତ୍ର ସ୍ୱାର୍ଥ ଥିଲା - ଆମ ଦିହିଁଙ୍କ ବନ୍ଧୁତ୍ୱ ଠିକ୍ ଆଗ ଭଳି ଚିରଦିନ ବଞ୍ଚିରହୁ । ଦିହେଁ

Digitized by srujanika@gmail.com

ଦାଦାଙ୍କ ସୁଖ ଦୁଃଖର ଖୋଲା ଖୋଲି ସାଥି ହୋଇ ରହିବ । କୌଣସି କଥାବାର୍ତ୍ତା କରିବାକୁ ଏତକ ଟିକିଏ ବି ସଙ୍କୋଚ ରହିବନି ।”

ତା ଲୁହ ଦେଖି ମୋ ଆଖିରୁ କେତେ ଯେ ଲୁହ ବହି ଯାଇଥିଲା ଏବଂ ଶେଷରେ ଅଠାଳିଆ ଲୁହ ଜମାଟ ବାନ୍ଧିଥିଲା ମୋର ଏବେ ବି ମନେ ପଡ଼ୁନି । ତେବେ ତାର ଓଦା ଆଙ୍ଗୁଠିରେ ମୋ ଲୁହ ପୋଛି ପୁଣି କହି ଗ୍ଲିଲା, “ମୁଁ ଯେ ଯେଉଁ ଜଘନ୍ୟ ପାପ କଲି ତାର ପ୍ରାୟଶ୍ଚିତ୍ତ ସ୍ୱରୂପ ମୋ ସାରା ଜୀବନଟାକୁ ନାରୀ ଶୂନ୍ୟ କରିବାର ଅପପ୍ରୟାସ କଲି । ଯୌବନଟାକୁ କଳବଳ କରିବାକୁ ପଡ଼ୁଥିଲା । ଯୌନ ପ୍ରେମର ତୀବ୍ରତମ କ୍ଷୁଧାକୁ ନର୍ଜନ ମନ, ବିବେକ ଓ ଶରୀର ଭିତରେ ସ୍ପଷ୍ଟ ଅନୁଭବ କରି ମଧ୍ୟ ଯୌବନଟାକୁ ସେମିତି ଶୁଖାଇ ଶୁଖାଇ ବିକଳାଙ୍ଗ କଲି ଅସୀମ ଧୈର୍ଯ୍ୟ ଓ ସାହସର ସହ । ଆଜି, ବାର୍ଦ୍ଧକ୍ୟର ପ୍ରଥମ କୁହୁ ନିବା ଧ୍ୱନିଟାକୁ, ଭୃଣାକୁ ଯାହା କହୁ ପାହାଚ କୁହୁ, ପହଞ୍ଚି ମଧ୍ୟ ବିଗତ ଯୌବନର ସେଇ ଅପୂରଣ କ୍ଷୁଧା ମନେ ପକାଇ ଏକ୍‌ବାରେ ଭାଙ୍ଗି ପଡ଼ୁଛି । ମଣିଷ ଜନ୍ମ ପାଇ ଦୁନିଆର ସବୁଆଡ଼େ ଭ୍ରମଣ କରିବା—ସବୁ କଥା ବିଚାର କରିବା, ହୃଦୟଙ୍ଗମ କରିବା, ଧର୍ମ ପାପ ବାରିବା ଇତ୍ୟାଦି ସବୁପ୍ରକାର ଶକ୍ତି ସାମର୍ଥ୍ୟ ମିଳେ । ହେଲେ, ଆଖି ଖୋଲିବା ମାତ୍ରେ ମଣିଷ, ପଶୁ, କୀଟ, ପତଙ୍ଗ ସବୁଠାରୁ ଯୌନ କ୍ଷୁଧା ଏବଂ ତାହାର ତୃପ୍ତି ଓ ସମାଧାନ ଦେଖି ଦେଖି କ୍ଳାନ୍ତ ହେଲିଣି ।”

ଟିକିଏ ନୀରବ ରହି ପୁଣି ତାର ବକ୍ତବ୍ୟ ବଢ଼ାଇ ଗ୍ଲିଲା, “ସତ କହିବାକୁ ଗଲେ ମନୋଜ୍, ମୁଁ ଚିର କୁମାରି ରହିବା ଶପଥ ନେଇ ଭୁଲ୍ କରିଛି କି ଠିକ୍ କରିଛି ଏବେ ସୁଦ୍ଧା ବି ଆବିଷ୍କାର କରିପାରିନି । ତେବେ ସମାଜଙ୍କ ଲିପ୍‌ସା ଉପରେ ଆଧାରିତ ଏଇ ଜୀବ ଜଗତରେ ଜନ୍ମ ଗ୍ରହଣ କରି ଅବିବାହିତ ରହିବା ଯେ ଏକ ଜଘନ୍ୟ ଅପରାଧ ଓ ପାପ, ଏହା ମୁକ୍ତକଣ୍ଠରେ ମୁଁ ସ୍ୱୀକାର କରୁଛି । ଏ ପାପର ପ୍ରାୟଶ୍ଚିତ୍ତ କଣ, ତା’ବି ମୁଁ ଜାଣେନି । ତେବେ ଅନ୍ତ ଓ ତୋ ମଝିରେ ଚୀନା ପ୍ରାଚୀର ଭଳି ମୁଁ ଠିଆ ରହି ତୁମ ଦାଦାଙ୍କୁ ବିଚ୍ଛେଦ କରିବା ଏବଂ ତୁମ ଦାଦାଙ୍କ

Digitized by srujanika@gmail.com

ସତ୍ୟ-ଶିବ-ସୁନ୍ଦର ଭଳି ପ୍ରେମ ଓ ଭଲ ପାଇବାକୁ ହତ୍ୟା କରିବାର ପାପର ପ୍ରାୟଶ୍ଚିତ୍ତ ସ୍ୱରୂପ ମଣିଷ ଜୀବନରେ ଅବିବାହିତ ରହିବାର ଅସହ୍ୟ ଦୁଃଖ କଷ୍ଟକୁ ସ୍ୱାଗତ କରିଛି । ଏଇ ମୋର ପରିଚୟ—ଏଇ ମୋର ତୋ ସହିତ ବନ୍ଧୁତ୍ୱର ପରିମାଣ ଓ ନିଦର୍ଶନ । ତୋତେ ମୁଁ କେତେ ଭଲ ପାଏ—ସ୍ନେହ କରେ—ଆତ୍ମୀୟ ଭାବେ, ତା'ର ପରିଚୟ ମୁଁ ନିଜେ । ବହୁବାର ଅନ୍ତର ଆଖିରେ ତୋ ପାଇଁ ଲୁହ ଦେଖି ମୁଁ ନିଜେ ଲୁହରେ ବଳି ଯାଇଛି—ଜୀବନ ତଥା ରକ୍ତ ମାଂସର ଦେହରେ ଲବଣାଂଶ ଏକ୍‌ବାରେ କମି ଯାଇଛି । ତେଣୁ ମୋ ପରେ ଦୁନିଆ ନିକଟରେ ମୁଁ ଚିର କୁମାର ରହିବାର କୈଫିୟତ୍ ଦେବୁ—ଏତିକି ମୋର ଅନୁରୋଧ—ବାଶ୍...ସେତିକି ।"

ସନ୍ତୋଷ ଆଉ କିଛି କହିଥାନ୍ତା । କିନ୍ତୁ ମୁଁ କହିଁ କହିଁ କାନ୍ଦି ଉଠିଲି । ସମ୍ପୂର୍ଣ୍ଣ ଭାବେ ଢଳି ପଡ଼ିଲି ତା ଉପରେ । ତା ପାଟିରେ ହାତ ଦେଇ ବାରଣ କଲି ଆଉ କିଛି ନ କହିବା ପାଇଁ । ଲୁହ ପୋଛୁ ପୋଛୁ ସେ ବସି ରହିଲା ସମ୍ପୂର୍ଣ୍ଣ ନିଶ୍ଚଳ ହୋଇ । କେହି କିଛି କହିବାକୁ ଅକ୍ଷମ ଥିଲୁ । ରେଲୱେ ପ୍ଲାଟ୍‌ଫର୍ମର ନିର୍ଜ୍ଜନ ଅଞ୍ଚଳଟା ଉପରେ ମଡ଼ାଇ ପଡୁଥାଏ ଘନ ଅନ୍ଧାର । ଗାଡ଼ି ଆସିବାକୁ ଆହୁରି ଡେରି ଥାଏ ।

ଦୁହେଁ ସମ୍ପୂର୍ଣ୍ଣ ନୀରବ ହୋଇ ବସି ରହିଥାଉ । ବିଗତ ଓ ଅନାଗତର ଅସଂଖ୍ୟ ହିସାବ କିତାବ ଚାଲିଥାଏ ସେଇ ନୀରବତା ଭିତରେ ।

ଝକଝାକ ଶବ୍ଦଟାଏ କରି ଗାଡ଼ି ମାଡ଼ି ଆସିଲା । ତା ପରେ ସବୁ ଧୀରସ୍ଥିର । ସେମିତି ନୀରବତା ଭିତରେ ସନ୍ତୋଷ ସେଦିନ ମୋଠାରୁ ବିଦାୟ ନେଲା । ଗାଡ଼ି ପୁଣି ଝକଝାକ ଶବ୍ଦଟାଏ କରିବା ମାତ୍ରେ ମୁଁ ପ୍ରଶ୍ନ କଲି, "ପୁଣି କେବେ ଆସିବୁ ସନ୍ତୋଷ ?"

—"ତା ମୁଁ କହିପାରିବନି ।"

Digitized by srujanika@gmail.com

"କିଛି ଦେବୁ ?"

—"ଯଦି ବଞ୍ଚିଥାଏ – ଯଦି ଆବଶ୍ୟକ ଥାଏ ।"

—"ତା ମାନେ ତୁ କହୁଁ···ତୋତେ ମୁଁ ଭୁଲିବାକୁ ହେବ ?"

– "ନା···ତା କି ସମ୍ଭବ ନୁହଁ···ଅନ୍ତତଃ ଅନି ବଞ୍ଚିଥିବା ଯାଏଁ···"

ଡବାଟା ଘୁଞ୍ଚିଗଲା — ଗାଡ଼ି ଗଡ଼ି ଚାଲିଲା । ପଛକୁ ବୁଲି ମୋତେ ସେ କହିଲା – କିବା ମୁଁ ପାଦେ କେଉଁଆଡ଼େ ଘୁଞ୍ଚି ପାରିନି । ଛୋଟିଆ ଷ୍ଟେସନର ପ୍ଲାଟ୍‌ଫର୍ମ ଉପରେ ଏକ୍‌ବାରେ ଅନ୍ଧାର ଓ ନିର୍ଜନତା ମଡ଼ାଇ ପଡ଼ିଥାଏ । ମୁଁ ସେମିତି ଠିଆ ହୋଇ ସେ ଦିନ ଅନେକ ଭାବିବାରେ ଲାଗିଲି ।

ମୁଁ ଯେ ଅନିକୁ ଭଲ ପାଉଥିଲି, ସେ କଥା ମୋ ଦୀର୍ଘ କୋଡ଼ିଏ ବର୍ଷର ବିବାହିତ ଜୀବନ ଭିତରେ ମୁଁ ଅସ୍ୱୀକାର କରି ପାରିଥିଲି ସମ୍ପୂର୍ଣ୍ଣ ଭାବେ । ବହୁଦିନ ତଳୁ ପ୍ରାୟ ଭୁଲି ଯାଇଥିଲି । ହେଲେ କେବଳ ମାତ୍ର ସାକ୍ଷୀ ଥାଇ ସନ୍ତୋଷ ମନେ ରଖିଛି । ଆଜି ସମୟକୁ କହିବି ଭୁଲ୍ ଠିକ୍ ବଦଳି ଯାଇଛି । ତେବେ ଆମ ଦୁହିଙ୍କ ଭଲପାଇବାଟାକୁ ମନେ ରଖିବାକୁ ସନ୍ତୋଷ କିଏ ? କଣ ଅନିର ଭାଇ ବୋଲି ??? କଣ ବା ତା'ର ସ୍ୱାର୍ଥ ଅଛି ସେଥିରେ ??? ନା,···ଅନିର ସେଦିନର ପ୍ରଗାଢ଼—ନିର୍ମଳ—ପବିତ୍ର ପ୍ରେମ ଓ ଭଲ ପାଇବା ତାକୁ ବାଧ୍ୟ କରୁଛି ?

ହଁ··· ଅନିତା !

ତା ପରିଚୟ ପାଇଁ ଅସଂଖ୍ୟ ବିଶେଷଣ ଆବଶ୍ୟକ – ଗୋଟିଏ ଗୋଟିଏ ବିଶେଷଣ ବ୍ୟାଖ୍ୟା କରିବା ପାଇଁ ଉଚିତ ଭାଷାର ଅଭାବ ।

ଅତି ସରଳ ଭାଷାରେ ଖୁବ୍ ଭଲ ଓ ସୁନ୍ଦର ଝିଅଟିଏ ।

ତା ସହିତ ମୋ ପରିଚୟ ଓ ସମ୍ପର୍କ ବହୁତ ତଳ ଦିନର କଥା । ମନେ ପକାଇଲେ ସମ୍ପୂର୍ଣ୍ଣ ମନେ ପଡ଼େନ । ଝାପ୍ସା ଝାପ୍ସା ଲାଗେ ।

ସନ୍ତୋଷ ସହ ମୋର ପରିଚୟ ହେଲା କଲେଜରେ । ଗୋଟିଏ କ୍ଲାସ୍‌ରେ ପଢ଼ୁଥାଉଁ । ସନ୍ତୋଷର ଚେହେରାଟା ଖୁବ୍ ଆକର୍ଷଣୀୟ । ସୁନ୍ଦର ସ୍ୱାସ୍ଥ୍ୟ—ସୁଗଠିତ ଓ ବଳିଷ୍ଠ ମାଂସପେଶୀ—ତଫା ଗୋରା । ଅତ୍ୟନ୍ତ ଗହଳ ଭିତରେ ତାକୁ ସ୍ପଷ୍ଟ ବାରି ହୁଏ - ଯେ କୌଣସି ଦର୍ଶକର ଆଖି ମୁହୂର୍ତ୍ତେ ପାଇଁ ହେଲେ ବି ତା'ଠାରେ ଲାଗି ରହିବ । ଯେ କୌଣସି ନାରୀ ପକ୍ଷେ ସନ୍ତୋଷର ପୌରୁଷ ଆକର୍ଷଣୀୟ । ଖୁବ୍ ଲୋଭନୀୟ । ତା ବାହାରେ ସେ ଥିଲା ସଦାନନ୍ଦୀ । ବ୍ୟବହାରରେ ଉତ୍ତମ । ଏବେ ବି ସ୍ପଷ୍ଟ ମନେ ପଡ଼େ, ତା ସହ ବନ୍ଧୁତା କରିବା ପାଇଁ ଛାତ୍ରମାନଙ୍କ-ଠାରେ ଦେଖା ଦେଇଥି ଏ ପ୍ରବଳ ଆଗ୍ରହ ।

ତେବେ ଆମ ଦୁହିଙ୍କ ଭିତରେ ଗଢ଼ି ଉଠିଲା ନିବିଡ଼ ବନ୍ଧୁତ୍ୱ—ସମ୍ପର୍କଟା କ୍ଷୀର-ନୀର ଭଳି । ଯିଏ ଦେଖିବ ଆମେ ଦୁହେଁ ଯୋଡ଼ା । ଆମ ଦୁହିଙ୍କ ବନ୍ଧୁତାକୁ ଅନେକେ ମନ୍ତବ୍ୟ କରୁଥାନ୍ତି, 'ଏକା ପରର ପକ୍ଷୀ ମିଳିତ ହୋଇଛନ୍ତି ।'

କଲେଜର ଝିଅ ପିଲାଏଁ ଯେ ଆମ ପ୍ରତି ଦୃଷ୍ଟି ରଖିନଥାନ୍ତି, ତା ନୁହେଁ । କେତେକ ଝିଅ ବାହାରେ ନ ହେଲେ ବି ଭିତରେ ଆମ ପ୍ରତି ଖୁବ୍ ଆସକ୍ତ ଥାନ୍ତି ଏବଂ ଟିକିଏ ସୁବିଧା ମିଳିଲେ ଆମ ସହ କଥାବାର୍ତ୍ତା କରିବା କିବା ତାଙ୍କ ପିପାସୀ ଦୃଷ୍ଟିକୁ ଆମ ଉପରେ ଚପାଇ ନେବାକୁ ପଛାନ୍ତିନ ।

ତେବେ ଆମେ ଦୁହେଁ ଶପଥ କରି ନେଇଥିଲୁ କୌଣସି ଗୁପ୍ତ ବା ଖୋଲା ପ୍ରେମରେ ନ ପଡ଼ିବା ପାଇଁ । ସ୍ପଷ୍ଟମତ ପୋଷଣ କରିଥିଲୁ, ଯୌବନର ଆଇନ୍ କାନୁନ୍‌କୁ ନିଜ ହାତକୁ ନେବା ଖାଲି ଅସାମାଜିକ ନୁହେଁ—ଅପରାଧ ବି । ସୁଖ ଶାନ୍ତିର ଆଶା କରି ଗୁପ୍ତ ପ୍ରେମରେ ବହୁଦୂର

Digitized by srujanika@gmail.com

ଧାଇଁବାକୁ ହୁଏ । କିନ୍ତୁ ଶେଷରେ ମିଳେ ଅଜସ୍ର ଅଶାନ୍ତି ଓ ଦୁଃଖ । ଖାଲି ଧନହାନି—ମାନହାନି - ସ୍ୱାସ୍ଥ୍ୟହାନି । ସର୍ବାଶେଷରେ ଲୁହ ଓ ଅନୁତାପ । ପୁରାଣ, ଇତିହାସ, କପଳୋକଳ୍ପିତ ସାମାଜିକ ନାଟକ ଓ ଉପନ୍ୟାସ ଇତ୍ୟାଦି ସବୁରେ ସ୍ୱୀକୃତ ହୋଇ ସାରିଛି—ସ୍ୱୈର ପ୍ରେମଟା ଗୋଟାଏ କଣ୍ଟକିତ ପଥ । ତେଣୁ ଆମେ ଦିହେଁ ଦୃଢ଼ ଶପଥ କରି ନେଇଥାଉ - ପ୍ରେମିକା ଆବାହନ କରିବୁନି । ବାପା ମାଁଙ୍କ ନିର୍ଦ୍ଦେଶ ମାନି ଅର୍ଦ୍ଧାଙ୍ଗିନୀ ଗ୍ରହଣ କରିବୁ । ସାମାଜିକ ଗଣ୍ଡିରେ ଯୌବନର ସମସ୍ୟାକୁ ସମାଧାନ କରିବୁ ।

କିନ୍ତୁ ପର୍ବତ ଯେତେ କଠିନ, ସାଗର ସେତେ ତରଳ ଓ ଅଥୟ ହେବାକୁ ବାଧ୍ୟ । ତେଣୁ କେତୋଟି ଝିଅ ଖୁବ୍ ଅଥୟ ହେବା ଆମ ଦୃଷ୍ଟିଗୋଚରକୁ ଆସିଥାଏ । ସେ ସବୁ ଦେଖି ଆମେ ଦିହେଁ ନିରୋଳାରେ ବସି ଖୁବ୍ ଉପହାସ କରୁ—ହସି ହସି ବେଦମ୍ ହେଉ । ତାଚ୍ଛଲ୍ୟ ମନ୍ତବ୍ୟ ଦେଇ ଶାନ୍ତି ପାଉ । ସତ କହିବାକୁ ଗଲେ ଆମେ ଦିହେଁ ଚପଳ ଯୌବନରେ ଥିଲୁ ଖୁବ୍ ଗମ୍ଭୀର ଓ ସଂଯମୀ । ରାତିରେ ମୋ ନିକଟରୁ ସନ୍ତୋଷ ହଷ୍ଟେଲ୍ ଗେଟ୍ ନିକଟରେ ବିଦାୟ ନେଲା ବେଳେ, ଅନେକବାର ମୁଁ ଉପହାସର ମାତ୍ରା ବଢ଼ାଇ କୁହେ, "ବୁଝିଲୁ ସନ୍ତୋଷ ! ତୋ ବଉକୁ କହିବୁ ଆଜି ମୋ ପାଇଁକି ଦୁଇଟି ଲଙ୍କା ଚୁଲିରେ ପକାଇ ଦେବେ ।"

ସେ ହସୁଥିଲା । ମୁଁ ବି ହସୁଥିଲି । ସାଇକଲ୍ ଘଣ୍ଟି ବଜାଇ ବଜାଇ ସେ ଚାଲି ଯାଉଥିଲା । ଖୁବ୍ ହାଲୁକା ହୋଇ ମୁଁ ଶୋଇ ଯାଉଥିଲି, ଆସନ୍ତାକାଲି ତା ସହ ମିଶିବାର ଆଶା ଓ ଶପଥ ନେଇ ।

ତେବେ ଆମ ଦିହିଙ୍କ ଏ ପ୍ରକାର ନିବିଡ଼ ବନ୍ଧୁତ୍ୱ ଅନ୍ୟଙ୍କ ଦିହରେ ଗଲନି । ପ୍ରତିଯୋଗିତା ତା ପରେ ହିଂସା—ତା ପରେ ଶତ୍ରୁତା ଏପରି ଆସ୍ତେ ଆସ୍ତେ ଅନ୍ୟ ଛାତ୍ରଙ୍କ ପାଖରେ ଦେଖା ଦେଲା । ଦିନେ ମୁଁ ଶୁଣିଲି ଭଳି ମୋର ଜଣେ ରୁମ୍‌ମେଟ୍ ସନ୍ତୋଷର ଚୋଟହିଁ

Digitized by srujanika@gmail.com

ଓ ଚରିତ୍ରକୁ ପ୍ରଶଂସା କରୁ କରୁ ଆଜି ଜଣେ ରୁମ୍‌ମେଟ୍ ଅତି କଟୁ ମନ୍ତବ୍ୟ କରି କହିଲା, "ଯେଉଁ ଗାଁର ହିଡ଼ ଏତେ ସୁନ୍ଦର, ସେଇ ଗାଁର ବିଲ କେତେ ସୁନ୍ଦର ହୋଇ ନଥିବ !"

ଏଇ ଢ଼ଗଟିର ଗୂଢ଼ ଅର୍ଥ ବୁଝିବା ମୋ ପକ୍ଷେ ହଠାତ୍ ସମ୍ଭବ ହୋଇ ନଥିଲା । କିନ୍ତୁ ଅନ୍ୟ ସବୁ ରୁମ୍‌ମେଟ୍‌ମାନେ ବୋଧେ ହସିବା ଦେଖି ଅର୍ଥଟି ଯେ କଦର୍ଯ୍ୟ ହୋଇଥିବ ମୁଁ ଆଶଙ୍କା କଲି । ମନେ ମନେ ଖୁବ୍ ଚିଡ଼ି ଉଠିଥିଲି । ଏଣୁତେଣୁ ତାଙ୍କ ସହ ମୋର ବଚସା ଚାଲିଥିଲାବେଳେ, ଜଣେ ରାଗ ଅଥଚ ଗମ୍ଭୀର ଗଳାରେ ତାଚ୍ଛଲ୍ୟ କଲା, "ଲୁଚଉଛୁ ନା ଗୋଡ଼ ଦୁଇଟା ଦିଶୁଛି । ନାରୀ ଲୋଭରେ ମଣିଷ ତାଙ୍କ ଘରର କୁକୁର ସହିତ ବି ବନ୍ଧୁତା କରେ......।"

ଆଉ କିଛି ସେ କହିବା ପୂର୍ବରୁ ମୁଁ ଉଠିପଡ଼ି 'ଠୋ' କରି ଘୁସ୍ପୁଡ଼ାଏ ଲଗାଇଥିଲି ମନ୍ତବ୍ୟ ବାହାରିଥିବା ଶ୍ରୀମୁଖରେ । ତା ପରେ ହେଲା ଗଣ୍ଡଗୋଳ । ପୁଣି ହେଲା ଶାନ୍ତ । ଭଦ୍ରଲୋକଙ୍କ ପାଇଁ ଅନ୍ୟ ରୁମ୍‌ର ଛାତ୍ରମାନେ ପହଞ୍ଚିଗଲେ । ରାଗରେ ମୁଁ ଥରୁଥାଏ । ବାସ୍ତବିକ୍ ସେତେବେଳକୁ 'ହିଡ଼-ବିଲ'ର ଅର୍ଥ ମୋଟେ ମୁଁ ବୁଝି ନଥିଲି । ଅନ୍ୟମାନଙ୍କ ହସରୁ କିଛି କଦର୍ଯ୍ୟ ହୋଇଥିବ ବୋଲି ଆଶଙ୍କା କରିଥିଲି ମାତ୍ର ।

ସଙ୍ଗେ ସଙ୍ଗେ ସନ୍ତୋଷ ଘରକୁ ସେଇ ମଧ୍ୟାହ୍ନ ଖରାରେ ବାହାରି ପଡ଼ିଲି ତାକୁ ସବୁ ବୃତ୍ତାନ୍ତ କହିବା ପାଇଁ ।

ଏଥି ପୂର୍ବରୁ କୌଣସି ଦିନ ମୁଁ ସନ୍ତୋଷ ଘରକୁ ଯାଇ ନଥାଏ । ତା ଘର ଦେଖି ନଥାଏ ବି । କେବଳ ସାହି ନାଁଟା ଓ ପରିବେଶ ଯାହା ତା ଠାରୁ ଶୁଣିଥାଏ । ତେଣୁ ଏପଟ ସେପଟ ହେଇ ବହୁତ ଘୂରିବାରେ ଲାଗିଲି । ତା ବାପାଙ୍କ ନାଁଟା ଜାଣିଥିଲେ ବି ମୋର ମନେ ପଡୁ ନଥିଲା । ତେଣୁ ସହର ଭିତରେ ତା ଘର ଖୋଜି ବାହାର କରିବା ଟିକିଏ କଷ୍ଟସାଧ୍ୟ ହେଲା ।

Digitized by srujanika@gmail.com

ଯାହା ହେଉ ଖୁବ୍ କ୍ଳାନ୍ତ ହେଲା ପରେ ତା ଘରଟାକୁ ଠାବ କରିପାରିଲି । ଗେଟ୍ ଖୋଲି ଘର ଆଡ଼କୁ ଯିବା ସାହସ ବାନ୍ଧିଲି ।

ସନ୍ତୋଷ ଘର ସାମନା ଧୂଳିରେ ସେଇ ମୋର ପ୍ରଥମ ପଦାଙ୍କ । ପ୍ରଥମେ ସେଇ ଅଟ୍ଟାଳିକାର ସ୍ଥାପତ୍ୟ କଳା ଓ ସାମନାର ସୁରକ୍ଷିତ ଉଦ୍ୟାନ ଦେଖି ମୁଗ୍ଧ ହୋଇପଡ଼ିଲି । ତା ପରେ ଆସ୍ତେ ଆସ୍ତେ ପଦଚାଳନା କରି ଉଠିଲି ପିଣ୍ଡା ଉପରକୁ । ଧୀର ଗଳାରେ ଡାକିଲି ସନ୍ତୋଷକୁ ।

ବାରଣ୍ଡା ପାଖରେ ଗୋଟିଏ କଣ ରୁମ୍‌ରୁ ଜଣେ ଯୁବତୀ ଝିଅ ବାହାରି ପ୍ରଥମେ ମୋତେ କୁଲୁ କୁଲୁ ଚାହିଁଲେ । ଲଜ୍ଜାରେ ନଇଁ ଆସିଲା ମୋ ମଥା । ଭୁଲରେ କାହା ଘରକୁ ଚାଲିଆସିଲି ଭାବି କ୍ଷମା ମାଗିବା ପାଇଁ ଉଦ୍ୟତ ହେଲାବେଳେ ସେ କହିଲେ, "ଭାଇ, ଏଇନେ ଆପଣଙ୍କ ପାଖକୁ ଗଲେ, ଏଇ ପାଞ୍ଚ ମିନଟ ହେବ" ।

ଏଇଠି ବୁଝିଲି ସେ ହେଉଛନ୍ତି ସନ୍ତୋଷର ଭଉଣୀ । ଚେଷ୍ଟା କଲି ଚାହିଁବାକୁ । ବାସ୍ତବିକ ସେଦିନ ପାରିନଥିଲି । ଶଙ୍କା କରି ମୁହଁ । ସେଇ ଶୋଭା ସୌନ୍ଦର୍ଯ୍ୟକୁ ମୋ ଆଖିର ସ୍ଫଟିକକାର ରସ ଦେଇ କନୀନିକା ଉପରେ ଚିତ୍ରଣ କରିବାକୁ ମୁଁ ସମ୍ପୂର୍ଣ୍ଣ ଅକ୍ଷମ ଥିଲି । ମଥା ମୋର ଏକ୍‌ବାରେ ନଇଁ ଆସିଥିଲା ।

ସେ ଚାଲିଗଲେ ଭିତରକୁ 'ବଉ', 'ବଉ' ଡାକି । ମୁଁ ଫେରି ଆସିବାକୁ ଉଦ୍ୟତ ହେଲାବେଳେ ଶୁଣିଲି ସେ କହୁଛନ୍ତି, "ଘରକୁ ଆସୁନାହାନ୍ତି ! ବଉ ଡାକୁଛି ଆସନ୍ତୁ ।"

ଚାହିଁଲି ମାତ୍ରେ ଦେଖିଲି ମୋ ସାମାନ ରୁମ୍‌ର ରଙ୍ଗବେରଙ୍ଗ ପରଦାକୁ ଧରି ଠିଆ ହୋଇଥାନ୍ତି ସେ । ଠିକ୍ ସନ୍ତୋଷ ଭଳି ହସ ହସ ମୁହଁ, ଏକ୍‌ବାରେ ମିଶିଯାଉଛି—ସନ୍ତୋଷର ଚେହେରା ସହ । ଆଜିର ଭାଷା ଓ ଭାବରେ ସେଇ ଶୋଭା ଓ ସୌନ୍ଦର୍ଯ୍ୟ ପ୍ରକାଶ କରିବାକୁ ଗଲେ—ସୁଗୋଲ ମୁଖ, ସଳଖ ଓ ମୁନିଆ ନାସା, ଚପଳ ଓ କଜ୍ଜଳ ଚେଳିଆ ଛୋଟ ଛୋଟ ଆଖି, ପୃଥିବୀର ଅପୂନଚଳନ ଗତିପଥସଦୃଶ ଆଖିପତା ଓ ଆନତ

Digitized by srujanika@gmail.com

ଭ୍ରୂଲତା, ଚତୁର୍ଥୀ ଚନ୍ଦ୍ରସଦୃଶ କପାଳ ଉପରେ ଚୂର୍ଣ୍ଣକୁନ୍ତଳର ଛନ୍ଦ ଚପଳ ନୃତ୍ୟ, ମଥା ଉପରୁ ମାଡ଼ି ଆସୁଥିବା ଆଷାଢ଼ ମାସର ଘନ କାଳିଆ ମେଘ ଖଣ୍ଡସଦୃଶ କେଶଗଣି ଅଟକାଇବା ପାଇଁ ଶାମୁକାସଦୃଶ କର୍ଣ୍ଣ, ମାଂସାଳ ଗଣ୍ଡ, ଆନୁପାତିକ ଅଧର, ସରୁକଟି, ଲମ୍ବା ଶରୀର, ପତଳା ଓ ଚିକ୍‌କଣ ଗଠନ । ଏ ସବୁ ସାଥିରେ ଯୌବନର ଉଚ୍ଛନ୍ନ ପୃଷ୍ଠ ଉପରେ ଗାଢ଼ କଳା ଓ ସୁଦୀର୍ଘ ବେଣୀ । ବାଃ...ବାସ୍ତବିକ୍ ଅଭାବ... ଅନନ୍ୟ ସୁନ୍ଦରୀ । ଯାହାର ତୁଳନା ଆଜଯାଏଁ ମୁଁ ପାଇନି । ପାଇବାର ଆଶା ମଧ୍ୟ ରଖିନି ।

ଏପରି ତାଙ୍କର ରୂପ ସୌନ୍ଦର୍ଯ୍ୟକୁ ମାପୁ ମାପୁ ବୋଧହୁଏ ଟିକିଏ ଲଜ୍ଜିତ ହୋଇ ଉଠିଲେ ସେ । ହସି ହସି ତଳକୁ ମଥା ପୋତି କହିଲେ, "ବାହାରେ ଠିଆ ହେଲେ ଯେ ! ଭିତରକୁ ଆସୁନାହାନ୍ତି । ଆପଣଙ୍କୁ ଦେଖିବା ପାଇଁ ବଉ ସବୁବେଳେ ବ୍ୟସ୍ତ ହୁଏ ।"

ଏତିକି କହି ସେ ଚାଲିଗଲେ ଭିତରକୁ । ମୁଁ ନିଶ୍ଚଳ ହୋଇ କିଛି କ୍ଷଣ ଠିଆ ହୋଇ ଭାବିଲି, "ମୋତେ ସେ ଚିହ୍ନିଲେ କିପରି ? ହେଲେ ତ ମୁଁ ତାଙ୍କୁ ଦେଖିନି, ଜାଣିନି ବି ସନ୍ତୋଷର ଭଉଣୀଟିଏ ଅଛି ବୋଲି । ହେଲେ ସେ କହିଲେ ବି ।"

ଶଙ୍କି ଶଙ୍କି ଭିତରକୁ ଗଲି । ସୋଫାଟା ଉପରେ ବସୁ ବସୁ ଦେଖିଲି, ସନ୍ତୋଷ ଆଉ ମୁଁ ଥିବା ଯୁଗ୍ମ ଫୋଟୋଟିକୁ । ଏଥର ବୁଝିପାରିଲି ତା ଭଉଣୀ ମୋତେ ଚିହ୍ନିଲେ କିପରି । ଏତିକିବେଳେ ସନ୍ତୋଷର ବଉ ପଶି ଆସିଲେ । ମୋ ପ୍ରଣାମ ଉପରେ ସେ ଢ଼ାଳିଗଲେ ଅଜସ୍ର ଆନ୍ତରିକ ଆଶୀର୍ବାଦ । ସେଠୁ ଆରମ୍ଭ ହେଲା କେତେ କଣ ଗପ, ଖୁବ୍ ଅଭିମାନ ପ୍ରକାଶ କରିଥିଲେ ମୁଁ ତାଙ୍କ ଘରକୁ ସେଯାଏଁ ନ ଯାଇଥିବା ଯୋଗୁଁ । ମୋର ତଥା ମୋ ବାପା, ମା, ଆତ୍ମୀୟ ସ୍ୱଜନଙ୍କ ସବିଶେଷ ପରିଚୟ ଓ ବିବରଣୀ ବୁଝିନେଲେ ସେଇ କେତୋଟା ମୁହୂର୍ତ୍ତର କଥାବାର୍ତ୍ତା ଭିତରେ । ସେଇ ନିଷ୍କପଟ ଓ ଆନ୍ତରିକ କଥାବାର୍ତ୍ତା ଭିତରେ ମୋତେ ତାଙ୍କର ଅତି ଆପଣାର କରିନେଲେ । ଆଉ ମୁଁ ବି ଖୁବ୍ ଟାଣି ହୋଇପଡ଼ିଲି ତାଙ୍କର ବାତ୍ସଲ୍ୟ ସ୍ନେହ ଓ ମମତା ପ୍ରତି । ବାସ୍ତବିକ୍

Digitized by srujanika@gmail.com

ସନ୍ତୋଷର ବଉ ଖୁବ୍ ଭଲ ମଣିଷ—ସରଳ ଓ ନିଷ୍କପଟ । ମୁଁ ପ୍ରତିଶ୍ରୁତି ଦେଇଥିଲି—ସମାଜ ସମ୍ମୁଖରେ ତାଙ୍କର ଧରମ ପୁଅ ବୋଲି ପରିଚୟ ଦେବା ପାଇଁ ।

କିଛି କ୍ଷଣ ପରେ ସନ୍ତୋଷର ଭଉଣୀ ଧରି ଆସିଲେ ପିଠା ଓ କିଛି ଜଳଖିଆ । ଆଉ କିଛି ସମୟ ପରେ ମୁଁ ନେଲି ବିଦାୟ । ପ୍ରତିଶ୍ରୁତି ଦେଇଥିଲି ଏଣିକି ପ୍ରତିଦିନ ତାଙ୍କ ଘର ଆଡ଼େ ବୁଲିଯିବା ପାଇଁ । ଜାଣିବାକୁ ପାଇଥିଲି—ସନ୍ତୋଷର ବାପ ବି ମୋତେ ଦେଖିବା ପାଇଁ ଆଉ ମୋ ସହ କଥାବାର୍ତ୍ତା ହେବା ପାଇଁ ଖୁବ୍ ଆଗ୍ରହୀ । କୁଆଡ଼େ ଘଣ୍ଟା ଗପୁଡ଼ି ଲୋକ । ଅବସର ଜୀବନ କଟାଉଥାନ୍ତି ।

କିନ୍ତୁ ସେଦିନ ସେ ଯାଇଥାନ୍ତି ଗାଁକୁ ତାଙ୍କ ଜମିବାଡ଼ି ବିଷୟ ବୁଝିବା ପାଇଁ । ଫେରିଲା ପରେ ତାଙ୍କ ସହ ଦେଖା କରିବାର ବ୍ୟଗ୍ରତା ଓ ପ୍ରତିଶ୍ରୁତି ମୁଁ ପ୍ରକାଶ କରିଥିଲି ସେଦିନ । ସନ୍ତୋଷ ଘରକୁ ବାହାରିଲା ବେଳେ ମୁଁ ସାଥିରେ ନେଇଯାଇଥିବା ସମସ୍ତ କ୍ରୋଧ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇ ଯାଇଥିଲା ସେଇ ଐତିହାସିକ ଘର ନିକଟରେ । ଫେରିଲା ବେଳେ ଖୁବ୍ ହାଲୁକା ମନେ କରିଥିଲି ।

ରାସ୍ତାରେ ଆସୁ ଆସୁ ବହୁତ ଭାବନାର ସୁଅ ମେଲିଥିଲି ସେଦିନ । ବାସ୍ତବିକ୍ ସନ୍ତୋଷର ବଉ ଓ ଭଉଣୀ କେତେ ଭଲ ମଣିଷ ! ଏଇ ଅଳ୍ପ ସମୟ ଭିତରେ ଏମାନେ କି ଆଶ୍ଚର୍ଯ୍ୟଜନକ ଭାବେ ମୋତେ କରି ନେଲେ ଅତି ନିଜର ! କି ଉଦାର ଓ ବିଶ୍ୱଜନୀନ ହୃଦୟ ତାଙ୍କର ! ସେଇ ହୃଦୟର ଗଭୀରତା—ନିଷ୍କପଟତା--ଆନ୍ତରିକତା ଓ ସାରଲ୍ୟ କଳ୍ପନା କରୁକରୁ ହଷ୍ଟେଲ୍ ନିକଟରେ ପହଞ୍ଚିଯାଇଥିଲି । ଠିକ୍ କରିଥିଲି ସନ୍ତୋଷକୁ ଖୁବ୍ ଅଭିମାନ କରି ପଚାରିବି, କାହିଁକି ତା ଘର ଆଡ଼େ ଦିନେ ବି ମୋତେ ନିମନ୍ତ୍ରଣ କରିନ ?—କାହିଁକି ଏପରି ଭଲ ମଣିଷ ସହ ପରିଚୟ କରାଇନ ?— କାହିଁକି ତାଙ୍କ ସଂସ୍ପର୍ଶରେ ଆସି ତାଙ୍କ ଆଦର୍ଶ ଓ ଉପଦେଶରେ ଅନୁପ୍ରାଣିତ ହେବାର ସୁଯୋଗ ଦେଇନ ? ଇତ୍ୟାଦି··· ଇତ୍ୟାଦି ଅନେକ । ଆହୁରି ବି ଭାବିଥିଲି ସନ୍ତୋଷର ସାନ ଭଉଣୀ ଏତେ ସୁନ୍ଦର ବୋଲି ଦିନେ ବି କାହିଁକି କହିନ ?

Digitized by srujanika@gmail.com

କିନ୍ତୁ ଆଜି ମନେ ପଡ଼ିଲେ ଆଶ୍ଚର୍ଯ୍ୟ ଲାଗେ—ସେ ଦିନ ସନ୍ତୋଷକୁ କିଛି ପଚାରି ପାରିନଥିଲି । ସବୁ ଅଭିମାନ ଲୁଚି ଯାଇଥିଲା । ତା ବାପର ଶତ ପ୍ରଶଂସା ତା ଆଗରେ ବଖାଣି ଯାଇଥିଲି ସତ; ହେଲେ ତା ଭଉଣୀ ବିଷୟରେ ପଦେ ବି କହି ନଥିଲି । ବୋଧହୁଏ ମୋର ଦୁର୍ବଳତାହିଁ ମୋ ତୋଣ୍ଟିଟାକୁ ଚାପି ଧରିଥିଲା । ସନ୍ତୋଷ ଓ ମୋ ଭିତରେ ଯେତେ ବନ୍ଧୁତା ଓ ଘନିଷ୍ଠତା ଥିଲେ ମଧ୍ୟ, ଆମ ଦୁହିଙ୍କ ଭିତରେ ପାର୍ଥକ୍ୟ ହିଁ ଏତିକି । ସେ ଖୁବ୍ ସବଳ ଆଉ ମୁଁ ଦୁର୍ବଳ ।

କଲେଜର ସେଇ ପ୍ରଥମ ବର୍ଷଟା ଖୁବ୍ ସୁରୁଖୁରୁରେ କଟିଗଲା । କୌଣସି ଦୁର୍ଘଟଣା ଘଟିନି । କେବେ କେମିତି ବା ସନ୍ତୋଷ ସହ ତାଙ୍କ ଘରଆଡ଼େ ଯାଏ । ହେଲେ ତା ଭଉଣୀ ସହ କେବେ ଦେଖା ହୁଏନି । ସେ ଘରେ ନଥାନ୍ତି । ବାପା ବଉଙ୍କ ସହ ବହେ କଥା ହେଇ ଫେରେ ।

ପ୍ରଥମ ବର୍ଷ ପରୀକ୍ଷା ଶେଷ ହେଲା ।

ଛୁଟିରେ ହଷ୍ଟେଲ୍ ଛାଡ଼ି ମୁଁ ଗାଁକୁ ଆସିଲାବେଳେ ସନ୍ତୋଷ ଠାରୁ ପ୍ରତିଶ୍ରୁତି ଆଣିଥିଲି, ତାପର ଛୁଟିରେ ସେ ଆମ ଗାଁଆଡ଼େ ଯିବାପାଇଁ ।

ଛୁଟିଟା ସାରା ମୋତେ ଖୁବ୍ ଏକୁଟିଆ ଲାଗିଥିଲା ଗାଁରେ । ଦିନ ମୋଟେ ସରେନି । ସନ୍ତୋଷ ଠାରୁ ଦୂରେଇ ମୋ ଦୈନନ୍ଦିନ ଜୀବନ କାଟିବା ଅତ୍ୟନ୍ତ କଷ୍ଟସାଧ୍ୟ ମନେ କରୁଥିଲି । ତା ବାପା ବୋଉଙ୍କ ଶ୍ରଦ୍ଧା ସ୍ନେହକୁ ଖୁବ୍ ଝୁରୁଥିଲି ।

ଛୁଟି ସରିବାକୁ ଆହୁରି ଦୁଇ ଦିନ ଥାଏ । ଦ୍ୱିତୀୟ ବର୍ଷ ଆଇ. ଏ. ପଢ଼ିବା ପାଇଁ ଗାଁରୁ ଚାଲି ଆସିଲି । ହଷ୍ଟେଲ୍‌ରେ ବେଡ଼ିଂ ସୁଟ୍‌କେଶ୍ ରଖି ସିଧା ଚାଲିଲି ସନ୍ତୋଷ ଘରଆଡ଼େ । ଉଃ......ମନେ ପଡ଼େ, ଗଲାବେଳେ ମନ କି ଚଞ୍ଚଳ ! ରିକ୍ସା ଯେତେ ଜୋର୍‌ରେ ଚାଲିଲେ ମଧ୍ୟ ମୁଁ ନିର୍ଦ୍ଦେଶ ଦେଉଥାଏ ଆହୁରି ଶୀଘ୍ର ଚଲାଇବା ପାଇଁ । ଅନ୍ତରର ଗଭୀରତମ ପ୍ରଦେଶରୁ ଆନନ୍ଦର ହସ ଚହଲି ଚହଲି ବାରମ୍ବାର ଅଧର ନିକଟକୁ ଆସୁଥାଏ । ରିକ୍ସା ଭିତରେ ମୋର ସେଇ ଆନନ୍ଦ ବିଭୋର

Digitized by srujanika@gmail.com

ଉଲ୍ଲସିତ ମୁଖ ଦେଖି କେତେକ ବନ୍ଧୁ ଅତ୍ୟନ୍ତ ତୃପ୍ତି ପ୍ରକାଶ କରିଥିଲେ—ସତେ ଯେପରି ମୋର ସେଇ ଦଫରର ଛୁଟିକାଟା ତାଙ୍କ ପାଇଁ ଉଦ୍ଦିଷ୍ଟ । ମୋର ଏବେ ବି ମନେପଡ଼େ କେତେକ କ୍ଲାସମେଟ୍ ଝିଅ ମୋର ସେଇ ଅନ୍ୟମନସ୍କ ଓ ଉଲ୍ଲାସ ଲୁହାଣୀ ଭିତରକୁ ଚ୍ଛଳ ଆସିଥିଲେ । ଆଜି ଠିକ୍ ସେତିକି କବା ତାଠାରୁ ବେଶି ଆନନ୍ଦ ଓ ଉଲ୍ଲାସ ପ୍ରକାଶ କରିଥିଲେ । ରିକ୍ସା ଅଟକାଇ ତାଙ୍କ ସହ କିଛି କଥାବାର୍ତ୍ତା କରିବାକୁ ମଧ୍ୟ ମୋତେ ସୁଯୋଗ ଦେଇଥିଲେ ବୋଲି କୁହାଯାଇପାରେ ।

କିନ୍ତୁ ରିକ୍ସା କେଉଁଠି ଅଟକିବ—କିବା ଅଟକିବା ପାଇଁ ନିର୍ଦ୍ଦେଶ ଦେଇନି । କେବଳ ନିର୍ଦ୍ଦେଶ ଦେଉଥାଏ ବାଁ···ଡ଼ାହାଣ ।

ହଠାତ୍ ନିର୍ଦ୍ଦେଶ ଦେଲି ଅଟକାଇବା ପାଇଁ ସନ୍ତୋଷର ଘର ନିକଟରେ । କିନ୍ତୁ······ଆଃ······ସେଇଠି······ଠିକ୍ ସେତିକି କେବଳ ଘଟିଲା ଜୀବନର ପ୍ରଥମ ଆକ୍ସିଡେଣ୍ଟ । ମୋ ରିକ୍ସାଟା ଠିକ୍ ତାଙ୍କ ଦୁଆର ମୁହଁରେ ବ୍ରେକ୍ ମାରିଲାବେଳକୁ, ବିପରୀତ ଦିଗରୁ ଅନ୍ୟ ଗୋଟିଏ ରିକ୍ସା ଆସି ବ୍ରେକ୍ ମାରିଥିଲା । ସତେ ଯେପରି ବୈଜ୍ଞାନିକ-ମାନଙ୍କ ସଠିକ୍ ହିସାବ । ରିକ୍ସା ଦୁଇଟାର ଆରୋହକ ମଧ୍ୟରେ ଥିଲା ଖୁବ୍ ସଂକୀର୍ଣ୍ଣ ଫାଙ୍କ । ଆଉ ରିକ୍ସାରେ ବସିଥାନ୍ତି ଅନିନ୍ଦ୍ୟ ସୁନ୍ଦରୀ ସନ୍ତୋଷର ଭଉଣୀ ।

ଦୁଇ ରିକ୍ସାବାଲାଙ୍କ ସାଡ଼ାନ୍-ବ୍ରେକ୍ ଯୋଗୁଁ ଦୁର୍ଘଟଣାଟା ଶରୀର ପାଖରୁ ଘୁଞ୍ଚି ଆସି ଯୌବନ ଉପରକୁ କୁଦା ମାରିଥିଲା ସେଦିନ ।

ଦିହିଙ୍କ ଦୃଷ୍ଟି ଥିଲା ନିଶ୍ଚଳ । ଶବ୍ଦହୀନ ଅଥଚ ଭାଷାପୂର୍ଣ୍ଣ । ରିକ୍ସାବାଲା ଦୁହେଁ ଓହ୍ଲାଇ ଆମ ଦିହିଙ୍କ ସାମନାରୁ ଘୁଞ୍ଚି ଯାଇଥିଲେ । କିଛିଟା ସମୟ ପରେ ସେ ଆଗେ ଓହ୍ଲାଇଥିଲେ ରିକ୍ସାରୁ । ତା ପରେ ମୁଁ ।

ତାଙ୍କ ରିକ୍ସାଟା ଫେରିଗଲା ପରେ ମୁଁ ପକେଟ୍‌ରେ ହାତ ମାରିଲି ମୋ ରିକ୍ସାର ଭଡ଼ା ଦେବା ପାଇଁ । କିନ୍ତୁ ଆଶ୍ଚର୍ଯ୍ୟ ! ମୁଁ

Digitized by srujanika@gmail.com

ଦେବା ପୂର୍ବରୁ ସେ ତାଙ୍କ ଭେନିଟି ବେଗ୍‌ରୁ ରେଜା ବାହାର କରି ରିକ୍‌ସା ଭଡ଼ା ଦେଇଦେଲେ । ମୋ ରିକ୍‌ସାଟା ବି ଚାଲିଗଲା । ମୁଁ ସେମିତି ନିଶ୍ଚଳ—ନିସ୍ପନ୍ଦ—ନିଥର ।

ସେ ଚାଲିଥାନ୍ତି ଆଗରେ । ଆଉ ମୁଁ ଶଙ୍କି ଶଙ୍କି ପଦଚାଳନା କରୁଥାଏ ପଛରେ ।

ଗେଟ୍ ଖୋଲି ମୋ ପାଇଁ ରାସ୍ତା କଲାବେଳେ ସେ ହସି ହସି ଆରମ୍ଭ କଲେ, "ଆଜ ବୋଧେ ଗାଁରୁ ଆସିଲେ । ତେଣୁ ପକେଟରେ ଥିବ କେବଳ କାଗଜ ନୋଟ୍ । ରେଜା ମୋଟେ ନଥିବ । ନୁହଁ...... ?"

ମୁଁ ନୀରବ । କଥାଟା ଏକ୍‌ବାରେ ସତ ! ଅପ୍ରସ୍ତୁତ ହସଟିଏ ମେଲିଲି । ପ୍ରଖର ଓ ତୀକ୍ଷ୍ଣ ବୁଦ୍ଧି ପାଇଁ ମନେ ମନେ ତାରିଫ୍ କରିଥିଲି ।

ବଗିଚା ଭିତରେ ଚାଲୁ ଚାଲୁ ଜୀବନରେ ପ୍ରଥମଥର ପାଇଁ ତାଙ୍କ ସହ କଥାବାର୍ତ୍ତା ଆରମ୍ଭ କଲି । ପଚାରିଥିଲି ତାଙ୍କ 'ନାଁ'ଟା ।

ସେ ଅତି ଗମ୍ଭୀରଭାବେ ଉତ୍ତର ଦେଲେ, "ମୋ ନାଁଟା ଆଜି-ଯାଏଁ ନ ଜାଣିବା, ଏଇଟା ତ ଆପଣଙ୍କ ପ୍ରଥମ ଭୁଲ୍ । ତା ବାହାରେ ଆପଣଙ୍କର ଆହୁରି ଅନେକ ଭୁଲ୍ ଅଛି ।"

ଅତି ଅପ୍ରସ୍ତୁତ ହୋଇ ଖୋଲା ଖୋଲି କହିଲି, "ସବୁ ଭୁଲ୍ ପାଇଁ କ୍ଷମା ଦେବେ ।" ସେତେବେଳକୁ ପାହାଚ ପାଖରେ ପହଞ୍ଚି ସାରିଥିଲୁ ।

ହଠାତ୍ ସେ ବୁଲିପଡ଼ି ଆଖିମିଟିକା ମାରି କହିଲେ, "ହେ... ! ମୁଁ ଖେଳରେ କହିଦେଲିନା ! ଆପଣ କଥାଟାକୁ ହୃଦକୁ ନେଇଗଲେ ? Please ! କିଛି ଭାବିବେନି । ମୋ ନାଁ ଅନିତା ।"

Digitized by srujanika@gmail.com

ଏତକ କହି ସେ ଚାଲିଗଲେ ଘର ଭିତରଆଡ଼େ । ମୁଁ ବାଟ ଘରର ସୋଫାଟା ଉପରେ ବସି କ'ଣ ସବୁ ଗୁଣନ ହରଣ କରୁଥିଲି । ଏବେ ସ୍ପଷ୍ଟ ମନେପଡ଼ୁନି ।

ଚାହା ଆସିଲା । ଅଳ୍ପ କଥାବାର୍ତ୍ତା ଭିତରେ ଜାଣିବାକୁ ପାଇଲି ସନ୍ତୋଷ ନାହିଁ । ଯାଇଛି ମାମୁଁ ଘରକୁ । ଫେରିବ ଦୁଇ ଦିନ ପରେ । ତା ବାପା ଯାଇଛନ୍ତି ମନ୍ଦିରକୁ । ଫେରିବେ ଅଳ୍ପ ସମୟ ଭିତରେ । ଆଜି ଏଇଠୁ ବି ଜାଣିବାକୁ ପାଇଲି ଅନିତା ଯାଉଛନ୍ତି ସିନେମା— ଫାଷ୍ଟ୍ ସୋ ।

ଏତେ ଶୀଘ୍ର ଫେରିବାକୁ ଇଚ୍ଛା ନଥିଲେ ମଧ୍ୟ ପରିସ୍ଥିତି ସହ ଖାପ ଖୁଆଇ ଉଠିଲି । କଥାବାର୍ତ୍ତାକୁ ବଢ଼ାଇ ରଖିବା ପାଇଁ ପଚାରିଲି, "କ'ଣ ଭଲ ସିନେମା ?"

—"ହଁ, ମୋର ଜଣେ ସାଙ୍ଗ କହୁଥିଲା ଖୁବ୍ ଭଲ ହୋଇଛି ବୋଲି ।"

—"ତା ହେଲେ ମୁଁ ବି ଗଲେ ହୁଅନ୍ତା । ସନ୍ତୋଷ ଯେତେବେଳେ ନାହିଁ, ସମୟ କଟିବା ମୁସ୍କିଲ୍ ।"

—"ଆସୁ ନାହାନ୍ତି । ନିଶ୍ଚୟ ଭଲ ଲାଗିବ ଆପଣଙ୍କୁ ।" ଟିକଏ ହାସ୍ୟର ମାତ୍ରା ବଢ଼ାଇବାକୁ ଯାଇ କହିଲି, "ସେଇ ରେଜାର ଅଭାବ । ଖାଲି ନୋଟ୍ ।"

—"ଚାଲନ୍ତୁ । ମୁଁ ଦେଇଥିବ ।" ଟିକଏ ହସିଥିଲେ ।

—"ଟିକେଟ୍ ପାଇଁ ଲାଇନ୍ ଲଗାଇବା କଷ୍ଟ ତୁମେ କାହୁଁ ବୁଝିବ ? ସନ୍ତୋଷ ଥିଲେ ସିନା ହଟ୍‌ଚମଟ୍ କରନ୍ତା । ମୋ ଦେଇ ହୁଏନି ।"

—"ଲେଡ଼ିଜ୍‌ମାନଙ୍କ ପକ୍ଷେ ଅସୁବିଧା ନୁହେଁ । ଚାଲନ୍ତୁ ମୁଁ ଟିକେଟ୍ କାଟି ଦେଇଥିବ । ଭାଇ ବି ସବୁବେଳେ ମୋ ହାତରେ ଟିକେଟ୍ ଆଣନ୍ତି । ଠିକ୍ ସନ୍ଧ୍ୟା ଛ'ରେ ପହଞ୍ଚିବେ । ଅପେକ୍ଷା କରିଥିବ ।"

Digitized by srujanika@gmail.com

— "ସନ୍ଧ ଡେର ହୁଏ ?"

— "ମୋ ସାଙ୍ଗ ଆପଣଙ୍କୁ କାହିଁକି ଅପେକ୍ଷା କରିବ ?"

— "ତା ମାନେ ତୁମେ ତୁମ ସାଙ୍ଗ ସହ ସିନେମା ଯାଉଛ ?"

— "ଝିଅମାନେ ଏକଲା କେବେ ସିନେମା ଯାଆନ୍ତି ? ଅବଶ୍ୟ ସାଙ୍ଗ ବି ଜଣେ ଝିଅ ।"

ଏତକ କହି ସେ ଭିତରକୁ ଚାଲିଗଲେ । ମୁଁ ବି ଫେରି ଆସିଲି । ଅର୍ଥତଃ ହାସ୍ୟ ଅପ୍ରସ୍ତୁତିତ ରହିଗଲି ।

ଜୀବନରେ ପ୍ରଥମଥର ପାଇଁ ନିଜକୁ ଅତ୍ୟନ୍ତ ଆକର୍ଷଣୀୟ ଭାବେ ସଜାଇବାକୁ ଚେଷ୍ଟା କରିଥିଲି । ନିଜ ରୂପକୁ ଦର୍ପଣରେ ଏତେଥର କେବେ ଦେଖିନଥିଲି ବାରମ୍ବାର । ପୋଷାକର ସଠିକତା ଓ ପେଣ୍ଟ୍ ସାର୍ଟ ମ୍ୟାଚିଂ ଆଦି ବାରମ୍ବାର ପରୀକ୍ଷା କରିଥିଲି ।

ତେବେ ରିକ୍ସାରେ ବସି ସିନେମା ହଲ୍ ଅଭିମୁଖେ ଗଲାବେଳେ ସ୍ପଷ୍ଟ ଅନୁଭବ କରିଥିଲି, କିଛି ଗୋଟାଏ ଅଲୌକିକ ଓ ଅଦୃଶ୍ୟ ଚେତନା ମୋ ଶରୀର ତଥା ଜୀବନର ଅନ୍ଧକାର ଭିତରେ ସମ୍ପୂର୍ଣ୍ଣଭାବେ ବିସ୍ତାର ଲାଭ କରୁଛି । କ'ଣ...... ? କିପରି...... ? କାହିଁକି ..... ? ଜାଣିବାର ଅବକାଶ ନାହିଁ ।

ଟିକେଟ୍ କାଟି ବନ୍ଧୁ ଯୁବକଙ୍କ ଦୃଷ୍ଟି ସହ ସଂଗ୍ରାମ କରି ସେ ଅପେକ୍ଷା କରିଥାନ୍ତି । ମୋତେ ଦେଖି ସେ ଉଶ୍ୱାସ ଅନୁଭବ କରିଥିବା ଏବେ ମୋର ଠିକ୍ ମନେ ପଡୁଛି ।

ଦୁହେଁ ପଶିଲୁ ପ୍ରେକ୍ଷାଳୟ ଭିତରକୁ । କିନ୍ତୁ ଆଶ୍ଚର୍ଯ୍ୟ ଲାଗିଲା ବସିଲାବେଳେ । ସେ ବସିଲେ ଏକ୍‌ବାରେ ଧାଡ଼ିର ଶେଷ ଚୌକିଟାରେ । ତାଙ୍କ ପାଖର ଜାଗାଟା ମୋ ପାଇଁ ଉଦ୍ଦିଷ୍ଟ । ଆଉ ମୋ ପାଖକୁ ଲଗି ଅନ୍ୟ ସବୁ କେହି ବସିଥାନ୍ତି । ତାଙ୍କ ସାଙ୍ଗ ବୋଲି କେହି ନାହିଁ ।

Digitized by srujanika@gmail.com

ତାଙ୍କ ସାଙ୍ଗ କଥା ପଚାରିବାରେ ସେ କୌଣସି ଉତ୍ତର ଦେଲେନି । ଅନ୍ଧାର ଭିତରେ କେବଳ ମୁରୁକି ହସିଥିଲେ । ପରେ ଜାଣିବାକୁ ପାଇଥିଲି ସବୁ କଥା । ତାଙ୍କର କୌଣସି ସାଙ୍ଗ ସହ ପ୍ରୋଗ୍ରାମ ନଥିଲା । କିମ୍ବା ସେ କେବେ କୌଣସି ସାଙ୍ଗ ସହ ସିନେମା ଆସନ୍ତିନି । ବାପା ବୋଉ ସହ କେବେ କମିତ ଆସନ୍ତି । ତାହା ବି ଖୁବ୍ କ୍ୱଚିତ୍ । ଆଧୁନିକ ସିନେମା ଜଗତରେ ସିନେମା ପ୍ରଯୋଜକମାନେ, ପରିବାରର ସମସ୍ତେ ଏକାଠି ବସି ସିନେମା ଦେଖିବାରୁ ବଞ୍ଚିତ କରି ସାରିଛନ୍ତି । ସେମାନେ କୁଆଡ଼େ ଚାହାନ୍ତି— ଅଶ୍ଳୀଳତାର ଚରମ ସୀମାରେ ପହଞ୍ଚି ଶ୍ଳୀଳତା ଦେଖିବାକୁ । ତେଣୁ ଶ୍ଳୀଳତାର ଆବରଣ ମୁକ୍ତ କରିସାରିଲାପରେ, ଲାଗିପଡ଼ିଥାନ୍ତି ଅଶ୍ଳୀଳତାର ଆବରଣ ଖୋଲିବା ପାଇଁ । ଆହୁରି କୁଆଡ଼େ ଯୁକ୍ତି କରନ୍ତି, ମଣିଷ ପଶୁତ୍ୱକୁ ପୂରା ଉପଲବ୍ଧି କଲେ ଯାଇ ସମାଜରେ ମାନବିକତା ପ୍ରବେଶ କରିବ । ତେଣୁ ସେ ପ୍ରାୟ ସିନେମା ଯାଆନ୍ତିନି । ସନ୍ତୋଷ ପାଇଁ କେବେ କେମିତି ଏଡ଼୍‌ଭାନ୍‌ସ ଟିକଟ୍ କିଣି ଆଣନ୍ତି ସ୍କୁଲରୁ ଫେରିଲାବେଳେ ।

ଇଣ୍ଟରଭଲ୍ ଯାଏ ବିଷୟବସ୍ତୁରେ ଥିବା ଚରିତ୍ରର କେବଳ ଚିତ୍ରଣ ଚାଲିଥାଏ ମାତ୍ର । ତେବେ ଅସଲ ବିଷୟବସ୍ତୁ ଥିଲା ଯୁବକ ଯୁବତୀଙ୍କୁ କେନ୍ଦ୍ର କରି । ସେଥିରୁ କେତେଗୁଡ଼ାଏ ଦୃଶ୍ୟ ଯେ ଆମେ ଦୁହେଁ ଏକାଠି ବସି ଦେଖିବା ପାଇଁ ଉଦ୍ଦିଷ୍ଟ ଥିଲା – ଏହା ମୁଁ ଏବେ ଜୋର୍ ଦେଇ କହିବାକୁ ବାଧ୍ୟ । ସେଇ ଦୃଶ୍ୟ ଦେଖି ଆମ ଦୁହିଙ୍କଠାରେ ଯଥେଷ୍ଟ ଉତ୍ତେଜନା ଓ ଉନ୍ମାଦନା ପ୍ରକାଶ ପାଇଥିଲା । ଆଉ ସେତିକ ଦୁହେଁ ବେଶ୍ ବୁଝିଥିଲୁ । ସରଳ ଭାଷାରେ କହିବାକୁ ଗଲେ, ମୁଁ ସେତେବେଳେ କଣ ଭାବୁଥିଲି ଓ କଣ ଚାହୁଁଥିଲି ସେ ଜାଣୁଥିଲେ ବୋଲି ମୁଁ ସ୍ପଷ୍ଟ ଅନୁଭବ କରୁଥିଲି । ତାଙ୍କ ଅବସ୍ଥା ମଧ୍ୟ ଠିକ୍ ସେପରି । ତେଣୁ ଦୁହେଁ ଦୁହିଙ୍କୁ ବୁଦ୍ଧିମାନ୍ ଓ ବୁଦ୍ଧିମତୀ ବୋଲି ସ୍ୱୀକାର କରିଥିଲୁ ଶରୀରର ସ୍ପର୍ଶ ଓ କମ୍ପନ ମାଧ୍ୟମରେ ।

ସାମନା ପରଦା ଉପରେ ଚରିତ୍ର ଚିତ୍ରଣ ଚାଲିଥିଲାବେଳେ ଆମର ବି ଚରିତ୍ର ଚିତ୍ରଣ ଚାଲିଥାଏ ନୀରବରେ । ଶରୀରର ସ୍ପର୍ଶ, କମ୍ପନ, ଦହନ ଓ ଉତ୍ତାପ ମାଧ୍ୟମରେ ଚାଲିଥାଏ ଡାଇଲଗ୍ ।

Digitized by srujanika@gmail.com

ତା ପରେ ଆରମ୍ଭ ହେଲା ଦୀର୍ଘସ୍ପର୍ଶ । ଗପର ବିଷୟବସ୍ତୁ ଜମି ଆସିଲା । ନାୟକ ଓ ନାୟିକାଙ୍କ ଚରିତ୍ରର ପ୍ରଭାବ ସମ୍ପୂର୍ଣ୍ଣଭାବେ ବିଷୟବସ୍ତୁକୁ ନିୟନ୍ତ୍ରଣ କରୁଥାଏ । ଘନିଷ୍ଠରୁ ଘନିଷ୍ଠତର ହୋଇ ଉଠିଲା ସ୍ନେହ ପ୍ରୀତି – ପ୍ରେମ—ଭଲ ପାଇବା । ଦୁହେଁ ବ୍ୟାକୁଳ ହୋଇ ଉଠିଲୁ ନିଜ ଦାବୀକୁ ପରସ୍ପରଠାରେ ମନାଇ ନେବା ପାଇଁ । ଦର୍ଶକଙ୍କ ହୃଦୟରେ ନାୟକ ଓ ନାୟିକାଙ୍କ ଚରିତ୍ର ପୂରାପୂରି ପ୍ରଭାବ ବିସ୍ତାର କରିଥିଲା ସେତିକିବେଳେ ।

ଆମ ଦୁହିଁଙ୍କ ଭିତରେ ବି ଶରୀରର କମ୍ପନ ମାଧ୍ୟମରେ ପ୍ରବଳ ହୋଇ ଉଠିଲା ଡାଇଲଗ୍ । ଭାବର ଆଦାନ ପ୍ରଦାନ । ପ୍ରତିଶ୍ରୁତି । ସବୁକିଛି । ସିନେମାର ଚରିତ୍ର ଓ ବିଷୟବସ୍ତୁ ଭିତରେ ଦୁହେଁ ଦୁହିଁଙ୍କୁ ଖୋଜିବାରେ ଲାଗିଲୁ । ଆଉ ଶେଷରେ ସିନେମାର ଶେଷ ସାଥିରେ ଦୁହେଁ ଦୁହିଁଙ୍କୁ ଅନ୍ତର ଭିତରେ ନିଜ ମନ ମୁତାବକ ଜାଗାରେ ପାଇଥିଲୁ । ନୀରବରେ ହେଲେ ବି ଅଙ୍ଗ ପ୍ରତ୍ୟଙ୍ଗ ମାଧ୍ୟମରେ ଆମେ ଦୁହେଁ ପରସ୍ପରକୁ ନିବିଡ଼ଭାବେ ଭଲ ପାଇବାର ସ୍ପଷ୍ଟ ସ୍ୱୀକୃତି ଓ ପ୍ରତିଶ୍ରୁତି ପ୍ରଦାନ କରିଥିଲୁ । ଦୁହିଁଙ୍କ ଭିତରେ ଥିବା ଆଶଙ୍କା, ସନ୍ଦେହ, ଅଭିମାନ କିମ୍ବା ଗୁମାନ ସବୁ ଦୂରେଇ ଯାଇଥିଲା ମାତ୍ର ତିନିଘଣ୍ଟା ଭିତରେ । ଖାଲି ବାକିଥିଲା ଭାଷାରେ ନିରୋଳା ପରିବେଶ ଦେଖି ପ୍ରକାଶ କରିବା ପାଇଁ ।

ସେତିକି ବି ଘଟିଥିଲା ରିକ୍ସାରେ ବସି ସିନେମା ହଲ୍‌ଠାରୁ ତାଙ୍କ ଘରଆଡେ ଯିବା ଭିତରେ । ମୁଁ ସ୍ପଷ୍ଟଭାବେ କହିଥିଲି, "ସତରେ କାହ୍ନିକନା ମୁଁ ତୁମକୁ ଖୁବ୍ ଭଲ ପାଏ । ଆଉ ଏଇ ଭଲ ପାଇବା ମୋ ଜୀବନରେ ପ୍ରଥମ ଓ ଶେଷ ।"

ସେ ନୀରବ ଥିଲେ । ତାଙ୍କ ଦୃଷ୍ଟି ଥିଲା ତଳକୁ । ଭାବୁଥିଲେ ଅନେକ କିଛି ।

ରିକ୍ସାଟା ଚଢ଼ି ଗଡ଼ି ତାଙ୍କ ଘର ନିକଟରେ ପହଞ୍ଚିବା ଯାଏଁ ଦୁହେଁ ସେମିତି ନୀରବ । ରିକ୍ସା ଅଟକିବା ମାତ୍ରେ ଅତି ନରମ, କୋମଳ

Digitized by srujanika@gmail.com

ଓ ଧୀର ଗଳାରେ—ଆଖି ସହ ଆଖି ମିଶାଇ—ମୋ ଶରୀର ସ୍ପର୍ଶକରି କହିଥିଲେ, "ମୁଁ···ବି···।"

ରକ୍ସାରୁ ଓହ୍ଲାଇ ଚାଲିଗଲାବେଳେ ଅତି ଧୀର ଗଳାରେ କହିଥିଲେ, "ମୋ ରାଣୀ ! ଏଣିକି ସବୁଦିନେ ଆମ ଘରଆଡ଼େ ବୁଲି ଆସୁଥିବେ ସନ୍ଧ୍ୟାରେ । ଆଉ 'ତୁମେ' ବୋଲି ସମ୍ବୋଧନ ନକରି 'ତୁ' ବୋଲି କହିବେ । Please···!"

ବାସ୍ ସମସ୍ତ କଥା ପରିଷ୍କାର ହୋଇଗଲା । ମୁଁ ଯେମିତି ଆଜି ସବୁଠି ବୈଜ୍ଞାନିକମାନେ ଚଳଚ୍ଚିତ୍ର ଆବିଷ୍କାର କରିଥିଲେ ଆମ ଦିଦିଙ୍କ ପାଇଁ । ହୁଏତ ଏମିତି ଅନେକ ଯୁବକ ଯୁବତୀ ଉପକୃତ ହୋଇଥିବେ । ତେବେ ପରିଣାମ କଣ ହେବ ବା ହୋଇଥିବ ପରେ ଇତିହାସର ପୃଷ୍ଠାକୁ କହିବ ।

ବରଂଚ ଦୁର୍ଘଟଣା ଘଟିବା ପୂର୍ବରୁ ଅତ୍ୟଧିକ ସୁଯୋଗ ଆପେ ଆପେ ଅଜାଡ଼ି ହୋଇପଡ଼େ । ମଣିଷ ଦେଖାନ୍ତିରି ବେପାରୁଆ ହେଲେ ଏଁ ସୁଯୋଗ ବାର ବାର ଆସେ ।

ଠିକ୍ ସେଇଆ ଘଟିଲା ଆମ ଦିଦିଙ୍କ ଜୀବନରେ । ପ୍ରାୟ ପ୍ରତିଦିନ ତାଙ୍କ ଘରଆଡ଼େ କୌଣସି ନା କୌଣସି ବାହାନାରେ ଯାଏ । କେବେ ସନ୍ତୋଷ ଥାଏ—କେବେ ନଥାଏ । ତଥାପି ଏଇଆ ସତ ଯେ ଅନ୍ନ ସହ ଦେଖା କରିବା ପାଇଁ ସନ୍ତୋଷକୁ ମିଛ କହି ଏଣୁ ତେଣୁ ବାଆଁରେଇବା ଚେଷ୍ଟା କରିଛି । ଏହା ମୋର ତା ପ୍ରତି କୃତଘ୍ନତା ବୋଲି ଜାଣି ସୁଦ୍ଧା ସେଥିରୁ ନିଷ୍କୃତି ନେଇପାରିନି । ବିଶେଷ କରି, ନଯିବା ଦିନ ପାଇଁ ଅନ୍ନ ନିକଟରେ କୈଫିୟତ୍ ଦେବାକୁ ପଡ଼ୁଥିବା ଯୋଗୁଁ ବାଧ୍ୟ ହୁଏ ସନ୍ତୋଷ ନିକଟରେ ଏଣୁ ତେଣୁ କହିବାକୁ ।

ସାଥିରେ ସନ୍ତୋଷ ଥିଲାବେଳେ ଅନ୍ନ ମୋର ପାଖସୁଦ୍ଧା ମାଡ଼େନି । କେବଳ ଯାହା ଘରେ ଡାକିଲେ ଆସେ । ମୁଣ୍ଡପୋତି ତା କାର୍ଯ୍ୟ ସମ୍ପାଦନା କରି ଚାଲିଯାଏ ।

Digitized by srujanika@gmail.com

ତେବେ ଅନକୁ ଭଲ ପାଇବା ଏବଂ ସନ୍ତୋଷର ଅନାବିଳ ଓ ଘନିଷ୍ଠ ବନ୍ଧୁତା ଭିତରେ ମୁଁ କୃତଘ୍ନ ଓ ବିଶ୍ୱାସଘାତକ ହେବା ମୋ ପକ୍ଷରେ ଅସହ୍ୟ ହୋଇ ପଡ଼ିଲା । ତେଣୁ ଦିନରାତି ଖୁବ୍ ଚିନ୍ତିତ ହେଲି । ଅନ୍ୟମନସ୍କତା ସବୁବେଳେ ମୋଠାରେ ପ୍ରକାଶ ପାଇଲା । ସନ୍ତୋଷ ବି ମୋର ଏପ୍ରକାର ଅସ୍ୱାଭାବିକ ବ୍ୟବହାର ଲକ୍ଷ୍ୟ କରି କହୁବାର ପ୍ରଶ୍ନ କରିଛି ମୋର ଚିନ୍ତା ଓ ଅନ୍ୟମନସ୍କତାର କାରଣ ଜାଣିବା ପାଇଁ । ମୁଁ ଦେଇ ପାରିନି—ଛଳନା କରି ଏଣୁ ତେଣୁ ତାକୁ ବାଆଁରେଇଛି । ତା ଅନୁପସ୍ଥିତି ଭିତରେ ସମସ୍ତ ହିସାବ କରି ତା ଘରଆଡ଼େ ଯାଇଛି । ସେ ଜାଣିଥାଏ କି ନାହିଁ ଏବେ ବି ମୁଁ ହିସାବ କରିପାରୁନି ।

ନବେଳାରେ ଯେତେଥର ଅନ ସହ ମୋର ଦେଖା ହୁଏ, ସେ ଖୁବ୍ ଅବାଧ ମିଳାମିଶା କରେ । ଖୁବ୍ ଖୋଲା ଖୋଲି କଥାବାର୍ତ୍ତା କରେ । କେତେଥର ସେ ସ୍ପଷ୍ଟ କହିଛି, "ମୁଁ ଭାଇଙ୍କୁ ଖୁବ୍ ଡରେ । ସେ ଭାରି ଗମ୍ଭୀର ଲୋକ । ହସିଆର ଥିବେ । ବାପା ବଉ କିନ୍ତୁ ଖୁବ୍ ସରଳ—ଖୁବ୍ ସରଳ ବିଶ୍ୱାସୀ । ସୁବିଧା ଦେଖି ଆମ ଦିହିଙ୍କ କଥା ସ୍ପଷ୍ଟ କହିବେ ତାଙ୍କୁ । ତେଣିକି ସବୁ ସୁବିଧା ହେବ ।"

ଦିନକୁ ଦିନ ସମ୍ପର୍କଟା ସୁଯୋଗ ଅନୁପାତରେ ପାହାଚ ପରେ ପାହାଚ ଡେଇଁଥାଏ । ତା ବାପା ବଉଙ୍କୁ କହିବା ପାଇଁ ସୁଯୋଗ ପାଇଲେ ମଧ୍ୟ କିଛି କହି ନ ପାରି ଖାଲି ଅନ ସହ ମିଳାମିଶା ଓ କଥାବାର୍ତ୍ତା କରିବାର ବ୍ୟଗ୍ରତା ମୋ ଠାରେ ପ୍ରକାଶ ପାଏ ।

ଶେଷରେ ··· ··· ··· ଦିନେ ··· ···

ଅନର ପଢ଼ାଘରେ ଦିହେଁ ବସି ଏକାନ୍ତ ଖୋଲାଖୋଲି କଥାବାର୍ତ୍ତା ହେଉ ହେଉ ମୋ ପାପୁଲିଟା ତା ପାପୁଲି ଉପରୁ ଘୁଞ୍ଚି ଘୁଞ୍ଚି କାହିଁପାଏଁ ······ ସେଠୁ ଖାଲି ଯାଏଁ ଖୁଲିଗଲା । ଆଜି ଶରୀରଟା ନିଜଠୁ ନିଜଠାରୁ ହେଲା । ଦିହେଁ ଯୌବନର କ୍ଷୁଧାରେ ହେଲୁ ଅନ୍ଧ ଓ ପାଗଳ ପ୍ରାୟ । ସ୍ଥିତିଶୀଳ ସମ୍ପୂର୍ଣ୍ଣ ଦୂରେଇ ଗଲା ଆମ ନିକଟରୁ । ଅନ ବି ନାରୀ ଓ ଅବିବାହିତା ଯୁବତୀ ହୋଇ ଯେତିକି ନିଜକୁ

ଅବଲମ୍ବନ କରିବା କଥା—ତାହା କରି ପାରିଲେନି । ବରଂ ଚିରଚରିତ ଧାରେ ଗୁପ୍ତ ପ୍ରେମରେ ନାରୀ ପ୍ରଥମେ ଏବଂ ଅତ୍ୟଧିକ ବିପଦ ମୁଣ୍ଡେଇଲା ଭଳି, ସେ ଆଗେଇ ଆସିଲା ତା ପ୍ରେମିକର ଦାବୀ ମାନିନେବା ପାଇଁ ।

ଦୁହେଁ ସମଗତିରେ ଘୁଞ୍ଚି ଆସିଲୁ ନିକଟରୁ ନିକଟକୁ । ଠିଆହୋଇ ନିବିଡ଼ ଆଲିଙ୍ଗନ ଭିତରେ ପିଠି ପଟେ ବାହୁର ଛନ୍ଦ ସୃଷ୍ଟି କରୁ କରୁ କମ୍ପି ଉଠିଲା ଦୁହିଙ୍କ ଅଧର । ନିଶ୍ୱାସ ରୁଦ୍ଧ ହେଇଆସିଲା । ଆଖି ଉପରେ କ୍ଷୁଧାର ପରଳ ମାଡି ଅନ୍ଧ କରିଦେଲା ଦୁହିଙ୍କୁ । ଅଧରରେ ଅଧର ପ୍ରବଳ ଆକାଙ୍‌କ୍ଷା ନେଇ ମିଶି ଯାଇଥିଲା । ଦୁହିଙ୍କ ଶରୀରର ଉଷ୍ମତା ଆବରଣ ଭେଦ ପରସ୍ପରଙ୍କ ଦେହରେ ସଞ୍ଚାଳିତ ହେଲା ଉତ୍ତାପର ସାମ୍ୟତା ସୃଷ୍ଟି ପାଇଁ । ନିଜ ନିଜର ସତ୍ତା ଓ ସ୍ଥିତି ଏକ୍‌ବାରେ ହରାଇ ବସିଲୁ । ପ୍ରଶ୍ନ—ଉତ୍ତର, କ୍ରିୟା—ପ୍ରତିକ୍ରିୟା, କର୍ତ୍ତା—କର୍ମ ସବୁ କଣ୍ଟର ସମ୍ମିଳନ ପୃଥିବୀର ମାଧ୍ୟାକର୍ଷଣ ଶକ୍ତିକୁ ଟପି ଶୂନ୍ୟରେ ସନ୍ତରଣ କରିବା ପାଇଁ ବ୍ୟାକୁଳ ହୋଇ ଉଠିଥିଲା । ଦୁହିଙ୍କ ଆଖି ଓ ନିଃଶ୍ୱାସ ବନ୍ଦ୍ । ସମ୍ପୂର୍ଣ୍ଣ ବନ୍ଦ୍ । ହୃଦୟର ସ୍ପନ୍ଦନ ଖୁବ୍ ପ୍ରବଳ । ପାଦତଳର ପୃଥିବୀଟା ବି ଯେପରି ମୁହୂର୍ତ୍ତେ ପାଇଁ ଅଟକି ଯାଇଥିଲା ।

ଆଃ···। ଆକ୍‌ସିଡ଼େଣ୍ଟ ! ବିରାଟ ଦୁର୍ଘଟଣା ! ଠିକ୍ ଏତିକବେଳେ ବାହାରୁ ପଶିଆସିଲା ସନ୍ତୋଷ । କବାଟ ଆଡ଼େଇ ପରଦା ମେଲିବା ମାତ୍ରେ ଖାଲି ଡାକିଥିଲା "ଅନି" । ତା ପରେ ଚାଲି ଯାଇଥିଲା । ସେମିତି—ସେଇ ଅବସ୍ଥାରେ ଠିଆ ହେଇ ଆମେ ଦୁହେଁ ହଠାତ୍ ଅନୁଭବ କରିଥିଲୁ ରକ୍ତଶୂନ୍ୟ । ଜଡ଼ । ଉତ୍ତାପ ଖସି ଆସିଥିଲା ସବ୍‌-ନର୍ମାଲ୍‌ର ବହୁତଳକୁ ।

ଅନି ଚାଲିଗଲା ବିଜୁଳି ବେଗରେ ଶକ୍ତି ସାମର୍ଥ୍ୟ ହରାଇ ହେଇ । ମୁଁ ବସିପଡ଼ିଲି ଚୌକିଟାରେ । ଅତ୍ୟନ୍ତ ବଢ଼ିଗଲା ହୃତ୍‌ପିଣ୍ଡର ସ୍ପନ୍ଦନ । ଥରି ଉଠିଲା ଶରୀର । ଫୁସ୍‌ଫୁସ୍ ଭିତରୁ ନିର୍ଗତ ହେଲା ଦଲ୍‌କା ଦଲ୍‌କା ଗରମ ପ୍ରଶ୍ୱାସ । ଦେହସାରା ଓଦା ହୋଇଗଲା ଝାଳରେ । ଏସବୁ କଣ ଘଟିଗଲା !!!

Digitized by srujanika@gmail.com

ବୁଦ୍ଧି ବିବେକ ସବୁ ହରାଇ ଖାଲି ଭାବୁଥାଏ, "ଏଇନେ ମୋ ପ୍ରାଣଟା ଗୁଲି ଯାଆନ୍ତା କି ! ଆଉ ହୁଏତ ସନ୍ତୋଷର ସାମନା ସାମନି ହେବାର ଦୁର୍ଯୋଗ ମିଳନ୍ତାନି ।"

କି କରିବି—କି ନାହିଁ, ଏମିତି ଭାବି ବ୍ୟତିବ୍ୟସ୍ତ ହୋଇ ଉଠିଲି । ନା ଠିଆ ହୋଇ ପାରିଲି—ନା ବସିପାରିଲି । କି ଦାରୁଣ ଦୁର୍ଘଟଣା ! କି ମରଣାନ୍ତକ ଯନ୍ତ୍ରଣା ! ସନ୍ତୋଷ ଦେଖିଲା ତା ସାନ ଭଉଣୀ ସହ ମୋର ସ୍ନେହ ପ୍ରୀତିର ଜ୍ୱଳନ୍ତ ଦୃଶ୍ୟ ! ସନ୍ତୋଷ ପକ୍ଷେ ଏଦୃଶ୍ୟ କି ମର୍ମନ୍ତୁଦ ଓ ଯନ୍ତ୍ରଣାଦାୟକ ହୋଇନଥିବ !

ମୁଁ ସ୍ପଷ୍ଟ ଅନୁଭବ କରୁଥାଏ—ସତେ ଯେମିତି ଆକାଶଟା ସମସ୍ତ ଗ୍ରହ ତାରକାର ଓଜନ ନେଇ ମଡ଼ାଇ ପଡ଼ୁଥାଏ ମୋ ଉପରେ । ଧରଣୀଟା ଛୁଃ...ଛୁଃ...କରି ଫାଟି ପଡ଼ୁଥାଏ ।

ଶ୍ୱାସ ରୁଦ୍ଧ ହୋଇ ଉଠିଲି । ଠିକ୍ କଲି—ସଙ୍ଗେ ସଙ୍ଗେ ଯାଇ ସନ୍ତୋଷର ଗୋଡ଼ତଳେ ପଡ଼ି କ୍ଷମା ଭିକ୍ଷା କରିବି । ସବୁ କଷ୍ଟ ଶାସ୍ତି ଓ ଦଣ୍ଡ ବିନିମୟରେ ଭିକ୍ଷା କରିବି ତାର ବନ୍ଧୁତ୍ୱ । ତାର ନିର୍ଦ୍ଦେଶ ଓ ଦଣ୍ଡ ଯେତେ କଠୋର ହେଲେ ବି ସହିବି । ତାକୁ ବାଦ୍ ଦେଇ ଜୀବନଟା ବଞ୍ଚିପାରିବିନି ।

ଆଖିରୁ ଖାଲି ଦୁଃ......ଦୁଃ ହୋଇ ନିଆଁହୁଲା ବାହାରୁଥାଏ । ନିଶ୍ୱାସ ପ୍ରଶ୍ୱାସ କେବଳକୁ କେବଳ ହେଉଥାଏ ଅତୁର ଗରମ । ଚୋଟିଟା ଏକ୍ ବାରେ ଶୁଖି ଯାଇଥାଏ । ଭାବିଲି, ରକ୍ତଚାପ ବୋଧହୁଏ ଏକ୍ ବାରେ ବଢ଼ିଯାଇଛି । ଖୁବ୍ ଭଲ । ଜୀବନଟା ସେଥିରେ ଗୁଲିଯାଉ—ହେଲେ ମୋର ଭାଗ୍ୟ ।

ଟେବୁଲ୍ ଉପରେ ନିଶ୍ୱାସ ରୁଦ୍ଧ ମୁଣ୍ଡଟାକୁ ନିଶ୍ଚଳଭାବେ ରଖିଲି । ଆବାହନ କଲି ଜୀବନର ଚରମ ମୁହୂର୍ତ୍ତକୁ । କୃତଘ୍ନ ଓ ବିଶ୍ୱାସଘାତକ ହୋଇ ବଞ୍ଚି ରହିବାର ମୋହ ଏକ୍ ବାରେ ଛୁଟାଇ ଦେଇଥିଲି ।

Digitized by srujanika@gmail.com

କନ୍ତୁ……

ସନ୍ତୋଷ ଖବ୍ ବଡ଼ପାଟିରେ ହସି ହସି ମୁଁ ବସିଥିବା ରୁମ୍ ଭିତରକୁ ପଶି ଆସିଲା । କହିଲା, "ଦେଖିଲୁ ମନୋଜ୍ ! ବଉଉ ତୋ ଉପରେ ଖୁବ୍ ଅଭିମାନ । କହୁଛି ତୁ ଆମ ଘରେ କେବେ ଖାଉନୁ । ଆଜି ସେଇଥି ପାଇଁ ତୋ ସହ ସେ କଥା ହେବନି । ହଉ……ବାବା ……ତୁ ଆଜି ଆମ ଘରେ ଖାଇକରି ଯିବୁ ।"

ଅତି ଅଳଜୁଳ ହସ ମେଲିଥିଲି ମୁଁ ।

ତା ପରେ ସନ୍ତୋଷ ତରତରିଆ ଭାବେ କେତେ କଣ ଗପ ଆରମ୍ଭ କଲା । ଖାଲି ହସ । ସୁଦୂର ପଞ୍ଜାବ ଦେଶର ଗପଠାରୁ ଆରମ୍ଭ କରି କେତେ କଣ । ଜୋକ୍ ପରେ ଜୋକ୍ । କୌଣସି ଲୋକ ତାକୁ ଶୁଣି ନହସି ରହିପାରିବେନି । ମୁଁ ବା କେତେ ?

ତେବେ ଅନ୍ତର ଭିତରେ ପ୍ରତି ରକ୍ତକଣିକାରେ ଅବାକ୍ ହୋଇ ଉଠିଲି ସନ୍ତୋଷରେ ସେପରି ବ୍ୟବହାରରେ । କି ଆଶ୍ଚର୍ଯ୍ୟ ! ଏତେ ବଡ଼ ଦୁର୍ଘଟଣା ପରେ—ଏତେ କଦର୍ଯ୍ୟ ଦୃଶ୍ୟ ଦେଖିବାପରେ ବି ତାଠାରେ କୌଣସି ପ୍ରତିକ୍ରିୟା ଦେଖିବାକୁ ମିଳିଲାନି । ସେଉଁ ସନ୍ତୋଷ —ଠିକ୍ ସେଇଆ । ବ୍ୟବହାରରେ କୌଣସି ତଫାତ୍ ନାହିଁ । ଏପରିକି ଟିକିଏ ବି ଫାଟ କଣା ନାହିଁ ! ମୁଁ ବି ନିଜକୁ ବିଶ୍ୱାସ କରିପାରୁ ନଥିଲି—ମୁଁ କାହା ସହ ଗପୁଛି ? ସନ୍ତୋଷ ନା ଆଉ କିଏ ? ସ୍ୱପ୍ନ ନା ବାସ୍ତବ ! ନାଇଟ୍ ମେର୍ ?

ଶେଷରେ ଠିକ୍ କଲି, ସବୁ ମିଛ । କେବଳ ସତ ସନ୍ତୋଷ ମଣିଷ ନୁହଁ । ମହାପୁରୁଷ । ତାଠାରେ ଅଛି ଦେବାଦେବୀଙ୍କ ପ୍ରଶସ୍ତ ଓ ସାର୍ବଜନୀନ ଅନ୍ତର—ନାରୀର ବିବେକ ଓ ପୁରୁଷର ଶକ୍ତି । ମୁଁ କ୍ଷମା ଭିକ୍ଷା ନ କରୁଣୁ ମୋ ଅନ୍ତର ଜାଣି ସେ କ୍ଷମା ଦେଇଛି । ତାଠାରେ ଅଛି ସୃଷ୍ଟିର ସ୍ଥିତି ପାଇଁ ନାରୀର ଆନ୍ତରିକତା ।

ଆହୁରି ଆଶ୍ଚର୍ଯ୍ୟ ହେଇଥିଲି—ଯେତେବେଳେ ଅତ୍ୟଧିକ ଶୋଷ ମେଣ୍ଟାଇବା ପାଇଁ କହୁ କ୍ଷଣପରେ ପାଣି ମାଗିଲି । ସନ୍ତୋଷ ସବୁଦିନ ଭଳି

Digitized by srujanika@gmail.com

ସେଇ ଓଜନ ଓ ସେଇ ସ୍ୱରରେ ଅନ୍ନକୁ ଆଦେଶ ଦେଲି—ଅନ୍ନ ମଥା ଟୋଛି ଆମ ଦାନ୍ତଙ୍କ ମନ୍ଦିରର ପାଣି ରଖିଦେଇ ଚାଲିଗଲା । ମୋ ହାତକୁ ପାଣି ଗ୍ଲାସଟା ବଢ଼ାଇବା ତା ପକ୍ଷେ ସମ୍ଭବ ହେଲାନି । ତେବେ ସେଇ ମୁହୂର୍ତ୍ତଟା ଥିଲା ଆମ ତିନି ଜଣଙ୍କ ପକ୍ଷେ ସନ୍ଧିକ୍ଷଣ ।

ତା ପରେ ଅତି ସୌଜନ୍ୟ ଓ ଖୋଲାଖୋଲି କଥାବାର୍ତ୍ତା ଓ ଖବର ଆଦାନ ପ୍ରଦାନ ଭିତରେ ଖିଆପିଆ ସାରି ମୁଁ ଫେରିଆସିଲି । ସନ୍ତୋଷହିଁ ସାଇକେଲ୍‌ରେ ମୋତେ ଆଣି ଛାଡ଼ିଯାଇଥିଲା ହଷ୍ଟେଲ୍‌ରେ । କଥାବାର୍ତ୍ତା କିବା ବ୍ୟବହାରରେ ଏତିକି ଟିକିଏ ବି ପ୍ରଭେଦ ବା ପରିବର୍ତ୍ତନ ଦେଖିବାକୁ ପାଇନଥିଲି ତାଠାରେ । 'ଠା'......'ଠା' କରି ରସି-କୋଳରେ ମୋଠାରୁ ସେ ବଦଳ ଯୁ ନେଇଥିଲା ସବୁଦିନ ଭଳି । ବିଗତର ଦୁର୍ଯୋଗଟିକୁ ଭୁଲିବାକୁ ମୁଁ ସକ୍ଷମ ହେଉଥିଲି । କିନ୍ତୁ ଘଟଣା ସାରା ହୃଦ ଚୁଇଁ ଚୁଇଁ ଖାଉଥାଏ । ବାରମ୍ବାର ଚହଁକି ଉଠୁଥାଏ ।

ତା ପରେ କୌଣସି ଦିନ ମୁଁ ସନ୍ତୋଷ ଘରକୁ ଯାଇନି । 'ଗ୍ରେର ମନ ଗଣ୍ଡିକାରେ' ଭଳି ରହିଲି । ଅନ୍ନକୁ ଦେଖିବା ପାଇଁ ମନ ଯେତେ ବ୍ୟାକୁଳ ଓ ଛଟପଟ ହେଲେ ବି ଯାଇପାରେନି । କେବଳ ରାସ୍ତାରେ ଯେ କୌଣସି ଝିଅକୁ ଦେଖିଲେ ତାଠାରେ ଅନ୍ନକୁ ଖୋଜିବାରେ ଲାଗିଲି । ଦିନେହେଲେ ବି ପଚାରିପାରିନି ସନ୍ତୋଷକୁ ତା ଘର ବିଷୟରେ । ଯେତେ ଭାବଚିନ୍ତା ଠିକ୍ କରିଥିଲେ ବି ସନ୍ତୋଷ ପାଖରେ ମୁଁ ଦବିଯାଏ । ତା ଘର ବିଷୟରେ କୌଣସି କଥା ପଚାରିପାରେନି କିବା ତା ସହ ତା ଘରକୁ ଯିବାର ଅଭିପ୍ରାୟ ଜଣାଇପାରେନି ।

ଉପରୋକ୍ତ ଦୁର୍ଘଟଣା ଘଟିବାର କିଛି ଦିନପରେ ସନ୍ତୋଷ ଏକ ସପ୍ତାହ ପାଇଁ ଛୁଟି ନେଇ ନିଜ ଜନମ ମାଟି ତଥା ତାର ନିଜ ଗାଁକୁ ଯାଇଥିଲା ଜମିବାଡ଼ି ବିଷୟ ବୁଝିବା ପାଇଁ । ସେଇ ସମୟ ଭିତରେ ବି ବହୁବାର ମୁଁ ଚେଷ୍ଟା କରି ହାରିଛି—ସନ୍ତୋଷ ଘରକୁ ଯାଇପାରେନି—ଅନ୍ନକୁ ଦେଖିପାରିନି । ସେଇ ଗଳିରେ ପାଦ ଦେବା ମାତ୍ରେ ଗୋଡ଼ ଦୁଇଟା ଥରେ—ଛାତି ଛୁଞ୍ଚିଯାଏ—ଛାତି ଦପ୍ ଦପ୍ ହୁଏ—ଖୁବ୍ ଗରମ ନିଃଶ୍ୱାସ

Digitized by srujanika@gmail.com

ନିର୍ଗତ ହୁଏ ପୁସ୍‌ପୁସ୍‌ରୁ । ଆଗକୁ ଗୋଡ଼ ବଢ଼ାଇବା ମୋଠୁ ସ୍ୱପ୍ନକୁ ହୁଏନା । ସନ୍ତୋଷର ଅନୁପସ୍ଥିତିରେ ତା ଘୁଇଟା ସେପରୁ ସାମନାକୁ ଠିଆ ହେଇ କୁହେ, "ମନୋଜ ! ଭୁଲ୍ ଓ ପାପର ଗୋଟାଏ ସୀମା ଅଛି । କନ୍ତୁ ତୁ ଯେଉଁ ପାପ କରିବାକୁ ଯାଉଛୁ ତାହା ଅକ୍ଷମଣୀୟ । ଏଇ ଧରଣର ଭଗବାନ କେବେ ବରଦାସ୍ତ କରିବେନି ।"

ପୁଣି ଏକ ବର୍ଷ କଟିଲା । ସନ୍ତୋଷ ଭଲ ନମ୍ବର ପାଇଥିବା ଯୋଗୁଁ ଇଞ୍ଜିନିୟରିଂ ପଢ଼ିବା ପାଇଁ ସିଟ୍ ପାଇଲା କଲିକତାରେ । ପ୍ରାର୍ଥୀ ବହୁବହୁରେ ମୁଁ ଅବଶେଷ ହେଇ ରହିଗଲି । ବି. ଏସ୍. ସି. ପଢ଼ିଲି । ବଡ଼ ଜଟିଳ ହେଇ ଉଠିଲା ମୋର ମାନସିକ ପରିସ୍ଥିତି । ଏଣେ ସନ୍ତୋଷ ସହ ବିଚ୍ଛିଦ – ତେଣେ ଅନି ସହ ଦେଖା ହେବାର ପ୍ରତିବନ୍ଧକ ଶୂନ୍ୟ ସୁଯୋଗ । ହସି ପାରିଲିନି କିମ୍ବା କାନ୍ଦି ପାରିଲିନି ।

ଷ୍ଟେସନରେ ପହଞ୍ଚିଲି ଅନ୍ତିମ ହୃଦୟରୁ ବିଦାୟୀକ ଦୁଃଖର ବୋଝ ନେଇ । ମୋଠାରୁ ବିଦାୟ ନେଲା ସନ୍ତୋଷ । ଫିରି କଲିକତା ଇଞ୍ଜିନିୟରିଂ ପଢ଼ିବା ପାଇଁ । ଗନ୍ତରେ ଗାଡ଼ି ଧରିବ । ଷ୍ଟେସନ୍‌ରେ ମୋତେ 'ସି-ଅଫ୍' କରିବାର ଦୁର୍ଯୋଗକୁ ଆବାହନ କରିବାକୁ ହେବ ।

ସନ୍ତୋଷ ସେଦିନ ନିମନ୍ତ୍ରଣ କଲା ତା' ଘରକୁ ସାନ୍ଧ୍ୟ ଭୋଜନ ପାଇଁ । ଟିକିଏ ବି ସମୟ ନଷ୍ଟ ନକରି ବାହାରିଲି ତା ସହ । ପାଖୁ ଏକ ବର୍ଷରୁ ଅଧିକ ହେବ ତା ଘରଆଡ଼େ ଯାଇନଥିଲି । ତେଣୁ ନିମନ୍ତ୍ରଣଟା ପାଇବା ମାତ୍ରେ ହଠାତ୍ ଶରୀରର ପ୍ରତ୍ୟେକ ଲୋମ, ସ୍ନାୟୁ, ତନ୍ତୁ ରକ୍ତକଣିକାରେ ନାଚିନଥିବା ଶୃଙ୍ଖଳା ଖେଳିଗଲା । ମନ ଖାଲି କୁଦା ମାରୁଥାଏ ବରଫାବୃତ ଦେଶର କଙ୍ଗାରୁ ଭଳି । ଅନି ସହ ଦେଖା ହେବ !! ପରମ ସୌଭାଗ୍ୟ ! ଅଲୌକିକ ସୁଖ ସାନ୍ତ୍ୱନା !

ସନ୍ତୋଷ ଓ ମୁଁ ଯେତେବେଳେ ପହଞ୍ଚିଲୁ ତା ଘର ନିକଟରେ । ସନ୍ଧ୍ୟାର ଶେଷ ଭାଗ । ଝାପ୍‌ସା ଅନ୍ଧାର ମାଡ଼ିଥିଲେ ବି ପ୍ରକୃତିର ରୂପ ସ୍ପଷ୍ଟ । ଏଣେ ମୋ ମନଘଡ଼ିର କଣ୍ଟାଗୁଡ଼ାକ ଏତେ ଜୋରରେ କେବେ ଘୂରି ନଥିଲା (କିମ୍ବା ଆଜି ସେ ଦିନଠୁ କେବେ ଘୂରିନି) ।

Digitized by srujanika@gmail.com

ତେବେ ସେଇ କୋଠାରେ ଦେଖିଥିଲି ଅନେକଟା ପରିବର୍ତ୍ତନ । ଅନେକଟା ଅଦଳ ବଦଳ । ବଗିଚ୍ଚର ଫୁଲଗଛଗୁଡ଼ାକ ନିର୍ଜୀବ ପ୍ରାୟ । ସେଇ ଗୋଲାପ ଗଛଟା—ଯେଉଁଥିରୁ ସଦ୍ୟ ପ୍ରସ୍ଫୁଟିତ ଫୁଲଟିଏ ଆଣି ହସି ହସି ଉପହାର ଦେଉଥାଏ ଅନି—ଯେଉଁଟି ଠିଆହୋଇ ଅଙ୍ଗୁଳି ଗୃଳନା କରି 'ଟା'···ଟା' ଜଣାଉଥାଏ, ଆଜି ନାହିଁ । ମାଳତୀ ଗଛଟା ବି ଏକ୍‌ବାରେ ଶୁଖି ଯାଇଥାଏ । ସତେ ଯେପରି ମୋ ଦୀର୍ଘ ଦିନର ଅନୁପସ୍ଥିତି ଓ ଅବହେଳା ପ୍ରତି ସେଇ କୋଠାର ସିମେଣ୍ଟ—ଇଟା ଯୋଡ଼ାଇ ନିର୍ଜୀବ କାନ୍ଥ ବି ମୋତେ ବିଦ୍ରୂପ କରୁଥାଏ । ବାୟୁର ଆର୍ଦ୍ରତା ବି ଅଭିମାନ କରୁଥାଏ ।

ସେ ଯାହା ହେଉ ବେଶିଟା ଦାର୍ଶନିକ ଭାବ ନମେଲି ସିଧା ଚାଲିଗଲି ଅନିର ପଢ଼ା ଘରକୁ । କିନ୍ତୁ ଆଶ୍ଚର୍ଯ୍ୟ କଥା, ଦେଖିବାକୁ ପାଇଲିନି ସେଇ ଟେବୁଲ୍ ! ଖାଲି ଚୌକି କେଇଟି । ବହିପତ୍ରର ନାମ ଗନ୍ଧ ବି ନାହିଁ । ଖଣ୍ଡିଏ ବୋଲି କ୍ୟାଲେଣ୍ଡର୍ ଝୁଲୁନି । ସନ୍ତୋଷ ଆଉ ମୋର ଯୁଗ୍ମ ଫୋଟୋ ଖଣ୍ଡିକ ବି ସେଠୁ ଉଠିଯାଇଛି ।

ଏଥିରୁ ସ୍ପଷ୍ଟ ଅନୁଭବ କରିଥିଲି, ସେସବୁ ଦୀର୍ଘ ବିରହରେ ଅନିର ମାନସିକ ବିପର୍ଯ୍ୟୟର ପରିଣାମ । ବିଚ୍ଛେଦ ବିରହ ଜ୍ୱାଳା ସହି ପାରିନି । ଅଭିମାନ ଓ ଅଭିଯୋଗର ଲୁହରେ ସବୁ ନଷ୍ଟ ଭ୍ରଷ୍ଟ ହୋଇ ଯାଇଛି । ତାର ଗରମ ନିଃଶ୍ୱାସରେ ଘର ଭିତର ଓ ବାହାରର ସମସ୍ତ ସରସତା ଜଳି ପୋଡ଼ି ଯାଇଛି । ତେବେ ଅନିର ରୂପ ବିକଳାଙ୍ଗ ହୋଇନଥିବ !

ଅନ୍ତରଟା ଦରଦ ଓ ଅଥୟ ହୋଇ ଉଠିଲା । ଭାବିଲି କେତେ କାନ୍ଦି କାନ୍ଦି ସେ ଝିଲି ଯାଇନଥିବ ! ଆଉ କି ଅପରୂପ ହୋଇନଥିବ ତା ଚେହେରାର କମନୀୟତା । ବୋଧହୁଏ ତା ଯୌବନର ମାଦକତା ସ୍ପିରିଟ୍ ଭଳି ଉଭେଇ ଯାଇଥିବଣି ।

ସନ୍ତୋଷ ଖଣ୍ଡିଏ ଚୌକି ଟାଣି ଆଣି ମୋ ପାଖରେ ବସିଲା ।

Digitized by srujanika@gmail.com

କିନ୍ତୁ ଏତିକିବେଳକୁ ମୋ ଧୈର୍ଯ୍ୟର ବ୍ୟତିକ୍ରମ ଘଟି ସାରିଥିଲା । ତା ଠାରେ ବନ୍ଧୁତ୍ୱର କୌଣସି ଆକର୍ଷଣ ଅନୁଭବ କରିପାରିଲିନି । ଖାସ ଏପଟ ସେପଟ ଚାହିଁ ଖୋଜିଲି ଅନିକୁ । ବାହାନା ଦେଖାଇ ମାଗିଲି ପାଣି ।

ସନ୍ତୋଷ ବି ବଡ଼ ପାଟିରେ ଆଗରେ ଭଳି ଡାକିଲା, "ଅନି... ମନୋଜ୍ ପାଇଁ ପାଣି ଆଣିଲୁ !"

ତା ପରେ କଥା ତୋଳି ସନ୍ତୋଷ କହିଲା, "ହଁ......ମନୋଜ୍ ! ତୁ ଜାଣିନୁ ପରା ! ଅନି ବାହା ହେଇ ସାରିଲାଣି । ତାର ପୁଅଟିଏ । ଏଇ ଗଲା ପଅର ଦିନ ଏକୋଇଶିଆ କଟିଛି ।"

ସେ କଣ କହିଲା କି ଜୋକ୍ କଲା, ମୁଁ ମୋଟେ ଶୁଣିବାକୁ କିବା ଜାଣିବାକୁ ଆଗ୍ରହୀ ନଥିଲି । ତାର ପ୍ରତି କଥାରେ ତ ହାସ୍ୟ ଆଉ ସସ୍ପେନ୍ସ । ତେଣୁ ମୁଁ ମୋର ଅନ୍ୱେଷଣରୁ ଫେରିଆସି ତା ଗପରେ ଯୋଗ ଦେଇପାରିନି । ମୋଟେ ହସିପାରିନି ।

ସନ୍ତୋଷ ପୁଣି ପାଟି କରି କହିଲା, "ଅନି.....! ତୁ ପୁଅକୁ ଆଣିଲୁ—ମନୋଜ ଦେଖିବ ! ବୁଝିଲୁ ମନୋଜ୍ ବଉ କହୁଛି ପୁଅଟା କୁଆଡ଼େ ମୋଭଳି ହେବ । ଆଉ ମୁଁ କହୁଛି ଅନି ଭଳି ହେବ । ତୁ ଭଦ୍ରଲୋକ କରି କହିଲୁ ଦେଖିବା ।"

ତାର କୌଣସି କଥାକୁ ମୁଁ ଦିହକୁ ନେଲିନି । ଅନି ବାହା ହେବା—ତା ପୁଅ ହେବା—ତା ଭଳି ହେବା—ଏମିତି ସବୁ ବାଜେ କଥା ଶୁଣିବା ପାଇଁ ମୋଟେ ମୁଁ ପ୍ରସ୍ତୁତ ନଥିଲି । ତେଣୁ ଖାଲି ଉପରେ ଉପରେ ହସିଲି । ଧୀର ଗଳାରେ କହିଲି, "ହେ...ସ୍ଥାନ କାଳ ପାତ୍ର କିଛି ନମାନ ସବୁଠି ବେହିଆମି ବଖାଣୁଛୁ ? କାହାକୁ କ'ଣଗୁଡ଼ାଏ କହି ଯାଉଛୁ ମ । ଚୁପ୍ ହେଇ ବସ୍ ।"

ଅନି ଏତିକିବେଳେ ମୋ ପଛପଟୁ ଚୁପ୍‌ଚାପ୍ ଆସି ଆମ ଦୁହଙ୍କ ମଝିରେ ଠିଆ ହେଲା ।

Digitized by srujanika@gmail.com

ଇସ୍ !! ଏସବୁ କ'ଣ !!

ଦୁଇ ହାତରେ ଅନି ଧରିଥାଏ ତାର ନବଜାତ ପୁଅକୁ । ସତକୁ ସତ ପୁଅ !!! ଆଉ ନିଶ୍ଚଳ ଭାବେ ଚାହିଁ ରହିଥାଏ ଉପରର ଛାତଆଡ଼କୁ । ମୋଟେ ପଢ଼ା ପଡ଼ୁନଥାଏ ।

ଅନ୍ୟ ରକ୍ତର ସନ୍ତାନ—ଅନ୍ୟ ପୁରୁଷ ସହ ଯୌନ ପ୍ରେମର ସ୍ମାରକ ଧରି ମୋତେ ଯେପରି ବିଦ୍ରୂପ କରୁଥାଏ ଅନି ।

ତା ମୁହଁକୁ କିଛି ସମୟ ଯାଏଁ ଚାହିଁ ରହିଲି ! ହଠାତ୍ ସେ ଦୃଶ୍ୟଟାକୁ ବାସ୍ତବ ବୋଲି ବିଶ୍ୱାସ କରିବା ମୋ ପକ୍ଷେ ଆଦୌ ସମ୍ଭବ ହେଲାନି ।

ପୁଅଟା କାନ୍ଦିଲା । ଦୁଇ ହାତରେ ତାକୁ ନଚାଇ ନଚାଇ ସେଇ ଉପର ଦୃଷ୍ଟିରେ ଅନି ଚାଲିଗଲା ଘରଆଡ଼େ । ସନ୍ତୋଷ ଅତ୍ୟନ୍ତ ଚିନ୍ତା-ମଗ୍ନ ହୋଇ ଲକ୍ଷ୍ୟ କରୁଥାଏ ମୋର ଓ ଅନିର ମାନସିକ ପ୍ରତିକ୍ରିୟା ।

ପରେ ପରେ ସନ୍ତୋଷ ବି ଚାଲିଗଲା ଘର ଭିତରକୁ । ଗଲାବେଳେ ପକେଟ୍‌ରୁ ରୁମାଲ୍‌ଟା ବାହାର କରିବା ମୁଁ ଦେଖିଥିଲି ।

ମଥାଟିକୁ ଏକ୍‌ବାରେ ମୁଁ ନୁଆଁଇ ଆଣିଲି, ଚୌକି ବାଡ଼ଟା ଉପରେ । ମୁଁ କେଉଁଠି ଅଛି, କଣ ଦେଖୁଛି, ସ୍ୱପ୍ନ—ନା ବାସ୍ତବ—କିଛି ଠିକ୍ କରିପାରିଲିନି । ଅନି ବାହାହେଲା କେବେ ??? ପୁଣି ପୁଅ !! ଏସବୁ କଣ !! ମୃତ୍ୟୁପରର ସ୍ୱପ୍ନ—ନା ସ୍ୱପ୍ନରେ ମୃତ୍ୟୁ !!

ମନେ ପଡ଼ିଲା ଠିକ ସେଦିନର କଥା । ହନୁଙ୍କ ନିବିଡ଼ ବନ୍ଧନ ଓ ତ ମୃତ ସନ୍ତୋଷର ଦୃଷ୍ଟିଗୋଚର ହେଲା ପରେ, ଅନି ପାଣି ଗ୍ଲାସ ଧରି ଆମ ହନୁଙ୍କ ମନ୍ଦିରରେ ତଳ ଦୃଷ୍ଟିରେ ଠିଆ ହୋଇଥିଲା । ଆଜି ଧୈର୍ଯ୍ୟ ଧରିଥିଲା ସନ୍ତୋଷ । ତେଣୁ ମୋତେ ଆଜି ସେଇ ଧୈର୍ଯ୍ୟ ନେଇ ବସିବାକୁ ହେବ, ଯେତେବେଳେ ଅନି ଆକସ୍ମିକ ଭାବେ ମାଁ ହୋଇ ତା ପୁଅକୁ ଧରି ଉପର ଦୃଷ୍ଟିରେ ଆମ ହନୁଙ୍କ ମନ୍ଦିରରେ ଠିଆ ହେଲା ।

Digitized by srujanika@gmail.com

ବାସ୍ତବରେ, ପୃଥିବୀ ଭିତରେ ଘର କରିଥିଲେ ପଥର ପଡ଼ିଲେ ସହ୍ୟ । ସହିବ......ଖୁବ୍ ସହିବ......ହସିବ ଠିକ୍ ସେଦିନ ସନ୍ତୋଷ ହସିଲା ଭଳି—ହିଁ...ହିଁ...ହସିଲା ଭଳି । ସେ ଜୀବନ ଓ ପ୍ରେମ ସବୁ ଖିଆଲ ମାତ୍ର । ନିର୍ଘଣ୍ଟ ମିଛକୁ ବୈଜ୍ଞାନିକମାନଙ୍କ ପ୍ରମାଣ ଯୋଗୁଁ ସତ୍ୟ ବୋଲି ସ୍ୱୀକାର କରିବାକୁ ହେବ । ବିରାଟ ଓ ସମ୍ପୂର୍ଣ୍ଣ ଶୂନ୍ୟକୁ ସ୍ୱର୍ଗ ବୋଲି ମାନିବାକୁ ପଡ଼ିବ ।

ପୁଣି ଥରେ ଅନ୍ୟ ପଦାର୍ଥର ପାଣିଗ୍ଲାସ ଧରି । କୋଳରେ ତାର ପୁଅ ନାହିଁ । ପାଖରେ ସନ୍ତୋଷ ନାହିଁ ।

ଥର ଥର ହାତରେ ପାଣି ଗ୍ଲାସଟା ଆଣିବା ପାଇଁ ହାତ ବଢ଼ାଇଲାବେଳେ ମୋ ଆଖି ଛଳ ଛଳ ହୋଇ ଉଠିଲା । କିଛି କହିବା ପାଇଁ ଅଥୟ ହେଲା ମୋ ଅଧର । କିନ୍ତୁ ଅନୁ ତା ବାଁ ହାତର ବଷି-ଆଙ୍ଗୁଠିଟାକୁ ତା ଅଧର ନିକଟରେ ରଖି ଚୁପ୍ ରହିବା ପାଇଁ ମୋତେ ନିର୍ଦ୍ଦେଶ ଦେଲା ।

ପାଣିଗ୍ଲାସଟା ଆଣି ଏକା ନିଃଶ୍ୱାସରେ ପିଇଦେଲି । ବୋଧହୁଏ ସରବତ୍ ଦେଇଥିଲା । କିନ୍ତୁ ମୁଁ ପାଣିଭଳି ଅନୁଭବ କରିଥିଲି । ପାଣି ନିଃଶେଷ ହେଲାପରେ ଦେଖିଥିଲି ଗ୍ଲାସ ଭିତରେ କେଇଟି ଲେମ୍ବୁମଞ୍ଜି ।

ଶୂନ୍ୟ ଗ୍ଲାସଟା ଧରି ଅନୁ ଫେରିଗଲାବେଳେ ମୋ ପଛପଟେ ଠିଆ ହୋଇ କହିଥିଲା, "ଏଥର ଭାଇଙ୍କ ଗନ୍ଧିରତାକୁ ମାପିବାକୁ ଚେଷ୍ଟା କର ।" ସେତିକବେଳକୁ ମୋ କପାଳ ଉପରେ ତାର ଦୁଇ ଟୋପା ଲୁହ ଖସି ପାଇଥିଲା । ଏକ୍‌ବାରେ ମିଶି ଯାଇଥିଲା ମୋ ସଦ୍ୟ ଚୌକି ପଛରେ ।

ଶୋକାକୁଳ କଣ୍ଠରେ ମୁଁ ପ୍ରଶ୍ନ କଲି, "ବାହା ହୋଇଗଲାନା ? ମୋତେ ଟିକଏ ଖବର ବି ଦେଲନି ?"

ସ୍ୱରଆଡ଼କୁ ଥରେ ଚାହିଁ କରି ସେ କହିଲା, "ତୁମେ ଯେତେ-ବେଳେ ଖିରୁ କାପୁରୁଷଙ୍କ ଭଳି ସେ ଦିନର ଘଟଣା ପରେ ପାଠପଢ଼ା

Digitized by srujanika@gmail.com

ଘୁଞ୍ଚି ଚାଲିଗଲ, ମୁଁ ବା ଆଉ କଣ କରିଥାନ୍ତି ? ଯେତେ ହେଲେ ବି ମୁଁ ନାରୀ······ପରିସର ମୋର ସୀମିତ । ଥରେ ମୋ ସହ ଦେଖା କରିବ ଗଲେନି !”

ଦିହେଁ ଦିହିଙ୍କ ଅଭିଯୋଗ ବଖାଣିଗଲୁ । ଅଭିଯୋଗର ଉତ୍ତର କିବା କୈଫିୟତ୍ କେହି କାହାକୁ ଦେଇପାରିନୁ ।

ସେ ଚାଲିଗଲା ମୋ ନିକଟରୁ ଲୁହ ପୋଛି । ପୁଅଟାର କାନ୍ଦଣା ଶୁଭୁଥିଲା ।

ସେଦିନ ଠାରୁ ଆଜିଯାଏଁ ଆଉ ଅନି ସହ ମୋର ଦେଖା ହୋଇନି । ତାର ଅଭିଯୋଗ ବୋଧହୁଏ ଆଉ ଜୀବିତ ନଥିବ ।

ତା ଘରୁ ରଜ ହୋଟେଲ ସାର ଫେରିଲା ପରେ ଖୁବ୍ ଚିନ୍ତା କରିଛି । କଣ ସବୁ ଘଟିଗଲା !! ବହୁଦିନଯାଏଁ ସନ୍ତୋଷର ସୁଚିନ୍ତିତ ଯୋଜନା ଓ ସଫଳ କାର୍ଯ୍ୟକ୍ରମକୁ ମନେ ମନେ ଅବଶ୍ୟ ତାରିଫ୍ କରିଛି । ଅନିକୁ ସେ ଜାଣିବାକୁ ଦେଇଛି ମୁଁ ପାଠପଢ଼ା ଛାଡ଼ି ଚାଲିଗଲି । ଏଣେ ମୋତେ ତା ବାହାଘର କଥା ମୋଟେ ଜଣାଇନି । ଆଜି ଏ ସମସ୍ତ ଯୋଜନାର ମୂଳଭିତ୍ତି ସେ କରିଛି—ସେ ଦିନର ଘଟଣା ଯୋଗୁଁ ମୁଁ ଖୁବ୍ ଦୁର୍ବଳ ଓ ଅନୁତପ୍ତ; ତେଣୁ ତାଙ୍କ ଘରଆଡ଼େ ତା ଅଜ୍ଞାତରେ ମୋର ଯିବା ପ୍ରଶ୍ନ ଉଠୁନି ।

ବିଭିନ୍ନ ଋତୁର ବାରମ୍ବାର ପ୍ରଭାବରେ ଆମ ଦିହିଙ୍କ ଜୀବନ ଗତି କରିବାରେ ଲାଗିଛି । କଲେଜ ଜୀବନ ପରେ ଚାକିରି—ଚାକିରି ପରେ ମୋ ବିବାହ—ସନ୍ତାନ ସନ୍ତତିଙ୍କ ଦାୟିତ୍ୱ ଓ ଜଞ୍ଜାଳ । ଶୈଶବ ଓ କିଶୋର ଜୀବନ ରହିଯାଇଛି ବହୁତ ପଛରେ । ତେବେ ସନ୍ତୋଷ ଓ ମୋ ଭିତରେ ବନ୍ଧୁତା ଏଯାଏଁ ଅତୁଟ ରହିଛି । ଚିଠିପତ୍ର ବିନିମୟରେ ମୋଟେ ତ୍ରୁଟି କିବା ଅବହେଳା ନାହିଁ । ଖାଲି ଅବଶୋଷ ରହିଯାଇଛି ସନ୍ତୋଷ ରହିଗଲା ଅବିବାହିତ । ଯେତେ ବୁଝାଇଲେ ବି ବୁଝିନି । ବେଶି ଚାପ ଦେଲେ କୁହେ, “ତୁ ବୁଝିପାରିବୁନି ମନୋଜ୍ ! ଅବିବାହିତ ଜୀବନ

Digitized by srujanika@gmail.com

ଉପରେ ଗବେଷଣା କରି ମୁଁ ଡକ୍ଟରେଟ୍ ପାଇବା ପାଇଁ ଚେଷ୍ଟା କରୁଛି । ତୋ ଜୀବନରେ ସିନା ଉପଯୁକ୍ତ ସୁଯୋଗ ଓ କାମନାର ସଂଯୋଗରେ ବିବାହ ଘଟିଲା । ହେଲେ ମୋ ଜୀବନରେ ସୁଯୋଗ ଓ କାମନା ବିଭିନ୍ନ ପରିଧିରେ ଘୂରିବାରେ ଲାଗିଛନ୍ତି ।"

ମିଶାଣ ଫେଡ଼ାଣ ହିସାବରେ ଏପଟ ସେପଟ କରି ମୋତେ ବଡ଼ ବୋଲି ହିସାବ ଯୋଡ଼ୁଛି । ମୋ ସ୍ତ୍ରୀକୁ ଭାଉଜ ବୋଲି ସମ୍ବୋଧନ କରି-ପାରୁଛି । ଆଜି ମୋ ସ୍ତ୍ରୀ ପ୍ରତି ତାର ସେ ନେଉଁ ଭକ୍ତି, ଶ୍ରଦ୍ଧା ଓ ସ୍ନେହ ତାହା ଭାଷାରେ ପ୍ରକାଶ କରିବା ଏକ୍‌ବାରେ ଅସମ୍ଭବ—ଠିକ୍ ଯେପରି ସେ ଦିନର ଅନ୍ତର ସୌନ୍ଦର୍ଯ୍ୟକୁ ଆଜିଯାଏଁ ଭାଷାରେ ପ୍ରକାଶ କରିବା ସମ୍ଭବ ହୋଇନି । ମୋ ପିଲାଙ୍କ ପ୍ରତି ତାର ସ୍ନେହ ଓ ମମତା, ହୁଏତ ମୁଁ ବାପା ହୋଇ ବି ସେତିକି ଶିଖିପାରିନି । ତେବେ ସବୁବେଳେ ମୋ ଝିଅ ପ୍ରତି ଆକ୍ଷେପ କରି କୁହେ, "ବୁଝିଲୁ ମନୋଜ୍ । ଅବିକଳ ତୋ ରୂପକୁ ଛଡ଼ାଇ ଆଣିଛି । ମୁଁ ଏତିକି ସାନ୍ତ୍ୱନା ପାଉଛି, You are in her. ରୁ ତାଠାରେ ଅଛୁ ।"

ଏତିକିବେଳେ ମୋର ମନେପଡ଼େ ତାର ସେଦିନର ମୋ ପ୍ରତି ପ୍ରଶ୍ନ । ମୋତେ ଉଦ୍ଧ୍ଲେକ୍ଷ କରି ପଚାରିଥିଲା ସେ ଠିକ୍ ନା ବିଜ ଠିକ୍ । ଅର୍ଥାତ୍ ଅନ୍ତର ସୁଖ ଅନ୍ନ ଭଲ ନା ସନ୍ତୋଷ ଭଲ । ମୁଁ ଏଯାଏଁ ଉତ୍ତର ବି ଦେଇପାରିନି । ବାସ୍ତବିକ୍ ସନ୍ତୋଷ ଓ ଅନ୍ତର ଚେତେହି ଭିତରେ ଏତିକି ଟିକିଏ ବି ପାର୍ଥକ୍ୟ ଆଜିଯାଏଁ ବି ପାଇନି ।

ସେ ଯାହାହେଉ ଶେଷଥର ପାଇଁ ସନ୍ତୋଷ ସହ ଯାହା ଦେଖା ହୋଇଥିଲା—ସେ ତାର ସମସ୍ତ ଅନ୍ତର ଖୋଲି କଥା କହି—ଅନୁତାପ କରି କରି—କାନ୍ଦି କାନ୍ଦି ବିଳ ଯାଇଥିଲା । ତାର ସମସ୍ତ ସମ୍ପତ୍ତି ମୋ ଝିଅ ନାଁରେ କରିଥିବା ଉଇଲ୍ ଟା ବଢ଼ାଇ ଦେଇଥିଲା ମୋ ହାତକୁ । ଅନ୍ନ ସହ ମୋର ବିଗତ ଦିନର ସମ୍ପର୍କଟା ଯେ ତା ଜୀବନରେ ଏତେ ବଡ଼ ମୋଡ଼ ଦେବ—ସେ ଏତେଟା ବ୍ୟତିବ୍ୟସ୍ତ ହୋଇ ଯୋଜନା ପରେ ଯୋଜନା କରି—ଅବିବାହିତ ରହିବ, ଏଇଟା ଦିନେ ବି ମୁଁ କଳ୍ପନା କରିନଥିଲି । କେହି ବି କଳ୍ପନା କରିପାରିବେନି । ଅନ୍ନ ସହ ମୋ ପ୍ରେମର

Digitized by srujanika@gmail.com

ସମୁଦ୍ରାସ୍ଥ ଶାନ୍ତି, ସେ ଆମ ଅଜାଣତରେ ବନ୍ଧନ କରିନେଇଛି। ତାଂର ଏକମାତ୍ର ଅନୁରୋଧ ଥିଲା, ଅମର ପୁଅ ସହ ମୋ ଝିଅର ବିବାହ। ତା ଆତ୍ମଜ ପାଖରେ ଖୋଲାଖୋଲି ଅଳି କରି ସେ ଚାଲିଯାଇଛି।

ଆଜି ତାହା ସଫଳ ହେବାକୁ ଯାଉଛି।

ଅମର ପୁଅ ଓ ମୋ ଝିଅ କଲେଜ୍ ମେଟ୍। ଦୁହେଁ ଦୁହିଁଙ୍କୁ ଭଲ ପାଆନ୍ତି। ଦୀର୍ଘ ୨୫ ବର୍ଷ ପରେ ଅମ ପ୍ରଥମ ଥର ପାଇଁ ଆଜି ଚିଠି ଲେଖିଛି, ତାଙ୍କ ଦୁହିଁଙ୍କ ଭଲ ପାଇବାକୁ ଜାତି ଅଜାତି ନ ବିଚାରି ସମ୍ମାନ ଦେବା ପାଇଁ—ସନ୍ତୋଷର ଅଭିଳାଷକୁ ପୂରଣ କରିବା ପାଇଁ।

ସମାଜ କଣ କହିବ—ଇତିହାସ କଣ ଲେଖିବ ମୁଁ ଜାଣେନା। ତେବେ ଏ ବିବାହ କେବଳ ସନ୍ତୋଷ ସହ ମୋର ବନ୍ଧୁତ୍ୱର ପରିଚୟ ହୋଇ ମୋ ପାଖରେ ରହିବ। ସନ୍ତୋଷର ଆତ୍ମାକୁ ଶାନ୍ତି ଦେବା ପାଇଁ ମୁଁ ସ୍ୱୀକୃତ ଦେଉଛି। ଅମ ସହ ମୋର ବିଗତ ଦିନର ସମ୍ପର୍କ ଯୋଗୁଁ ନୁହେଁ, କିମ୍ବା ଅସାମାଜିକ ଗୁପ୍ତ ପ୍ରେମକୁ ସମାଜରେ ସ୍ୱୀକୃତ ଦେବା ପାଇଁ ନୁହେଁ। ଅବଶୋଷ ଏତିକି ସନ୍ତୋଷକୁ ଖବର ଦେଇ ହେଉନ—ସେ କେଉଁଠି ଅଛି, କିପରି ଅଛି ମୁଁ କିଛି ଜାଣେନା ଅନେକ ବର୍ଷ ହେଲା। ବହୁ ଦିନରୁ ଚାକିରି ଛାଡ଼ି—ସମ୍ପତ୍ତି ଛାଡ଼ି ଚାଲିଯାଇଛି। ଭଗବାନ୍ କରନ୍ତୁ ସେ ଏ ପୃଥିବୀରେ ବଞ୍ଚି ରହିଥାଉ। ମୋତେ ସ୍ନେହ କରେ ବୋଲି ମୋ ଶ୍ମଶାନ ନିକଟରେ ଥରେ ଉଚ୍ଚାରଣ କରୁ।

ଆଜି ସ୍ପଷ୍ଟ ସ୍ୱୀକାର କରୁଛି—ସନ୍ତୋଷ ନିଜକୁ ଜାଣିନି ତେଣୁ ମୋ ମନେ କରି ଭଗବାନଙ୍କ ସହ ମିଶିଯିବାକୁ ଚାହିଁଛି। ତା ଠାରେ ଜାଗୃତି ହୋଇଛି ନାରୀର ଗୁଣ। ସେ ମହାପୁରୁଷ।

Digitized by srujanika@gmail.com

# ଛନ୍ଦହରା କବିତା

ବିଂଶ ଶତାବ୍ଦୀର ଛପନ କବା ସତାବନ ମସିହା କଥା ।

ଭାରତବର୍ଷର ଦାକ୍ଷିଣାତ୍ୟ ଅଞ୍ଚଳରେ ଦେଖାଦେଇଥାଏ ଉତ୍କଟ ମରୁଡ଼ି । ବିଶେଷକରି ପୂର୍ବ ଉପକୂଳ ଅଞ୍ଚଳରେ । ପାଣିର ଘୋର ଅଭାବ । ଜୁଲାଇ ମାସ ଶେଷ କଟିଗଲାଣି । ଅଗଷ୍ଟ ସରି ସେପ୍‌ଟେମ୍ବର ପଶି ଆସୁଛି । କର୍କଟକ୍ରାନ୍ତି ଛୁଇଁ ସୂର୍ଯ୍ୟ ଫେରି ଆସିଲେଣି । ବିଷୁବରେଖା ଛୁଇଁବା ଉପରେ । ପୂର୍ବଘାଟ ପର୍ବତମାଳାର ପାଦଦେଶରେ ଅବସ୍ଥିତ ସମସ୍ତ ପୋଖରୀ, ଗାଡ଼ିଆ ଏକ୍‌ବାରେ ଶୁଖିଲା । ଶରଦ୍ଦିନରେ ପଦ୍ମଫୁଲ, କଇଁଫୁଲ ଫୁଟୁଥିବା ପୋଖରୀର ଗର୍ଭରେ ଦିଶୁଥାଏ ଫଟା ଫଟା ପଙ୍କ । ଗର୍ଭଣା ସଂକ୍ରାନ୍ତି ବେଳକୁ ଚାଷୀ ସେଇ ଫଟା ଫଟା ପଙ୍କ ହାଣି ବୋହୁଥାଏ ନିଜ ଜମିକୁ । ଲୋକଙ୍କୁ କାମ ଧନ୍ଦା ଯୋଗାଇବା ପାଇଁ ବ୍ୟାପକ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ କରାଗଲେ ମଧ୍ୟ କୂଳମୂଳିଆ କାମକୁ ଯାଇପାରନ୍ତିନି । ସେଇ ‘ପାଣି’, ‘ପାଣି’ ବୋଲି ସକାଳୁ ସଞ୍ଜଯାଏଁ ସମସ୍ତଙ୍କ ଅନ୍ୱେଷଣ ଚାଲିଥାଏ । ବରଂ କାମ କରିବା ପାଇଁ ଶ୍ରମିକ ଡରେ ଶୋଷ ଭୟରେ ।

ସମୁଦ୍ର ଉପକୂଳ ଓ ପାର୍ବତ୍ୟ ଅଞ୍ଚଳର କୂଅ ଗାଡ଼ିଆ ଗର୍ଭରେ ସତେ ଯେପରି ଶୁଭୁଥାଏ ପ୍ରଚଣ୍ଡ ଖରାର ଠାଇଁ ଠାଇଁ ଶବ୍ଦ । ପଶୁପକ୍ଷୀଙ୍କ ତୃଷାରେ ଆର୍ତ୍ତନାଦ । ଆତଙ୍କ ଖେଳି ଯାଇଥାଏ ଦେଶରୁ ଗୋରୁ ଗାଈ ନିଶ୍ଚିହ୍ନ ହୋଇଯିବେ । କୋକିଳର କୁହୁକୁହୁ ତାନ କବି ଓ ଭାବୁକଙ୍କ କଣ୍ଠରେ ସ୍ୱପ୍ନ ହୋଇଯିବ ।

Digitized by srujanika@gmail.com

କେଉଁଠି କମିଶ୍ଚ ବା ଗଖନ୍ତ କୂଅରେ ଟିକଏ ପାଣି ଦେଖାଦେଲେ ଘଣ୍ଟ ଅଧରୁ ମାଠିଆ ପରେ ମାଠିଆ ଜମା ହୁଏ । ସେଥିରେ ପୁଣି ଧାଡ଼ି ନମ୍ବର ଏକ, ଦୁଇ ଏପରି ଅନେକ । ପ୍ରତ୍ୟେକ ପରିବାରର ଜଣେ ଲେଖାଏଁ ଜଗି ରହିଥାନ୍ତି । ବମ୍ବେ ନଗରର ଏଇ 'କ୍ୟୁ' ଅଭ୍ୟାସଟା ସଂପୂର୍ଣ୍ଣ ଭାବେ ମାଡ଼ି ଆସିଥାଏ ସୁଦୂର ମଫସଲ ଓ ପାର୍ବତ୍ୟ ଅଞ୍ଚଳର ଗାଁ ଗହଳକୁ । ଏଇ ଉତ୍କଟ ପାଣି ଅଭାବବେଳେ ଲୋକେ ବୁଝୁଥାନ୍ତି 'କ୍ୟୁ'ର ମହତ୍ତ୍ୱ ।

ଘର ପିଛା ଦ'ମାଠିଆ ପାଣିରୁ ହିସାବ କମି କମି ଲାଗିଥାଏ ଏକ ମାଠିଆରେ । ସେଥିରୁ ପୁଣି ପରିବାରର ଜଗି ରହିଥିବା ବ୍ୟକ୍ତି ତାର ପ୍ରବଳ ତଟିଶୁଖା ଶୋଷ ମେଣ୍ଟାଇ ବାକିତକ ନିଏ ଘରକୁ ।

ଖାଲି ଶୁଦ୍ଧ ଖାଦ୍ୟ ଅଛି ପାନୀୟ ନାହିଁ—ନାଆଁ ଅଛି ପାଣି ନାହିଁ—ବାୟୁ ଅଛି ଜଳ ନାହିଁ । ଏଇ ଦୁଃଖ ଚତୁର୍ବର୍ଗରେ । ଲୋକେ ଗାଧୁଆନ୍ତି କପ୍, ଗିନା, ତାଟିଆରେ । ଅତି ଆବଶ୍ୟକ ହେଲେ ପାଣି ପିଅନ୍ତି ଖୁବ୍ କାଠ୍ ଗ୍ଲାସରେ । ଚହ୍ଲା ଗ୍ଲାସର ପ୍ରଶ୍ନ ନାହିଁ ।

ବ୍ୟବସାୟୀ ଗୋଷ୍ଠୀରୁ କେଇଜଣ ପାଣି ବ୍ୟବସାୟ କରି ବେଶ୍ ଦ'ପଇସା ରୋଜଗାର କଲେଣି । ଆଜି କେଉଁଠି ଖେଦ୍ ପରିବାରି ଭିତରେ ପାଣି ପାଇଁ ନାନା ପ୍ରକାର କଟକଣା—ସେଥିରୁ ଅଶାନ୍ତି—କଳହ ଇତ୍ୟାଦି ଉପୁଜେ । ହୋଟେଲ୍ ଓ ଜଳଖିଆ ଦୋକାନରେ ଭାତ ତରକାରି ଭଳି ପାଣି ମଧ୍ୟ ବିକ୍ରୟ ହୁଏ କପ୍ ଦରରେ ।

ପାଣି ଅଭାବରୁ ରୋଗର ଅବାଧ ପ୍ରବେଶ ଥାଏ ପ୍ରାୟ ପ୍ରତି ଘରେ । ଡାକ୍ତରଖାନାରେ ବି ଖୁବ୍ ଭିଡ଼ । ଦେହ ଖରାପ ନଥିଲେ ମଧ୍ୟ ପାଣି-ଔଷଧ ବାହାନାରେ ଲୋକଙ୍କ ଗହଳ ଥାଏ । ଖରାଘାତ ରୋଗରେ କେତେକ ମୃତ୍ୟୁ ସଂଖ୍ୟା ସତରେ ହେଉ କବା ମିଛରେ ହେଉ ଖବର କାଗଜରେ ପ୍ରକାଶ ପାଏ । କିନ୍ତୁ ବିଧାନସଭାଗୁଡ଼ିକରେ ସରକାରୀ ଦଳ ତାକୁ ସ୍ୱୀକାର କରନ୍ତିନି । ବିରୋଧୀ ଦଳ ଅବଶ୍ୟ ଖୁବ୍ ପାଟି କରନ୍ତି—କକ୍ଷ ତ୍ୟାଗ କରନ୍ତି ।

Digitized by srujanika@gmail.com

ଏଇୟା ଥିଲା ଏ ଦେଶର ଇତିହାସରେ ଗୋଟାଏ ମର୍ମନ୍ତୁଦ ଦୃଶ୍ୟ ।

କିନ୍ତୁ ଲୋକପ୍ରିୟ ସରକାରଙ୍କ ତରଫରୁ କରାଗଲା ବ୍ୟାପକ ବ୍ୟବସ୍ଥା । ଗାଁ ଗହଳରେ ଟ୍ରକ୍, ଜିପ୍, ଟ୍ରାକ୍ଟର ସାହାଯ୍ୟରେ ଯୋଗାଇ ଦିଆଗଲା ପାଣି । ତେବେ ସେସବୁ ସମୁଦ୍ରକୁ ଶଙ୍ଖେ । ମଣିଷ ସବୁ କିଛି କରିପାରିବା ଅଧିକାର ପାଇପାରେ । କିନ୍ତୁ ପାଣି ପବନର ସାର୍ବଭୌମ ଅଧିକାର ସାବ୍ୟସ୍ତ କରିବା ଏକ୍‌ବାରେ ଅସମ୍ଭବ ।

ସରକାରଙ୍କ ପାଣି ଯୋଗାଣ କେତେ ମହତ୍ ଓ ଅତୁଳନୀୟ ସାମାଜିକ କାର୍ଯ୍ୟ ହେଲେ ବି, ମଣିଷଠାରେ ଶୃଙ୍ଖଳା ଜ୍ଞାନର ଅଭାବ ଯୋଗୁଁ, ପାଣି ପହଞ୍ଚିବା ମାତ୍ରେ ଦେଖାଦିଏ ନାନା ଅଶାନ୍ତି—ନାନା କଳହ । ପୋଲିସ୍ ଧର୍ତ୍ତବ୍ୟ ଅପରାଧ ସଂଖ୍ୟା ବି ବଢ଼ି ଚାଲିଥାଏ ଏଇ କଳହରୁ । ଥାନାରେ ଜମେ ଖୁବ୍ ଭିଡ଼ । ବେଶ୍ ଦି' ପଇସା ରୋଜଗାର ହୁଏ ଟାଉଟର୍‌ଙ୍କର । ପାଣି ଅଭାବ ଆହୁରି କିଛି ଦିନ ଲାଗି ରହିବା ପାଇଁ ନିବେଦନ କରୁଥାନ୍ତି ସେମାନେ ଇନ୍ଦ୍ରଙ୍କୁ ।

ଦକ୍ଷିଣ-ପୂର୍ବ ରେଲ୍ ଲାଇନ୍ ଲମ୍ବିଯାଇଛି ଠିକ୍ ପୂର୍ବ ଉପକୂଳ କଡ଼େ କଡ଼େ—ପୂର୍ବଘାଟ ପର୍ବତମାଳାର ପାଦଦେଶରେ । ବିଭିନ୍ନ ସଂଯୋଗସ୍ଥଳ ତଥା ଜଙ୍କସନ୍‌ରେ ଏଇ ପର୍ବତମାଳା ଭେଦି ପଶ୍ଚିମ ଦିଗରୁ କେଇଟି ରେଲ୍‌ଲାଇନ୍ ବି ଆସି ମିଶିଛି । ତେଣୁ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଦ୍ରୁତ ରେଳଗାଡ଼ିରେ ଗୋଟିଏ ଦୁଇଟି ପାଣିଡବା ଖଞ୍ଜା ଯାଇଥାଏ । ଅତି କମ୍‌ରେ ରେଲ୍‌ଲାଇନ୍ କଡ଼ର ଅଧିବାସୀମାନଙ୍କ କଣ୍ଠଟା ପାଣି ଅଭାବ ଦୂର ହେଉଥାଏ ।

ଜେମ୍‌ସ ଓ ଷ୍ଟୁପ୍ ଥାଆନ୍ତି ଗୋଟିଏ ପାସିଞ୍ଜର୍ ଡ୍ରାଇଭର୍ । ଦିହେଁ ଆଙ୍ଗ୍ଲୋ-ଇଣ୍ଡିଅନ୍ । ଚେହେରା ପ୍ରାୟ ମିଶି ଯାଇଥାଏ । ଦିହିଙ୍କ ଡିଉଟି ମଧ୍ୟ ଏକ ସମୟରେ । ବହୁଦିନ ହେଲା ଏମିତି ସାଙ୍ଗହୋଇ କାମ କରୁଛନ୍ତି । ଜମିଆସିଛି ନିବିଡ଼ ବନ୍ଧୁତ୍ୱ । ମନେ ମନେ ସରକାର ତଥା ଉପରିସ୍ଥ ହାକିମମାନଙ୍କୁ ପ୍ରଶଂସା କରୁଥାନ୍ତି ସେ ଦିହିଙ୍କ ବିଚ୍ଛେଦ ନ

Digitized by srujanika@gmail.com

ଘଟାଇଥିବା ଯୋଗୁଁ । ଅପ୍ ଓ ଡାଉନ୍ ଉଭୟ ପରେ ଗୋଟିଏ ଦିନ ବିଶ୍ରାମ ମିଳେ ।

ଖରାଦିନେ କୋଇଲା ଇଞ୍ଜିନ୍ ଚଳାଇବା କି ଯେ କଷ୍ଟ ଦିହେଁ ଉତ୍କଟ ଅନୁଭବ କରୁଥାନ୍ତି । ଗୃହା ବଦଳରେ ପିଅନ୍ତି ଫ୍ଲାସ୍କରେ ରଖିଥିବା ବିଅର୍‌କୁ । ଉଭୟ ପରେ ହୁଇକ୍ସରେ ବରଫ ମିଶାନ୍ତି—ପିଇସାରି କ୍ଲାନ୍ତି ଦୂର କରନ୍ତି । ତେଣୁ ଦିହିଙ୍କ ଗପରେ ଥାଏ ଆକର୍ଷଣ ଓ ଅନୁସନ୍ଧିତ୍ସା । ଦିହେଁ ଅବିବାହିତ ।

ପ୍ରତି ଷ୍ଟେସନ୍‌ରେ ପାସିଞ୍ଜର୍ ଗାଡ଼ି ଅଟକେ । ପିଲାଠୁଁ ବୁଢ଼ା ଯାଏଁ ବାଲ୍ଟି, ମାଠିଆ, ଟିଣ ଆଦି ଧରି ପହଞ୍ଚିଯାଆନ୍ତି ପାଣି ପାଇଁ । ଯାତ୍ରୀଙ୍କ ସଂଖ୍ୟା ଖୁବ୍ କମ୍ । କିନ୍ତୁ ଷ୍ଟେସନ୍ ନିକଟରେ ଲୋକଙ୍କ ପ୍ରବଳ ଭିଡ଼ ।

ପାଣି ଡବାଟା ଥାଏ ଠିକ୍ ଇଞ୍ଜିନ୍ ପଛରେ । ଗାଡ଼ି ଯାତ୍ରୀମାନଙ୍କ ସେଠାକୁ ଯାତାୟାତ ନଥାଏ । କେବଳ ପାଣି ପାଇଁ ଲୋକଙ୍କ ଭିଡ଼ ।

ନିର୍ଦ୍ଧାରିତ ଅଟକିବା—ସମୟଠାରୁ ଗାଡ଼ି ମିନିଟିଏ କିବା ଦି' ମିନିଟ୍ ଅଧିକା ଅଟକେ । କେତେବେଳେ ଜେମ୍ସ ଆଉ କେତେବେଳେ ଷ୍ଟିଫ୍ ଓହ୍ଲାନ୍ତି ତଳକୁ । ପାଣି ଟେପ୍‌ର ଗୃବ ଖୋଲି ଲୋକଙ୍କୁ ପାଣି ଦିଅନ୍ତି । ହୁଇସିଲ୍ ହେଲେ ଟେପ୍ ବନ୍ଦ କରି ଉଠି ଆସନ୍ତି ଇଞ୍ଜିନ୍ ଡବା ଉପରକୁ । ତା ପରେ ଗାଡ଼ି ଗଡ଼େ ଆଗକୁ ।

ଦିନେ ଗୋଟିଏ ଛୋଟିଆ ଷ୍ଟେସନ୍‌ରେ ସେମିତି ଭିଡ଼ ଜମିଥାଏ ପାଣି ପାଇଁ । ବାଳକ, ବାଳିକା, ଯୁବକ, ଯୁବତୀ ଏବଂ ବୟସ୍କା ସ୍ତ୍ରୀ ଓ ପୁରୁଷ ଧାଡ଼ିବାନ୍ଧି ଜମିଥାନ୍ତି । ଜେମ୍ସ ଥାଏ ଇଞ୍ଜିନ୍ ଡବା ଭିତରେ । ଥଣ୍ଡା ବିଅର୍ ପାନ କରୁଥାଏ । ଷ୍ଟିଫ୍ ତଳେ ଠିଆହୋଇ ନିୟମିତଭାବେ ପାଣି ଯୋଗାଉଥାଏ ଜମିଥିବା ଲୋକଙ୍କୁ ।

ଜେମ୍ସର ଦୃଷ୍ଟି ପଡ଼ିଲା ଗୋଟିଏ ଯୁବତୀ ଝିଅ ଉପରେ । ବୟସ ୧୮ କିବା ୧୯ ହେବ । ଗୋରା ତକତକ ଚେହେରା, ସୁନ୍ଦର ମୁହଁ—

Digitized by srujanika@gmail.com

କାମୋଦ୍ଦୀପକ ଗ୍ରନ୍ଥ—ଚିତ୍ତାକର୍ଷକ ଗଠନ—ନଜର ନଜର ଅଲ୍ପନସ୍ତ—ସରସ ଗୃହାଣୀ—ଏମିତି ଅନେକ କିଛି ଆକର୍ଷଣ ତା ଠାରେ ଥାଏ ।

ହେତୁକ ଲୋକଙ୍କ ସଂଖ୍ୟା ଖୁବ୍ ବେଶି । ସୂର୍ଯ୍ୟଙ୍କ ତାପ ବି ସର୍ବାଧିକ ।

ଜେମ୍ସ ଗ୍ରହିଁଲା ସେଇ ସୁନ୍ଦରୀ ଝିଅଟିକୁ ଖୁବ୍ ନିମଗ୍ନ ଭାବେ । ଅଳ୍ପ ନିଶାଥିବା ମଦ ପିଇଲେ ପୁରୁଷ ଆଖିରେ ସୁନ୍ଦରୀ ସ୍ତ୍ରୀ ଯାହା ଦିଶିବା କଥା ।

ଜେମ୍ସ ଯେତେ ଚାହୁଁଥାଏ, ଯୁବତୀଟି ସେତିକି ସୁନ୍ଦରୀ—ସେତିକି ଆକର୍ଷଣୀୟ ଦିଶୁଥାଏ ।

ଧାଡ଼ିରେ ବସି ଝମି ଜେମ୍ସ ଠିଆ ହୋଇଥିବା ସାମନା ପର୍ଯ୍ୟନ୍ତ ଝିଅଟି ଗ୍ଲଲଆସିଲା । ଆଉ ପ୍ରାୟ ପନ୍ଦର ଜଣପରେ ତା' ପାଳି ଦେବ ପାଣି ପାଇଁ । ତା ପଛକୁ ମୋଟେ ଦୁଇ ଜଣ ।

ଏତିକିବେଳେ ଗାର୍ଡ଼ ହୁଇସିଲ୍ ଦେଲେ । ଷ୍ଟପ୍ ଟେପ୍ଟା ବନ୍ଦ କରି ଉଠି ଆସିଲା ଇଞ୍ଜିନ୍ ଉପରକୁ । ଧାଡ଼ିରେ ବଳ ପଡ଼ିଥିବା ବ୍ୟକ୍ତି-ଗଣ ଅତି ଆତୁର ଭାବେ ନିବେଦନ କରୁଥାନ୍ତି, "ଡ୍ରାଇଭର୍ ସାହେବ ! ଆମକୁ ପାଣିଦିଅ ।" ଅବଶ୍ୟ ଅଧିକାଂଶ ଷ୍ଟେସନ୍‌ରେ ଏଭଳି ଶୁଣିବାକୁ ମିଳେ । "ପଛଗାଡ଼ିରେ ପାଣି ଆସୁଛି" କହି ଇଞ୍ଜିନ୍ ଷ୍ଟାର୍ଟ ଦେବାକୁ ହୁଏ ।

କିନ୍ତୁ ଏଥର ଜେମ୍ସ ଅନ୍ତବାଧ କର୍ମଚାରୀ ହୋଇ ପାରିଲାନି । ଷ୍ଟପ ଇଞ୍ଜିନ୍ ଷ୍ଟାର୍ଟ ଦେବାକୁ ଉଦ୍ୟତ ହେଲାବେଳେ, ସେ ଓହ୍ଲାଇ ଆସିଲା ତଳକୁ । ସଙ୍ଗେ ସଙ୍ଗେ ଟେପ୍ ଖୋଲି ଜଣକ ପରେ ଜଣକୁ ପାଣିଦେବାକୁ ଲାଗିଲା । ପରସ୍ତୁ ମାନିଲା ଗାର୍ଡ଼ଙ୍କ ହୁଇସିଲ୍ । ପ୍ରତ୍ୟାଖ୍ୟାନ କରିଥିଲା ଉପରକୁ ଉଠି ଆସିବା ପାଇଁ ଷ୍ଟପ୍‌ର ଅନୁରୋଧକୁ । ପାଣି ନେବା ଲୋକଙ୍କ ଖୁବ୍ ଆନନ୍ଦ ଓ ଖୁସି । ଯାତ୍ରୀମାନେ ବି ମନେ ମନେ

Digitized by srujanika@gmail.com

ସମର୍ଥନ ଜଣାଉଥାନ୍ତି ଜେମ୍ସର ଏଇ କାର୍ଯ୍ୟକୁ । ସରକାର ଲୋକଙ୍କ ପାଇଁ—ଶାସକମାନଙ୍କ ପାଇଁ ନୁହେଁ । ସରକାରୀ ଆଇନ୍ ଗରିବ ଜନ-ସାଧାରଣଙ୍କ ଦୁଃଖ ଦୁର୍ଦ୍ଦଶା ମୋଚନ ପାଇଁ—କର୍ମଚାରୀଙ୍କ କଠୋରତା ପାଇଁ ନୁହେଁ ।

ଜଣକ ପରେ ଜଣେ ହୋଇ ଧାଡ଼ିରେ ପଡ଼ୁଥିଲା ସେଇ ଝିଅଟି । ତା'ର ମାଠିଆଟା ପାଣିରେ ଭରି ହେଉଥିବାବେଳେ ଜେମ୍ସ ଯେମିତି ଅନୁଭବ କରୁଥାଏ, ତା'ର ଅନ୍ତର ଭିତରର କେଉଁ ଗୋଟିଏ ଶୂନ୍ୟ ସ୍ଥାନ ଭରି ଭରି ଯାଉଛି । ଆନନ୍ଦର ଜୁଆର ଖେଳିଯାଉଛି ହୃଦୟରେ । ଆକାଙ୍କ୍ଷାର ଉଷ୍ମତା ପ୍ରକାଶିତ ହେଉଛି ପ୍ରତିଟା ସ୍ନାୟୁ ଓ ତନ୍ତ୍ରୀରେ । ଅଳ୍ପ ନିଶାରେ ରଞ୍ଜିତ ରକ୍ତକଣିକା ଉଷୁମି ଉଠୁଛି ।

ଝିଅଟି ବି ଅତି ସଚେତନ ଓ ଚଞ୍ଚଳ ହୋଇ ଉଠୁଥାଏ । ଘୁରୁଁଥାଏ ଉପରଆ ଦୃଷ୍ଟିରେ—ଇଞ୍ଜିନ୍ଆଡ଼େ । ମାଠିଆରୁ ପାଣି ଉଛୁଳିବା ପରେ ବି ଝିଅଟି ଜାଣିପାରୁନଥାଏ ।

ପାଖ ଲୋକଙ୍କ ଇଙ୍ଗିତରେ ଝିଅଟି ମାଠିଆଟିକୁ ଧରି ଟିକିଏ ଦୂରେଇ ଗଲା । ଆଉ ଜଣେ ଆସି ମାଠିଆଟି ରଖିଲା ଟେପ୍ ତଳକୁ । ଜେମ୍ସର ଆଉ ଆଗ୍ରହ ନାହିଁ ।

ଜେମ୍ସ ବୁଲି ଚାହିଁଲା ପଛକୁ । ଝିଅଟି ମାଠିଆଟିକୁ ତୋଳି ରଖି ନିଜକୁ ସଜାଡ଼ି କରୁଥାଏ କାଖରେ ଧରିବା ପାଇଁ । ଜେମ୍ସ ଚାହିଁଲା ସନ୍ତୁଷ୍ଟ ନୟନରେ । ଝିଅଟିର ବଦନରେ ଥାଏ ଟିକିଏ ମୁରୁକି ହସ — ଦୃଷ୍ଟି ଥାଏ ଟିକିଏ ଉପରଆ ଘାଟେ ।

ମାଠିଆଟା ଅଣ୍ଟା ପାଖରେ ଆଶ୍ରୟ ନେବାବେଳେ ପୃଷ୍ଠ ଓ କାଖ ପାଖର ଶାଢ଼ୀଟାକୁ ଠେଲି ଦେଇଥିଲା । କେତୁଟା ପାଣି ମାଠିଆରୁ ଚହଲି ଯାଇ ଝରି ପଡ଼ିଥିଲା । ଓଦା କରି ନେଇଥିଲା ଗୁଞ୍ଚ ଓ ଅଣ୍ଟାର ନିମ୍ନାଂଶର ଶାଢ଼ୀକୁ । ଏକ୍‌ବାରେ ଚପାଇ ନେଇଥିଲା ଶରୀରରେ ବନ୍ଦୀ-କରଣ ଓ ଉଚ୍ଚା ନିମ୍ନ ପ୍ରକାଶ କରି ।

Digitized by srujanika@gmail.com

ଜେମ୍ସ ଚାହିଁ ରହିଲା ଝିଅଟିର ଅଣ୍ଟାଠାରୁ ତଳକୁ ଓଦା ହୋଇଥିବା ଆବରଣକୁ । ବିୟର୍‌ର ନିଶାଟା ଠିକ୍ ଜମିଥିଲା ତାର ପ୍ରତିଟା ସ୍ନାୟୁରେ । କାମନାର ପ୍ରତିଫଳନ ରଙ୍ଗବିରଙ୍ଗ ହୋଇ ଉଠିଥିଲା । ମୁଗ୍ଧ ହୋଇ ପଡ଼ିଥିଲା ସେଇ ଲୋଭନୀୟ ସୌନ୍ଦର୍ଯ୍ୟରେ ।

ନିଜର ହୋଇ ଝିଅଟି ବୁଲିଗଲା ମାଧ୍ୟାକର୍ଷଣ ଶକ୍ତିକୁ ଖୁବ୍ ପ୍ରତିରୋଧ କରି । ଷ୍ଟେପ୍‌ନି ବନ୍ଦ କରି ଜେମ୍ସ ଉଠିଆସିଲା ଇଞ୍ଜିନ୍ ଉପରକୁ । ସେମିତି ଲକ୍ଷ୍ୟକରି ରହିଲା ଝିଅଟିଠାରେ ପ୍ରକାଶ ପାଉଥିବା ଆକୁଞ୍ଚନକୁ । ମାଠିଆରୁ ପାଣି ଆଣୁଥିବା ଚହଲି ଚହଲି ଗୁଣ୍ଡି ଓ ଅଣ୍ଟାକୁ ଓଦା କରି ନେଉଥାଏ । ଢକଡାଳ ଶବ୍ଦଟାଏ କରି ଗାଡ଼ି ଗଡ଼ି ଚାଲିଲା ଆଗକୁ ।

ଜେମ୍ସ ପ୍ରକୃତିସ୍ଥ ହେଲା । ବ୍ହିଁଲ ଷ୍ଟପ୍‌କୁ । ଢବ୍ଲିଙ୍କ ମୁଖରେ ହସ । ସେଇ ହସରେ ସ୍ପଷ୍ଟ ପ୍ରକାଶ ପାଉଥିଲା ଢବ୍ଲିଙ୍କ ମନ ଓ ଭାଷା । ଭାବଟା ଅତି ଗୂଢ଼ । ଅନୁଭୂତିଟା ଏକ୍‌ବାରେ ନୂଆ ।

ଗାଡ଼ି ବେଗ ଧରିବା ମାତ୍ରେ ଷ୍ଟପ୍ ଫ୍ଲାସ୍କ ଖୋଲି ପିଇଲା ବିଅର୍ । ଜେମ୍ସ କାନ୍ଥୁ ମାରିବ । ବହୁତ ସମୟଯାଏଁ ଭାବୁଥିଲା, "ଝିଅଟି କେତେ ସୁନ୍ଦରୀ !"

ବହୁ ସମୟଯାଏଁ ସେଇ ଝିଅକୁ କେନ୍ଦ୍ର କରି ଢବ୍ଲିଙ୍କ ଭିତରେ ଚାଲିଲା ଗପ । ଖୁବ୍ ହାସ୍ୟ । ପୁଣି ଡାଉନ୍ ଡଉଟିରେ ସେଇ ଝିଅଟିକୁ ଦେଖିବାର ଉତ୍କଣ୍ଠା ନେଇ ଜେମ୍ସ ଚୁପ ରହିଲା ।

ସେଇଆ ହେଲା । ହେଲେ ପ୍ରାୟ ପୁଣି ଡାଉନ ପାଳରେ ଧାଡ଼ିର ଆରମ୍ଭରେ ହିଁ ଝିଅଟି ଠିଆ ହୋଇଥିଲା । ଜେମ୍ସ ଓହ୍ଲାଇ ଷ୍ଟେପ୍‌ନି ଖୁବ୍ ଶୀଘ୍ର ଖୋଲିଦେଲା । ପାଣିନେଇ ସଙ୍ଗେ ସଙ୍ଗେ ଚାଲିଗଲା ଝିଅଟି । ଜେମ୍ସ ହାରିଗଲା । ସେଇ ବଗିଚା ଦୃଶ୍ୟ ଓ ତା ସୁନ୍ଦର ରୂପକୁ ଉପଭୋଗ କରି ପାରିଲାନି । ଖାଲି ଷ୍ଟପ୍‌ଠାରୁ ଶୁଣିବାକୁ ପାଇଥିଲା, ଝିଅଟି ମୃଦୁକ ହସୁଥିଲା—ନିଜ ନିଜ ପ୍ରକାଶ କରୁଥିଲା ତା ଚାହାଣିରେ ।

Digitized by srujanika@gmail.com

ଏମିତି ପାଳକୁ ପାଳ ଜେମ୍ସର ଉତ୍କଣ୍ଠା ବଢ଼ିବାକୁ ଲଗିଲା । କେବେ ସେ ଝିଅଟି ଘୁହେଁ କେବେ ମାରବଲରେ ହସେ - କେବେ (ଲୋକ ଲଜ୍ଜାକୁ ଡରି ବୋଧହୁଏ) ମାରବଲରେ ଗୃଲଯାଏ ଅମାୟିକତା ପ୍ରକାଶ କରେ ।

ତେବେ ଏତିକି ଦୁଃଖ, ଝିଅଟି ମୋଟେ ତାଙ୍କୁ ଚାହିଁପାରେନା । କେବେ କେମିତି ଟିକିଏ ତା ଦୃଷ୍ଟି ଜେମ୍ସ ଆଡ଼େ ଖସିଆସିଲେ, ଜେମ୍ସ ପରାସ୍ତ ସ୍ୱୀକାର କରି ତା ଦୃଷ୍ଟି ଫେରାଇଆଣେ କିମ୍ବା ମୁହଁ ବୁଲାଇନଏ । ଅଫ୍ ଡିଉଟି ଦିନ ଜେମ୍ସ ଖୁବ୍ ଚିନ୍ତାମଗ୍ନ ହୋଇ ମୁହଁ-ମାରି ବସେ । ଡିଉଟି ଦିନ ବହୁପୂର୍ବରୁ ଆସି ଟ୍ରେନ୍‌କୁ ଅପେକ୍ଷା କରିଥାଏ ।

ଜେମ୍ସ ସ୍ପଷ୍ଟ ଅନୁଭବ କରିପାରୁଥିଲା, ଖୁବ୍ ଗଭୀରତମ ଅର୍ଥରେ ସେ ଭଲପାଏ ସେଇ ଝିଅଟିକୁ । ଆଉ ସ୍ୱୀକାର କରୁଥିଲା, ଝିଅଟିର ଆପତ୍ତି ନାହିଁ ଜେମ୍ସକୁ ଖୁସି କରାଇବାରେ ।

କେବଳ ଏତିକି ଦୁଃଖ, ଝିଅଟି ମୋଟେ ତାଙ୍କୁ ଚାହିଁପାରେନା । ସବୁବେଳେ ତା ଦୃଷ୍ଟି ଉପରଠାଉରିଆ କିମ୍ବା ଏଣେତେଣେ ଥାଏ । ମୁରୁକି ମୁରୁକି ହସୁଥାଏ ।

କେଇଟି ଦିନ ପରେ.........

ଦିନେ ଧାଡ଼ିରେ ଠିଆ ନହୋଇ ଝିଅଟି ଠିଆ ହୋଇଥାଏ ପାଖ ରେଲ୍ ଲାଇନ୍ ମଝିରେ । ଠିକ୍ ଷ୍ଟେପ୍ ପାଖରେ । ଜେମ୍ସ ହସି ହସି ଝିଅଟିକୁ କହିଲା ଧାଡ଼ିରେ ଠିଆ ହେବା ପାଇଁ । ଝିଅଟି କିଛି ଉତ୍ତର ନଦେଇ ସେମିତି ଠିଆ ହୋଇ ରହିଲା । ଧାଡ଼ି ଭିତରୁ ଜଣେ ବୁଢ଼ା ଉତ୍ତର ଦେଲା, "ସେ ସବା ଶେଷରେ ଆସିଛି । ତେଣୁ ଧାଡ଼ିରେ ଠିଆ ହେବା ନହେବା ଏକା କଥା ।"

ଝିଅଟି କିନ୍ତୁ ହଯ ମୁହଁରେ ଠିଆ ହୋଇଥାଏ । ଆଜି ତା ସାମନାରେ ଧାଡ଼ିର ଗଣ୍ଡାଏ ପରେ ଜଣେ ପାଣି ନେଇ ଚାଲିଯାଉଥାନ୍ତି ।

Digitized by srujanika@gmail.com

ବୋଧହୁଏ ସେ ଠିକ୍ ଭାବୁଥାଏ—ଧାଡ଼ିରେ ଠିଆ ନହେଲେ ବି ପାଣି ମିଳିବ । ଡ୍ରାଇଭର୍ ସାହେବ ନିଶ୍ଚୟ ତାକୁ ପାଣି ଦେଇସାରିଲା ପରେ ଗାଡ଼ି ଛାଡ଼ିବ । ତା ଆଗରୁ ନୁହେଁ ।

ଏତିକିବେଳେ ଗୁଡ଼୍ସ ଟ୍ରେନ୍‌ଟିଏ ପଶିଆସୁଥାଏ ଷ୍ଟେସନ୍ ଭିତରକୁ । ହର୍ଣ୍ଣ ଦେଇ ଦେଇ ଆସୁଥାଏ ।

ଜେମ୍ସ ଚାହିଁଲା ସିଗ୍‌ନେଲ୍‌କୁ । ଗୁଡ଼୍ସଟି ଅଟକିବନି । ଥ୍ରୁ ଅଛି । ଚାଲିଯିବ ବିକଟାଳ ଶବ୍ଦ କରି ।

ଷ୍ଟପ୍ ଉପରେ ଥାଇ ସ୍ୱରରେ ପାଟି କଲା, "ଏ ଝିଅ ! ଟ୍ରେନ୍ ଆସୁଛି—ହଟିଯା ।" ଅନ୍ୟ ଉବାର ଯାତ୍ରୀ ଓ ରେଲ୍‌ବାଇ କର୍ମଚାରୀ କେଇ ଜଣ ବି ପାଟି କରୁଥାନ୍ତି । ଝିଅଟି କିନ୍ତୁ କିଛି ବୁଝି ପାରୁନଥାଏ । କେଉଁଆଡ଼େ ତା'ର ଲକ୍ଷ୍ୟ ନଥାଏ । କେବଳ ଚାହିଁ ରହିଥାଏ ପାଣି ଟେପ୍‌କୁ । ଆଉ ସେଇ ଦୃଷ୍ଟି ଭିତରେ ଦେଖିପାରୁଥାଏ ଜେମ୍ସର ଚେହେରାକୁ ।

ଚାହୁଁ ଚାହୁଁ 'ଥ୍ରୁ' ଗୁଡ଼୍ସ ଟ୍ରେନ୍‌ଟି ଏକ୍‌ବାରେ ପାଖେଇ ଆସିଲା । ବେଶ୍ ବେଗରେ ଥାଏ । ଲିଭି ଆସିଲା ଜେମ୍ସର ଦୃଷ୍ଟି । ଷ୍ଟପ୍ ଖୁବ୍ ପାଟିକରି ଡେଇଁ ପଡ଼ିଲା ଇଞ୍ଜିନ୍ ଉପରୁ । ଜେମ୍ସ ଗୋଟିଏ କୁଦାମାରି ଟାଣି ଆଣିଲା ଝିଅଟିକୁ । ଖୁବ୍ ଜୋର୍ କରି ଭିଡ଼ି ନେଇଥିଲା । ତାହାଙ୍କ ଶରୀର ଏକ୍‌ବାରେ ମିଶି ଯାଇଥିଲା । ତାହାଙ୍କ ହୃତ୍‌ପିଣ୍ଡର ସ୍ପନ୍ଦନ ବି ଖୁବ୍ ବଢ଼ିଯାଇଥିଲା ।

ଗୁଡ଼୍ସ ଟ୍ରେନ୍‌ଟି ଧଡ଼୍ ଧଡ଼୍ ହୋଇ ଅତି ଆରାମରେ ଚାଲି-ଯାଉଥିଲା । ଦୁର୍ଘଟଣାଟି କଟି ଯାଇଥିଲା ଜେମ୍ସ ଯୋଗୁଁ ।

କିଛି ସମୟପରେ ଝିଅଟି ଖସାଇ ଆଣିଲା ନିଜକୁ ଜେମ୍ସ ହାତରୁ । ଉପସ୍ଥିତ ଗ୍ରାମବାସୀ ଠାରୁ ଆରମ୍ଭ କରି ଯାତ୍ରୀଗଣ ଖୁବ୍ ପ୍ରଶଂସା କରିଥିଲେ ଜେମ୍ସକୁ । ତାହାଙ୍କ ମିଳନକୁ ସେଦିନ ସମାଜ ମୋଟେ ଘୃଣା କିବା ନିନ୍ଦା କରିନଥିଲା । ମାଟିଆଟା ଛାଡ଼ିଦେଇ ଝିଅଟି

Digitized by srujanika@gmail.com

ଏକା ନିଃଶ୍ୱାସରେ ଦୌଡ଼ି ଯାଉଥିଲା ଘରକୁ । କଣ ଘଟିଗଲା—କଣ ଘଟିଥାନ୍ତା, କିନ୍ତୁ ବୁଝିବା ଅବସ୍ଥାରେ ସେ ନଥିଲା । ଯୁବତୀ ଝିଅର ମଧୁମ ଶରୀରରେ ପୁରୁଷ ଶରୀରର ଅଗ୍ନି ସଂଯୋଗ ଘଟିଥିଲା ସେଦିନ ।

ପାଖରେ ଅନ୍ୟ ଲୋକଙ୍କୁ ଜେମ୍ସ ଅନୁରୋଧ କରିଥିଲା, "ଝିଅଟିକୁ କହିବ, ଡ୍ରାଇଭର୍ କହିଛନ୍ତି ଆଜି ଏଣିକି ଏଠିକି ଆସିବେନି । ତାର ବାଡ଼ି ନିକଟରେ ଠିଆ ହେବ । ମାଠିଆଟା ତୁମମାନଙ୍କ ହାତରେ ପଠାଇ ଦେଉଥିବ ।"

ସେଇଆ ହେଲା । ତା' ପରଥର ଝିଅଟି ଷ୍ଟେପ୍ ପାଖକୁ ନଆସି ଦୂରରେ ଠିଆ ହେଲା ମାଠିଆଟା ଧରି । ଷ୍ଟୁପର ପରାମର୍ଶରେ ଜେମ୍ସ ତା ହାତରୁ ମାଠିଆଟା ଆଣି ପାଣି ଭରିଲା । ପୁଣି ମାଠିଆଟା ଧରି ଗଲା ତା ପାଖକୁ । ତଳେ ଥୋଇ ଖୁବ୍ ପ୍ରଶାନ୍ତ ଚାହାଣୀରେ ପେଟ ପୂରାଇ ତାକୁ ଦେଖିଲା । ଝିଅଟି ଏକ୍ବାରେ ଲାଜେଇଯାଇ ଚାଲିଗଲା ପାଣି ମାଠିଆଟା ଧରି । ଗଲାବେଳେ ପଛକୁ ଫେରି କେତେ ଥର ଚାହିଁଥିଲା । ତାର ସେଇ ମୃଦୁକ ହସ ଓ ଅମାୟିକତା ଦେଖି ଜେମ୍ସ ଆତ୍ମବିଭୋର ହେଇପଡ଼ିଲା । ଗୁଣୁ ଗୁଣୁ ହେଇ କହିଥିଲା, "ତୁ ଖୁବ୍ ସୁନ୍ଦର !"

ତା ପରଦିନ ସେମିତି ପାଣି ମାଠିଆଟା ତା ଆଗରେ ରଖି କହିଥିଲା, "ଇସ୍ ! ତୁ କେତେ......ସୁନ୍ଦର ! ତୋ ନାଁ କଣ ?"

ଝିଅଟି କିଛି ନ କହି ଜେମ୍ସ ପ୍ରତି ସ୍ପଷ୍ଟ ଦୃଷ୍ଟି ନିକ୍ଷେପ କରିଥିଲା ପ୍ରଥମଥର ପାଇଁ । ହସଟିଏ ମେଲାଦେଇ ଟିକିଏ ପଛକରି ଝିଅଟି ଚାହୁଁଥାଏ ଆକାଶକୁ । ବିଶାଳକାୟ ଗାଢ଼ କଳା ମେଘ ଖଣ୍ଡିଏ ମାଡ଼ି ଆସୁଥିଲା ନୀଳ ଆକାଶରେ । ସେଇ କଳା ମେଘର ଛାଇ ତଳେ ଝିଅଟି ଦେଖା ଯାଉଥିଲା ଅତିବ ସୁନ୍ଦର—କମନୀୟ । ପବନ ବି ଖୁବ୍ ଜୋର୍‌ରେ ବହୁଥିଲା । ବାରବାର କରି ଝିଅଟି ଲୁଗା ଟିକୁ ଗୁଡ଼ାଇ ନେଉଥାଏ ଶରୀର ଚତୁର୍ଦ୍ଦିଗରେ । ଜାକି ନେଉଥାଏ ଛାତି ପାଖରେ । କାନିଟାକୁ ଧରିଥାଏ ପାଟିରେ । ତା'ର ଗଣ୍ଡଦେଶରୁ ସ୍ପଷ୍ଟ ଜାଣି

Digitized by srujanika@gmail.com

ହେଉଥାଏ –ଜେମ୍‌ସର ଉପସ୍ଥିତିରେ ତା ଯୌବନ ଚହଲି ଯାଉଛି । ଅସମ୍ଭାଳ ପରିସ୍ଥିତି ।

ହୁଇସିଲ୍ ଶୁଣି ଫେରିଆସିଲା ଜେମ୍‌ସ । ଇଞ୍ଜିନ୍ ଉପରକୁ ଉଠି ଠିଆ ହେଉଥାଏ । ଦେଖୁଥାଏ ସେମିତି ଏକଲୟରେ ଝିଅଟିକୁ ।

ଗାଡ଼ି ସବୁଦିନ ଭଳି ଗଡ଼ି ଯାଉଥିଲା ଆଗକୁ । ବହୁ ପଛରେ ରହିଯାଉଥିଲା ଝିଅଟି ।

ତା ପରଦିନ ଅତି ପ୍ରବଳ ବେଗରେ ଘୋଟି ଆସିଲା ତୋଫାନ । ଅତି ପ୍ରବଳ ଝଡ଼ ଓ ବର୍ଷା ଲାଗି ରହିଲା ଦୁଇ ଦିନକାଳ । ଗାଡ଼ି ଚଳାଚଳ ଏକ୍‌ବାରେ ବନ୍ଦ କରି ଦିଆଯାଇଥିଲା ଏକ ସପ୍ତାହ ଯାଏଁ । ପ୍ରବଳ ତୋଫାନ ଓ ବର୍ଷାରେ ବହୁ ଜାଗାରେ ରେଳରାସ୍ତା ଭୁଶୁଡ଼ିଯାଇଥିଲା ।

ଲାଇନ୍ କ୍ଲିଅର୍ ହେବା ପରେ ଗାଡ଼ି ଚଳାଚଳ ଆରମ୍ଭ ହେଲା । ଝିଅଟିକୁ ଦେଖିବା ପାଇଁ ଜେମ୍‌ସର ବ୍ୟାକୁଳତା ଖୁବ୍ ବଢ଼ିଯାଇଥିଲା ।

କିନ୍ତୁ ଟାଙ୍କରେ ଏଥର ପାଣିଡ଼ବା ଖଞ୍ଜା ଯାଇନଥିଲା । କୌଣସି ଷ୍ଟେସନ୍‌ରେ ପାଣି ପାଇଁ ଗୋଟିଏ ଲୋକ ବି ଆସିନଥାନ୍ତି । ନଈ, ନାଳ, ପୋଖରୀ, ଗାଡ଼ିଆ ସବୁ ପାଣିରେ ଭରପୂର । ଜମି ଉପରେ ଆଣ୍ଠୁଏ ପାଣିରେ ଚାଷୀ ଠିଆ ହେଉଥାଏ ହଳ ଲଙ୍ଗଳ ଧରି । ସମସ୍ତଙ୍କ ମନ ଖୁବ୍ ଆନନ୍ଦ । ଭଗବାନ ତଥା ଇନ୍ଦ୍ର ଦେବତାଙ୍କୁ ନାହିଁନଥିବା ପ୍ରଶଂସା ।

କିନ୍ତୁ ଜେମ୍‌ସ ବିମର୍ଷ । ତା' ଜୀବନର ଅତ୍ୟନ୍ତ ମୂଲ୍ୟବାନ୍ ଓ ଆକର୍ଷଣୀୟ ଜିନିଷଟି ଯେପରି ବର୍ଷା ତୋଫାନରେ ହଜିଯାଇଥାଏ । ଝିଅଟିକୁ ଦେଖିବା ଆଶା ହରାଇ ଅତ୍ୟନ୍ତ ଭାଙ୍ଗି ପଡ଼ୁଥାଏ । ଷ୍ଟପ୍ କେତେ ବୁଝାଇଲେ ବି ବୁଝୁନଥାଏ । ଖାଲି ଆକାଶକୁ ଚାହିଁ ବସୁଥାଏ, ଏଇ ଅନନ୍ତ ଆକାଶର ମେଘ ଲୋକଙ୍କର ଯେତେ ମଙ୍ଗଳ କରୁନା କାହିଁକି ଜେମ୍‌ସର ଅତ୍ୟଧିକ ଅମଙ୍ଗଳ କରିଛି ।

Digitized by srujanika@gmail.com

ପଡ଼ୁଥିଲା ସେଇ ଷ୍ଟେସନ୍ । ନାହିଁନଥିବା ଆଶା ଓ ଉତ୍କଣ୍ଠା ନେଇ ଜେମ୍ସ ଚାହିଁଗଲା ଚତୁର୍ଦ୍ଦିଗକୁ । ଷ୍ଟପ୍ ମଧ୍ୟ ଜେମ୍ସଙ୍କୁ ସାହାଯ୍ୟ କରିବା ପାଇଁ ସବୁଆଡ଼େ ଚନ୍ନ ଚନ୍ନ କରି ଚାହିଁଥିଲା । ଗୋଟିଏ ବୋଲି ଲୋକ ପାଣିପାଇଁ ଆସିନଥାନ୍ତି ।

ଇଞ୍ଜିନ୍ ଉପରକୁ ଅତି ବିମର୍ଷ ବଦନରେ ଜେମ୍ସ ଉଠିଆସିଲା ।

ହଠାତ୍ ହସଟିଏ ମେଲି ଆର୍କମେଡ଼ିସ୍ଙ୍କ 'ୟୁରେକା' ଶବ୍ଦକୁ ଉଚ୍ଚାରଣ କଲା । ଝିଅଟି ଦୂରର ସିଗ୍ନାଲ ଖୁଣ୍ଟ ନିକଟରେ ଠିଆ ହୋଇଥାଏ । ଅତ୍ୟନ୍ତ ନିର୍ଜନ ଜାଗାଟା । ଟୁପୁରୁ ଟୁପୁରୁ ବର୍ଷା ବି ହେଉଥାଏ ।

ଷ୍ଟପ୍ ହାସ୍ୟଟିକୁ ବଢ଼ାଇବାକୁ ଯାଇ କହିଲା, "ଠିକ୍ ହୁଇଁଛି ।"

—"କଣ ?"

—"ଭଲ ପାଇବାର ଲକ୍ଷଣ ।"

ଜେମ୍ସର ସ୍ମିତ କୁଣ୍ଢେମୋଟ ହୋଇ ଉଠିଲା । ଅତ୍ୟନ୍ତ ହର୍ଷୋତ୍ଫୁଲ୍ଲ ବଦନରେ ଫ୍ଲାସ୍କରୁ ଢ଼ାଳିଗଲା ବିଅର୍ । ଗ୍ଲାସ ପରେ ଗ୍ଲାସ ପିଇଗଲା ।

ତେଣେ ଷ୍ଟପ୍ ବାରଣ କଲା ଝିଅଟିର ନିକଟକୁ ଯିବା ପାଇଁ । ସ୍ପଷ୍ଟ କହିଥିଲା, "ଝିଅଟି ଆମ ଭଳି ଖ୍ରୀଷ୍ଟିଆନ୍ ନୁହଁ । ହିନ୍ଦୁ । ସମାଜ ଓ ସଭ୍ୟଚାର ସଙ୍ଘର୍ଷ ଘଟିବା ଆଶଙ୍କା ରହିଛି । ଆମର ଭଲ ପାଇବା ଭାଷାଟିକୁ ହିନ୍ଦୁ ସମାଜର ଭାଷାରେ ଅନୁବାଦ କରିବା ଏତେଟା ସହଜ ନୁହଁ । ବିରାଟ ଆନ୍ଦୋଳନ ମାଧ୍ୟମରେ ପରିବର୍ତ୍ତନ ଘଟେ ।"

ଜେମ୍ସ, ଷ୍ଟପ୍ର ସବୁ ଦର୍ଶନ ଓ ଉପଦେଶ ବୁଝି ଥିଲେ ମଧ୍ୟ ନ ବୁଝିଲା ଭଳି ରହିଲା । ବିଅର୍ର ଅଳ୍ପ ନିଶା ତା ଶରୀରରେ ସଞ୍ଚାରୁ ଥିଲା ଉଷ୍ମତା । ଗାର୍ଡ଼ ହୁଇସିଲ୍ ଦେବା ମାତ୍ରେ ନିଜେ ଜେମ୍ସ ଗାଡ଼ିର ଷ୍ଟାର୍ଟ ଦେଇଥିଲା । ସେଇ ସିଗ୍ନାଲ୍ ଖୁଣ୍ଟପାଏଁ ଅତି ଆସ୍ତେ ଆସ୍ତେ

Digitized by srujanika@gmail.com

ଗାଡ଼ି ଚଳାଉଥିଲା । ଠିକଏ ତେଜରରେ ଧରୁଇଥିଲା ଗାଡ଼ିର ବେଗ । ସାମନାସାମନା ବେଳେ ତାକୁ ଚାହିଁ ହସିଥିଲା । ଆଖି ଅନ୍ତରାଳରେ ଝିଅଟି ରହିଯିବା ମାତ୍ରେ ଗାଡ଼ିର ବାଷ୍ଟିକୁ ଖୁବ୍ ଶବ୍ଦ କରି ଘୁଡ଼ାଉଥିଲା । ଆଉ ବଢ଼ାଇ ଦେଇଥିଲା ଆକ୍‌ସିଲେଟରଟିକୁ ଷ୍ଟପ୍ ହାତରେ । ଆହୁରି ବିଅର୍ ପିଇଥିଲା ।

ରାତିରେ ଛଅଟି ପରେ ହୁଇସ୍କି ପିଇ ଏକ୍‌ବାରେ ମାତାଲ ହୋଇ ଉଠିଥିଲା ।

ତା ପରଦିନ ଷ୍ଟପ୍ ସୁପରାମର୍ଶ ଦେଇଥିଲା । କହିଥିଲା, "ସେ ଝିଅଟାକୁ ଏମିତି ଝୁରିବା—ତା ପାଇଁ ଏମିତି ମାତାଲ୍ ଓ ପାଗଳ ହେବା ଉଚିତ୍ ନୁହେଁ । ପଅର ଦିନକୁ ଛୁଟି ନେଇ ଆସ । ଏଇଠି ଓହ୍ଲାଇ ଝିଅର ପିଛା କର । ତା ଘରକୁ ଯାଇ ତା ବାପା ମା'ଙ୍କ ପ୍ରିୟଭାଜନ ହୁଅ । ଗାଁ ମୁଖିଆ ସହ ବନ୍ଧୁତା କର । ତେଣିକି ଆପେ ଆପେ ସବୁ ଠିକ୍ ହେବ । ଆମେ ଖ୍ରୀଷ୍ଟିଆନ୍—ସେମାନେ ହିନ୍ଦୁ । ତେଣୁ ବାହାଘରଟା ଏତେଟା ସହଜ ନୁହେଁ ।"

ଜେମ୍‌ସ ମନକୁ ଷ୍ଟପ୍‌ର ପରାମର୍ଶଟା ମାନିଥିଲା । କଥାଟାକୁ ଗ୍ରହଣ କରି ବହୁ ଉଡ଼ନ୍ତା ଚୁମ୍ବନ ଦେଇ ଯାଇଥିଲା ସେହି ଝିଅ ପାଖକୁ ।

ଛୁଟି ନେଇ ଜେମ୍‌ସ ଆସିଲା ତା ପର ଓଳଟି ଦିନ । ଷ୍ଟପ୍ ଗାଡ଼ି ଚଳାଉଥାଏ । ଜେମ୍‌ସ ବସିଥାଏ 'ହିପୁ' ଉପରେ । ଟାଣୁଥାଏ ସିଗାରେଟ୍ ପରେ ସିଗାରେଟ୍ । ଥରକରେ ପୁରା ବିଅର୍ ବୋତଲଟିଏ ନିଃଶେଷ କରୁଥାଏ । ଭାବୁଥାଏ କେତେ କଣ ! ଉତ୍କଣ୍ଠା ଓ ଉତ୍ସାହ ବେଳକୁ ବେଳ ବଢ଼ି ଚାଲିଥାଏ । ନିଜ ଚେହେରା ଓ ପୋଷାକକୁ ବାରମ୍ବାର ମ ପୁଥାଏ । ସାହସ ବାନ୍ଧୁଥାଏ, ଝିଅଟିକୁ ପାଖରେ ଦେଖିଲେ କହିବ, "ତୋତେ ମୁଁ ଖୁବ୍ ଭଲ ପାଏ । ବିବାହ କରିବାକୁ ଚାହେଁ । ଚାଲ୍ ତୋ ଘରକୁ ଯିବା ।"

Digitized by srujanika@gmail.com

ଯେଉଁ ଷ୍ଟେସନ୍‌ରେ ଗାଡ଼ି ବେଶି ସମୟ ଅଟକିବାକୁ ଥାଏ, ଷ୍ଟପ୍ ଆସି ଜେମ୍ସ ସହ ଦେଖା କରୁଥାଏ । ଶୁଭ ମନାସୁଥାଏ । କୃତକାର୍ଯ୍ୟ କାମନା କରୁଥାଏ ।

କିନ୍ତୁ·········!!!

ଆଖିପିଛୁଳାକେ ସବୁ ଧୂଳିସାତ୍ ହେଲା !...

ଜ୍ଞାନ ଫେରିପାଇ ଜେମ୍ସ ଦେଖେ ତ, ମୁହଁସାରା ବ୍ୟାଣ୍ଡେଜ୍ । ହାତ, ଗୋଡ଼ ଚକ୍ଚୁନ । ଖୁବ୍ ପୀଡ଼ା । ସତେ ଯେମିତି ଗୋଟାଏ ବିରାଟ ପର୍ବତର ଓଜନ ନେଇ ମଡ଼ାଇ ପଡ଼ୁଛି ଆକାଶଟା । ପାଟିରେ ଆଉ ନାକରେ ପଶିଛି ରକ୍ତର ନଳୀ । ସାମନାରେ ଠିଆ ହୋଇଛନ୍ତି ଷ୍ଟପ୍ ଆଉ ତା ମା ଓ ଭଉଣୀ । (ଜେମ୍ସର ସଂସାରେ କେହି ନଥାନ୍ତି । ସେ ଏକଲା) ।

ଆସ୍ତେ ଆସ୍ତେ ଜେମ୍ସର ଦୁର୍ଘଟଣା ପୂର୍ବ କଥା ମନେ ପଡ଼ିଲା । ବାକିତକ ବୁଝିନେଲା ଷ୍ଟପ୍‌ଠାରୁ । ବିରାଟ ମର୍ମନ୍ତୁଦ ଦୁର୍ଘଟଣା । ଗାଡ଼ିର ଶେଷ ଚାରିଡବା ଖସି ଯାଇଥିଲା ରେଳଧାରଣାରୁ । ଷ୍ଟପ୍‌ର କିଛି ହୋଇନ । ବହୁ ଲୋକ ମୃତ୍ୟୁବରଣ କରିଛନ୍ତି । ମାତ୍ର କେଇ ଜଣ ଜେମ୍ସ ଭଳି ମୁମୂର୍ଷୁ ଅବସ୍ଥାରେ ବଞ୍ଚି ଯାଇଛନ୍ତି ।

ପରୀକ୍ଷା କରି ଦେଖାଗଲା, ଜେମ୍ସର ଗୋଡ଼ରେ ଅତିଶୟ ଆଘାତ ଲାଗି ବହୁ ଜାଗାରେ ହାଡ଼ ଭାଙ୍ଗିଛି । ନାକର ହାଡ଼ ଭାଙ୍ଗି ବଙ୍କେଇ ଯାଇଛି । ଦନ୍‌ଦନା ହୋଇଛି ଓଠଟି । ମୁହଁର ଗଣ୍ଡଦେଶରେ ବହୁ ଆଘାତ । ଦାନ୍ତ ଭାଙ୍ଗିଯାଇଛି । ହାତରେ ସାମାନ୍ୟ ଖଣ୍ଡିଆ ଖାବରା । ଭାଗ୍ୟ କହିବୁ ଭଲ, ମୁଣ୍ଡ କିବା ଛାତିରେ ବିଶେଷ ଆଘାତ ହୋଇନ । ବଞ୍ଚିବାର ଆଶା ଅଛି ।

କିଛି ଦିନ ପରେ ଡାକ୍ତରଖାନାରେ ତାକୁ ଜଣାଇ ଦିଆଗଲା— ତା' ଗୋଡ଼ ଆଉ ଚାଲିବନି । କାଖରେ ବାଡ଼ି ଜାକି ଚାଲିବାକୁ ହେବ । କହିବାକୁ ଗଲେ ସେ ସମ୍ପୂର୍ଣ୍ଣଭାବେ ଛୋଟା ।

Digitized by srujanika@gmail.com

ଅନ୍ତଶପୁ ଭାଙ୍ଗିପଡ଼ିଲ ଜେମ୍ସ । ଖୁବ୍ କାନ୍ଦିଲ ।

ଏଣେ ଅହରହ ସେଇ ଝିଅଟିର ଦୃଶ୍ୟ ଆଖି ଆଗରେ ନାଚି ଉଠୁଥାଏ ।

ଦିନ ଛଡ଼ା ଷ୍ଟୁପ୍ ଡିଉଟିରୁ ଫେରି ଆସି ଜେମ୍ସକୁ ଦେଖି ଯାଉଥାଏ । ସାନ୍ତ୍ୱନା ଦିଏ । ନିଦରିଲା ଦେଖି କୁହେ ଝିଅଟି ଠିକ୍ ସେମିତି ଗାଡ଼ିବେଳରେ ଆସି ସିଗ୍ନାଲ୍ ଖୁଣ୍ଟ ପାଖରେ ଠିଆ ହେଉଛି । ଚାହିଁ ରହୁଛି ଇଞ୍ଜିନ୍ ଡବାଆଡେ ।

ଜେମ୍ସ ଆଖିରୁ ବହିଆସେ ଅବଶ୍ରାନ୍ତ ଧାର । ଷ୍ଟୁପ୍ ଠାରୁ ପ୍ରଥମଥର ଏତକ ଶୁଣି ଝିଅଟି ପ୍ରତି ଦରଦୀ ହୋଇ ଉଠିବା ବାହାରେ ସେତକ ମନେ ପକାଇ କାନ୍ଦେ ପ୍ରତି ମୁହୂର୍ତ୍ତରେ । କାନ୍ଦି କାନ୍ଦି ବଳିଯାଏ । ଷ୍ଟୁପ୍ର ମା', ଭଉଣୀ ଆଉ କେତେବେଳେ ଡାକ୍ତରଖାନାର ରୋଗୀ, ନର୍ସ ତାକୁ ଦିଅନ୍ତି ସାନ୍ତ୍ୱନା । କିନ୍ତୁ କେହି ବୁଝନ୍ତିନି ତା ଲୁହ କାହା ପାଇଁ । ସେଇ ଲୁହ ବହି ବହି କେଉଁଠିକି ଯାଏ ।

ଷ୍ଟୁପ୍ର ମା' ଓ ଭଉଣୀଙ୍କ ଆନ୍ତରିକ ସେବା ଶୁଶ୍ରୂଷା ଓ ଡାକ୍ତରଙ୍କ ଉପଯୁକ୍ତ ଚିକିତ୍ସାରେ ଜେମ୍ସ ଭଲ ହୋଇ ଉଠିଲ । ଶରୀର ପୀଡ଼ା ଓ କ୍ଷତ ଜାଗାସବୁ ଶୁଖି ଆସିଲା । କିଛି ଦିନପରେ ଡାକ୍ତର-ଖାନାରୁ ଡିସ୍ଚାର୍ଜ୍ ହେଲା ।

ସମ୍ପୂର୍ଣ୍ଣ ଗ୍ରେଷ୍ଟା । ଚେହେରା ବି ବିକୃତ । ଏତେ ଅପରୂପ ହୋଇଥାଏ ଯେ ତାର ଆତ୍ମୀୟ ଲୋକେ ବି ଚିହ୍ନିବା କଷ୍ଟ ।

କାଖରେ ବାଡ଼ି ଧରି ଚାଲିବା ଅଭ୍ୟାସ କରିବା ପାଇଁ ଷ୍ଟୁପ୍ ଘରେ ପ୍ରଥମେ ଯାଇ ରହିଲା ଜେମ୍ସ । ଷ୍ଟୁପ୍ର ଭଉଣୀ ଜେମ୍ସର ସମୁଦାୟ ଖବର ନେଇଥାଏ । ଗପ, ସେବା ଓ ସାହାଯ୍ୟ କରେ । ଚେଷ୍ଟା କରେ ଜେମ୍ସ ଠାରୁ ଦୁଃଖ ଦୂରେଇ ହସାଇବା ପାଇଁ ।

Digitized by srujanika@gmail.com

ସରକାରଙ୍କ ତରଫରୁ ଜେମ୍ସ ପ୍ରତି ନ୍ୟାୟୋଚିତ ଦୟା ପ୍ରଦର୍ଶନ କରାଗଲା । ଅଳ୍ପ ପରିଶ୍ରମର ଅଫିସ କାମ ଦିଆଗଲା ତାଙ୍କୁ । ତେବେ ଜେମ୍ସର ସର୍ବଶେଷ ନିଷ୍ପତ୍ତି ହେଲା ଷ୍ଟପ୍ ଘରେ ପରିବାରର ଜଣେ ବ୍ୟକ୍ତି ହୋଇ ରହିବ ଓ ବାକିତକ ଜୀବନଟା କଟାଇବ ସେଠି ।

କିନ୍ତୁ ପ୍ରତିଥର ଷ୍ଟପ୍‌ଠାରୁ ଝିଅଟି ସେପରି ସିଗ୍ନାଲ ଖୁଣ୍ଟ ପାଖରେ ଠିଆ ହେବା ଶୁଣି ଅନ୍ତର ଭିତରେ କାତର ହେବାକୁ ଲାଗିଲେ ଜେମ୍ସ । ଶେଷରେ ନିଜେ ଥରେ ସେଇ ଝିଅକୁ ଦେଖିବା ପାଇଁ ଷ୍ଟପ୍‌କୁ ଅନୁରୋଧ କରି ଧରିଲା ଟ୍ରେନ୍ ।

ସେମିତି 'ଭିୟୁ' ଡବାରେ ବସିଥାଏ । ଭାବୁଥାଏ କେତେ କଣ । ମାପୁଥାଏ ବିଗତ । ହିସାବ କରୁଥାଏ ବର୍ତ୍ତମାନ । କିନ୍ତୁ କଳ୍ପନା କରି ପାରେନା ଭବିଷ୍ୟତ । ଆଖିରୁ ଲୁହ ଗଡ଼ାଇ ଚୁପ ରହେ ।

ଆନ୍‌ମିଡ଼ାଣ୍ଟ୍ ଜାଗାଟା ପହଞ୍ଚିବା ମାତ୍ରେ ଖୁବ୍ ଚଇଁକି ଉଠିଲେ ଜେମ୍ସ । ଯାଚି କାଢି ଆଉଜିଗଲା ଗାଡ଼ିର ଝରକା ଉପରେ ।

ତା ପରେ ପହଞ୍ଚିଲା ତା ଜୀବନର ସେଇ ଐତିହାସିକ ଷ୍ଟେସନ୍ । ଝରକାର ମୁହଁ ବାହାର କରି ଜେମ୍ସ ଚାହିଁଲା ସେଇ ସିଗ୍ନାଲ ଖୁଣ୍ଟ ଆଡ଼େ । ସତକୁ ସତ ଝିଅଟି ସେମିତି ଠିଆ ହୋଇଥାଏ । ଜେମ୍ସର ଆଖିରୁ ଖସିଆସିଲା ଲୁହ ।

ଗାର୍ଡ଼ର ହୁଇସିଲ୍ ଶୁଣି ଗାଡ଼ିଟି ଆସ୍ତେ ଆସ୍ତେ ଗଡ଼ିବା ମାତ୍ରେ ଜେମ୍ସ ଅପଲକ ନୟନରେ ଚାହିଁ ରହିଲା ଝିଅଟିକୁ ।

କିନ୍ତୁ ଦେଖିଲା ଝିଅଟି ଠିକ୍ ଆଗପରି ଚାହିଁ ରହିଛି ଇଞ୍ଜିନ୍ ଡବାକୁ । ଜେମ୍ସର ସାମନା ସାମନି ହେଲାବେଳେ ଦେଖିଲା, ଝିଅଟିର ରୂପଯୌବନ ଠିକ୍ ସେମିତି ରହିଛି । ଦେଖାଯାଉଛି ଅତ୍ୟନ୍ତ ସୁନ୍ଦରୀ । ଜେମ୍ସ ଯେପରି ଭାବୁଥାଏ ଚଳନ୍ତା ଗାଡ଼ିରୁ କୁଦାଟିଏ ମାରି ଝିଅଟିକୁ ଭିଡ଼ିନେବ । ନିଷ୍ଟିହ୍ନ ହେବ ଦୁହିଙ୍କ ବିରହ ବେଦନା ।

Digitized by srujanika@gmail.com

ଗାଡ଼ିଟି ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇଗଲାପରେ ବି ଝିଅଟି ସେମିତି ଚାହିଁ ରହିଥାଏ ଗାଡ଼ିର ଇଞ୍ଜିନ୍ ଆଡ଼େ ।

କଥାକୁ ଫେରି ବହୁ ସମୟ ଯାଏଁ ଷ୍ଟାଫ୍ ସହ ପରାମର୍ଶ କଲା ଜେମ୍ସ । 'ହିଁ…ନାହିଁ'ର ବହୁ ମିଶାଣ ଫେଡ଼ାଣ ପରେ ଠିକ୍ ହେଲା, ପୁଣି ଥରେ ଜେମ୍ସ ଯିବ । ସେଇ ଷ୍ଟେସନ୍‌ରୁ ଓହ୍ଲାଇ ଝିଅଟି ପାଖକୁ ଯାଇ ସବୁକଥା ବୁଝାଇବ । ଅସମାପିକା କ୍ରିୟାର ପୂର୍ଣ୍ଣଚ୍ଛେଦ ଦେବାପାଇଁ କହିବ, ତାକୁ ଭୁଲିଯିବା ପାଇଁ । କିନ୍ତୁ ଆର ଜନ୍ମରେ ମିଶିବାର ପ୍ରତିଶ୍ରୁତି ମାଗିବ । ତା'ର ସମ୍ମୁଖରେ ସ୍ୱୀକୃତି କରିବ, ସାରା ଜୀବନ ଅବବାହିତ ରହି ତାକୁ ଭଲ ପାଇଥିବ । ଆଉ କହିବ, ସିଗ୍ନାଲ୍ ଖୁଣ୍ଟ ପାଖକୁ ନ ଆସିବା ପାଇଁ—ତାକୁ ଆଉ ନ ଝୁରିବା ପାଇଁ ।

ଜେମ୍ସ ସେଇଆ କଲା । ପୁଣି ଥରେ ଧରିଲା ଟ୍ରେନ୍ । ଓହ୍ଲାଇଲା ନିର୍ଦ୍ଦିଷ୍ଟ ଷ୍ଟେସନ୍‌ରେ । ହାତ ଦିଟାଇ କାଖରେ ଦେଇ ଠୁକୁ ଠୁକୁ କରି ଆଗେଇଲା ରେଳଧାରଣା କଡ଼େ କଡ଼େ ସେଇ ସିଗ୍ନାଲ୍ ଖୁଣ୍ଟ ଅଭିମୁଖେ । ଝିଅଟି ଏକ ଲୟରେ ଚାହିଁ ରହିଥାଏ ଗାଡ଼ିର ଇଞ୍ଜିନ୍‌କୁ

ସିଗ୍ନାଲ୍ ଖୁଣ୍ଟ ନିକଟରେ ପହଞ୍ଚିଲାବେଳେ ପଛରୁ ଟ୍ରେନ୍‌ଟା ବି ବିକଟାଳ ହେଟାଏ କଲା । ଗସ୍ ଗସ୍ ହୋଇ ମାଡ଼ି ଆସୁଥାଏ ପଛରୁ । ବୁଦା ଉହାଡ଼ରୁ ଟିକିଏ ଆଗକୁ ଆସି ସିଗ୍ନାଲ୍ ଖୁଣ୍ଟକୁ ଧରି ଠିଆ ହେଲା ଝିଅଟି ।

ଜେମ୍ସ ଆସ୍ତେ ଆସ୍ତେ ପହଞ୍ଚିଲା ଝିଅଟି ନିକଟରେ ଅତି ସନ୍ତର୍ପଣରେ । କିନ୍ତୁ ଏକ ଲୟରେ ଚାହିଁ ରହିଲା ମାଡ଼ି ଆସୁଥିବା ଇଞ୍ଜିନ୍ ଆଡ଼େ । ଆଉ କେଉଁ ଆଡ଼କୁ ତାର ଲୟ ନାହିଁ । ଠିକ୍ ପ୍ରେମ ପାଗଳିନୀ ପ୍ରେୟସୀ ଭଳି ।

କିନ୍ତୁ… …

ହଠାତ୍ ଜେମ୍ସ ଭଳି ଗୋଟାଏ ଭୟଙ୍କର ଓ କଦର୍ଯ୍ୟ ରୂପକୁ ପାଖରେ ଦେଖି ଝିଅଟି ଖୁବ୍ ଚିତ୍କାର କରି ଉଠିଲା । ଏକାନ୍ତ ଡ଼ରି

Digitized by srujanika@gmail.com

ଯାଇ ପାଟିକଲା "ଏ···ମା···ଲେ···।" ଖୁବ୍ ଜୋର୍‌ରେ ଦୌଡ଼ିଗଲା ଆସିଥିବା ରାସ୍ତାରେ । ଅନ୍ନମାଠାରୁ ଶୁଣିଥିବା ଗୋଟାଏ ଭୂତ କଥା ବାସ୍ତା ବୋଲି ଭାବିଥିବ ବୋଧହୁଏ ।

ଜେମ୍ସ ପଛରୁ ପାଟି କରି ଡାକିଲା, "ଏ···ଝିଅ ! ଶୁଣ୍ । ମୁଁ ଫେରି ଆସିଛି । ମୋ ରୂପ ଯିବା ବିକୃତ ଓ ଅପରୂପ ହୋଇଛି, ହେଲେ ମୋ ହୃଦୟ—ମୋ ପ୍ରେମ ଠିକ୍ ସେମିତି ରହିଛି । ଚିହ୍ନିବାକୁ ଚେଷ୍ଟା କର୍ । ମୁଁ ସେଇ ଜେମ୍ସ !"

ଝିଅଟି କିନ୍ତୁ କିଛି ଶୁଣିନି । ଏକା ଦୌଡ଼ରେ ଠେକୁଆ ଭଳି ଧାଇଁଛି । କେବଳ ତା ଭୟର ଚିତ୍କାର ଗାଡ଼ିର ଶବ୍ଦକୁ ଅତିକ୍ରମ କରି ଶୁଭୁଛି ।

ଏଣେ ଷ୍ଟୁପ୍ ଦେଖି ପାରୁଥିଲା ଏଇ ଦୃଶ୍ୟ । ଜେମ୍ସ ଠିଆ ହୋଇଛି । ନିଶ୍ଚଳ ତା ଶରୀର—ହତାଶ ତା' ମନ—ଅବାକ୍ ତାର ଚେତନା । ଦୁଇ କାଖର କ୍ରିଚେଇ ଦୁଇଟି ତଳେ ପଡ଼ିଯାଇଛି । ସିଗ୍ନେଲ୍ ଖୁଣ୍ଟକୁ ଆଉଜି ଚାହିଁ ରହିଛି ସେଇ ଝିଅର ଦୌଡ଼କୁ । ଆଖିରେ ତା'ର ମେଞ୍ଚା ମେଞ୍ଚା ଲୁହ । ଭଲ ପାଇବାର କାଚ ଘରଟି କେଉଁଠି ମୁହୂର୍ତ୍ତ ଭିତରେ ଯେପରି ଚୂନ୍ ଚୂନା ହୋଇଯାଉଛି ।

ଗାଡ଼ିଟା ଝକଟାଇ ଶବ୍ଦ କରି ଜେମ୍ସକୁ ଅତିକ୍ରମ କଲାବେଳେ ମନେ ମନେ ଷ୍ଟୁପ୍ କହୁଥିଲା, "ହାୟରେ ଜେମ୍ସ ! ବିଗତ ସ୍ମୃତିକୁ ଜାବୁଡ଼ି ଧରି ତୋ ପ୍ରିୟ ମୋ ରଞ୍ଜଣୀର ଭଲ ପାଇବାକୁ ଏଯାଏଁ ଚିହ୍ନି ପାରିଲୁନି । ହେଲେ ଏଇ ଝିଅଟି ଗୋଟିଏ ଛନ୍ଦହରା କବିତା । ସୁର ମିଶିବାର ବହୁ ଦିନରୁ ଅପେକ୍ଷା କରି କରି ଛନ୍ଦଟିକୁ ଭୁଲିଯାଉଛି । ସେ କେବଳ ଭଲପାଉଛି ଇଞ୍ଜିନ୍‌ର ଆଙ୍ଗ୍ଲୋଇଣ୍ଡିଆନ୍ ଡ୍ରାଇଭର୍‌କୁ । ଜେମ୍ସ ନୁହେଁ – କିମ୍ବା ଷ୍ଟୁପ୍ ନୁହେଁ । ଝୁରୁଛି ଓ ଝୁରୁଥିବ ।"

ଗାଡ଼ିର ପିଙ୍କାଳୀଟିକୁ ତିନିଥର ବଜାଇଥିଲା ଷ୍ଟୁପ୍ । ଗାର୍ଡ଼ କୁଆଡ଼େ ଜେମ୍ସକୁ ସିଗ୍ନେଲ୍ ଖୁଣ୍ଟ ପାଖରେ ଦେଖି ଗାଡ଼ି ଅଟକାଇଥିଲେ ।

Digitized by srujanika@gmail.com

# ପିଚୁରାସ୍ତା

ସେଇ କଳାପିଠି ରାସ୍ତାଟା ।

ସହରକୁ ଦେଶର ସଂଯୋଗ କରିଛି । କିନ୍ତୁ ବୁକୁରେ ଖିନ୍ନ ହୋଇଛି ବହୁମୂର୍ତ୍ତି —ବହୁ ଲକ୍ଷଣ । ଯାନବାହନରୁ ଜଣାଯାଏ ବହୁ ଦୂରରୁ ଆସି ଲମ୍ବି ଯାଇଛି ବହୁ ବାଟକୁ । ତା'ର ଇତିହାସ ପୁସ୍ତକ ବହୁତ ବେଶି । ଆହୁରି ବଢ଼ିବ । ବହୁ ଗାଁ, ବିଲ, ପାହାଡ଼ ଓ ଜଙ୍ଗଲ ଦେଇ ଲମ୍ବି ଯାଇଛି ଶ୍ରମ ଓ ସଭ୍ୟତାର ସମନ୍ୱୟ ରକ୍ଷା କରିବା ପାଇଁ । ଅନବରତ ଚେଷ୍ଟା କରି ଚାଲିଛି ।

ତା' ସହ ମିଶିଛି ଅନେକ ମାଟି ଓ ନାଲିଗୋଡ଼ି ରାସ୍ତା । ସେଗୁଡିକ ଆସିଛି ପଲ୍ଲୀ ଅଞ୍ଚଳରୁ । ଗାଈ ବଳଦ ଖୁରାରୁ ଆରମ୍ଭ କରି ଯନ୍ତ୍ରଚାଳିତ ଗାଡ଼ି ଧୂଳି ଉଡ଼ାଇ ଯାଆନ୍ତି ସେଇ ସବୁ ମାଟି-ଗୋଡ଼ି-ରାସ୍ତାରେ । ସେଇସବୁ ଧୂଳି ଯାଏ ପଲ୍ଲୀ ଅଞ୍ଚଳର ବାଟୋଇ ତଥା ଲୋକଙ୍କ ଫୁସ୍‌ଫୁସ୍‌କୁ । ଡାକ୍ତରଙ୍କ ବ୍ୟବସାୟ ତ ଖୁବ୍ ଉନ୍ନତ ଓ ସମୃଦ୍ଧ ହୁଏ । ରକ୍ଷଣଶୀଳ ଲୋକେ କହନ୍ତି, ପଲ୍ଲୀ ଅଞ୍ଚଳର ଲୋକେ ଅଳ୍ପାୟୁ ହୋଇ ଦେଶର ଖାଦ୍ୟ ସମସ୍ୟାକୁ ସମାଧାନ କରନ୍ତି ।

କିନ୍ତୁ ସେଇ କଳାପିଠି ରାସ୍ତାରେ ଯାଉଥିବା ସହରିଆ ଲୋକଙ୍କ ପୋଷାକ ଉଜ୍ଜ୍ୱଳ ଖୁବ୍ ନିର୍ମଳ । ସ୍ୱାସ୍ଥ୍ୟ ଖୁବ୍ ଉତ୍ତମ । ଆୟୁଷ ଖୁବ୍ ଦୀର୍ଘ ।

ସେଇ ରାସ୍ତା ଦେଇଯାଏ ବସ୍ । ଯାତ୍ରୀବାହୀ ମଟର ଗାଡ଼ି । ସେଇଗୁଡ଼ିକ କୁଆଡ଼େ ସହରିଆ ପୁଞ୍ଜିପତିଙ୍କର । ସେଥିରେ ଯିବେ

Digitized by srujanika@gmail.com

ମଫସଲ ଲୋକେ ନଗଦ ପଇସା ଦେଇ । କାଳର ପ୍ରଶ୍ନ ନାହିଁ । ଠିଆ ହେବା ଛଡ଼ା ବସିବା ପାଇଁ ତାଙ୍କୁ ଜାଗା ନାହିଁ ।

ସେଇ ରାସ୍ତାରେ ଯାଏ କାର୍ । ସେସବୁ ସହରର ଉନ୍ନତ ଓ ସଭ୍ୟ ବ୍ୟବସାୟୀ, ପୁଞ୍ଜିପତି କିମ୍ବା ମୋଟା ଦରମା ପାଉଥିବା ସରକାରୀ ଅଫିସରଙ୍କର, ଯେଉଁମାନେ କୁଆଡ଼େ ଲୋକପ୍ରିୟ ସରକାର ତଥା ମନ୍ତ୍ରୀଙ୍କୁ ଷଢ଼ ଶହ ବର୍ଷ ତଳର ନଥି ନଥି ଫାଇଲ୍‌ରୁ ଆଇନ୍ ଦେଖାଇ ଏଣୁତେଣୁ ବୁଝାଇବାକୁ ଚେଷ୍ଟା କରନ୍ତି । ସମାଜର ଗରିବ ତଥା ଶୋଷିତ ଶ୍ରେଣୀଙ୍କ ଉନ୍ନତିର ପ୍ରତିବନ୍ଧକ ହୁଅନ୍ତି । ସମାଜର ନିମ୍ନ ଶ୍ରେଣୀକୁ ଅବହେଳା କରି ସେମାନଙ୍କ ଝାଳ ଓ ଧନରେ ନିଜେ ଉପଭୋଗ କରନ୍ତି ଯୌବନ, ପ୍ରବୃତ୍ତି ଓ ଧନ ସମ୍ପତ୍ତି । ସୁଦୂର ପୁଞ୍ଜିପତି ଦେଶ ଆମେରିକାରୁ ବାସନ୍ଦ ପ୍ରଥାଟା ସମ୍ପୂର୍ଣ୍ଣଭାବେ ଆଶ୍ରୟ ନେଇଛି ଆମ ଦେଶର ପୁଞ୍ଜିପତି ତଥା ମୋଟା ଦରମା ପାଉଥିବା ଅଫିସର ଗୋଷ୍ଠୀମାନଙ୍କ ନିକଟରେ । ତାଙ୍କ ହାତୁଡ଼ିରେ ସରକାର ତଥା ମନ୍ତ୍ରୀମଣ୍ଡଳର କଲମ ଉଠିବା ମାତ୍ରେ ଡେମଫଣ୍ଡ-ଧର୍ମଘଟ-ବନ୍ଦ୍‌ଜନ୍ମ ଆଦି ଦେଖାଦିଏ । ତାଙ୍କ ସ୍ୱାର୍ଥରେ ବାଧା ଆସିବାମାତ୍ରେ ସାମ୍ବିଧାନିକ ଅଧିକାର ଦାବୀ ଆରମ୍ଭ ହୁଏ ନାନା ଆକାରରେ । ମନ୍ତ୍ରିମଣ୍ଡଳ ବି ଟଳମଳ ହୁଏ ।

ସେଇ ରାସ୍ତାରେ ଯାଏ ମାଲବୋଝେଇ ଟ୍ରକ୍ । ଟ୍ରକ୍ ମାଲିକ ସହରର । ମାଲ୍ ଯାଏ ସହରରୁ ଅନ୍ୟ ସହରକୁ । ତାକୁ କିଣିବେ ମଫସଲର ନଗଣ୍ୟ ନିମ୍ନମଧ୍ୟବିତ୍ତ--କୃଷୀ ଓ ଗରିବ ଶ୍ରମିକ ଗୋଷ୍ଠୀ । କ୍ୱଚିତରେ ଭୁଲ୍ ଅନେକ କିମ୍ବା ବଟକଣ୍ଟ ବା ଦୁର୍ଘଟଣାରେ କ୍ଷତି ଥିଲେ ସଦା ସର୍ବଦା କ୍ଷତି ହେଉଥିବ ସେମାନଙ୍କର । କମ୍ପାନୀ ଦାୟୀ ନୁହନ୍ତି । ଆଜି ସେଇ ଭୁଲ୍ ଓ କ୍ଷତିପୂରଣ ଅବସରର ଦୁର୍ବଳତାକୁ ଧ୍ୟାନ କରୁଥିବ ବ୍ୟବସାୟୀ ତଥା କମ୍ପାନୀର ଲୋକଙ୍କୁ । କଳାଧନ ଉଡ଼ୁଥିବ ଉଠୁଥିବ । ଉଦ୍ଦେଶ୍ୟ ଭାଷାରେ ଲିଖିତ କୂଟ କୂଟ ଆଇନ୍ ବହିର ଧାରାଗୁଡ଼ିକ ନବୁଝି ମଫସଲ ଓ ଅଶିକ୍ଷିତ ଲୋକେ କିଛି ଭୁଲ୍ କଲେ, ସେସବୁକୁ ଆଇନ୍‌ଗତ କ୍ଷତିକୁ ସହରର ଉଚ୍ଚାସନରେ ବସିଥିବା ଧନୀ ବ୍ୟକ୍ତି ତଥା ଶୋଷକଗଣ ନିଜ ସ୍ୱାର୍ଥପୂରଣ ପାଇଁ ବ୍ୟବହାର କରିବେ ।

Digitized by srujanika@gmail.com

ନିଜ ସ୍ୱାର୍ଥରେ ଲଗାଇବେ । କଳାକୋଟ୍ ପିନ୍ଧି ଆଇନ୍ ଜାଣିଥିବାର ବାହାଦୁରୀ ନେଉଥିବା ଓକିଲଗଣଙ୍କ ବ୍ୟବସାୟ ବି ସମୃଦ୍ଧ ହୁଏ । ଆଉ ବିଶୃଙ୍ଖଳତାରେ ଦଣ୍ଡ ପାଇବା ପାଇଁ ସେଇ ଗରିବ, ମଳମୁଣ୍ଡିଆ, ମଫସଲ ଲୋକେ ଯିବେ ସେଇ ପିଚୁରାସ୍ତାରେ । ଦେଶର ପ୍ରଗତି ପାଇଁ ବିଧାନ ସଭାରେ ପାଶ କରାଯାଉଥିବା ଆଇନ୍‌ଗୁଡ଼ିକୁ ସାମ୍ବିଧାନିକ ଅଧିକାରର ଲୁପ୍ ଦେଖାଇ ଖଣ୍ଡନ କରିବାକୁ ଚେଷ୍ଟା କରୁଥିବେ ସେଇ ଧନିକ ବ୍ୟକ୍ତିଗଣ—ଯେଉଁମାନେ ଯନ୍ତ୍ରଚାଳିତ ଯାନରେ ବସିଯାଆନ୍ତି ସେଇ ପିଚୁରାସ୍ତା ଉପରେ ।

ଏଭଳି ବି ହୁଏ ଯେ, କୌଣସି ଟ୍ରକ୍, ବସ୍ ଓ କାର୍‌ର ବ୍ରେକ୍ ଫେଲ୍ ମାରିଲେ କିମ୍ବା ଚାଳକ ମାତାଲ୍ ଥିଲେ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରିବେ ମଫସଲ ବାଟୋଇ କିମ୍ବା ମଫସଲ ଲୋକଙ୍କ ଗୃହପାଳିତ ପଶୁ । ଏଣେ ସେଇ ସବୁ ଯନ୍ତ୍ରଚାଳିତ ଯାନ ମନପୁରିକରି ଯିବା ପାଇଁ ପିଚୁରାସ୍ତା ତିଆରି କରିବେ ସେଇ ମଫସଲର କୁଲି ମଜୁରିଆ ନିଜର ଝାଳବୁହା ପରିଶ୍ରମ ଦେଇ । ଦଣ୍ଡା ଦଣ୍ଡା ଝିଅ ବୋହୂ ଖଟିବେ ଯୌବନର ବାରଣ ନମାନି—ମାଲିକ ଓ ଠିକାଦାରର ଅତ୍ୟାଚାର ସହି । ପ୍ରତିଦିନ ସକାଳୁ କାମକୁ ଯିବେ ଭବିଷ୍ୟତ ସହ ବର୍ତ୍ତମାନର ମିଶାଣ ଫେଡ଼ାଣ କରି । ଆଉ ସନ୍ଧ୍ୟାରେ ଫେରିବେ ଶୂନ୍ୟ ହସ୍ତରେ । କେବେ କେମିତି ଅଚଳନ୍ତି ନୋଟ୍ ଓ ଟଙ୍କା ମଧ୍ୟ ମିଳେ । ମାଗି ମାଗି ହଜାର କଲେ ମିଳିବ ମଜୁରୀ । ସ୍ୱଭାବରେ ଏକ ଦୁଇ ନିଶ୍ଚୟ କମ୍‌ଥିବ । ଠିକାଦାରଙ୍କ ଗୁମାସ୍ତା ବି ସେଥିରୁ କିଛି ଶୋଷିଥିବ ।

ଦେଶର ସହର ଓ ମଫସଲ, ପ୍ରକୃତିର ଧନ–ସ୍ୱତ୍ୱ, ସମାଜର ଶୋଷକ—ଶୋଷିତ, ଧନୀ-ଗରିବ ଏପରି ବହୁ ବିପରୀତ ସ୍ଥିତି ପରିସ୍ଥିତିର ସଂଘର୍ଷର ଅବସାନ ପାଇଁ ଧାଡ଼ି ଧାଡ଼ି ଗଛ ଭିତରେ ଲମ୍ବିଯାଇଛି ପିଚୁରାସ୍ତାଟି । ଯାନବାହନର ଗହଳି ହେଲେ ଉଡ଼୍‌ପୁଲ୍ ହୋଇ ଉଠେ । ନିଦାଘ ଖରା କିମ୍ବା ନିସ୍ତବ୍ଧ ରାତିରେ ପଲ୍ଲୀପଞ୍ଚାଳର ଝିଅ ବୋହୂ ଯାଉଥିବା ଶଗଡ଼ର ଖପ୍ ଖଡ଼୍ ଶବ୍ଦରେ ଆତଙ୍କିତ ହୋଇ ଉଠେ । ଅବଶ୍ୟ ଶୃଙ୍ଖଳା ଥିଲେ ଅଳସଧାଇ ଦେଖାଇଟା ମାତ୍ରେ । ଶୋଷଣ ନାହିଁ ଜାଣିବା ସମ୍ଭବ ନୁହଁ ।

Digitized by srujanika@gmail.com

ତେବେ ସେଇ ପିଚୁରାସ୍ତା, ସଭ୍ୟତା ଓ ସଂଗ୍ରାମର ଏକମାତ୍ର ମୂକସାକ୍ଷୀ । ଆଜି ସେଇଥି ପାଇଁ ସେଇ ରାସ୍ତାକୁ ଶକ୍ତ, ଉନ୍ନତ ଓ ଓସାରିଆ କରାଯାଏ ଦିନକୁ ଦିନ । ପରିବର୍ତ୍ତନବାଦର ଦୁନିଆରେ ମଣିଷର ସମୟକାଳ ଓ ପରିମାର୍ଜନ ପାଇଁ ରାସ୍ତା ବଞ୍ଚିରହିବା ନିହାତି ଆବଶ୍ୟକ । ଇତିହାସ କୁହେ, ଏଇ ରାସ୍ତା ନଥିବା ଯୋଗୁଁ ଦୁର୍ଭିକ୍ଷବେଳେ ବହୁଲୋକ ମୃତ୍ୟୁବରଣ କରିଥିଲେ । ଇଞ୍ଜିନିୟରମାନେ ନିଜ ସ୍ଥିତି ଯୋଡ଼ାଇବା ପାଇଁ ରାସ୍ତାକୁ ସିଧା କରିବାରେ କରଦାତାଙ୍କ ଅର୍ଥ ଶ୍ରାଦ୍ଧ କରିବାରେ ବ୍ୟସ୍ତ ।

ଦେଶର ଅସଂଖ୍ୟ ପିଚୁରାସ୍ତା ଭିତରୁ ଗୋଟିଏ ।

ମୁଗୁନି ପଥର ଭରା ପାହାଡ଼ର ପାଦଦେଶ ଦେଇ ଲମ୍ବିଗଲା ବେଳେ ଗୋଟିଏ ମୋଡ଼ ନେଇଛି । ସେଇ ମୋଡ଼ର ଟିକିଏ ଉପରକୁ ଗୋଟିଏ ଗୋଡ଼ି ତିଆରି କାରଖାନା । ରାସ୍ତା, ପକ୍କା ଘର ଓ ବିଳାସ ଭବନ ନିର୍ମାଣ ପାଇଁ ବଡ଼ ଓ ଛୋଟ ଗୋଡ଼ି ତିଆରି ହୁଏ ସେଠି । ଅସୁର ଭଳି ଗୋଟିଏ ବିରାଟ ଯନ୍ତ୍ର । ଏଡ଼ିକି ଏଡ଼ିକି ମୁଗୁନି ପଥରକୁ ଘର୍ ଘର୍ କରି ଗର୍ଜି ପକାଏ । ଦିନ ରାତି ଚାଲେ । ମଝିରେ ମଝିରେ ତା ମନ ମୁତାବକ ବିଶ୍ରାମ ନିଏ ।

ସେଇ କାରଖାନାର ଟିକିଏ ତଳକୁ ମଫସଲରୁ ଆସି ମିଶିଯାଇଛି ଗୋଟିଏ ସରୁ ରଙ୍ଗମାଟିଆ ରାସ୍ତା । ତିଆରି ହୋଇଛି ଦେଶ ସ୍ୱାଧୀନ ହେବାର ବହୁ ବର୍ଷ ପରେ । ଆଗରୁ ଥିଲା ଦାଣ୍ଡ । ଦୁଇ ପାଖ ଘଞ୍ଚ କଅଁଳଟାରେ ପରିପୂର୍ଣ୍ଣ । ଦେଶର ଉନ୍ନୟନମୂଳକ ଯୋଜନାରେ ପଥର ବିଛାଇ ରାସ୍ତା ତିଆରି କରିବା ପାଇଁ ଟଙ୍କା ମଞ୍ଜୁରି ହେଲା, ଶେଷରେ ବହୁକଷ୍ଟରେ ସରପଞ୍ଚ ଓ ଓଭରସିୟରଙ୍କ ଦୟାରୁ ଉକ୍ତ ଦଣ୍ଡା ଉପରେ ମାଟି ଢେଲ ଠୋକେଇ ଚଢ଼ି ଉଚା ଦେଲା । ରାସ୍ତା କଡ଼ର ଦୁଇ ପାଖ ବିଲରେ ଟଙ୍କାର ଖନନ କରାଗଲା । ଶେଷରେ ଦେଖା ଦେଲା ରାସ୍ତା ଦୁଇ ପାଖରେ ଦୁଇଟି ନାଳ ।

ପୁଣି କିଛି ଦିନ ପରେ ଦେଖାଦେଲା ଅନ୍ୟ ଏକ ସମସ୍ୟା । ଏପାଖ ବିଲର ପାଣି ସେପାଖ ବିଲକୁ ନଯାଇପାରି ବହୁ ଜାଗାରେ ରାସ୍ତା

Digitized by srujanika@gmail.com

ଛିଣ୍ଡି ଗଲା । ସେଣୁ ପୁଣି ଟଙ୍କା ମଞ୍ଜୁର ହେଲା । ରାସ୍ତାର ଦକ୍ଷିଣକୁ ବଂଶୀଧର ସ୍ୱାଇଁଙ୍କ ସୁନାପାଟ ଜମି ଉପରେ ତିଆରି ହେଲା ବଡ଼ଟ ଶୋଠ । ସେଇ ଶୋଠ ଦେଇ ଅଞ୍ଚଳର ସମସ୍ତ ପାଣି ଖାଲାସ ହୁଏ । ଆଜି ମାଟି ରାସ୍ତା ଉପରେ କଞ୍ଚା ରଙ୍ଗ ଗୋଡ଼ି ପଡ଼ିଲା । ଠିକାଦାର କହୁଥିଲେ, ସେଇ ଗୋଡ଼ି ତଳେ ବଡ଼ ବଡ଼ ପଥର ପଡ଼ିଛି । ତେବେ ସତ୍ୟାସତ୍ୟ ବୁଝିବା କାହାର ଆବଶ୍ୟକତା ପଡ଼ିନି । ଯାହାହେଉ ଶଗଡ଼ ଗୁଳା ଗଣ୍ଡିର ହେଇ ରାସ୍ତା ଉପରେ ବ ଦୁଇଟି ସ୍ଲେଟ କରନାଳ ହେଇ ସାରିଲାଣି ।

ତେବେ ବଂଶୀଧର ସ୍ୱାଇଁଙ୍କ ସୁନାପାଟ ଜମି ଶେଷରେ ପରିଣତ ହେଲା ନାଳରେ । ଆସ୍ତେ ଆସ୍ତେ ବେଣା ଘାସ ପୂର୍ଣ୍ଣ ପୁଷ୍କରିଣୀ ହେଲାଣି । ଗୋଟାଏ ଅଧେ କଇଁଫୁଲ ସବୁବେଳେ ଦେଖିବାକୁ ମିଳେ । ଖରାଦିନରେ ଦାଣ୍ଡ୍ରା ଝିଅ ବହୁ ମଛ ମାନ ଧରିବା ଲୋଭରେ ସେଇ ଜମି ଉପରେ ଯୌବନଟାକୁ ଏକ୍‌ବାରେ ଭୁଲି ଯାଆନ୍ତି । ମାଘ ମାସରେ ସେଇ ଜମି ଉପରେ ବେଣା ଘାସତକ ଶିତେଇ ପବନରେ ଅତି ସୁନ୍ଦର ଖେଳେ ।

ସ୍ୱାଧୀନତା ସଂଗ୍ରାମୀ ବଂଶୀଧର ସ୍ୱାଇଁ ବାଡ଼ ଝଣ୍ଡେ ଧରି ଯାଆନ୍ତି ସେଇ ବାଟେ । ଗାନ୍ଧୀଙ୍କ ପଦଯାତ୍ରା ବେଳେ ଯେଉଁ ଖଦଡ଼ ଧୋତି ପଞ୍ଜାବୀ ପିନ୍ଧିଥିଲେ ତାକୁଇ ପିନ୍ଧି ଏବେ ଏବେ ସେଇ ଶୋଠ ଉପରେ ବାଜି ପବନ ଆହରଣ କରନ୍ତି । ମୁଗ୍ଧ ହେଇ ଉଠନ୍ତି ସେଇ ଶ୍ୟାମଳ ବେଣା ଘାସର ଛନ୍ଦ-ଚପଳ ନୃତ୍ୟ ଦେଖି । ଭାବନ୍ତି, ଆହା ! ମହାତ୍ମା ଗାନ୍ଧୀ ସ୍ୱର୍ଗରେ ଥାଇ କି ଖୁସୀ ହେଉନଥିବେ ଦେଶ ପାଇଁ ଏମା ତ୍ୟାଗ ଦେଖି ! ନିଶ୍ଚୟ ଆଶୀର୍ବାଦ କରୁଥିବେ, ଠିକ୍ ଯେମିତି ସ୍ୱାଧୀନତା ସଂଗ୍ରାମବେଳେ ବଂଶୀଧର ବାବୁଙ୍କ ପୂତାକଟା ଦେଖି ପିଠି ଥାପୁଡ଼ୁଥିଲେ—ଆଶୀର୍ବାଦ କରିଥିଲେ ।

ପର ମୁହୂର୍ତ୍ତରେ ମନେ ପଡ଼େ ତାଙ୍କ ଚେଲ ଭୁଶ ସଂସାର କଥା—ତାଙ୍କ ପିଲାଙ୍କ ତଥା ନିଜର ଅଭାବ ଅନାଟନ କଥା । ବାଡ଼ ଠୁକୁ ଠୁକୁ କରି ଆସନ୍ତି ପିଚୁରାସ୍ତା ଉପରକୁ । ସେଠି ତାଙ୍କର ମନେ

Digitized by srujanika@gmail.com

ପଡ଼େ—ସ୍ୱାଧୀନତା ସଂଗ୍ରାମବେଳେ ଶହ ଶହ ଲୋକ ମାଡ଼ଖାଇ ରକ୍ତ ଛନ୍‌ଛନା ହୋଇ ବ୍ରିଟିଶ ସରକାରଙ୍କ ଗାଡ଼ିରେ ସେଇ ରାସ୍ତାରେ ବୁହା ହୋଇ ଯାଉଛନ୍ତି ଜେଲ୍‌କୁ । ନିଜେ ବି ଯାଉଛନ୍ତି । ଗୋରା ଟକଟକ ବସ୍ତୁରପଣ୍ଡ ଲମ୍ବା ଜେଲର୍ ତାଙ୍କ ନାଁ ପଚାରିଲେ କହନ୍ତି—'ଭାରତ' । ଆଉ ବାପାଙ୍କ ନାଁ ପଚାରିଲେ କହନ୍ତି 'ଏମ୍. କେ. ଗାନ୍ଧୀ' । ଆଃ... ସେତିକି ଉଜ୍ଜ୍ୱଳ ବେଳକୁ ଛୁଇଁ କି ଫୁଲି ଉଠେ ଗର୍ବରେ ! ନିଜ ବାପା 'ଗାନ୍ଧୀ' ବୋଲି ଇଂରେଜ ଲୋକଙ୍କୁ କହିଲାବେଳେ ଦେଶ ପ୍ରେମ ଓ ଜାତି ପ୍ରେମରେ ଯେ ଉଲ୍ଲାସ ଓ ଜୁଆର ଦେଖା ଦିଏ ହୃଦୟରେ ! ଠେଙ୍ଗା ମାଡ଼ ଓ ଗୁଳି ମାଡ଼ର ଦରଜ ସଂପୂର୍ଣ୍ଣ ଲିଭି ଯାଏ ସେତିକି ଉଜ୍ଜ୍ୱଳ ବେଳେ ।

ଆଜି ଯେଉଁ ଦିନ ହଜାର ହଜାର ଲୋକଙ୍କୁ ନେଇ 'ସ୍ୱାଧୀନ ଭାରତ କି—ଜୟ', ମହାତ୍ମା ଗାନ୍ଧୀ କି—ଜୟ', 'ଭାରତ ମାତା କି—ଜୟ' ବୋଲି ସ୍ଲୋଗାନ୍ ଦେଇ ସେଇ ପିଚୁ ରାସ୍ତା ଉପରେ ବଂଶୀଧର ସ୍ୱାଇଁ ପ୍ରଥମ ଥର ପାଇଁ ଜାତୀୟ ପତାକାଟାକୁ ବହୁ ଉପରକୁ ଟେକି ଆଗେ ଆଗେ ଛାତି ଫୁଲାଇ ଯାଉଥିଲେ, ସେଦିନ କି ଆନନ୍ଦ—କି ଉଲ୍ଲାସ—କି ଗର୍ବ !!

କିନ୍ତୁ ଠିକ୍ ପରେ ପରେ ମନେ ପଡ଼େ—ଆଉ ଦିନେ ସେଇ ପିଚୁ ରାସ୍ତା ଉପରେ ବଂଶୀଧର ସ୍ୱାଇଁ ପିଲାଙ୍କ ଭଳି ଭାଉ ଭାଉ ଏ ପାଖ ସେ ପାଖ ବୁଲୁଥିଲେ, ବୃକ୍ଷ, ଲତା, ପଶୁ, ପକ୍ଷୀ, ମଣିଷ, ଧରଣୀ, ଆକାଶ ସମସ୍ତଙ୍କୁ ପାଗଳଙ୍କ ଭଳି ଗୁହାରି କରି ବୁଲୁଥିଲେ—ଜାତିର ପିତା ଗାନ୍ଧୀ ଚାଲିଗଲେ । ଏ ଦେଶ ଚଳାଇବ କିଏ ? ଅରକ୍ଷିତକୁ ରକ୍ଷା କରିବ କିଏ ? କାହାକୁ ଆମେ ଗୁହାରି ଦେବୁ ? ଆମ ଦୁଃଖ ଦୁର୍ଦ୍ଦଶା କିଏ ବୁଝିବ ? ଦେଶ ଚଳିବ କିମିତି ? ଏମିତି କେତେ କଣ । ମୁଣ୍ଡ ବାଡ଼େଇ ବାଡ଼େଇ କପାଳରେ ଆବୁଟାଏ ହୋଇ ଯାଇଥିଲା ।

ହେଲେ ବଂଶୀଧର ସ୍ୱାଇଁଙ୍କ ଦୁଃଖ ଦିନେ ଦୂରେଇ ଯାଇଥିଲା—ଛୁଟରେ ଯାହା ଘଟିଥିଲା, ଯେଉଁଦିନ ଦଶଟି ସାଧାରଣ ସଭାରେ ଜଣେ

Digitized by srujanika@gmail.com

ଖଦଡ଼ ପରିହିତ—ଅର୍ଦ୍ଧବୃଦ୍ଧ - ଶୀର୍ଣ୍ଣ ବପୁ ନେତା ଭାଷଣ ଦେଲେ, “ଆମକୁ ଭୋଟ ଦିଅ । ଆମେ ଶାସନ କରିବୁ । ଦେଶ ଚଳାଇବୁ । ଆମ ଦେଶବାସୀଙ୍କ ଅଭୂତପୂର୍ବ ଉନ୍ନତି ଘଟିବ । ଦେଶରେ ଘିଅ, ମହୁ ଭାସିବ । ସୁନା ଫଳିବ......” ଇତ୍ୟାଦି କେତେ କଣ । ବଂଶୀଧର ସ୍ୱାଇଁଙ୍କ ହୃଦ୍‌ବୋଧ ହୋଇଥିଲା ସେଦିନ । ଭଲଭାବେ ଶୁଣିଥିଲେ ମଞ୍ଚ ଉପରକୁ । ନେତାଙ୍କ ବେଶ୍ ଚେହେରା । ଗାନ୍ଧୀଙ୍କ କଥା କହୁ କହୁ କାନ୍ଦ ପକାଉଥିଲେ । ସ୍ୱରାଜ୍ୟ, ସ୍ୱାଧୀନତା, ଗଣତନ୍ତ୍ର, ବିଧାନସଭା ଆଦି ଶବ୍ଦ ଉଚ୍ଚାରଣ କଲାବେଳେ ଗଳାର ସ୍ୱର ପା...ଧା...ନ...କୁ ଡେଉଁଥିଲା । ହାତଟା ତାଙ୍କର ଉଠୁଥିଲା ବହୁତ ଉପରକୁ ।

ବଂଶୀଧର ସ୍ୱାଇଁଙ୍କ ମନ ମାନିଥିଲା ସେ ଦିନ । ଭରସା ଆସି-ଥିଲା । ନେତା ଜଣକ ନିଶ୍ଚୟ ଗାନ୍ଧୀଙ୍କ ଚେଲା ବୋଲି ହୃଦ୍‌ବୋଧ ହୋଇଥିଲା ।

ଖଦଡ଼ ଟୋପିଟା ପିନ୍ଧି ଭୋଟ ବାକ୍‌ସରେ ଉକ୍ତ ନେତାଙ୍କୁ ଭୋଟ ଦେଇ ବଂଶୀଧରବାବୁ ଖୁବ୍ ଆଶ୍ୱସ୍ତ ମଣିଥିଲେ ସେଦିନ । ଶାନ୍ତିରେ ଶୋଇଥିଲେ ।

ଭୋଟ ଗଣତି ସରିଲା । ଉକ୍ତ ନେତାଙ୍କ ବିଜୟ ଘଟିଲା । ନେତା ଜଣକ ମନ୍ତ୍ରୀ ବି ହେଲେ । ଏଣେ ଚାଉଳ, ଲୁଗାପଟା, ଲୁଣ, କିରାସିନି ଇତ୍ୟାଦି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦର ମଧ୍ୟ ବଢ଼ିଲା ।

ତଥାପି ବଂଶୀଧର ବାବୁ ସାହସ ବାନ୍ଧିଲେ । କହି ବୁଲିଲେ, “ଆମ ନେତା ମନ୍ତ୍ରୀ ହୋଇଛନ୍ତି—ଗାନ୍ଧୀଙ୍କ ଉପଯୁକ୍ତ ଦାୟାଦ—ନିଶ୍ଚୟ ଦର କମିବ । ଗରିବ ଲୋକେ ଅନ୍ତତଃ ଥରଟିଏ ହେଲେ ଦାନା ପାଇବେ । ଗରିବଙ୍କ ପିଲାପିଲି ନିଶ୍ଚୟ ପାଠ ପଢ଼ିପାରିବେ—ଶିକ୍ଷା ଓ କର୍ମସଂସ୍ଥାନ ପାଇବେ ।” କିନ୍ତୁ ଦେଖୁ ଦେଖୁ ତିନି ବର୍ଷ ବିତିଲା । ବିଧାନସଭାରେ ଦଳବଦଳ ଓ ତୁମୁଳ ହଟ୍ଟଗୋଳ ଯୋଗୁଁ ମନ୍ତ୍ରିମଣ୍ଡଳ ଭାଙ୍ଗିଲା—ଜାରି ହେଲା ରାଷ୍ଟ୍ରପତି ଶାସନ ।

Digitized by srujanika@gmail.com

ତା ପରେ ଦିନେ ଖବରକାଗଜରେ ବଂଶୀଧର ବାବୁ ପଢ଼ିବାକୁ ପାଇଥିଲେ, ଉକ୍ତ ନେତା ଜଣଙ୍କ ତାଙ୍କ ମନ୍ତ୍ରିତ୍ୱ ସମୟରେ ରୋଜଗାର କରିଛନ୍ତି ବିପୁଳ ଧନ—କରିଯାଇଛନ୍ତି ବହୁ ଜମିବାଡ଼—ବେଙ୍କ୍‌ରେ ଲକ୍ଷ ଲକ୍ଷ ଟଙ୍କା, ବିରାଟ କୋଠା, ପୁଅ, ବନ୍ଧୁବାନ୍ଧବ ପାଇଛନ୍ତି ଖୁବ୍ ମୋଟା ଚାକିରି । ଏମିତି କେତେ କଣ । ଆଜି ତାଙ୍କ ବିରୁଦ୍ଧରେ ବସିଛି ତଦନ୍ତ କମିଶନ ।

ଖବରକାଗଜଟାକୁ ବଂଶୀଧର ବାବୁ ସେଦିନ ଠିକ ଠିକ କରି ଚିରି ଦେଇଥିଲେ । ଆଜି ସେଦିନଠୁଁ ଦିନେ ବି ଖବରକାଗଜ ଚଢ଼ନ୍ତିନି । ଭାବନ୍ତି, ଦେଶରେ ସେ ଜଣେ ଭୋଟର ମାତ୍ର । ତାଙ୍କ ତ୍ୟାଗ ଦେଇଛି ସେତିକି ଅଧିକାର । ଆଜି ଭୋଟ ସମୟରେ ଭୋଟ ବାକ୍‌ସ ନିକଟକୁ ଯାଇ ବେଲେଟ ପେପର୍ ଉପରେ ଲେଖି ଦିଅନ୍ତି, "ମୁଁ ସ୍ୱର୍ଗୀୟ ମହାତ୍ମା ଗାନ୍ଧୀଙ୍କୁ ଭୋଟ ଦେଉଛି ।" ପରେ ଶୁଣନ୍ତି ତାଙ୍କ ଭୋଟ ମୂଲ୍ୟହୀନ ହେଉଛି । ମହାତ୍ମା ଗାନ୍ଧୀଙ୍କ ପରାଜୟ ଘଟିଛି । ଦେଶର ଲକ୍ଷ ଲକ୍ଷ ବିଜିତ ପ୍ରାର୍ଥୀଙ୍କ ମଧ୍ୟରେ ଗାନ୍ଧୀଙ୍କ ନାମ ସୁଦ୍ଧା ନାହିଁ ।

ପ୍ରତିଦିନ କି ଶୀତ—କି ବର୍ଷା, ସୂର୍ଯ୍ୟ ଉଇଁ ଆସିବା ମାତ୍ରେ ବଂଶୀଧର ବାବୁ ସେଇ ସରୁ ମାଟିରାସ୍ତାରେ ଚାଲି ଚାଲି ଆସନ୍ତି ପିଚୁରାସ୍ତା ଉପରକୁ । ଭାବନ୍ତି, ତିନିଟା ବର୍ଷର ମନ୍ତ୍ରିତ୍ୱ ଭିତରେ ନେତା ଜଣକ କରିଗଲେ ଏତେ ସମ୍ପତ୍ତି—ଭୋଗ କଲେ ଅପୂର୍ବ ସୁଖ ସମ୍ଭୋଗ । ଆଉ ଦେଶ ପାଇଁ ପ୍ରାୟ ୧୦ ବର୍ଷ ଜେଲ୍ ଯାଇ—ଗୋରା ଲୋକଙ୍କଠୁ ନିର୍ମମ ମାଡ଼ଖାଇ, ନାହିଁନଥିବା ନିର୍ଯ୍ୟାତନା ଭୋଗ କରି ବଂଶୀଧର ହରାଇଛନ୍ତି ଆଠ ମାଣ ଜମି । ଅବହେଳିତ ପୁଅମାନେ ବହୁ କଷ୍ଟରେ ପାଇଛନ୍ତି ନିମ୍ନତମ ଚାକିରି । ଖଟୁଛନ୍ତି ଉପରସ୍ଥ ହାକିମଙ୍କ ବେଠି—ଘରବଳ ବନ୍ଧୁଘରେ ସେମାନଙ୍କୁ କରୁଛନ୍ତି ଖୋସାମଦ ।

ଏମିତି ଭାବି ଭାବି ଯାଆନ୍ତି ବହୁତ ଦିନରୁ ଦେଖିଆସୁଥିବା ସେଇ ଗୋଟେ ଛୋଟିଆ କାରଖାନାକୁ । ସେଠି କୁଆଡ଼େ ତାଙ୍କୁ ମିଳେ ଶାନ୍ତି । ଦେଶ ବିଦେଶ ଖବର ବୁଝି ନିଅନ୍ତି ମାଲିକଙ୍କଠାରୁ । ତାଙ୍କଠାରୁ ସାନ୍ତ୍ୱନା ପାଇ—ଟିକିଏ ଗପ କରି ଫେରି ଆସନ୍ତି ଘରକୁ ।

Digitized by srujanika@gmail.com

ଶ୍ରମିକମାନଙ୍କଠାରୁ ପାଆନ୍ତି ଅଜସ୍ର ଜୁହାର—ମାଲିକଙ୍କଠାରୁ ପାଆନ୍ତି ଖୁବ୍ ଶ୍ରଦ୍ଧା ଓ ସମ୍ମାନ । ଶୁଣନ୍ତି ବଗୁଟ୍କାସ୍ଥ କଳର ଘର୍ ଘର୍ ଶବ୍ଦ । ଦେଖନ୍ତି, କର୍ମରତ ଶ୍ରମିକଙ୍କ ମୁହଁରେ ସୁଖ ଓ ଶାନ୍ତିର ଛାପ । ବଂଶୀଧର ସ୍ୱାଇଁ ଭାବନ୍ତି, ଏଇ ଶ୍ରମିକମାନଙ୍କ ଶ୍ରମରେ ତିଆରି ଗୋଡ଼ରେ ନିର୍ମାଣ ହେବ ଦେଶର ଅସଂଖ୍ୟ ପିଚୁରାସ୍ତା । ସଦାସର୍ବଦା ଲାଗି ରହିଥିବା ଧନୀ—ଗରିବ ସଂଘର୍ଷ, ଆସ୍ତେ ଆସ୍ତେ ଦେଶର ଅସଂଖ୍ୟ ପିଚୁରାସ୍ତା ଉପରେ ମାଡ଼ିଯାଇ ଶେଷରେ ବିଜୟ ଘଟିବ ଗରିବ ଏବଂ ଶ୍ରମିକ ଶ୍ରେଣୀର । ଦେଶରେ ଦେଖାଦେବ ସମାଜବାଦର ଉଷା । ଶ୍ରମିକ ତଥା ଗରିବ ଚାଷୀମୂଲିଆଙ୍କ ଦ୍ୱାରା ହିଁ ହେଇ ଧନୀକ ବ୍ୟକ୍ତିଙ୍କ ଗୋଡ଼ି ତଳ ସବୁ ଆସିବ । ସେମାନେ ବି ଚାଲିବେ ଖାଲି ପାଦରେ ଏଇ ରାସ୍ତା ଉପରେ ଅନ୍ୟଙ୍କ ସହ । ସେତେବେଳେ ଯାଇ ଗରିବ ଲୋକଙ୍କ ପାଦରେ କଣ୍ଟା ବାଜିବନି । ପଡ଼ି ଝୁଣ୍ଟି ଖଣ୍ଡିଆ ଖାବରା ହେଲେ, ଟିଟାନସ୍ ରୋଗଟା ତାଙ୍କ ଦେହକୁ ଛୁଇଁବନି କିମ୍ବା ମାଟି ଗୋଡ଼ି ରାସ୍ତାର ଧୂଳି କିମ୍ବା ନାଲି ଧୂଳି ଯାଇ ମଫସଲି ଲୋକଙ୍କ ଫୁସ୍‌ଫୁସ୍‌ରେ ଯକ୍ଷ୍ମାଠାରୁ ଆରମ୍ଭ କରି କ୍ୟାନ୍‌ସର ଯାଏଁ ରୋଗର ଜୀବାଣୁ ସଞ୍ଚାର କରିବନି ।

ହିଁ······ସେଇ ଗୋଡ଼ି ତିଆରି କାରଖାନା·········

ସ୍ୱର୍ଗୀୟ ହୀରାଲାଲ୍ ସୁଦୂର ବିହାର ପ୍ରଦେଶରୁ ଆସି ସେଇ ରାସ୍ତାମୋଡ଼ ନିକଟରେ ବ୍ୟବସାୟ ଆରମ୍ଭ କଲେ ବ୍ରିଟିଶ୍ ସରକାରଙ୍କ ସମୟରେ । ହାତଭଙ୍ଗା ଗୋଡ଼ି ବ୍ୟବସାୟ । ଇଂରେଜ ଅଫିସରମାନଙ୍କୁ ନାନାପ୍ରକାର କୌଶଳରେ ଖୁସୀ କରାଇ ଲାଭ କଲେ ବିପୁଳ ଅର୍ଥ । ତା ପରେ ବସାଇଲେ ଥରେ ଭଙ୍ଗି ଗୋଡ଼ି ତିଆରି କରିବା କଳ । କ୍ରସିଙ୍ଗ୍ ପ୍ଲାଣ୍ଟ୍ । ବାସ୍ତବିକ୍ ଜାତିର ପିତା ମହାତ୍ମା ଗାନ୍ଧୀ ବୁଝିଁଥିଲେ ଏପରି ଜନସେବୀ ଶିଳ୍ପାନୁଷ୍ଠାନ ।

ତେବେ ତାଙ୍କଠାରେ ଥିଲା ଉଦାର ହୃଦୟ । ଲୁଚାଛପି ସ୍ୱାଧୀନତା ଆନ୍ଦୋଳନ ଚାଲିଥିଲା ବେଳେ ଖୁବ୍ ସାହାଯ୍ୟ କରିଥିଲେ ସଂଗ୍ରାମୀମାନଙ୍କୁ ଏବଂ ସଂଗ୍ରାମକୁ । ବଂଶୀଧର ବାବୁ ଜେଲ୍ ଗଲାବେଳେ

Digitized by srujanika@gmail.com

ତାଙ୍କ ପରିବାରକୁ ଖୁବ୍ ସାହାଯ୍ୟ କରିଛନ୍ତି ବି । ଏଥିବାହାରେ ଶ୍ରମିକମାନଙ୍କ ପ୍ରତିଟି ସୁଖ ଦୁଃଖରେ ଠିଆ ହୁଅନ୍ତି । ଯେଉଁଦିନ ହୀରାଲାଲ୍ ସ୍ୱର୍ଗାରୋହଣ କଲେ, ହଜାର ହଜାର ଲୋକ ଅଶ୍ରୁପୂର୍ଣ୍ଣ ନୟନରେ ଗୃହଥିଲେ ତାଙ୍କ ଶବଯାତ୍ରାରେ । ବଂଶୀଧର ବାବୁ କାନ୍ଧେଇ-ଥିଲେ ଶବାଧାରର ଗୋଟିଏ ପାଖ ।

ବର୍ତ୍ତମାନ ସେଇ କାରଖାନାର ମାଲିକ ହେଉଛନ୍ତି ତାଙ୍କର ସୁଯୋଗ୍ୟ ପୁତ୍ର ମନୋହରଲାଲ୍ । ଯେମିତି ବାପାର ସେମିତି ପୁଅ । ବାପାଙ୍କଠାରୁ ସମୁଦାୟ ଗୁଣ ଛଡ଼ାଇ ଆଣିବା ବାହାରେ ପାଇଛନ୍ତି ଉଚ୍ଚ ଶିକ୍ଷା । ବୁଦ୍ଧି ଓ ଜ୍ଞାନ ପରିପକ୍ୱ । ଧନର ଗର୍ବ ଓ ଅହଙ୍କାର ବୋଲି ଏତିକି ଟିକିଏ ବି ନାହିଁ । ବାପାଙ୍କଠାରୁ ଆହୁରି ଅଧିକ ଶ୍ରଦ୍ଧା ଓ ସମ୍ମାନ ପାଆନ୍ତି ଶ୍ରମିକମାନଙ୍କଠାରୁ । ବଂଶୀଧରବାବୁଙ୍କୁ ମଧ୍ୟ ବାପାଙ୍କ ଭଳି ଭକ୍ତି ଓ ସମ୍ମାନ ଦେଖାନ୍ତି । ସମୟେ ବିଶେଷ ଅସୁବିଧା ଦେଖିଲେ କିଛି ଆର୍ଥିକ ସାହାଯ୍ୟ ମଧ୍ୟ ଦିଅନ୍ତି ।

ହେଲେ, ସେଇ ପିଚୁରାସ୍ତା ଓ ନିଜ ଗାଁକୁ ସଂଯୋଗ କରୁଥିବା ରଙ୍ଗମାଟିଆ ରାସ୍ତାଟି ଉପରେ ବାଡ଼ି ଠୁକୁ ଠୁକୁ କରି ଗଲାବେଳେ ସେଇ ଗୋଠ ପାଖରେ ବେଣାଘାସପୂର୍ଣ୍ଣ ତାଙ୍କର ସେଇ ସୁନାଫଟା ଜମି ମାନଙ୍କ ଏବଂ ରାସ୍ତା ତଳେ ପୋତି ହୋଇଥିବା ହ'ମାଣ ଜମି ଦେଖି ଟିକିଏ ହାଳିଆ ମାରନ୍ତି । ଏତେ ଦୁଃଖ ଲାଗିଲେ ମଧ୍ୟ ଭାବନ୍ତି ଭାତ-ହାଣ୍ଡି ଭଳି ଡବ ମାଣ ଜମି ବିନା କଷ୍ଟମୂଲ୍ୟରେ ଗଲେ ମଧ୍ୟ, ସ୍ୱାଧୀନତା ସଂଗ୍ରାମ ବେଳର କାହୁଅ ଆଜି ଗୋଡ଼କୁ ଲାଗୁନି ।

ପୁଣି ବର୍ତ୍ତମାନକୁ ଫେରି ଆସି ଭାବନ୍ତି, ବ୍ଲକ୍ ସ୍କୁଲରେ ଯିବା ପଥର ଓ ଗୋଡ଼ି ବିଛୁଡ଼ିବା ପାଇଁ ଟଙ୍କା ଆସି ମାଟି ପଡ଼ିବାରେ ଶେଷ ହେଲା, ହେଲେ ଗାନ୍ଧୀ ଯୁଗ ହୋଇଥିଲେ ମାଟି ପଡ଼ିବା ପାଇଁ ଟଙ୍କା ଆସି ପିଚୁରାସ୍ତା ହୋଇ ପାରିଥାନ୍ତା ।

ଟିକିଏ ଅନ୍ଧାର ହେଲେ ଘରକୁ ଫେରନ୍ତି ବଂଶୀଧର ସ୍ୱାଇଁ । ଠିଆ ହୁଅନ୍ତି, ଅଖଣ୍ଡ ଭାରତର ମାନଚିତ୍ର ପାଖରେ । ସେଇ ମାନଚିତ୍ରର

Digitized by srujanika@gmail.com

ମଝିରେ ହସ ହସ ବଦନରେ ହାତଯୋଡ଼ି ଗୃହିଁ ରହିଥିବା ମହାତ୍ମାଗାନ୍ଧୀଙ୍କ ଫୋଟୋକୁ ଏକଲୟରେ ଗୃହିଁ ରହନ୍ତି । ମନେ ପକାନ୍ତି ତାଙ୍କ ଭାଷଣ ଓ ଉପଦେଶକୁ । ମନୋହରଲାଲ୍‌କୁ ଆଶୀର୍ବାଦ କରିବା ପାଇଁ ମନେ ମନେ ସେଇ ଫୋଟୋ ନିକଟରେ ଗୁହାରି କରନ୍ତି । ଆଉ ଦିନେ ଦିନେ, ତାଙ୍କ ନଜର ଅଭାବ ଅସୁବିଧା ଅତି ଉତ୍କଟ ହୋଇପଡ଼ିଲେ, ସ୍ୱର୍ଗୀୟ ଗାନ୍ଧୀଙ୍କ ଫୋଟୋ ନିକଟରେ ଠିଆ ହୋଇ ନିଜ ପାଇଁ ଗୁହାରି ଜଣାନ୍ତି ।

ତେବେ ନିଜ ବିଷୟରେ କରୁଣା ବାକ୍ୟ କହି ବାକିତକ ତୋଳି ନିଅନ୍ତି । ଭାବନ୍ତି, ଗାନ୍ଧୀ ସ୍ୱର୍ଗରେ ଥାଇ ହୁଏତ ନାପସନ୍ଦ କରୁଥିବେ । କହୁଥିବେ, "ବଂଶୀଧର ! ଦେଶ ପାଇଁ ନିଜକୁ ଉତ୍ସର୍ଗ କରି ନିଜ ସ୍ୱାର୍ଥ ପାଇଁ ଚିନ୍ତା କରୁଛ ?······ଅଭିଳାଷ ରଖିଛ ?"

ଏମିତି ଭାବେ ବଂଶୀଧର ବାବୁଙ୍କ ତେଲ ଲୁଣ ସଂସାର ଦୁଃଖ ଦୁର୍ଦ୍ଦଶା ଓ ଜାଗପୃଚ୍ଛା ଭାବ ତାଙ୍କ ଗୃହରୁ ବାହାରି ସମ୍ପୂର୍ଣ୍ଣ ଭାବେ ମିଶି ଯାଉଥିଲା ସେଇ ଗୋଡ଼ ଢଆଁରି କାରଖାନାର ଘର୍ ଘର୍ ଶବ୍ଦରେ । ତାଙ୍କର ଦୃଢ଼ ଭରସା ଓ ଆଶା ଥିଲା, ଦିନେ ଦିନେ ମହାତ୍ମା ଗାନ୍ଧୀ ଫେରି ଆସିବେ ଏଇ ପୃଥିବୀକୁ । ଦେଶର ଶତକଡ଼ା ନବେ ଭାଗ କୃଷକ ଓ ଶ୍ରମିକ ଗୋଷ୍ଠୀ ହସି ଉଠିବେ । ଆଉ ବଂଶୀଧର ବାବୁଙ୍କ ଦେଶ ପାଇଁ ତ୍ୟାଗ ଓ ସହନଶୀଳତା ଦେଖି ପିଠି ଥାପୁଡ଼ିବେ । କହିବେ, "ସାବାସ୍ ବଂଶୀଧର ! ତୁମେ ମୋର ଉପଯୁକ୍ତ ଶିଷ୍ୟ । ତୁମ ହାତକଟା ସୂତାର ଏକ୍‌ଟିକ ନିଷ୍ଠପୂ ଗୃହିଦା ବଢ଼ିବ । ତୁମ ତେଲ ଲୁଣର ଅଭାବ ଦୂର ହେବ ।" ଏତିକ ଭାବି ବଂଶୀଧର ସଙ୍ଗେ ସଙ୍ଗେ ପୁରୁଣା ଅରଟଟିକୁ ଧରି ବସପଡ଼ନ୍ତି । ବହୁତ ସମୟ ଯାଏଁ ଏକା ନିଶ୍ୱାସରେ ସୂତା କାଟି ଯାଆନ୍ତି । ସମସ୍ତ ଦୁଃଖ ଓ ଅଭାବକୁ ଭୁଲିଯାଆନ୍ତି ।

ହଠାତ୍ ଦିନେ ବଂଶୀଧରଙ୍କୁ ଖଣ୍ଡିଏ ଛାପାକାର୍ଡ ବଢ଼ାଇ ମନୋହର ଲାଲ୍ କହିଲେ, "ଆପଣଙ୍କୁ ମୋର ସବିନୟ ଅନୁରୋଧ – ଆଉ ଦଶ ଦିନ ପରେ ସ୍ଥାପିତ ହେବାକୁ ଯାଉଥିବା ମୋ ହ୍ୟୁମ୍ ପାଇପ୍ କାରଖାନାର ଉଦ୍‌ଘାଟନ ଉତ୍ସବରେ ଆପଣ ପୌରହିତ୍ୟ କରିବେ ।"

Digitized by srujanika@gmail.com

ବଂଶୀଧର ପ୍ରଥମେ କିଛି ବୁଝିପାରିଲେନି । ବହୁ ଜାଗାରେ ମରାମତି-ସିଲେଇ ହୋଇଥିବା ଜାମାରୁ ଧଉଡ଼ ଲଗା ଚଷମାଟା ବାହାର କରି ବାରମ୍ବାର ପଢ଼ିଗଲେ ସୁନେଲି ରଙ୍ଗରେ ଛପା ହୋଇଥିବା କାର୍ଡଟିକୁ । ସତକୁ ସତ ସେଇଆ ଲେଖା ହୋଇଛି । ଆଜି ଲେଖା ହୋଇଛି, ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ସୁବ୍ରତ ରାୟ ।

ବଂଶୀଧର କିଛି କହି ପାରିଲେନି । କଣ୍ଠରୁଦ୍ଧ ହୋଇ ଆସିଲା । ଆଖିରେ ଜମିଆସିଲା ଅଠାଳିଆ ପାଣି । ନିଜ ନାଁ ଛପା ହୋଇଛି ସୁନେଲି ଅକ୍ଷରରେ ! କମ୍ ଗର୍ବର କଥା ନୁହଁ ! ମନେ ପକାଇଲେ, ସ୍ୱାଧୀନତା ଆନ୍ଦୋଳନବେଳେ ବଡ଼ ବଡ଼ ଅକ୍ଷରରେ ଥରେ ଏମିତି ଛପା ହୋଇଥିଲା ତାଙ୍କ ନାଁ ସ୍ୱଦେଶୀ ପତ୍ରିକାରେ । ଅବଶ୍ୟ ପରେ ଉତ୍କଟ ଅଭାବ ଅନାଟରେ ଅଣନିଃଶ୍ୱାସୀ ହୋଇ ତାଙ୍କ ସ୍ୱର୍ଗତ ସ୍ତ୍ରୀ ଉକ୍ତ କାଗଜଟିକୁ ଚୁଲି ଭିତରେ ପୂରାଇ ଦେଇଥିଲେ ଖୁବ୍ ଅଭିମାନରେ ।

ମନ୍ତ୍ରୀ ଯୋଗ ଦେଉଥିବା ଉତ୍ସବରେ ସଭାପତି ହେବେ ବଂଶୀଧର !! ସତ ନା ମିଛ !! ଆଲୋକ ନା ଅନ୍ଧାର !! ଜୀବନ ନା ମୃତ୍ୟୁ !! ଭାବପ୍ରବଣ ହୋଇ ବଂଶୀଧର କୁଣ୍ଢାଇ ପକାଇଲେ ମନୋହର ଲାଲ୍‌କୁ । ଭାବିଲେ, ସ୍ୱର୍ଗତ ମହାତ୍ମା ଗାନ୍ଧୀ ସ୍ୱର୍ଗରୁ ଓହ୍ଲାଇ ଆସି ଲୁଚି ଲୁଚି ଛପାଇ ଦେଇଛନ୍ତି ବଂଶୀଧରଙ୍କ ନାଁଟିକୁ ।

ମନ୍ତ୍ରୀ ସୁବ୍ରତ ରାୟ—

ବସିଛନ୍ତି କାର୍‌ର ପଛସିଟ୍‌ରେ । କାର୍ ଛୁଟିଛି ପିଚୁରାସ୍ତାରେ । ଘରୁ ବାହାରିଲାବେଳେ ଜମିଥିଲେ ବହୁ ଲୋକ ବହୁ ଆପତ୍ତି ଗୁହାରି ନେଇ । କେତେଙ୍କ ସହ କଥା ହୋଇଛନ୍ତି । ଆଜି କେତେକ ପଛେ ପଛେ ଛୁଟି ଆସିଥିଲେ କାର୍ ପର୍ଯ୍ୟନ୍ତ । ଏମିତି ସବୁବେଳେ ଘଟେ । ଖାଇବା, ବସିବା, ଶୋଇବା ପାଇଁ ଫୁରୁସତ ନାହିଁ । ତଥାପି ବାଧ୍ୟ ସହରେ ଶୁଣିବାକୁ ମିଳୁଛି ବିରୁଦ୍ଧ ଦଳଙ୍କ ଠାରୁ ଅନ୍ତ କଟୁ ମନ୍ତବ୍ୟ ଓ ତୀବ୍ର ସମାଲୋଚନା । ସମୟେ ସମୟେ ଖୁବ୍ ଅଠଦେସ୍ତ ହେବାକୁ ପଡୁଛି ବି ।

Digitized by srujanika@gmail.com

ଏଣେ ଦପ୍ତରରେ ଫାଇଲ୍ ଗଦା । ତେଣେ ବଦଳି କର— ବଦଳକର ଏମିତି ବହୁ ଆପତ୍ତି । କୋଠିରେ ଲୋକାରଣ୍ୟ । ମଲମୁଣ୍ଡିଆ ଠାରୁ ଆରମ୍ଭ କରି ବଶିଷ୍ଟ ଶିଳ୍ପପତି ଯାଏଁ ଜମିଥାନ୍ତି । କାହା ସହ ସମସ୍ତଙ୍କ ସମ୍ମୁଖରେ—କାହା ସହ ନିର୍ଜ୍ଜନରେ—ଆଉ କାହା ସହ ପଦସ୍ଥ କର୍ମଚାରୀଙ୍କ ସମ୍ମୁଖରେ କଥା ହେବାକୁ ହୁଏ । ଏଣେ କଏ କଥା ହେବାର ସୁଯୋଗ ନପାଇ ଲଗାଏ ଫୋନ୍ । ତେଣେ ବାରମ୍ବାର ପି. ଏ. ଅସି ମନେ ପକାନ୍ତି ଅମୁକ ପ୍ରୋଗ୍ରାମ୍ ପାଇଁ ସମୟ ହେଲାଣି ।

ନିର୍ଜନରେ ଅଭିମାନ କରି ସ୍ତ୍ରୀ କୁହନ୍ତି, "ମୋ କଥା ଗୁଡ଼ । ଘର କଥା କିବା ପିଲାଙ୍କ କଥା ଟିକିଏ ବି ବୁଝିଲନି । ଖାଲି ଠୁଲ୍ କଲ ବଦନାମି । ଡାକବଙ୍ଗଳା ଆଉ ସର୍କିଟ୍ ହାଉସ୍‌ରେ ଦିନ କାଟିଲ ।" ମୁଖ୍ୟମନ୍ତ୍ରୀ କହୁଥିବେ, 'ଅମୁକ ବିଲ୍ ଟା, ଅମୁକ ରିପୋର୍ଟ ଟା ଆଜିଯାଏଁ ପ୍ରସ୍ତୁତ ହେଲନି' । ଦଳ ଲୋକେ କହୁଥିବେ 'ଅମୁକ ବଦଳିଟା, ଅମୁକ ପ୍ରତିଶ୍ରୁତିଟା, ଅମୁକ ଲୋକର ଲାଇସେନ୍‌ସଟା, ଅମୁକ କାମଟା ହେଲନି ।' ଖାଲି ଶୁଣିବାକୁ ହେବ ଏବଂ ଟିପିବାକୁ ହେବ । ବର୍ଷକର ଡାଇରୀ ଚରି ମାସକରେ ଟିପିବାରେ ହିଁ ଶେଷ ହେବ । ଦେଶର ଲକ୍ଷ ଲକ୍ଷ ଲୋକଙ୍କ କୋଟି କୋଟି ସମସ୍ୟା । ତେଣୁ ଆଙ୍ଗୁଠିରେ ଗଣିଲାଭଳି ମନ୍ତ୍ରୀ କେଇ ଜଣ ।

ସମୟେ ସମୟେ ସୁବ୍ରତବାବୁଙ୍କ ମନ୍ତ୍ରୀତ୍ୱ ପ୍ରତି ଏକ୍‌ବାରେ ବିତୃଷ୍ଣା ଆସିଯାଏ ।

ହେଲେ, ସେଇ କ୍ଷମତା—ସେଇ ଫୁଲମାଳ— ସଭାସମିତିର ସେଇ ତାଳି - ଫଟୋଆରରେ ଜୟଗାନ୍—ଜିନ୍ଦାବାଦ୍ ସ୍ଲୋଗାନ— ଗୁହାଁଲେ ହଜାର ହଜାର ଲୋକ—ବଡ଼ଟ କୋଠି, ଜକ୍‌ମକ୍ ଗାଡ଼ି—ଖୁବ୍ ଉଚ୍ଚପଦସ୍ଥ ଅଫିସରଙ୍କ ଜୁହାର—ଏମିତି କେତେ କଣ ସ୍ୱାଦୁ ଲୁଚି ହେଉଛି କେତେବେଳେ ? ଏଥି ବାହାରେ ସର୍ବାଧିକ ସ୍ୱାଦୁ ବି ଅଛି ।

ତେବେ ତାଙ୍କ ରାଜନୈତିକ ଜୀବନ ବହୁ ଉତ୍ଥାନ ପତନ ଓ ସଂଗ୍ରାମର ସମ୍ମୁଖୀନ ହେଇଛନ୍ତି । ରାଜନୀତିରେ ଭାଗ ନେଇ ପ୍ରଥମେ ହେଲେ ଉପମନ୍ତ୍ରୀ । କିନ୍ତୁ ତା ପର ନିର୍ବାଚନରେ ତାଙ୍କ ବିରୁଦ୍ଧରେ

Digitized by srujanika@gmail.com

ଉଦ୍ଭଟ ଓ ବିକୃତ ପ୍ରଶ୍ନର ଯୋଗୁଁ ପରାଜିତ ହେଲେ, ଅମାନତ ହରାଇଲେ ବି । ବେଳକୁ ବେଳ ତାଙ୍କୁ ଖୁବ୍ ଘାରିଲା ମନ୍ତ୍ରିତ୍ୱର ନିଶା । ନିଦ ହେଲାନି । ସତରେ ହେଉ କିବା ମିଛରେ ହେଉ ଗଦା ଗଦା ଛୁରପୋକ ଝଟରେ ବସା ବାନ୍ଧିଲେ । ନିଜ ସ୍ତ୍ରୀ ଅଭିଯୋଗ କରୁଥାନ୍ତି ଏସବୁ ଛୁରପୋକ ତୁମେ ରେଳବାଇ ବିଶ୍ରାମଗାରରୁ କିବା ଟ୍ରେନ୍‌ର ଉଚ୍ଚଶ୍ରେଣୀ ଡ଼ବାରୁ କିବା ମନ୍ତ୍ରୀମାନଙ୍କ ପିଣ୍ଡାରେ ପଡ଼ିଥିବା ବେଞ୍ଚ ଚୌକିରୁ ଆଣୁଛ ।"

ଏଣେ ଯେଉଁ ଲୋକେ ତାଙ୍କୁ ଫୁଲମାଳ ଦେଉଥିଲେ – ସଭାରେ ତାଳି ମାରୁଥିଲେ – ସେ ଚାଲିଲାବେଳେ ତାଙ୍କୁ ଦେଖିବା ପାଇଁ ଭିଡ଼ ଜମାଉଥିଲେ — ଆଜି ଯେଉଁ ଅଫିସରମାନେ ତାଙ୍କ ସାମନାରେ ଫାଇଲ୍ ଧରି ଘଣ୍ଟା ଘଣ୍ଟା ଠିଆ ହେଉଥିଲେ, ଆଜି ସେମାନେ ପଚାରୁନାହାନ୍ତି — ଚିହ୍ନୁନାହାନ୍ତି ବି । ବରଂ ଦେଖିବାମାତ୍ରେ ମୁହଁ ମୋଡ଼ି ନିଅନ୍ତି । ଅଭାବ ଯୋଗୁଁ ଗାଡ଼ିଖଣ୍ଡିକ ବି ବିକି ଦେବାକୁ ହେଲା । ଯାହାକିଛି ଧନ ଉଛୁଳୁଥିଲା ମୂଳସୂତ୍ର ନିର୍ବାଚନରେ ଶେଷ ହେଲା । ବସ୍‌ରେ ଗଲେ ଖୁବ୍ କଷ୍ଟରେ ବସିବା ପାଇଁ ଜାଗା ମିଳେ । କହିବାକୁ ଗଲେ ଉପମନ୍ତ୍ରିତ୍ୱ ଯିବା ପରେ ସତେ ଯେମିତି ସମାଜ ତାଙ୍କୁ ଅସାମାଜିକ ବ୍ୟକ୍ତି ମନେ କଲା ।

ଏସବୁ ସୁବ୍ରତ ବାବୁଙ୍କ ପକ୍ଷେ ହେଲା ଅସହ୍ୟ । ତେଣୁ ରାଜନୈତିକ ବୁଦ୍ଧି ଦେଖାଇ ଦଳ ବଦଳାଇଲେ । ନିଜର ପୂର୍ବଦଳକୁ ଖୁବ୍ ସମାଲୋଚନା କରି ଖୁବ୍ ପ୍ରଶଂସା ଗାନ କଲେ ଯୋଗ ଦେଇଥିବା ଦଳର । ତା ପରେ ନିର୍ବାଚନରେ କଡ଼ା କଡ଼ା ଶବ୍ଦ ଲଗାଇ ଭାଷଣ ଦେଲେ । ଜିତିଲେ ବି । ବିଜୟ ଉପଲକ୍ଷେ ପଟୁଆରରେ ମୋଟା ଫୁଲମାଳ ପାଇଥିଲେ । ଜିନ୍ଦାବାଦ୍ ଓ ଜୟଗାନରେ ଗଗନ ପବନ ମୁଖରିତ ହୋଇ ଉଠିଥିଲା ।

କିନ୍ତୁ ଏଥର ବି ମନ୍ତ୍ରିତ୍ୱ ମିଳିଲାନି, ମୁଖ୍ୟମନ୍ତ୍ରୀଙ୍କୁ ଯେତେ ଖୋସାମଦ କଲେ – ଗୁହାରି କଲେ, କିଛି ଲାଭ ହେଲାନି । ତାଙ୍କ ଆଖି ଆଗରେ ଅନ୍ୟମାନେ ମନ୍ତ୍ରୀ ହୋଇ ଫୁଲମାଳ—କରତାଳି — ମର୍ଯ୍ୟାଦା, ସମ୍ମାନ, ଗାଡ଼ି ଇତ୍ୟାଦି ଉପଭୋଗ କଲେ । ତାଙ୍କ ସହ

Digitized by srujanika@gmail.com

ଦେଖା କରିବା ପାଇଁ ସୁବ୍ରତ ରାୟଙ୍କୁ ମଧ୍ୟ ଲାଇନ ଲଗାଇବାକୁ ପଡ଼ିଲା । ଗୁହାରି ଓ ଖୋସାମଦ କରିବା ମଧ୍ୟ ଶିଖିବାକୁ ହେଲା ।

ତେଣୁ ରାଗ, କ୍ରୋଧ ଆଜି ସଂସାରେ ଜଳି ଉଠିଲା ସୁବ୍ରତ ରାୟଙ୍କ ମନ ଓ ପ୍ରାଣ । ଭିତରେ ଭିତରେ ବିଦ୍ରୋହ କରି ନିଜ ନେତୃତ୍ୱରେ ଗଢ଼ିଲେ ଗୋଷ୍ଠିଆ ଉପଦଳ । ତା ପରେ ନୂତନ ପରମ୍ପରା ସୃଷ୍ଟି କରି ସଦଳବଳେ କଲେ ପକ୍ଷ ପରିବର୍ତ୍ତନ । ଖବରକାଗଜ ସମ୍ପାଦକଙ୍କୁ ଖୁସି ଓ ଖୋସାମଦ କରି ବଡ଼ ବଡ଼ ଅକ୍ଷରରେ ନିଜ ଭାଷଣ ଓ ବିବୃତ୍ତି ଛପାଇଲେ । ବିଧାନସଭାରେ ସରକାରୀ ଦଳର ଆସନ ଛାଡ଼ି ବିରୁଦ୍ଧ ଦଳର ଆସନ ଭିକ୍ଷା କଲେ । ଦେଶର ରାଜନୀତିରେ ବହିଲା ଘୂର୍ଣ୍ଣିବାତ୍ୟା ।

ମନ୍ତ୍ରିମଣ୍ଡଳ ଭାଙ୍ଗିଲା । ଗଢ଼ାଗଲା ନୂତନ ମିଳିତ ମନ୍ତ୍ରିମଣ୍ଡଳ । ଆଜି ଏଥର ସୁବ୍ରତ ରାୟ ଲାଭ କଲେ ମନ୍ତ୍ରିତ୍ୱ । ଖବରକାଗଜରେ ନିଜ ଫୋଟୋ ସହ ପ୍ରକାଶ ପାଇଲା ଆତ୍ମଜୀବନୀ । ସେଇ ମନ୍ତ୍ରିତ୍ୱ ବର୍ତ୍ତମାନ ସୁଦ୍ଧା ତାଙ୍କ ନିକଟରେ ରହିଛି । ଛାଡ଼ି ଯାଇନି । ତେବେ ରାଜନୀତିର ଅଣନିଶ୍ୱାସ ପବନ ବହିଲାଣି । ନିଜ ଉପଦଳର କେତେକ ସଦସ୍ୟ ଦିନରାତି ହଠ ଧରି ବସିଲେଣି ମନ୍ତ୍ରୀ ଉପମନ୍ତ୍ରୀ ପଦବୀ ପାଇଁ । ସେମାନଙ୍କୁ ସନ୍ତୁଷ୍ଟ କରିବା କଷ୍ଟକର ହେଲାଣି ଦିନକୁ ଦିନ । ଅନ୍ତତଃ ପକ୍ଷେ ସେମାନଙ୍କୁ ସମାନୁପାତିକ ସୁବିଧା, ସୁଯୋଗ ଓ ଆଦାୟ ପାଇଁ ସେମାନେ ନୋଟିସ୍ ଦେଲେଣି । ଏଣେ ଆସନ୍ତା ନିର୍ବାଚନଟା ହେଉଛି ଆଉ ବର୍ଷଟି ପରେ । ପରପାଇଁ ଦେଖିଲେ ନିଜପାଇଁ ନାହିଁ — ଏଣେ ପରକୁ ନ ଦେଖିଲେ ନିଜ ସ୍ଥିତି ଅସମ୍ଭବ ।

ବାଃ...କି ହଟହଟା ଜୀବନ ! ମଣିଷ ଓ ରାଜନୀତି ଠିକ୍ ସାପ-ଚୁଚୁନ୍ଦ୍ରା ଭଳି ଏକ ଅମୀମାଂସିତ ସମସ୍ୟା । ଥରେ ସାମନା ସାମନି ହେଲେ କେହି କାହାକୁ ଛାଡିବାକୁ ନାରାଜ ।

କଳାପିଚ ରାଜପଥ ଉପରେ ମନ୍ତ୍ରୀ ସୁବ୍ରତରାୟଙ୍କ ଗାଡ଼ି ଛୁଟିଛି । ଆଗରେ ସଚେତନ ହେଇ ବସିଛନ୍ତି ପି. ଏ. । ପଛରେ

Digitized by srujanika@gmail.com

ଢୁଳାଇ ହେଉଛନ୍ତି ମନ୍ତ୍ରୀ । ସବୁ ଚିନ୍ତା ମଡ଼ାଇ ପଡ଼ୁଛି । ଗୁଡ଼ିକନା ମଝିରେ ମଝିରେ ସଚେତନ ହେଉ ଉଠୁଛନ୍ତି । ନିର୍ଦ୍ଦେଶ ଦିଆଯାଇଛି—ନିର୍ଦ୍ଦିଷ୍ଟ ସ୍ଥଳରେ ପହଞ୍ଚିବାକୁ ଅଧ ଘଣ୍ଟାଏ ଥିବ ମନ୍ତ୍ରୀଙ୍କୁ ଉଠାଇ ଦିଆଯିବ । ଫ୍ଲାସ୍କରେ ଆସିଥିବା ଗୃହାପାନ କରି ମନ୍ତ୍ରୀ ମହାଶୟ ସମ୍ପୂର୍ଣ୍ଣ ଫୁର୍ତ୍ତି ଓ ସଚେତନ ହେବେ । ସତେଜ ଥିବେ । ପ୍ରଫୁଲ୍ଲ ଦେଖା ଯାଉଥିବେ । ଗାଡ଼ିରୁ ଓହ୍ଲାଇବା ସଙ୍ଗେ ସଙ୍ଗେ ହସିବାକୁ ପଡ଼ିବ—ଗମ୍ଭୀର ହେବାକୁ ହେବ— ହାତ ଯୋଡ଼ିବା ନିହାତି ଆବଶ୍ୟକ । ଆଜି ସଭାରେ ଚିତ୍ତାକର୍ଷକ ଭାଷଣ ଏବଂ ସେଥିରେ ମାପିଚୁପି ଗରମା ଗରମି ଶବ୍ଦ ବ୍ୟବହାର ଇତ୍ୟାଦି ଅନିବାର୍ଯ୍ୟ କାର୍ଯ୍ୟକ୍ରମ ।

ତେବେ ଆଗରୁ ସବୁ ବନ୍ଦୋବସ୍ତ ହେଇଛି । ଦଳ ଲୋକେ ଖୁବ୍ ମୋଟା ଗଜରାମାଳ ମନ୍ତ୍ରୀଙ୍କୁ ପିନ୍ଧାଇ ପାଟି ଫଟାଇ ଜିନ୍ଦାବାଦ୍ ସ୍ଲୋଗାନ ଦେବେ । ଫଟୋଗ୍ରାଫରଙ୍କୁ ମଧ୍ୟ ଆଗରୁ ବରାଦ କରାହେଇଛି ଠିକ୍ ପୋଜ୍ ଦେଖି ଫଟୋ ଉଠାଇବେ । ସାମ୍ବାଦିକମାନଙ୍କୁ ମାସକୁ ମାସ ହିସାବ ପଇଠ ହେଇଛି—ମନ୍ତ୍ରୀ ମହାଶୟ ଭାଷଣରେ କିଛି ଭୁଲ୍ଯାଇଥିଲେ ମଧ୍ୟ ଖବରକାଗଜକୁ ଭାଷଣଟି ପଠାଇଲା ବେଳେ ସେମାନେ ଲେଖିଥିବେ, ସାହିତ୍ୟିକ ଚିନ୍ତା । ଦାର୍ଶନିକ ଭାବ ଯୋଡ଼ିଥିବେ । ମନ୍ତ୍ରୀ ମହାଶୟ ଭାଷଣରେ ଯାହା କହିଲେ ବି ଯାଏ ଆସେ ନାହିଁ । ଲୋକଙ୍କୁ, ସାହିତ୍ୟିକଙ୍କୁ ଏବଂ ରାଜନୀତିଜ୍ଞମାନଙ୍କୁ ବୁଝାଇଲା ଭଳି ସାମ୍ବାଦିକମାନେ ଟିପିବେ ଏବଂ ଭାଷା ଓ ଭାବକୁ ସଜାଇ ଖବରକାଗଜରେ ପ୍ରକାଶ ପାଇବା ପାଇଁ ପଠାଇବେ । ଆଗରୁ ଖବରକାଗଜ ସମ୍ପାଦକଙ୍କ ସହ ବି ସଲାସୂତ୍ର ଅଛି । ତେଣୁ ଚମତ୍କାର ଓ ଚିତ୍ତାକର୍ଷକ ଶିରୋନାମା ଦେଇ ଫୋଟୋ ସହ ଛାପିବେ ମନ୍ତ୍ରୀଙ୍କ ଭାଷଣକୁ ।

ଏ ସବୁ ଆଧୁନିକ ନିର୍ବାଚନ ତଥା ଭବିଷ୍ୟତ ରାଜନୈତିକ ଜୀବନର ଉନ୍ନତି ଓ ସମୃଦ୍ଧି ନିମନ୍ତେ ପ୍ରସ୍ତୁତି ମାତ୍ର । ବ୍ୟକ୍ତିତ୍ୱ ଓ ସମ୍ମାନ ଖବରକାଗଜ ମାଧ୍ୟମରେ ହିଁ ବଢ଼େ—ଏଇଟା ଖୁବ୍ ଭଲ ଭାବେ ହୃଦୟଙ୍ଗମ କରିଥିଲେ ଧୂର୍ତ୍ତ ରାୟ । ଦେଶର ଶ୍ରେଷ୍ଠତ୍ୱକୁ ନେତା ଆଜି ନେତାଙ୍କୁ ହେଟେଲ୍ କରାନ୍ତି ଏଇ ଖବରକାଗଜଗୁଡ଼ିକ ।

Digitized by srujanika@gmail.com

କାର୍ ଭିତରେ ଡ୍ରାଇଭର୍ ବେଳେ ମନ୍ତ୍ରୀ ସୁବ୍ରତରାୟ ଭବିଷ୍ୟତର କାର୍ଯ୍ୟକ୍ରମ ବିଷୟରେ ଖୁବ୍ ସଚେତନ ଥାଆନ୍ତି । ଫ୍ୟାକ୍ଟରୀ ଉଦ୍‌ଘାଟିତ ହେବ—ବୋତାମ ଟିପାହେବ—ଗରିବ ମଜୁରିଆ ଓ ଅନୁନ୍ନତ ସମାଜକୁ ସୁହାଇଲା ଭଳି ଭାଷଣ ଦିଆହେବ ।

ଏଥି ବାହାରେ ଆଜଯାଏଁ ବିଶିଷ୍ଟ ଶିଳ୍ପପତି ମନୋହରଲାଲ୍ କୌଣସି ରାଜନୈତିକ ଦଳ କିମ୍ବା ମନ୍ତ୍ରୀଙ୍କ ଖାପ୍‌ରେ ପଡ଼ିନଥିଲେ । ଯେତେ ଚେଷ୍ଟା କରି ମଧ୍ୟ ତାଙ୍କ ବ୍ୟବସାୟ ପ୍ରତିଷ୍ଠାନରେ ଶ୍ରମିକ ଅଶାନ୍ତି ତଥା ଶ୍ରମିକ ଆନ୍ଦୋଳନ ସୃଷ୍ଟି କରିବାରେ ବିଫଳ ହୋଇଛନ୍ତି ପ୍ରତ୍ୟେକ ରାଜନୈତିକ ଦଳ । କେହି ଚାନ୍ଦା ପାଇପାରିନାହାନ୍ତି । ହେଲେ ବହୁଦିନକେ ରାଜି ହୋଇଛନ୍ତି ମନୋହରଲାଲ୍ । ଆଗରୁ ନିଷ୍ପତ୍ତି ହୋଇଛି—ଉଦ୍‌ଘାଟନ ଉତ୍ସବ ପରେ ପରେ ଚାହାପାନ । ଆଉ ତା ପରେ ପରେ ନିଜ ଦଳପାଇଁ ଚାନ୍ଦା ବିଷୟରେ କଥାବାର୍ତ୍ତା । ଅତି ଗୋପନୀୟଭାବେ ସେଇ କାରବାର ହେବ । ମିଳିତ ମନ୍ତ୍ରିମଣ୍ଡଳରେ ବହୁତ ଦଳ । ତେଣୁ ଖୁବ୍ ଛକା ପଞ୍ଝା ।

ଏଇଠି ତାଙ୍କ ଭାବନା ଛିଣ୍ଡିଯାଏ । ସଚେତନ ହୋଇ ଅଗକୁ ଚାହାନ୍ତି । କିନ୍ତୁ ଆହୁରି ଅନେକ ରାସ୍ତା ଅଛି ଜାଣି ଶୁରେଇ ହୁରେଇ ହୁଅନ୍ତି କାର୍ ଭିତରେ । ଭାବନାକୁ ଆହୁରି ବଢ଼ାଇ ନିଅନ୍ତି ହିମାଳୟଠାରୁ କୁମାରିକା ଯାଏ । ଶେଷରେ ଅତି ଗମ୍ଭୀର ବିଶ୍ଳେଷଣ କରୁଥାନ୍ତି—ଆସନ୍ତା ନିର୍ବାଚନରେ ଜିତିବା ପାଇଁ ନିର୍ବାଚନ ପାଖା ପାଖି ପୁଣି ଥରେ ଦଳ ବଦଳାଇବା ଦରକାର ପଡ଼ିବ କି !

ଚାହାପାନ ସରିଲା ।

ଦୂରରୁ ଦେଖାଗଲା ଫ୍ୟାକ୍ଟେରୀର ବିରାଟ ଆଡ଼ମ୍ବର ଓ ସାଜସଜ୍ଜା । ଲୋକେ ଧାଡ଼ି ଧାଡ଼ି ହୋଇ ରହିଥାନ୍ତି ରାସ୍ତା ଦୁଇ ପାଖରେ । ମନ୍ତ୍ରୀଙ୍କ ଗାଡ଼ି ଦେଖି ତାଙ୍କ ପାଦଚାଳନା ଖୁବ୍ ବଢ଼ିଥାଏ । କାର୍‌ର ଉତ୍କଟ ବିଦ୍ୟୁତ୍ ହର୍ଣ୍ଣ ସମସ୍ତଙ୍କୁ ଚେତାଇ ଦେଉଥାଏ ସଭାମଣ୍ଡପରେ ଶୀଘ୍ର ପହଞ୍ଚିବା ପାଇଁ । ଅଗରୁ ବି ଅନେକ ଲୋକ ପହଞ୍ଚି ସାରିଥାନ୍ତି ।

Digitized by srujanika@gmail.com

ଅଧିକାଂଶ ଅନୁନ୍ନତ ଅଞ୍ଚଳର ଅଧିବାସୀ । ତେଣୁ ସେଠି ମନ୍ତ୍ରୀଙ୍କ ଉପସ୍ଥାନଟା ଅତ୍ୟନ୍ତ ସମ୍ମାନାସ୍ପଦ ଓ ମର୍ଯ୍ୟାଦାପୂର୍ଣ୍ଣ । ମନ୍ତ୍ରୀ ମହାଶୟ ଆଗରୁଁ ଠିକ୍ କରିଥାନ୍ତି—ଭାଷଣରେ ସେଠିକା ଆଞ୍ଚଳିକ ଅଭାବ ଅସୁବିଧା ଦୂରୀକରଣ ପାଇଁ ଫମ୍ପା ପ୍ରତିଶ୍ରୁତି ଦେବେ । ସେତକ କହିଲେ ଅଜାଡ଼ି ପଡ଼ିବ କରତାଳି - ମନ୍ତ୍ରୀଙ୍କ ପ୍ରତି ଉଚ୍ଛ୍ୱସିତ ପ୍ରଶଂସା ।

ଗାଡ଼ି ପହଞ୍ଚିଲା ଅତ୍ୟନ୍ତ ଚିତ୍ତାକର୍ଷକ ସାଜସଜ୍ଜାପୂର୍ଣ୍ଣ ଗେଟ୍ ନିକଟରେ । ଜମିଥାନ୍ତି ବହୁଲୋକ । ମାଲିକ ମନୋହରଲାଲ୍ ଠିଆ ହୋଇଥାନ୍ତି ଫୁଲମାଳ ଧରି । ଦଳ ଲୋକେ ଜମିଥାନ୍ତି ଖୁବ୍ ହସ ହସ ବଦନରେ । ଦର୍ଶକଗଣ ଥାନ୍ତି ଖୁବ୍ ଉତ୍କଣ୍ଠିତ । ଶ୍ରମିକମାନଙ୍କ ନାହିଁ ନଥିବା ଆନନ୍ଦ ।

ମନ୍ତ୍ରୀ ଓହ୍ଲାଇଲେ ଗାଡ଼ିରୁ । ତାଳି ପରେ ତାଳି ବର୍ଷଣ ଚାଲିଥାଏ । ଶଙ୍ଖ ନିନାଦରେ ଗଗନ ପବନ କମ୍ପୁଥାଏ । ମାଇକେ ହୁଳହୁଳି ବନ୍ଦ କରୁନଥାନ୍ତି । ଦଳୀୟ ଲୋକେ ଗଳା ଫଟାଇ ଦେଉଥାନ୍ତି ଜିନ୍ଦାବାଦ୍ ସ୍ଲୋଗାନ ।

ଶିଳ୍ପପତି ମନୋହରଲାଲ୍ ମନ୍ତ୍ରୀଙ୍କୁ ପାଛୋଟି ନେଲେ ସଭାମଣ୍ଡପ ନିକଟକୁ ।

ସଭାମଣ୍ଡପରେ ମନ୍ତ୍ରୀ ମହାଶୟ ପହଞ୍ଚିବା ପରେ ପରିବେଶ ହେଲା ଧୀର, ସ୍ଥିର ଓ ଶାନ୍ତ । ସ୍ୱାଧୀନତା ସଂଗ୍ରାମୀ ବଂଶୀଧରଙ୍କ ସଭାପତିତ୍ୱରେ ଆରମ୍ଭ କରାଗଲା ସଭାକାର୍ଯ୍ୟ ।

ମନୋହରଲାଲ୍ ଉଠିଲେ ପ୍ରାରମ୍ଭିକ ସ୍ୱାଗତ ଭାଷଣ ଦେବାପାଇଁ । ପିନ୍ଧିଥାନ୍ତି ବିଦେଶୀ ଲୁଗା । କହୁଥାନ୍ତି ଖାଣ୍ଟି ସ୍ୱଦେଶୀ ଭାଷାରେ । ପ୍ରଥମେ ସେ ଚାହିଁଲେ ମନ୍ତ୍ରୀଙ୍କ ଗମ୍ଭୀର ବଦନକୁ । ତା ପରେ ଚାହିଁଲେ ସମ୍ମୁଖସ୍ଥ ଜନତାକୁ । ଜଣାଇଲେ ବିନମ୍ର ନମସ୍କାର । ସାମ୍ବାଦିକଗଣ କାଗଜ କଲମ ଧରି ସକ୍ରିୟ ହୋଇ ଉଠିଲେ । ମନ୍ତ୍ରୀଙ୍କ ଭାଷଣ ଓ ସଭାପରେ ଜଳଯୋଗ କାର୍ଯ୍ୟକ୍ରମ ଥିଲା ସେମାନଙ୍କ ସର୍ବାଧିକ

Digitized by srujanika@gmail.com

ଆକର୍ଷଣ । ମୁଖ୍ୟ ଅତିଥି ଏବଂ ଉପସ୍ଥିତ ଜନତାଙ୍କୁ ସମ୍ବୋଧନ କରି ମନୋହରଲାଲ୍ ଆରମ୍ଭ କଲେ ସ୍ୱାଗତ ଭାଷଣ—

"…ଶ୍ରମିକ ଭାଇ ଓ ଭଉଣୀମାନଙ୍କୁ ପ୍ରଥମେ ମୋର ତଥା ମୋ ପରିବାରର କୃତଜ୍ଞତା ଜଣାଉଛି । ଆଜକୁ ଊର୍ଦ୍ଧ ୫୦ ବର୍ଷ ହେଲା ନିରବଚ୍ଛିନ୍ନ ଭାବେ ମୋର ସ୍ୱର୍ଗୀୟ ପିତାଙ୍କ ଦ୍ୱାରା ପ୍ରତିଷ୍ଠିତ ଏଇ ବ୍ୟବସାୟ ପ୍ରତିଷ୍ଠାନ ଆପଣମାନଙ୍କ ଶ୍ରଦ୍ଧା, ସ୍ନେହ ଓ କଠିନ ପରିଶ୍ରମ ଦ୍ୱାରା ସମୃଦ୍ଧ ହୋଇଆସିଛି । ଆପଣଙ୍କ ଆନ୍ତରିକତା ଓ କର୍ତ୍ତବ୍ୟ ନିଷ୍ଠା ପାଇଁ ମୋର ତଥା ମୋ ପରିବାର ତରଫରୁ ମୁଁ ଆପଣମାନଙ୍କୁ କୃତଜ୍ଞତା ଜଣାଉଛି । ଆଜି ଯେଉଁ ହ୍ୟୁମ୍ ପାଇପ୍ ବା ସିମେଣ୍ଟ ନଳା ତିଆରି କାରଖାନା ଉଦ୍‌ଘାଟିତ ହେବାକୁ ଯାଉଛି, ସେଥିର ପ୍ରତ୍ୟେକ ମୁଦ୍ରା ଆପଣମାନଙ୍କର କହିଲେ ଅତ୍ୟୁକ୍ତି ହେବନି ।

ବିଶେଷରେ ଆମ ସମସ୍ତଙ୍କ ଆଜି ଗୋଟିଏ ସୌଭାଗ୍ୟର ଦିନ— ଆମେ ଆମର (ଏତିକବେଳେ ମନ୍ତ୍ରୀ ମହାଶୟ ଟିକିଏ ଗମ୍ଭୀର ଦେଖା ଯାଉଥିଲେ) ସ୍ୱାଧୀନତା ସଂଗ୍ରାମର ଜଣେ ଯୋଦ୍ଧା, ଆଦର୍ଶମାନବ, ଦେଶପ୍ରେମୀ, ଅସାଧାରଣ ତ୍ୟାଗୀ ଏବଂ ଆଜିକାଲିକା ଜଣେ ସାଧାରଣ ଚୌକିଦାର୍ ଶ୍ରୀଯୁକ୍ତ ବଂଶୀଧର ସ୍ୱାଇଁଙ୍କୁ ଏଇ ଉତ୍ସବରେ ସଭାପତି ଭାବେ ପାଇଅଛୁ । (ଏତିକବେଳେ ମନ୍ତ୍ରୀଙ୍କ ମୁହଁ ଟିକିଏ ଫିକା ପଡ଼ିଯାଇଥିଲା । ବଂଶୀଧର ସ୍ୱାଇଁ ନିଜ ପ୍ରଶଂସା ନିଜେ ଶୁଣିବାର ଧୈର୍ଯ୍ୟ ହରାଇ ମଥା ତଳକୁ କରି ନେଇଥିଲେ ।) ଆପଣମାନଙ୍କଠାରୁ ଏବଂ ମନ୍ତ୍ରୀ ମହାଶୟଙ୍କଠାରୁ କ୍ଷମା ମାଗି ନେଇ କହିବି, ଆଜି ଆମ ସମସ୍ତଙ୍କ ଧମନୀରେ ଯେଉଁ ସ୍ୱାଧୀନ ରକ୍ତକଣିକା ବହୁଛି, ତାହା ଆମ ବଂଶୀଧର ବାବୁଙ୍କ ଭଳି ଅନେକଙ୍କ ତ୍ୟାଗ ଓ ଦେଶପ୍ରେମରେ ରଞ୍ଜିତ ।

ସ୍ୱାଧୀନତା ପାଇବାର ବହୁ ବର୍ଷ ପରେ ବି ଆମେ ବୁଝିପାରିନୁ ଏହାର ଅର୍ଥ—ଆସ୍ୱାଦନ କରିପାରିନୁ ଏହାର ସ୍ୱାଦୁ । ମୂଲ୍ୟାଙ୍କନ କରିପାରିନୁ ଏହାର ମୂଲ୍ୟବୋଧ । କିନ୍ତୁ ମୁଁ ନିଜେ ସ୍ୱଚକ୍ଷୁରେ ମୋ ବାଲ୍ୟାବସ୍ଥାଠାରୁ ଆରମ୍ଭ କରି ଆଜି ଯାଏଁ ବଂଶୀଧର ବାବୁଙ୍କ ମହାନ୍ ବ୍ୟକ୍ତିତ୍ୱ ନିକଟରେ ସେ ସବୁ ଦେଖି ଆସିଛି । 'ଭାରତ ମାତାକି ଜୟ',

Digitized by srujanika@gmail.com

'ମହାତ୍ମା ଗାନ୍ଧୀ କି ଜୟ' କହିଲା ବେଳେ ମୁଁ ତାଙ୍କଠାରେ ଦେଖି ପାରିଛି ସ୍ୱାଧୀନତା ଶବ୍ଦର ମୂଲ୍ୟାଙ୍କନ । ଅସହଯୋଗ ଆନ୍ଦୋଳନରେ ଯୋଗଦେଇ, ମାଡ଼ଖାଇ, ରକ୍ତ ଦନଦନା ହୋଇ ବଂଶୀଧର ବାବୁ ଜେଲକୁ ଗଲାବେଳେ ଦେଖିଛି ତାଙ୍କ ହୃଦୟରେ ଦେଶପ୍ରେମର ଉଚ୍ଛ୍ୱାସ । ଆଉ ସର୍ବସ୍ୱ ତ୍ୟାଗ କରି ସ୍ୱାଧୀନତା ପରେ ସାଧାରଣ ଭୋଟର୍ ଭାବେ ଏଇ ପିଚୁରାସ୍ତାରେ ପବନ ଆହରଣ କଲାବେଳେ ତାଙ୍କଠାରେ ଦେଖିଛି ସ୍ୱାଧୀନତା ଶବ୍ଦର ଆସ୍ୱାଦନ । ରାସ୍ତା ପାଇଁ ତାଙ୍କ ଲକ୍ଷହାଣ୍ଡି ଭଳି ଜମି ତ୍ୟାଗ କଲାବେଳେ ଦେଖିଛି ତାଙ୍କଠାରେ ଅଭୂତପୂର୍ବ ଦେଶପ୍ରେମ ।

ଏତିକବେଳେ ସମସ୍ତଙ୍କ ଆଖି ଛଳଛଳ ହୋଇଉଠିଲା । ବଂଶୀଧର ବାବୁଙ୍କ ଆଖିରୁ ବି କାହିଁକି ନା ଝରି ଆସିଥିଲା ଦୁଇଟୋପା ଲୁହ । ମନେ ମନେ ସେ ଭାବୁଥାନ୍ତି, ତାଙ୍କ ସ୍ତ୍ରୀ ବଞ୍ଚିଥିଲେ ଏତକ ଶୁଣି ବିଗତର ତ୍ୟାଗ ପାଇଁ ତାଙ୍କୁ କ୍ଷମା ଦେଇଥାନ୍ତା । ଆଉ ଦିନେ ବି ତେଲ ଲୁଣ ସଂସାରର ଅଭାବ ଅନାଟନ ପାଇଁ ଅଭିମାନ କରନ୍ତାନି ।"

ମନୋହରଲାଲ୍ ଭାଷଣ ବଢ଼ାଇ କହିଚାଲିଲେ, "କିନ୍ତୁ ହାୟ ! ଏତେ ବଡ଼ ଯୋଦ୍ଧା ସ୍ୱାଧୀନତା ପରେ ହୋଇଛନ୍ତି ସର୍ବହରା— ଦୁର୍ଦ୍ଦଶାଗ୍ରସ୍ତ —ଆଉ ତାଙ୍କ ପରିବାର ବିପର୍ଯ୍ୟସ୍ତ । ତାଙ୍କର ସମ୍ପତ୍ତି ଓ ସମ୍ବଳ ମାତ୍ର ଗୋଟିଏ ବେଲଟ୍ ପେପର୍ ବା ଭୋଟ କାଗଜ । ଆଉ ଆମ ପକେଟ୍‌ରେ ସେଇ ସ୍ୱାଧୀନତା ଆଜି ଗଣତାନ୍ତ୍ରିକ ସମ୍ବିଧାନର ଅଧିକାର ନେଇ ହସୁଛି ନୋଟ୍ ବିଡ଼ା । ଦେହରେ ହସୁଛି ଦାମିକା ପୋଷାକ—ପେଟରେ ବିଳାସାଞ୍ଜଳି ଅତି ଆନନ୍ଦରେ ମଛ ମାଂସ । ତେବେ ମୁଁ କହିବି, ଆମମାନଙ୍କ ଭିତରେ ସେ ହେଉଛନ୍ତି ଶ୍ରେଷ୍ଠମାନବ – ଗରିବମାନଙ୍କ ପକ୍ଷେ ସହିଷ୍ଣୁତାର ପ୍ରତୀକ — ଶିଳ୍ପପତିମାନଙ୍କର କର୍ତ୍ତା - ରାଜନୀତିଜ୍ଞମାନଙ୍କର ସ୍ରଷ୍ଟା । ତେଣୁ ମୋର ତଥା ମୋ ଶ୍ରମିକ ଭାଇମାନଙ୍କ ପକ୍ଷରୁ ତାଙ୍କ ନିକଟରେ ଆନ୍ତରିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଭାଇ ଓ ଭଉଣୀମାନେ ! ଆପଣମାନଙ୍କ ନିକଟରେ ଆଜିର ମୁଖ୍ୟ ଅତିଥି ତଥା ମାନ୍ୟବର ମନ୍ତ୍ରୀଙ୍କର ପରିଚୟ ଦେବାକୁ ଯିବା ମୋ

Digitized by srujanika@gmail.com

ପକ୍ଷେ ଧୃଷ୍ଟତା ମାତ୍ର । ସେ ହେଉଛନ୍ତି ଆଜି ଆମ ଦେଶର ଜଣେ ପୂଜ୍ୟ ବ୍ୟକ୍ତି । ଦକ୍ଷ ଗୃହମନ୍ତ୍ରୀଙ୍କ । ଆପଣମାନେ ମାନ୍ୟବର ମନ୍ତ୍ରୀଙ୍କ ବିଷୟରେ ଭଲଭାବେ ଜାଣନ୍ତି । ତେବେ ବହୁ କଷ୍ଟ ସ୍ୱୀକାର କରି ଏବଂ ତାଙ୍କର ବହୁ ମୂଲ୍ୟବାନ୍ ସମୟ ନଷ୍ଟକରି ଆଜିର ଏଇ ଉଦ୍‌ଘାଟନ ଉତ୍ସବରେ ଯୋଗ ଦେଇଥିବା ଯୋଗୁଁ ମୁଁ ମୋ ତରଫରୁ ଏବଂ ଆପଣମାନଙ୍କ ତରଫରୁ ତାଙ୍କ ନିକଟରେ ଗଭୀର କୃତଜ୍ଞତା ଜଣାଉଛି ।

ଶେଷରେ ଆଜି ଉଦ୍‌ଘାଟିତ ହେବାକୁ ଯାଉଥିବା ହ୍ୟୁମ୍ ପାଇପ୍ ଫ୍ୟାକ୍ଟେରୀ ଏବଂ ତାର ଇତିହାସ ସମ୍ବନ୍ଧେ ଦୁଇ ପଦ କହି ଆପଣମାନଙ୍କ ଠାରୁ ବିଦାୟ ନେବି ।

ଆଗରୁ ଆପଣଙ୍କୁ କହିଛି ଏଇ ଫ୍ୟାକ୍ଟେରୀରେ ବ୍ୟୟ ହେଇଥିବା ପ୍ରତିଟି ପାହୁଲି ମୋର ପୁରାତନ ପ୍ରତିଷ୍ଠାନର ଶ୍ରମିକମାନଙ୍କର । ଆପଣମାନେ ଶୁଣି ଆଶ୍ଚର୍ଯ୍ୟ ହେବେ ଯେ, ଏଇ ସଭାରେ ଉପସ୍ଥିତ ଥିବା ଶ୍ରମିକ 'ମାଳି' ତଥା ମାଳିଣୀ ବେଓ୍ୱାର ନାମ ଉଲ୍ଲେଖଯୋଗ୍ୟ । ଏହି ରହସ୍ୟ ହୁଏତ ଆଜିଯାଏଁ କେହି ଜାଣି ନାହାନ୍ତି । ଏମିତିକି ମାଳି ନିଜେ ବି ଜାଣିନି । ତେଣୁ ସଭାପତିଙ୍କ ଅନୁମତି କାମନା କରି ଏଇ ମଞ୍ଚ ଉପରକୁ ମାଳି ଆସିବା ପାଇଁ ଅନୁରୋଧ କରୁଛି ।"

ଏତିକିବେଳେ ଉପସ୍ଥିତ ଜନତାଙ୍କ ମଧ୍ୟରେ ଦେଖାଦେଲା ଟିକିଏ ଚହଳ । ବଂଶୀଧରବାବୁ ଏବଂ ମନ୍ତ୍ରୀ ମହାଶୟ ମଧ୍ୟ ଉତ୍କଣ୍ଠିତ ହେଇ ଉଠିଲେ ଏ ପ୍ରକାର ଅସ୍ୱାଭାବିକ ପରିସ୍ଥିତିରେ । ଏଣେ ମାଇକି ମହଲରେ ମାଳିକୁ ଚିହ୍ନିବା ପାଇଁ ଟିକିଏ ବ୍ୟଗ୍ରତା ପ୍ରକାଶ ପାଇଲା । ସଭାପତି ନିଜ ଆସନରୁ ଉଠି ଶ୍ରମିକ ମାଳିକୁ ମଞ୍ଚ ଉପରକୁ ଆସିବା ପାଇଁ ଅନୁରୋଧ କଲେ ।

ଶେଷରେ ସମସ୍ତଙ୍କ ଦୃଷ୍ଟି ଠାଣି ହେଇପଡ଼ିଲା ମାଳି ପ୍ରତି । ମାଳି ଉଠିଲା ଅନ୍ୟାନ୍ୟ ଶ୍ରମିକଙ୍କ ଅନୁରୋଧ ଓ ବାଧ୍ୟତାରେ । ନଅଖିହା ମାଳି କେଉଁ ଜାଣେନି । ବେଶ୍ ବୁଢ଼ା ହେଲେ ବି ସତେଜ ମାଂସପେଶୀରୁ

Digitized by srujanika@gmail.com

ଜଣାଯାଉଥାଏ ସେ କଠିନ ପରିଶ୍ରମୀ ବୋଲି । ପିନ୍ଧିଛି ଗେଞ୍ଜିଆ ଓ ମଇଳା ଲୁଗା ଖଣ୍ଡିଏ । ବୟସରେ ରହିଛି ଅନେକ ଅନୁଭୂତି । ଶରୀରରେ ଅଛି ମାଧ୍ୟାକର୍ଷଣ ଶକ୍ତିକୁ ପ୍ରତିରୋଧ କରିବାର କୌଶଳ ଓ କ୍ଷମତା । ବିବେକରେ ଅଛି ସହିଷ୍ଣୁତା ଓ ମନରେ ଅଛି ଅମାୟିକତା ।

ଖୁବ୍ ଆଶଙ୍କା ଓ ଉତ୍କଣ୍ଠା ନେଇ ମାଲି ଆଗେଇଲା ଜନଗହଳି ଭିତରେ । କେତେଜଣ ମରଦ ଶ୍ରମିକ ତା ସାଥିରେ ଆସି ମଞ୍ଚ ଉପରେ ତାକୁ ଛାଡ଼ି ଦେଇ ଚାଲିଗଲେ ।

ଅତି ସଙ୍କୋଚ ଓ ବିନମ୍ର ହୋଇ ମାଲିକ ମନୋହରଲାଲ୍ଙ୍କ ନିକଟରେ ଠିଆ ହେଲା ମାଲି । ଗୋଡ଼ ଥରୁଥାଏ—ପାଟି ଖନା ମାରୁଥାଏ—ଛାତି ଶୁଖି ଯାଉଥାଏ । କଣ କରିବ—କଣ ନାହିଁ, କାହିଁକି ତାକୁ ଡକାଗଲା କିଛି ଜାଣିପାରୁ ନଥାଏ ।

ମନୋହରଲାଲ୍ କହି ଚାଲିଲେ, "ଏଇ ବ୍ୟବସାୟ ପ୍ରତିଷ୍ଠାନର ଏଇ ବୁଢ଼ାମାଲି ହେଉଛି ଜଣେ ସାଧାରଣ ଶ୍ରମିକ । କିନ୍ତୁ ତା ଶ୍ରମ ଓ ବ୍ୟକ୍ତିତ୍ୱ ଅସାଧାରଣ । ଆଜିର ଏଇ ମହାନ୍ ଉତ୍ସବରେ ଆପଣ-ମାନଙ୍କ ଓ ମନ୍ତ୍ରୀ ମହାଶୟଙ୍କ ନିକଟରେ ଏଇ ମାଲିର ପରିଚୟ ଓ ନୂତନ ଫ୍ୟାକ୍ଟ୍ରୀ ସହ ତାର ସମ୍ପର୍କ ବିଷୟରେ ପଦେ କହିବି ।"

ଏତିକି କହି ମନୋହରଲାଲ୍ ମାଲିପ୍ରତି ପ୍ରଶ୍ନ କଲେ, "ଆଚ୍ଛା ମାଲି ! କହିଲୁ—କେଉଁ ଦିନଠୁଁ ତୁ ଏଇ ଗୋଡ଼ ତିଆରି କାରଖାନାରେ କାମ କରୁଛୁ ଏବଂ ଏଇ କାରଖାନା ପ୍ରତି ତୋର ଧାରଣା କଣ ?"

ମାଲି କିଛି ବୁଝିପାରିଲାନି । ପ୍ରଶ୍ନଟା ବି ଶୁଣିନି । ଖାଲି ଆଖି ବୁଲାଇ ଜନତାର ସମୁଦ୍ର ଭିତରେ ଖୋଜୁଥାଏ । ତାକୁ ଆଣି ମଞ୍ଚ ଉପରେ ଛାଡ଼ିଥିବା ଜାଗା, କାହ୍ନୁ, ମଦନା, ରଇବାରିଆ, କନ୍ଥିନିଆ ଆଦିକୁ । ତାକୁ କାହିଁକି ସେମାନେ ଏଠାକୁ ଆଣିଲେ, । ଆଉ କେତେବେଳେ ତାକୁ ପୁଣି ନେଇଯିବେ ତା ଜାଗାକୁ, ଖାସ୍ ଭାବୁଥାଏ ।

Digitized by srujanika@gmail.com

ମନୋହରଲାଲ୍ ମାଳର ଏତାଦୃଶ ଅବସ୍ଥା ସଠିକ୍ ଠଉରାଇ ପୁଣି ପ୍ରଶ୍ନଟାକୁ ପୁନରାବୃତ୍ତି କଲେ ଏବଂ ପ୍ରଶ୍ନଟାକୁ ପ୍ରାଞ୍ଜଳ କରି ବୁଝାଇଲେ ।

ମାଳ ଛେପ ଢୋକ ଢୋକ କହିଲା, "ବାବୁ...! ମୋ ମା'ଠାରୁ ଶୁଣିଥିଲି, ମୋତେ କଅଁଳା ପିଲାବେଳୁ ଏଠିକି ସେ ଧରିଆସେ । ସାମନା କରଞ୍ଜ ଗଛଟାରେ କୁଆଡ଼େ ଦୋଳି ବାନ୍ଧି ମୋତେ ଶୁଆଇ ଦିଏ । କାନ୍ଦିଲେ କ୍ଷୀର ଖୁଆଏ । ସେଇ ଦିନଠୁଁ ମୁଁ ଏଠାକୁ ଆସୁଛି । ଏଇଠି କୁଆଡ଼େ ଖେଳି ବୁଲି କଥାବାର୍ତ୍ତା ଶିଖିଲି । ମୋ ବୁଦ୍ଧି ଆସିବାଠୁଁ ଜାଣିଛି ମୁଁ, ମୋ ମା'ର ଟୋକେଇରେ ଗୋଡ଼ି ଭର୍ତ୍ତି କରେ । ତା ପରେ କୁଆଡେ ହାଜର ଖାତାରେ ମୋ ନାମ ଲେଖା ହେଲା । ଏଠି କାମ କରିବା ଭିତରେ ଭୁଆସୁଣୀ ହେଲି—ବାହାହେଲି—ମା ହେଲି । ଆଉ ହେଟିଭଳି ଲାଗୁଛି କାଣିଆ ବାପ ନାହିଁ କରୁ କରୁ ବଡ ପଥରଟା ଆଡ଼େଇବାକୁ ଯାଇ ଗୋଡ଼ ଖସି ଗୁଳିଗଲା—ମୋ କପାଳ ପୋଡ଼ିଗଲା । ତେବେ ସେମିତି କାମକୁ ମୁଁ ଆସୁଛି । ଆଜିକାଲି ଆଉ ତାକତ ଲାଗୁନି—ଜୋର୍ କାମ କରିପାରୁନି । ହେଲେ କାମକୁ ନଆସି ରହିପାରୁନି । ତୁମେ ମୋ ବାପ...ମା...ଠାକୁର ସବୁ କିଛି ।"

ଏତିକି କହି ମାଳ ଆଖି ଛଳଛଳ କରିପକାଇଲା । କାନିଟାକୁ ଚପାଇନେଲା ଆଖି ଉପରେ । ମନୋହରଲାଲ୍ ସଙ୍ଗେ ସଙ୍ଗେ ବାକିତକ ପରିଚୟ ଦେବାକୁ ଯାଇ କହିଲେ—

"ଆପଣମାନେ ମାଳଠାରୁ ବିଶେଷ କିଛି ଶୁଣି ପାରିଲେନି । ଆଜିର ଏଇ ନୂତନ ଫ୍ୟାକ୍ଟ୍ରୀ ସହ ତା'ର ଘନିଷ୍ଠ ସମ୍ପର୍କ ରହିଛି । ତା ସ୍ୱାମୀ ଗୁଳିଗଲା ପରେ ମୋ ସ୍ୱର୍ଗୀୟ ପିତୃଦେବ ପାଞ୍ଚହଜାର ଟଙ୍କା କ୍ଷତିପୂରଣ ଦେଇଥିଲେ । କିନ୍ତୁ ମାଳ ସେତକ ନନେଇ ଆଜିଯାଏଁ ତାକୁ କମ୍ପାନୀରେ ଗଚ୍ଛିତ ରଖିଛି । ଏମିତିକି ଏଇ ମାଳ ମାସିକ ମଜୁରି ନେଲାବେଳେ ପୁରା ମଜୁରି ନିଏନି । ତାର ଯେତକ ନିହାତି ଦରକାର ସେତକ ନେଇ ବାକିତକ ଟଙ୍କା ଗଚ୍ଛିତ ରଖେ । କି ଖରା—କି ବର୍ଷା—କି ଶୀତ କୌଣସି ଦିନ ସେ ଅନୁପସ୍ଥିତ ରହେନି । ଛୁଟି-

Digitized by srujanika@gmail.com

ବାନଗୁଡ଼ିକରେ ନାହିଁ କଲେ ବି କିଛି ନା କିଛି କାମ କରିଦେଇ ଯିବ । କାହାର ବାରଣକୁ ମାନିବନି । ଆଜିଯାଏଁ ତାର ବଳକା ମଜୁରି, ଓଭରଟାଇମ୍, ବୋନାସ୍ ଓ ଗଚ୍ଛିତ ଟଙ୍କା ଏବଂ ସେ ସବୁର କଳନ୍ତର ଆଦି ମିଶାଇ ସମୁଦାୟ ୨୦ ହଜାର ଏବଂ ମୋର ବାକିତକ ୩୦ ହଜାର ଟଙ୍କା ମିଶାଇ ଏଇ ନୂତନ ଫ୍ୟାକ୍ଟେରୀ ବସାଯାଉଛି । (ଏତିକିବେଳେ ଜନତାଙ୍କଠୁଁ ଶୁଭୁଥିଲା କରତାଳି ବହୁ ସମୟ ଯାଏଁ । 'ମାଳିକ୍ କି ଜୟ ! ମାଳି କି ଜୟ'ରେ ମୁଖରିତ ହୋଇ ଉଠୁଥାଏ ସଭାସ୍ଥଳୀ । ନିଜେ ବଂଶୀଧର ବାବୁ ସଭାପତି ଆସନରେ ବସି ମଧ୍ୟ ଜୟଗାନରେ ଭାଗ ନେଉଥାନ୍ତି)

ଖାଲି ସେ ଏଇ ନୂତନ ଫ୍ୟାକ୍ଟେରୀର ଇତିହାସ ଏତିକିରେ ସୀମାବଦ୍ଧ ତାହା ନୁହେଁ । ମୁଁ ନିଷ୍ପତ୍ତି କରିଛି ଏଇ ଫ୍ୟାକ୍ଟେରୀର ପରିଚାଳନା ଭାର ନେବେ ଏଇ ଶ୍ରମିକ ଗୋଷ୍ଠୀ । ସେଇ ପରିଚାଳନା ବୋର୍ଡର ଚେୟାରମ୍ୟାନ୍ ହେବେ ଆମ ଆଦର୍ଶ ନେତା ବଂଶୀଧର ବାବୁ । ଲଭ୍ୟାଂଶର ଏକ-ତୃତୀୟାଂଶ ମାଳିର—ଏକ-ତୃତୀୟାଂଶ ମୋର ଆଉ ବାକିତକ ଏଇ ଶ୍ରମିକମାନଙ୍କର । ଆଶାକରେ ଆପଣମାନେ ମୋ ପ୍ରସ୍ତାବ ସହ ଏକମତ ହେବେ ।"

ଏତିକିବେଳେ କରତାଳି ଆହୁରି ପ୍ରବଳ ହୋଇ ଉଠିଲା । ମନ୍ତ୍ରୀ ମହାଶୟ ଏସବୁ ଘଟଣ ଶୁଣି ସ୍ତମ୍ଭୀଭୂତ ହୋଇଥାଆନ୍ତି । ମନୋହର ବାବୁଙ୍କ ବ୍ୟକ୍ତିତ୍ୱ ପ୍ରତି ଅନ୍ତର ଭିତରେ ଯଥେଷ୍ଟ ଆକୃଷ୍ଟ ହୋଇ ନିଜ ମନ୍ତ୍ରିତ୍ୱକୁ ସମ୍ପୂର୍ଣ୍ଣ ଭୁଲିଯାଇଥାଆନ୍ତି ।

ବଂଶୀଧର ବାବୁ ଅତିଟା ଭାବପ୍ରବଣ ହୋଇ ଉଠିଲେ । ମାଇକ୍ ପାଖକୁ ଆସି କହିଲେ, "ମୁଁ ମନ୍ତ୍ରୀ ମହାଶୟଙ୍କୁ ଏବଂ ମନୋହର ବାବୁଙ୍କୁ ଅନୁରୋଧ କରୁଛି, ସେମାନେ ଅନୁମତି ଦିଅନ୍ତୁ ଏଇ ଫ୍ୟାକ୍ଟେରୀ ଏଇ ମାଳିଦ୍ୱାରା ହିଁ ଉଦ୍‌ଘାଟିତ ହେଉ ।"

ସଭାସ୍ଥଳୀ ପୁଣି କରତାଳିରେ କମ୍ପି ଉଠିଲା । ମନ୍ତ୍ରୀ ମହାଶୟ କାଳ ବିଳମ୍ବ ନକରି ଏକମତ ହେଲେ । ଆଉ କହିଥିଲେ, "ମୁଁ ବସ୍ତାରେ

Digitized by srujanika@gmail.com

ଆସିଲାବେଳେ ଠିକ୍ ଏଇପରି ଭାବଥିଲା । ଯେ କୌଣସି ଅନୁଷ୍ଠାନ, ଯୋଜନା କିମ୍ବା କଳକାରଖାନା ଶ୍ରମିକମାନଙ୍କ ଦ୍ୱାରହିଁ ଉଦ୍‌ଘାଟିତ ହେବା ଉଚିତ ।”

ମନ୍ତ୍ରୀ ମହାଶୟ ଠିକ୍ କରି ନେଇଥିଲେ, ତାଙ୍କ ଉଦ୍‌ଘାଟନ-ଫଟୋ ଖବରକାଗଜରେ ନବାହାରୁ ପଛେ, ଜନତାର ଇଚ୍ଛା ଓ ରାୟକୁ ସମ୍ମାନ ଦେବାକୁ ହେବ । ଅନ୍ୟ ଉପାୟ ନାହିଁ । ଏଇ ଉଦ୍‌ଘାଟନ ଉତ୍ସବକୁ ଆସିବା ଯେତେ ଭୁଲ୍ ହେଲେ ମଧ୍ୟ ସଂଶୋଧନ କରିବାର ବେଳ ନାହିଁ । ଭାବପ୍ରବଣତାର ସୁଅରେ ନିଜକୁ ମଧ୍ୟ ପରିସ୍ଥିତି ସହ ଖାପ ଖୁଆଇ ମିଶାଇବାକୁ ପଡ଼ିବ । ନଚେତ୍ ବିରୁଦ୍ଧ ଦଳକୁ ସମର୍ଥନ କରୁଥିବା ଖବରକାଗଜ ତାଙ୍କୁ ଅପଦସ୍ଥ କରିବେ । ନାନାପ୍ରକାର କୁତ୍ସା ରଟନା କରିବେ । ମୌଳିକ ଅଧିକାରର ଅପ-ବ୍ୟବହାରଟା ବ୍ୟକ୍ତିଗତ ଅଧିକାରରେ ପରିଣତ ହେଲାଣି ।

ତା ପରେ ସଭାପତିଙ୍କ ଅନୁରୋଧକ୍ରମେ ମୁଖ୍ୟ ଅତିଥି ତଥା ମାନ୍ୟବର ମନ୍ତ୍ରୀ ମହାଶୟ ଉଠିଲେ ତାଙ୍କ ଭାଷଣ ପ୍ରଦାନ କରିବା ପାଇଁ । ତେବେ ମନୋହରଲାଲ୍‌ଙ୍କ ପ୍ରାରମ୍ଭିକ ଭାଷଣ ଯୋଗୁଁ ଉପୁଜିଥିବା ପରିସ୍ଥିତି ଓ ଭାବପ୍ରବଣ ବାୟୁମଣ୍ଡଳକୁ ଆଖି ଆଗରେ ରଖି ତାଙ୍କ ଭାଷଣକୁ କରିଥିଲେ ଖୁବ୍ କ୍ଲୁପ୍ତ । ସେଇ ଭାଷଣରେ କେବଳ ମାଲ, ବଂଶୀଧରବାବୁ ଆଉ ମାଲିକ୍ ମନୋହରଲାଲ୍‌ଙ୍କ ପାଇଁ ଥିଲା ଉଚ୍ଚ ପ୍ରଶଂସା—ଅଭିଧାନର ବଡ଼ ବଡ଼ ବିଶେଷଣ ଶବ୍ଦ । ଉପସ୍ଥିତ ଶ୍ରମିକମାନଙ୍କୁ ଉପଦେଶ ଦେଇଥିଲେ, ‘ମାଲ’ ଜୀବନର ଆଦର୍ଶ ତଥା ମୂଲ୍ୟବୋଧ ଅନୁପ୍ରାଣିତ ହେବା ପାଇଁ । ବିଶେଷ ସମୟ ନେଇ ସରକାରଙ୍କ ଶିଳ୍ପ ଓ ଶ୍ରମିକ ନୀତି ଉପରେ କିଞ୍ଚିତ୍ ଆଲୋକପାତ କରି ଭାଷଣଟିକୁ ଶେଷ କରିଥିଲେ ।

ସଭାପତି ବଂଶୀଧରବାବୁ ବି ତାଙ୍କ ଭାଷଣରେ ଗାନ୍ଧୀଙ୍କ ରାମରାଜ୍ୟ ପରିକଳ୍ପନା—ସୁନାର ଭାରତ ସ୍ୱପ୍ନ ବିଷୟରେ ଲୋକଙ୍କୁ ଚେତାଇ ପ୍ରତିଦିନ ସୂତା କାଟିବା ପାଇଁ ଏବଂ କଠିନ ପରିଶ୍ରମ କରିବା ପାଇଁ

Digitized by srujanika@gmail.com

ଉପଦେଶ ଦେଇଥିଲେ । ଆଉ ଭାଷଣ ଶେଷବେଳକୁ ମନୋହରଲାଲ୍‌ଙ୍କ ପ୍ରତି ଅଜାଡ଼ି ଯାଇଥିଲେ ପ୍ରଶଂସା । ଅତଏବ ଭାବପ୍ରବଣ ହୋଇ ତାଙ୍କୁ ଗାନ୍ଧୀଙ୍କ ଦାୟାଦ କହି ଆଖି ଛଳ ଛଳ କରନେଇଥିଲେ । ତା ପରେ ତାଙ୍କ କଣ୍ଠରୁଦ୍ଧ ହୋଇ ଉଠିଥିଲା । ଭାଷଣ ଶେଷକରି ବସିଯାଇଥିଲେ ଚୌକିରେ ।

ସଭାକାର୍ଯ୍ୟ ଶେଷ ହେବାପରେ ନୂତନ ଫ୍ୟାକ୍ଟ୍ରୀ ଉଦ୍‌ଘାଟନ ନିମନ୍ତେ ମଞ୍ଚ ଉପରୁ ସମସ୍ତେ ଉଠିଆସିଲେ କାରଖାନା ଅଭିମୁଖେ । 'ମାଳି' ଚାଲିଥାଏ ଆଗରେ । ମନୋହରଲାଲ୍ ତାଙ୍କୁ ବାଟ କାଢ଼ି ନେଉଥାନ୍ତି । ପଛେ ପଛେ ମନ୍ତ୍ରୀ, ବଂଶୀଧରବାବୁ, ଅନ୍ୟାନ୍ୟ ଶ୍ରମିକ ଓ ଜନତା ଚାଲିଥାନ୍ତି ।

ମାଲିକ ମନୋହରବାବୁ ଓ ମନ୍ତ୍ରୀଙ୍କ ବାରମ୍ବାର ଅନୁରୋଧ ପରେ ମାଳି ଟିପିଲା ବୋତାମଟା । ଏକ ସମୟରେ ତାଳି, ହୁଳହୁଳି ଆଉ ଫାକ୍ଟ୍ରୀର ଘର୍‌ଘର୍ ଶବ୍ଦରେ ଆକାଶର କାହିଁ କେତେ ଉପରକୁ ବ୍ୟାପିଗଲା କମ୍ପନ । ଫୁଲ ଅଜାଡ଼ି ହୋଇପଡ଼ିଲା ମାଳି ଓ ମନ୍ତ୍ରୀଙ୍କ ଉପରେ । ଫଟୋଗ୍ରାଫର ଉଠାଇଲେ ଫଟୋ । କିନ୍ତୁ ମନ୍ତ୍ରୀ ରହିଯାଇଥିଲେ ମାଳିର ପୃଷ୍ଠଦେଶରେ ।

ଉପସ୍ଥିତ ଶ୍ରମିକ ଆଉ ଜନତାଙ୍କ ନାହିଁ ନଥିବା ଆନନ୍ଦ ।

ବଂଶୀଧରବାବୁ ଗାନ୍ଧୀଙ୍କୁ ସ୍ମରଣ କରି—ତାଙ୍କ ଅମର ଆତ୍ମାର ଆଶାପୂରଣ ହେଉଥିବା ଦେଖି ମହାନନ୍ଦରେ ଗଡ଼ାଇ ଯାଉଥିଲେ ଆଖିରୁ ଲୁହ । ହସୁଥିଲେ—କାନ୍ଦୁଥିଲେ—ସ୍ଲୋଗାନ୍ ଦେଉଥିଲେ ।

ମାଳି କିନ୍ତୁ ନିର୍ବାକ ପ୍ରାୟ । ତା ଜୀବନରେ ଏ ଦିନଟି କଣ, ସେ କିଛି ବୁଝିପାରୁ ନଥାଏ । କଣ କଣ ସବୁ ଘଟିଗଲା ସେ କିଛି ଜାଣିନି । ବୋତାମଟି ଟିପିଦେଇ ମାଲିକଙ୍କ ପାଦଧୂଳି ମଥାରେ ଲଗାଇଲା । ତା ଆଖିରେ ବି ଲୁହ । ସୁଖ କି ଦୁଃଖ କଳନା କରିବା କାହାପକ୍ଷେ ସମ୍ଭବ ନୁହେଁ । ହୁଏ ମାଳି ଭୁଲିଗଲେ ଟେଟେଁ ଏଇ ତାର ପ୍ରଥମ ଅଶ୍ରୁ ।

Digitized by srujanika@gmail.com

ଲୁହ ପୋଛୁ ପୋଛୁ ସେଇ କୋଳାହଳ ଭିତରେ ମାଳ ଗୁଳିଗଲା । ହଜିଗଲା ଜନତା ଭିତରେ । ଆଉ ତାର ଆବଶ୍ୟକତା ନଥାଏ । ବାକିତକ ପ୍ରୋଗ୍ରାମ ମନ୍ତ୍ରୀଙ୍କର । ଜଳଯୋଗ, ସ୍ଥାନୀୟ ପ୍ରତିନିଧି, ଭଦ୍ରବ୍ୟକ୍ତି ତଥା ଦଳୀୟ ବ୍ୟକ୍ତିଙ୍କ ସହ ସ୍ଥାନୀୟ ସମସ୍ୟା ସମ୍ପର୍କରେ ଆଲୋଚନା ଇତ୍ୟାଦି କେତେ କଣ । ଏଥି ବାହାରେ ମନୋହରଲାଲ୍‌ଙ୍କ ସହ ଗୁପ୍ତ ଆଲୋଚନା ପ୍ରୋଗ୍ରାମ ବି ଥାଏ ।

ତେବେ ମନ୍ତ୍ରୀଙ୍କ ହୃଦୟ ଓ ବିବେକରେ ଦେଖା ଦେଇଥାଏ ବିରାଟ ଆଲୋଡ଼ନ । ଆଜଯାଏଁ ସେ କେତେ ସଭାରେ ଯୋଗ ଦେଇଛନ୍ତି— ସମ୍ମାନ ପାଇଛନ୍ତି—ଘଣ୍ଟା ଘଣ୍ଟା ଭାଷଣ ଦେଇଛନ୍ତି । ହେଲେ ଏଇ କରତାଳି—ଏଇ ଆନନ୍ଦ—ଏଇ ଉତ୍ସବ—ଏଇ ପରିବେଶ କେଉଁଠି ସେ ଦେଖିନାହାନ୍ତି । ଶ୍ରମିକ ମାଳି, ସ୍ୱାଧୀନତା ସଂଗ୍ରାମୀ ବଂଶୀଧର ଓ ଶିଳ୍ପପତି ମନୋହରଲାଲ୍ ଆଜି ଯେଉଁ ଅଭୂତପୂର୍ବ ଓ ଅତର୍କିତ ସମ୍ମାନ ଓ ଜୟଗାନ ଲାଭ କଲେ, ଇତିହାସରେ ଏହାର ପଟାନ୍ତର ନାହିଁ । ଆଜି ସେ ନିଜେ ଯେତିକିଟା ପାଇବାର ଆଶା କରିଥିଲେ ତାହା ଏକ୍‌ବାରେ ମଉଳି ଯାଇଛି ମନୋହରଲାଲ୍‌ଙ୍କ ଭାଷଣ ଶେଷରେ ।

କିନ୍ତୁ କାହିଁ ! ମନୋହରଲାଲ୍ ତ ତାଙ୍କ ଭାଷଣରେ ମନ୍ତ୍ରୀଙ୍କୁ ନିନ୍ଦା କରିନାହାନ୍ତି ! କିବା କୌଣସି ମନ୍ତବ୍ୟ ମଧ ଦେଇନାହାନ୍ତି ! ତେବେ କାହିଁକି ମନ୍ତ୍ରୀଙ୍କର ପଦମର୍ଯ୍ୟାଦା—ସମ୍ମାନ—ଜୟଗାନ— ଜନତାର ଶ୍ରଦ୍ଧା ସ୍ନେହ ଏତେଟା ଖସିଆସିଲା ? ଏତେ ବଡ଼ ଉତ୍ସବରେ ମନ୍ତ୍ରୀଙ୍କର ଫୁଲଟି ଏକ୍‌ବାରେ ସୌନ୍ଦର୍ଯ୍ୟହୀନ ଓ ସୁବାସହୀନ ହୋଇ ମଉଳି ଗଲା ? ଦେଶର ଏତେ ବଡ଼ ମନ୍ତ୍ରୀ ପଦଟାର ମାଳି ଜୀବନର ମୂଲ୍ୟବୋଧ ନିକଟରେ କିଛି ନୁହଁ ?? ଦେଶପ୍ରେମର ପ୍ରତୀକ ଏବଂ ସର୍ବୋଚ୍ଚ ସମ୍ମାନିତ ପଦଟା ବଂଶୀଧର ବାବୁଙ୍କ ବିଗତ ଜୀବନର ତ୍ୟାଗ ନିକଟରେ ଏତେ ନିକୃଷ୍ଟ ??

ଉଦ୍‌ଘାଟନ ପରେ ପରେ ମନ୍ତ୍ରୀ ମହାଶୟ ଯୋଗ ଦେଲେ ସାମାନ୍ୟ ଜଳଯୋଗ କାର୍ଯ୍ୟକ୍ରମରେ । ତେବେ ସେଇ ଜଳଯୋଗ—

Digitized by srujanika@gmail.com

ଟେବୁଲ ଉପରେ ମଧ୍ୟ ମାଲ ଜୀବନର ଆଦର୍ଶ ଉପରେ ଅନ୍ତ ଟାଣୁଆ ଟିପ୍ପଣୀ ଓ ଉଚ୍ଚକୋଟୀର ମନ୍ତବ୍ୟ ଦେଇଥିଲେ । ସାମ୍ବାଦିକଗଣ ମନ୍ତ୍ରୀଙ୍କ ସହ ଏକମତ ହୋଇଥିଲେ । ବଂଶୀଧର ବାବୁଙ୍କଠୁଁ ତାଙ୍କ ଜୀବନୀ ତଥା ତାଙ୍କ ବିଗତ ଅନୁଭୂତ ଆଦି ବୁଝିଥିଲେ—ଟିପି ନେଇଥିଲେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ । ଏଥି ବାହାରେ ମନୋହରଲାଲ୍‌ଙ୍କ ସହ ନିରୋଳା କଥାବାର୍ତ୍ତା ପାଇଁ ପ୍ରତ୍ୟେକ ସାମ୍ବାଦିକ ସମସ୍ତ ଉଣ୍ଡୁଥାନ୍ତି । ଉଦ୍ଦେଶ୍ୟଟା ଅନ୍ୟ କାହାକୁ ଜଣାନଥାଏ ।

ଜଳଯୋଗ କାର୍ଯ୍ୟକ୍ରମ ପରେ ମନୋହରଲାଲ୍‌ଙ୍କ ସହ ଦଳୀୟ ସୂଚନା ବିଷୟରେ ନିରୋଳା କଥାବାର୍ତ୍ତା ହେବାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆଗରୁ ସ୍ଥିର ହୋଇଥିଲେ ମଧ୍ୟ ମନ୍ତ୍ରୀ ମହାଶୟ ଏକ୍‌ବାରେ ଭୁଲିଯାଇଥିଲେ । ତାଙ୍କ ବିବେକର କେନ୍ଦ୍ରସ୍ଥଳଟା ଯେପରି ବିଚଳିତ ହୋଇ ଉଠିଥାଏ ସଠିକ୍ ଭାବକେନ୍ଦ୍ର ନିକଟକୁ ଯିବା ପାଇଁ । ତେଣୁ ଠିକଏ ନିରୋଳା ମୁହୂର୍ତ୍ତରେ ବିଗତ ଓ ବର୍ତ୍ତମାନ ଜୀବନର ମିଶ୍ରଣ ଫେଡ଼ାଣ ଅଙ୍କର ସମାଧାନ କରିବା ପାଇଁ ଉଠି ଆସିଲେ ପିଚୁରାସ୍ତାରେ ଠିଆ ହୋଇଥିବା କାର୍ ଅଭିମୁଖେ । ସିଧା ଚାଲିଲେ ଅତ୍ୟନ୍ତ ଭାବପ୍ରବଣ ହୋଇ ।

ମନ୍ତ୍ରୀ ଚାଲିଥାନ୍ତି, ଉପସ୍ଥିତ ଜନତାକୁ ପ୍ରତି ନମସ୍କାର ଜଣାଉଥାନ୍ତି ଯୋଡ଼ ହସ୍ତରେ । ପଛରେ ଚାଲିଥାନ୍ତି ମନୋହରଲାଲ୍ ହସ ହସ ମୁହଁରେ । ମନ୍ତ୍ରୀଙ୍କୁ ଦୂରରୁ ଦେଖି କାର୍ ସମ୍ମୁଖରେ ଥିବା ଜାତୀୟ ପତାକାଟା ଦୋହଲିକାଏ ପବନରେ ଫର୍ ଫର୍ ହୋଇ ଉଡ଼ିବା ଆରମ୍ଭ କଲା ।

ସାମ୍ବାଦିକଗଣ ଅବଶ୍ୟ ଜଳଯୋଗ ଟେବୁଲ ପାଖରେ ବସିଥାନ୍ତି ଏଣୁ ତେଣୁ ଗପ କରି । ଚାହାଟା ଖୁବ୍ ଗରମ ଅଛି ବୋଲି ମନ୍ତବ୍ୟ କରୁଥାନ୍ତି । ଦାମିକା ସିଗାରେଟ୍ ଆଦ୍ରର ନିଃଶେଷ ହୋଇନଥାଏ । ମନ୍ତ୍ରୀଙ୍କ ବିଦାୟଟା ସାମ୍ବାଦିକମାନଙ୍କ ପକ୍ଷେ ସେତେଟା ଗୁରୁତ୍ୱ ନୁହଁ ।

ମନ୍ତ୍ରୀ ମହାଶୟ ପଦଚାଳନା କରୁ କରୁ ହଠାତ୍ ଅଟକି ଗଲେ ମାଳକୁ ଦେଖି । ରାସ୍ତାକଡ଼କୁ ମାଳ ବସି ଏକଣତେଣ ବିଛେଇ ହୋଇ ପଡ଼ିଥିବା ପଥର ଓ କୋଡ଼ି ଗୋଟାଉଥାଏ । ଭଜୁଥାଏ ଝୁଡ଼ିରେ ।

Digitized by srujanika@gmail.com

ମନ୍ତ୍ରୀ ମହାଶୟ ଏକଲୟରେ ଚାହିଁ ରହିଲେ ମାଳିର କର୍ତ୍ତବ୍ୟ ପରାୟଣ ଶରୀର ପ୍ରତି ।

ମାଳି କାହାକୁ ଦେଖିନି । କେଉଁ ଆଡ଼କୁ ଦୃଷ୍ଟି ନଥାଏ ବି । ଲାଗି ପଡ଼ିଥାଏ ତା କାମରେ । ଗୋଡ଼ ଭରସାରେ ଝୁଙ୍କିଟାକୁ ଏକା ଏକା ଟେକିବା ପାଇଁ ଉଦ୍ୟମ କରି ପାରୁନଥାଏ । ଏତେବଡ଼ ଉତ୍ସବ ଦିନରେ ତାକୁ ସାହାଯ୍ୟ କରିବା ପାଇଁ ଶ୍ରମିକ ବା ମେଳିବ କେଉଁଠୁ ?

ଏତିକି ଦେଖି ମନ୍ତ୍ରୀ ସୁବ୍ରତବାବୁ ଭାବିବାରେ ଲାଗିଲେ ବହୁତ କଥା । ଏଇ ମାଳି—ଯାହାକୁ ଦିଆଯାଇଥିଲା ଏଇ କିଛି ସମୟ ତଳେ ଅପ୍ରତ୍ୟାଶିତ ଓ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା—ଯାହାର ଜୀବନର ମୂଲ୍ୟବୋଧ ଉପରେ ଏତେ ଆଲୋଚନା ଓ ଭାଷଣ ଚାଲିଥିଲା ଏଇ ଅଳ୍ପ ସମୟ ତଳେ – ଯାହାର ଆଦର୍ଶ ଓ ମାନବିକତା ପ୍ରତି ଏତେବଡ଼ ଜନତା ତଥା ଖୋଦ୍ ମନ୍ତ୍ରୀ ନିଜେ ବି ଉଦ୍‌ବୁଦ୍ଧ ହୋଇ ଉଠିଥିଲେ— ଯେଉଁ ମାଳିର ବ୍ୟକ୍ତିତ୍ୱ ନିକଟରେ ଦେଶର ମନ୍ତ୍ରୀ ହୋଇଥିଲେ ତୁଚ୍ଛ ଓ ଫଟୋଗ୍ରାଫର୍ ହୋଇଥିଲେ ନିସ୍ତେଜ, ସେଇ ମାଳି ତାର ପରିଶ୍ରମ ଓ କର୍ତ୍ତବ୍ୟ ପରାୟଣତାର ସ୍ପଷ୍ଟ ପରିଚୟ ଦେଉଛି ।

ସୁବ୍ରତବାବୁଙ୍କ ଭାବନାଟା ହୋଇ ଉଠିଲା ଆହୁରି କଅଁଳ । ବଢ଼ିଚାଲିଲା ଦାର୍ଶନିକ ଚିନ୍ତାଧାରା । ସେଇ ମାଳି ! ସାମୟିକ ସମ୍ବର୍ଦ୍ଧନା ଓ ସମ୍ମାନରେ ଚେତନାର ଭାରସାମ୍ୟ ନ ହରାଇ ଫେରି ଆସିଛି ତା କର୍ତ୍ତବ୍ୟ ପଥକୁ । ପରିଶ୍ରମ କରି ଚେଷ୍ଟା କରୁଛି ଜୀବନର ଶାନ୍ତି ଓ ତୃପ୍ତି ଅନୁଭବ କରିବା ପାଇଁ । ଗର୍ବ କିମ୍ବା ଅହଙ୍କାର ତା ମନ ଓ ବିବେକ ଭିତରେ ଟିକିଏ ବି ମୁଣ୍ଡ ଟେକିପାରିନି । ବରଂ ଲୁଚି ହୋଇ ରହିଛି ତାର ଦୃଢ଼ ମନୋବଳ ଓ ବିବେକ ଭିତରେ । ମନ ଓ ବିବେକର ସଂଯୋଗ ରେଖାଟି ସ୍ପଷ୍ଟ ଓ ଅତୁଟ ରହିଛି ।

ବାସ୍ତବିକ୍ ଆନ୍ତରିକତା, ସଂଯମତା ଓ କର୍ତ୍ତବ୍ୟନିଷ୍ଠାର ମୂଲ୍ୟ କେତେ ବେଶୀ !!

ଏମିତି ଭାବି ଭାବି ନିସ୍ତବ୍‌ଧଭାବେ ଠିଆହୋଇ ରହିଲେ ମନ୍ତ୍ରୀ ସୁବ୍ରତବାବୁ । ଏଣେ ପଛରେ କାହାପ୍ରତି ଲକ୍ଷ୍ୟ ନରଖି ମାଳି ଚେଷ୍ଟା

Digitized by srujanika@gmail.com

କରୁଥାଏ ଭର ରଖିଥିବା ଝୁଡ଼ିଟାକୁ ଏକୁଟିଆ ଠେଲିବା ପାଇଁ । ଏତେବଡ଼ ଉତ୍ସବ ଦିନରେ ତାକୁ ପରିଶ୍ରମରେ ସାହାଯ୍ୟ କରିବା ପାଇଁ କେହି ନାହାନ୍ତି ?

ଏତିକବେଳେ ମନୋହରଲାଲ୍ ମୃଦୁଗଳାରେ ଡ଼ାକିଲେ ମାଳିକୁ ।

ମାଳି ପଛକୁ ବୁଲି ଚାହିଁଲା । କାନିଟାକୁ ଟେକି ନେଲା ମଥା ଉପରକୁ । ଅତିନମ୍ର ହୋଇ କହିଲା, "ବାବୁ ! ଆଜିକାଲି ଆଉ ତାକତ ନାହିଁ । ଏକା ଏକା ଠେଲିବା କଷ୍ଟ ହେଉଛି ।"

ଶ୍ରମିକ ମାଳି । ନିଜେ ଫ୍ୟାକ୍ଟେରୀ ମାଲିକ ହେଲା ପରେ ବି ତା'ର ଶ୍ରମର ମାଲିକ ପ୍ରତି ଏତେଟା ଆନୁଗତ୍ୟ ଦେଖି ମନ୍ତ୍ରୀ ଅଭିଭୂତ ହୋଇ ଉଠିଲେ । ଚାହିଁଲେ ମନୋହରଲାଲ୍‌ଙ୍କ ପ୍ରତି ।

ଏଣେ ମନୋହରଲାଲ୍ ମନ୍ତ୍ରୀଙ୍କୁ ନିରୋଳା ଦେଖି ତାଙ୍କ କାନରେ ଫୁସ୍ ଫୁସ୍ ହୋଇ କହିଲେ, "ଆଜ୍ଞା ! ଚାହା ବିଷୟଟା ମୁଁ ପରେ ଯାଇ ଆପଣଙ୍କ ସହ କଥା ହେବ ।"

ଅତି ଗମ୍ଭୀର ହୋଇ ଉପରକୁ ଚାହିଁ ମନ୍ତ୍ରୀ ଉତ୍ତର ଦେଲେ, "ନା...ମନୋହର ବାବୁ ! ଆଜିଠୁଁ ମୁଁ ଏ ଦେଶର ମନ୍ତ୍ରୀ ନୁହେଁ— କିମ୍ବା କୌଣସି ରାଜନୈତିକ ଦଳର ବି ନୁହେଁ । ମୁଁ ଏଇ ଶ୍ରମିକ ଗୋଷ୍ଠୀର ।"

ଆଉ କିଛି ନକହି ମାଳି ଠେଲୁଥିବା ଝୁଡ଼ିର ଗୋଟିଏ ପାଖ ଧରିଲେ ହୃଦ୍ରତବନ୍ଧୁ । ଆଉ ସେତିକି ଦେଖି ଅନ୍ୟ ପାଖ ଧରିଲେ ମନୋହରଲାଲ । ଉପସ୍ଥିତ ଜନତା ଧାଇଁ ଆସି ଘେରିଗଲେ ମନ୍ତ୍ରୀଙ୍କ ନିକଟରେ । ସାମ୍ବାଦିକଗଣ ଛୁଟି ଆସିଲେ ଗରମ ଚାହା ଛାଡ଼ି । ମାଳି ମୁଣ୍ଡରେ ଝୁଡ଼ିଟା ଥୁଆ ହେଲାବେଳେ ଫଟୋଗ୍ରାଫର୍ ମାରିଲେ ଫ୍ଲାସ୍— କରତାଳିରେ କମ୍ପି ଉଠିଲା ଗଗନ ପବନ ।

ହୃଦ୍ରତବନ୍ଧୁ ପାଇଲେ ବର୍ଷଦିନ ଧରି ଖୋଜୁଥିବା ଆନନ୍ଦର ଉତ୍ସ — ଶାନ୍ତିର ଆଲୋକ ।

Digitized by srujanika@gmail.com

ମନ୍ଦିରର ଶେଷ ନିର୍ଦ୍ଦେଶ ଦେଇଥିଲେ କାରୁରୁ ଜାତୀୟ ପତାକାଟି ଓହ୍ଲାଇ ଦେବାପାଇଁ ।

ସ୍ୱାଧୀନ ଦେଶର ଜାତୀୟ ପତାକାଟା ମନ୍ତ୍ରୀଙ୍କ କାର୍ ସମ୍ମୁଖରେ ଖୁବ୍ ଗର୍ବାନ୍ୱିତ ହୋଇ ଉଡ଼ିଲାବେଳେ କେତେ ଓଜନ ଥାଏ କେଜାଣି, କିନ୍ତୁ ଉଠାଇ ନିଆଗଲା ପରେ ପିଚୁରାସ୍ତାଟା ମଣିଥିଲା ଖୁବ୍ ଆଶ୍ୱସ୍ତ ।

ବଂଶୀଧର ସ୍ୱାଇଁ ଖୁବ୍ ଆତ୍ମହରା ହୋଇ ଉପଭୋଗ କରୁଥିଲେ, ବହୁଦୂରରୁ ଦେଖାଯାଉଥିବା ତାଙ୍କ ସୁନାପାଟ ଜମି ଉପରେ ଶ୍ୟାମଳ ବେଣାଘାସର ଛନ୍ଦ ଚପଳ ନୃତ୍ୟ ।

ଜାତୀୟ ପତାକାଠାରୁ ସସମ୍ମାନେ ବିଦାୟ ନେଇ କାରଖାନା ଅଭିମୁଖେ ସୁବ୍ରତରାୟ ପଦଚାଳନା କଲାବେଳେ ଅନୁଭବ କରୁଥିଲେ— ଏଣିକି ପରିଶ୍ରମର ଝାଳ ଟିକକ, ଧନୀ-ଗରିବ ସଂଘର୍ଷ ପାଇଁ ଛିଣ୍ଡି ରହିଥିବା ପିଚୁରାସ୍ତାର ପବନରେ ଶୁଖାଇ ଶାନ୍ତି ପାଇପାରିବେ । ମନେ ମନେ ସ୍ପଷ୍ଟ ସ୍ୱୀକାର କରୁଥିଲେ, ସମୟ ଅନୁସାରେ ମତ ପରିବର୍ତ୍ତନକୁ କୁହାଯାଏ ସ୍ୱଜନୀତି; ଆଉ ବାସ୍ତବ ସତ୍ୟକୁ ସ୍ୱୀକାର କରିବା ହେଲା ମାନବିକତା ।

ମନୋହରଲାଲ୍ ମନେ ପକାଉଥିଲେ, ତାଙ୍କ ସ୍ୱର୍ଗୀୟ ପିତାଙ୍କ କେଇଟି ବାକ୍ୟ—'ଦେଶରେ ପିଚୁରାସ୍ତା ଯେତେ ବଢ଼ିବ, ମଣିଷ ସମାଜ ଭିତରେ ସଂଘର୍ଷ ସେତେ ହ୍ରାସ ପାଇବ—ମଣିଷ ସୁସ୍ଥ ଓ ଶିକ୍ଷିତ ହେବ—ସଭ୍ୟତା ଓ ସଂସ୍କୃତିର ତାରତମ୍ୟ ଦୂର ହେବ—ଶ୍ରମ ଓ ଶାସନର ସମନ୍ୱୟ ଘଟିବ ।'

ଏତିକିବେଳେ ଜନୈକ ସାମ୍ବାଦିକ ସୁବ୍ରତରାୟଙ୍କୁ ପ୍ରଶ୍ନ କଲେ, "ଆପଣ ତାହାହେଲେ ଦେଶସେବା ଜୀବନରୁ ଅବ୍ୟାହତି ନେଉଛନ୍ତି ?"

ସୁବ୍ରତରାୟ ଅତି ଗମ୍ଭୀର ହସ ମେଲି ଉତ୍ତର ଦେଲେ, "ଦେଶ ସେବା ମନ୍ଦିରରେ ନୁହେଁ । ନୁହେଁ ଶ୍ରମରେ ।"

Digitized by srujanika@gmail.com

# ପ୍ରଥମ ଓ ତୃତୀୟ ପୁରୁଷ

ସୁନନ୍ଦର ରିକ୍ସାଟା ଆସ୍ତେ ଆସ୍ତେ ଲୁଚିଗଲା ଯାନବାହନ ଗହଳି ରାସ୍ତା ଉପରେ । ଆଉ ଦିଶିଲାନି । ସେତିକିବେଳେ ସମସ୍ତଙ୍କ ଅଜଣାତରେ 'ଛକ'ଟା ଉପରେ ମୋ ଆଖିରୁ ଝରିଗଲା ଦୁଇଟୋପା ଲୁହ । ଭିଜି ଯାଇଥିଲା କର୍ମବ୍ୟସ୍ତ ସମାଜର ପଦଧୂଳି କେଇଟା । ମୋ ଲୁହ ବନ୍ଦିବାଟା ସଙ୍ଗତ କି ଅସଙ୍ଗତ ବିଚାର କରିବା ପାଇଁ କେହି ଇଚ୍ଛୁକ ନଥିଲେ ସେତେବେଳେ । ଯାନବାହନର ଗତି ନିୟନ୍ତ୍ରଣ କରୁଥିବା ଟ୍ରାଫିକ୍ ସିପେଇ ଜଣକ ହୁଇସିଲ୍ ପରେ ହୁଇସିଲ୍ ବଜାଉଥାଏ । ଯାନବାହନର ଭୁଲ ଠିକ୍ ବାଛୁଥାଏ । କାହାକୁ ଅଟକାଏ—କାହାକୁ ପାସ୍ ଦିଏ । ନିଶ୍ଚିତ ଦୁର୍ଘଟଣାରୁ ରକ୍ଷା କରେ ।

କିନ୍ତୁ ସମସ୍ତଙ୍କ ଅଜଣାତରେ ମଣିଷ ସୃଷ୍ଟି କରୁଥିବା ଘଟଣା ଓ ଦୁର୍ଘଟଣା ଅଟକାଇବା ଅଧିକାର କାହାର ନାହିଁ । ସବୁ ଯାଏ ମୌଳିକ ଅଧିକାର ଭିତରେ । ସେଇ ଅଧିକାର ନେଇ ମୁଁ ଠିଆ ହୋଇଥାଏ ଛକଟାରେ । ସୁନନ୍ଦର ରିକ୍ସାଟା ଲୁଚିଗଲା ପରେ ବି ମୋ ଶରୀର ଗତିଶୂନ୍ୟ ।

ସେଇ ଛକ । ଘର୍ଷ ଛ ବର୍ଷ ତଳେ ମୋ ସାଇକଲ୍ ସହ ଧକ୍କା କରିଥିଲା ସୁନନ୍ଦ ବସିଥିବା ରିକ୍ସାଟା । ଟ୍ରାଫିକ୍ ସିପେଇ ଜଣକ ନଥିଲା । ଦୁର୍ଘଟଣାର ମୀମାଂସା କରିଥିଲୁ ସୁନନ୍ଦ ଓ ମୁଁ । ଦିହେଁ କ୍ଲାସ୍‌ମେଟ୍ । ତେଣୁ ଦୁର୍ଘଟଣାର ଭୁଲ୍ ଓ ଦୋଷକୁ ଅଧା ଅଧି ବଣ୍ଟନ କରିଥିଲୁ ଆମେ ଦିହେଁ । ରିକ୍ସାବାଲା ହସି ହସି ଚାଲିଯାଇଥିଲା ।

Digitized by srujanika@gmail.com

ସେଇ ଛକ ଉପରେ ହିଁ ତାର କେଇ ଦିନ ପରେ ଦିହେଁ ମୁହାଁମୁହିଁ ହୋଇ ମେଲିଥିଲୁ ହସ । ତେବେ ସେଇ ହସଥିଲା ସ୍ୱତନ୍ତ୍ର । ସୁନନ୍ଦ ସେଇ ହସଟାକୁ ବହୁବାର ସ୍ୱୀକାର କରିଛି ପହିଲି ହସ ବୋଲି । ସେଥିରେ କୁଆଡ଼େ ଯୌବନର ସ୍ୱାଦୁଥିଲା ।

ଦୀର୍ଘ ଦଶ ବର୍ଷ କାଳ ସେଇ ଛକ ପାଖରେ ଦିହେଁ ବିଦାୟ ନେଉଥିଲୁ ପ୍ରତିଦିନ । ସେତିକବେଳେ ଦିହରେ ଥାଏ ବେଶ୍ ଉତ୍ତେଜନା —ମନରେ ଥାଏ ଅସୁମାରି ଆଶା ଓ ଆକାଂକ୍ଷା—ବିବେକରେ ଥାଏ ସମାଜ ପ୍ରତି ଭୟ ଓ ଅପବାଦର ଆଶଙ୍କା । ଅନ୍ତରରେ ଥାଏ, ପୁଣି ମିଶିବାର ପ୍ରବଳ କାମନା ।

ସମୟେ ସମୟେ (କାହିଁକି—ବହୁବାର) ଆମ ଦୁଇ ଜଣଙ୍କ ଯୌବନ ସଂଖ୍ୟା ନେଇ ଅଙ୍କ କଷିଛୁ । ମିଶାଣରେ ଆସିଛି ଯୌବନର କାମନା ଓ ଉତ୍ତେଜନା । ଫେଡ଼ାଣରେ ଆସିଛି ଅବଶେଷରେ ଅଭିଯୋଗ ଓ ଅଭିମାନ—ଗୁଣନରେ ଘଟିଛି ପ୍ରଳୟ—ହରଣରେ ଆସିଛି ସୃଷ୍ଟିର ଆକାଂକ୍ଷା ଓ ଭାଗଫଳରେ ତୃପ୍ତି ।

ଆଉ ସେଇ ଛକ ଉପରେ ଠିଆ ହୋଇ ବେଜାଏ କାନ୍ଦିଥିଲି ଏଇ ଏକମାସ ତଳେ, ଯେତେବେଳେ ସୁନନ୍ଦ ବିବାହ କରି ତା ସ୍ୱାମୀ ସହ କାର୍‌ରେ ଯାଉଥିଲା ମଧୁଚନ୍ଦ୍ରିକା ତୋଳିବା ପାଇଁ । କାର୍‌ଟା ବେଶ୍ ସଜା ହୋଇଥିଲା । ସୁନନ୍ଦର ସୀମନ୍ତ ଉପରେ ଥିଲା ଅବଗୁଣ୍ଠନ ।

ପୁଣି ସେଇ ଛକ ଉପରେ ଆଜି ଠିଆ ହୋଇଛି । ଐତିହାସିକ ବିଦାୟ ଦେଇଛି ସୁନନ୍ଦକୁ । ମୋ ଭଳି ଦୁଃସ୍ଥ କଳାକାରର ପ୍ରେମ ଓ ଭଲ ପାଇବାକୁ ଭୁଲିନପାରି ବ୍ୟାକୁଳ ହୋଇ ଚାଲି ଆସିଥିଲା ମୋ କକ୍ଷ ଓ ବକ୍ଷକୁ—ଆଜି ବିଦାୟ ନେଇ ଚାଲିଗଲା କିଛିଟା ମୁହୂର୍ତ୍ତ ତଳେ । ଉପନ୍ୟାସର ପୃଷ୍ଠା ବଢ଼ୁଛି । କମୁନି । କେବା ଶେଷ ହେଉନି ।

ସନ୍ଧ୍ୟା ୫ଟା ବାଜିଲାଣି । ସଂକୀର୍ଣ୍ଣ ଛକଟା ଉପରେ ଠିଆ ହୋଇ ଆଉ ବେଶି ଆଗତ ଓ ଅନାଗତ ଉପରେ ନିଜକୁ ମେଲି ଆଖିରୁ ଲୁହ ଗଡ଼ାଇବା ସମ୍ଭବ ହେଲାନି । ତେଣୁ ବସାକୁ ଫେରି ଆସିଲି ।

Digitized by srujanika@gmail.com

କହିଁ କହିଁ କାନ୍ଦ ଉଠିଲା ମୋ ନିର୍ଜନ କୋଠରୀ ଭିତରେ । ବାସ୍ତବିକ୍, ସୁନନ୍ଦ ମୋତେ କେତେ ଭଲପାଏ !! ନବ ବିବାହିତା ଦାମ୍ପତ୍ୟ ଜୀବନ ଭିତରେ ସ୍ୱାମୀଙ୍କର ସାମୟିକ ଅନୁପସ୍ଥିତିର ସୁଯୋଗ ନେଇ ଚାଲିଆସିଥିଲି ମୋ ବକ୍ଷକୁ । ଅଜାଡ଼ିଗଲି ତାର ଆନ୍ତରିକ, ଅସୁମାର ଓ ବ୍ୟାକୁଳ ପ୍ରେମ—ହଁ ...ଗଭୀର ଅର୍ଥର ପ୍ରେମ । ଯୁବକ ଯୁବତୀ ଯେଉଁଥି ପାଇଁ ଦୁହେଁ ଦୁହିଙ୍କୁ ଭଲପାଆନ୍ତି - ଯେଉଁ ପିପାସା ନେଇ ଯୁବତୀ ସ୍ତ୍ରୀ ସର୍ବାଧିକ ବିପଦ ମୁଣ୍ଡେଇ ଚାଲି ଆସେ ଯୁବକ ପାଖକୁ କେଇଟି ନିରୋଳା ମୁହୂର୍ତ୍ତ ପାଇଁ । ମିଶାଇଦିଏ ମନରେ ମନ—ହୃଦୟରେ ହୃଦୟ—ତା ପରେ...... ।

ସୁନନ୍ଦର ଏଇ କିଛି ମୁହୂର୍ତ୍ତ ତଳର ବ୍ୟବହାରରୁ ସ୍ପଷ୍ଟ ସ୍ୱୀକାର କଲି—ବିବାହ ପରଠାରୁ ତାର ଯୌବନର ଉଚ୍ଛୃଙ୍ଖଳତା ଆଉ ସହଯୋଗ ଅତି ମାତ୍ରାରେ ବଢ଼ିଯାଇଛି ।

ଏଇ ପ୍ରକାର ପ୍ରେମ-ଇତିହାସ ବିରଳ । ଏଥିରେ ପୁରୁଷ ଜୀବନ ଓ ଯୌବନର ଗର୍ବ କରିବାର ଅଛି । ଯେ କୌଣସି ମୋ ବୟସର ଯୁବକ କହିବ—ଭାଗ୍ୟବାନ୍ ମଣିବାର ସୌଭାଗ୍ୟ ମୋର ଅଛି । କୌଣସି ଅତି ବୃଦ୍ଧ ଅସଙ୍ଗତ ମନେ କଲେ ବି ଦୋଷ ଦେଇ ପାରିବନି । ସୁନନ୍ଦ ବୟସର ଯେ କୌଣସି ଯୁବତୀ ସ୍ୱୀକାର କରିବ, ତା ଠାରେ ସୁନନ୍ଦର ସାହସ ଓ ନିର୍ଭୀକତା ନାହିଁ । ବାଃ...ବାଃ...କହିବ । ଠିକ୍ ଚଳଚ୍ଚିତ୍ରରେ ଏପରି ପ୍ରେମ ଦେଖିଲେ ଆବାଳ ବୃଦ୍ଧବନିତା ଯେପରି ଉଦ୍‌ବୁଦ୍ଧ ହୋଇଉଠନ୍ତି, ଦରଦତା ପ୍ରକାଶ କରନ୍ତି, ସମାଜଟା ଠିକ୍ ସେଇପରି କହିବ । ହେଲେ ଅବା ସୁନନ୍ଦ ବାହା ହୋଇଥିବା ଯୋଗୁଁ ଟିକିଏ ଅସଙ୍ଗତ ଅବା ହୋଇପାରେ । କିନ୍ତୁ ଭୁଲ ବୋଲି ନାହିଁ, ଭୁଲ ବୋଲି ଭାବିବା ହିଁ ଭ୍ରମ ।

ଶେଯ ଉପରେ ଆଖିବୁଜି ଶୋଇରହି ସୁନନ୍ଦ ଛାଡ଼ି ଯାଇଥିବା ବାସ୍ନା ଟିକକ ଆଘ୍ରାଣ କରୁ କରୁ ଅନ୍ତଃକରଣ ବ୍ୟସ୍ତ ହୋଇ ଉଠିଲି । ଭାବିଲି ସୁନନ୍ଦ ବୋଧହୁଏ ବସ୍ ଧରିବଣି । ଜନତା ବସ୍ ଟା । କ୍ୟାପିଟାଲ୍ ଯିବା ଭିତରେ କମ୍ ଷ୍ଟପେଜ୍ । ତେଣୁ ଶୀଘ୍ର ପହଞ୍ଚିବ ।

Digitized by srujanika@gmail.com

ହେଲେ ବସ୍‌ଟା କାନ୍ତୁ ଖୁବ୍ ଭଡ଼ଥିବ । ଅଧିକାଂଶ ଯାତ୍ରୀ ଠିଆ ହୋଇଥିବେ । ସମ୍ଭବ ହେଉନଥିବ ପକେଟ୍‌ରୁ ପଇସା କାଢ଼ି କଣ୍ଡକ୍ଟରଙ୍କୁ ବଢ଼ାଇବା ପାଇଁ । ଏଣେ ଠିଆ ହୋଇଥିବା ଯାତ୍ରୀଗଣ ବେକ ଟେକି ଉଙ୍କି ମାରୁଥିବେ ଲେଡ଼ିସ୍ ସିଟ୍‌ଆଡ଼େ । ପ୍ରେମ ପିଇ ଯାଉଥିବେ । ଆଉ ଯଦି ଉଚ୍ଛୃଙ୍ଖଳ ଯୁବତୀଙ୍କ ଜାଣି ଅଜାଣି ପୋଷାକରେ କିଛି ନଗ୍ନତା ପ୍ରକାଶ ପାଉଥାଏ, ତେବେ ଭଡ଼ଟା ସେଠି ଏକ୍‌ବାରେ ଜମିଯିବ । ସମସ୍ତ ପୁରୁଷ ଯାତ୍ରୀ କସିକଚ ଚଟେଇଦେବେ ତାଙ୍କ ଦୃଷ୍ଟି । ସେଇଟା ବାସ୍ତବିକ୍ ଅପରାଧ ନୁହଁ—ଅସଙ୍ଗତ । ସେତିକିବେଳେ କାହାର ମା ଭଉଣୀ ମନେ ପଡ଼ିବେନି । ଖାଲି ସ୍ତ୍ରୀ ଓ ପ୍ରେମିକା କଳ୍ପନା କରୁଥିବେ ।

ତେବେ ସୁନନ୍ଦ ସେ ଭିଡ଼ରେ ଜାଗା ପାଇଥିବ ତ ?

ହଁ···ପାଇଥିବ । କଟକ--ଭୁବନେଶ୍ୱର ବସ୍‌ରେ ଲେଡ଼ିସ୍ ସିଟ୍ ଗୋଟାଏ ଅଧିକା ଥାଏ । ଯଦି ଜାଗା ନଥାଏ, ସୁନ୍ଦରୀ ଯୁବତୀ ସ୍ତ୍ରୀଙ୍କୁ କୌଣସି ରକମ ଜାଗା ଦେବାରେ କଣ୍ଡକ୍ଟରଟା ମୋଟେ ପଛାଇବନି । ତିନିଜଣିଆ ସିଟ୍‌ରେ ଚାରି ଜଣଙ୍କ ପାଇଁ ଜାଗା କରାହେବ । ପୁରୁଷ ଯାତ୍ରୀଗଣ ବି ସହାନୁଭୂତି ଦେଖାଇବେ । ସୋରିଷ ଗଳିବାକୁ ଜାଗା ନଥିଲେ ବି କୌଣସି ରକମ ଜାଗା ହୋଇଯିବ । ତେବେ ଯୁବତୀଙ୍କ ଚେହେରାରେ ଆଉ ପୋଷାକରେ ଟିକିଏ ସିନେମାର ଆଧୁନିକତା ଓ ନଗ୍ନତା ଥିବା ଦରକାର । ସେଇଟା ବାସ୍ତବିକ୍ ଆଧୁନିକତା—ଅଶ୍ଳୀଳତା ନୁହଁ ।

ତେବେ ସୁନନ୍ଦ !! ହଁ ତାକୁ ଅବା ଲୋକେ କାହିଁକି ବାଦ୍ ଦେବେ ? ସହରର ବିଶିଷ୍ଟ ଧନୀ ଓ ପ୍ରଭାବଶାଳୀ କଣ୍ଟ୍ରାକ୍ଟରଙ୍କ ଝିଅ । ଡେପୁଟି ସେକ୍ରେଟେରୀ ତଥା ଆଇ. ଏ. ଏସ୍.ଙ୍କ ସ୍ତ୍ରୀ ବୋଲି ନ ଜାଣିଲେ ବି, ଲକ୍ଷପତିଙ୍କ ଝିଅ ବୋଲି ସମସ୍ତେ ଅନୁଭବ କରିବେ । ସମ୍ବିଧାନର ମୌଳିକ ଅଧିକାର ଲୋକେ ବୁଝିଗଲେଣି···ତାର ଅପବ୍ୟବହାର କରିବା କାଇଦା ବି ଶିଖିଗଲେଣି । ତା ବାହାରେ ସୁନନ୍ଦ ଅତୀବ ସୁନ୍ଦରୀ । ଘରୁ ବାହାରି ପଡ଼ିଲାବେଳେ ଯୁବକ ବୃଦ୍ଧଙ୍କ ଦୃଷ୍ଟି ଖାସ୍ ତା ଆଡ଼େ । ତାର ଦୃଷ୍ଟି-

Digitized by srujanika@gmail.com

ରେଖାରେ କୌଣସି ଯୁବକର ଆଖି ରହିଗଲେ ସୌଭାଗ୍ୟଟା ସେଠି ଅଜାଡ଼ି ପଡ଼େ । ଜଳଖିଆ ମିଳେ ।

ତେବେ ସୁନନ୍ଦ ନିଶ୍ଚୟ କଲବଲ ହେଉଥିବ ପୁରୁଷ ଯାତ୍ରୀଙ୍କ ସେଇ ଆଲ୍‌ସିସିଅନ୍ ଦୃଷ୍ଟିରେ । ଏଣେ ଅନ୍ତର ଭିତରେ ଏଇ କିଛି ସମୟ ତଳର ମିଳନକୁ ମନେ ପକାଇ ମୋତେ ଝୁରୁଥିବ । ହେଲେ ବସ୍‌ର ଯୁବକ କ୍ଲିନର୍ କଣ ବାଦ୍ ଦେଉଥିବ ?

ନା······ । ସର୍ବାଧିକ ସୁଯୋଗ ତା'ର । ଗୁର ଜଣ ବସିଥିବା ଲେଡ଼ିସ୍ ସିଟ୍ ପାଖରେ, ପୁରୁଷ ଯାତ୍ରୀଙ୍କ ପ୍ରବଳ ଭିଡ଼ ଭିତରେ ଠିଆ ହୋଇ ଆଗକୁ ହାତ ବଢ଼ାଉଥିବ ପଇସା ପାଇଁ । ମୋଟେ ଘୁଞ୍ଚିବନି ସମସ୍ତ ଶରୀରକୁ ସିଟ୍ କଡ଼କୁ ବସିଥିବା ଭଦ୍ର ମହିଳାଙ୍କ ଉପରେ ଚପାଇ ନେଉଥିବ । ଗୋଡ଼ଟିକୁ ଏକ୍‌କାରେ ଲଗାଇ ଆଣୁଥିବ କଣରେ ବସିଥିବା ଯୁବତୀଙ୍କ ଦେହରେ । ପଇସା ଆଦାୟ କରି ଟିକଟ କାଟିବା ପାଇଁ ସମୟେ ସମୟେ ଭୁଲି ଯାଉଥିବ । ଦୃଷ୍ଟି ଥିବ ବ୍ଲାଉଜ୍ ଆଡ଼େ, ଆଉ ହାତ ବଢ଼ାଉଥିବ ଯାତ୍ରୀଙ୍କ ଆଡ଼େ । ଲୋକେ କୁହନ୍ତି, ଏଇ ସୁଯୋଗ ଯୋଗୁଁ ଉପୁରି ପଇସାରେ କ୍ଲିନର୍ ଭାଗ ଡ୍ରାଇଭର୍ ଓ କଣ୍ଡକ୍ଟରଙ୍କ ଠାରୁ କମ୍ ।

ଆଃ...... !! ସୁନନ୍ଦ ସେମିତି ତଡ଼କୁ ବସି କ୍ଲିନରର ଶିକାର ହୋଇଥିବ । ଓଃ...ନା...କ୍ଲିନରଟା ସୁନନ୍ଦ ଭଳି ସୁନ୍ଦରୀ ଯୁବତୀକୁ କେବେ ବାଦ୍ ଦେଉନଥିବ ।

ଏଇଠି ଭାବନାଟା ଛିଡ଼ିଗଲା । ବ୍ୟସ୍ତବ୍ୟସ୍ତ ହୋଇ ଉଠିଲି । ଝାଳେଇଗଲା କ୍ଲାନ୍ତ ଶରୀରଟା । ଆଖି ଦୁଇଟି ମେଲିଗଲା ଖୁବ୍ ଉସାରିଆ ହୋଇ । ଉପରର ଛତଆଡ଼େ ଚାହିଁବା ମାତ୍ରେ ଆଖି ପଡ଼ିଲା ସୁନନ୍ଦର ବଡ଼ିସ୍‌ଟା ଉପରେ । ମଶାରି ବାଡ଼ରେ ଝୁଲୁଥାଏ ।

ଆଃ...... ! କଣ କରିବ କଣ ନାହିଁ କିଛି ଠିକ୍ କରିପାରିଲିନି । ସୁନନ୍ଦ ବଡ଼ିସ୍‌ଟା ଛିଡ଼ିଯାଇଛି । ଭୁଲି ଯାଇଛି ।

Digitized by srujanika@gmail.com

ଠିକ୍ କଲି, ତାକୁ ଫେରାଇବାକୁ ପଡ଼ିବ । ତା ସ୍ୱାମୀ ଘରକୁ ଆସିବା ମାତ୍ରେ ସମସ୍ତଙ୍କ ଭଳି ସ୍ତ୍ରୀର ବ୍ଲାଉଜ୍ ଭିତରେ ବଡ଼ିସ୍‌ର ଷ୍ଟ୍ରାପ୍ ଗୁଡ଼ିକୁ ଖୋଜିବେ । ସେତିକି କୁଆଡ଼େ ନ ଦେଖିଲେ ବାହାରେ ବେଶି-ଥିବା ସୁବିଧା ସ୍ତ୍ରୀଗୁଡ଼ାକ ଖୁବ୍ ମନେ ପଡ଼ନ୍ତି । ସୁନନ୍ଦା ବି କହୁଥିଲା, ଶାଢ଼ୀ କିଣିବାକୁ ଗଲାବେଳେ ବଡ଼ିସ୍ କିଣିବାକୁ ତା ସ୍ୱାମୀ କୁଆଡ଼େ ଆଗଭର ହୁଅନ୍ତି ।

ସେ ଯାହା ହେଉ—ମୁଁ ଅବିବାହିତ । ତେଣୁ ସ୍ୱାମୀ ସ୍ତ୍ରୀଙ୍କ ଖୋଜିବା ନ ଖୋଜିବା ଠଉରାଇବା ମୋ ପକ୍ଷେ ସମ୍ଭବ ନୁହଁ । ଠିକ୍ କଲି, ସଙ୍ଗେ ସଙ୍ଗେ ବଡ଼ିସ୍‌ଟା ଫେରାଇବାକୁ ପଡ଼ିବ ।

ବଡ଼ିସ୍‌ଟାକୁ ଖବରକାଗଜ ଖଣ୍ଡିକରେ ଗୁଡ଼େଇ ବାହାରି ପଡ଼ିଲି ଅଂଗ ପଛ ନବଗ୍ରହ । ଧରିଲି ରିକ୍ସା କଲେଜ ଛକ ଅଭିମୁଖେ । ରିକ୍ସାଟା ପଛେଇଗଲେ କିବା ଧିମେଇ ଗଲେ ଖୁବ୍ ଚିଡ଼ ମାଡୁଥାଏ ରିକ୍ସାବାଲା ଉପରେ ।

କଲେଜ ଛକରେ ପହଞ୍ଚି ଆଗେ ବହେ ଖୋଜିଗଲି ସୁନନ୍ଦାକୁ । ପାଇଲିନି । ମୁଁ ପହଞ୍ଚିବା ଟିକିଏ ଆଗରୁ ବସ୍‌ଟା ଚାଲି ଯାଇଥିଲା । ପୁଣି ଅଧଘଣ୍ଟାଏ ପରେ ବସ୍ ।

ଏତିକିବେଳେ ଟ୍ୟାକ୍‌ସିର "କ୍ୟାପିଟାଲ୍......କ୍ୟାପିଟାଲ୍" ଡାକ ଶୁଭିଲା । ଭାବିଲି ଟ୍ୟାକ୍‌ସିରେ ଚାଲିଯିବା ଭଲ । ସୁନନ୍ଦା ଯାଇଥିବା ବସ୍‌ଟା କ୍ୟାପିଟେଲ୍‌ରେ ପହଞ୍ଚିବା ଆଗରୁ ମୁଁ ପହଞ୍ଚିଯିବି । ରାଜମହଲ୍ ଛକରେ ସୁନନ୍ଦା ଓହ୍ଲାଇଲାବେଳେ ବଢ଼ାଇଦେବି ବଡ଼ିସ୍‌ଟା ।

ସେଇଆ କଲି । ଟ୍ୟାକ୍‌ସି ନିକଟକୁ ଦୌଡ଼ିଗଲି । କେବଳ ଜଣେ ମାତ୍ର ଯାତ୍ରୀର ଅଭାବ ଥିଲା । ଡ୍ରାଇଭର୍ ସ୍ୱାଗତ ଜଣାଇବା ପୂର୍ବରୁ ଯାତ୍ରୀଗଣ ସ୍ୱାଗତ ଜଣାଇଲେ ।

ଟ୍ୟାକ୍‌ସି ଭିତରେ ପଶୁ ପଶୁ ପଛରୁ ରିକ୍ସାବାଲା ଦୌଡ଼ି ଆସି ପାଟି କଲା, "ହୋ......ବାବୁ ! ମୋ ପଇସା ?"

Digitized by srujanika@gmail.com

ଓଃ……! ଅପ୍ରସ୍ତୁତ ହେଲି । ପକେଟ୍‌ରୁ ତରତରରେ ପଇସା କାଢ଼ି ବଢ଼େଇଦେଲି । ସହଯାତ୍ରୀ ଜଣକ ଟ୍ୟାକ୍ସିର ଦରଜାଟା ଆଉଜାଇ ନେଲେ । ଡ୍ରାଇଭର୍ ଷ୍ଟାର୍ଟ ଦେଲା ।

କିନ୍ତୁ ରିକ୍‌ସାବାଲା ପୁଣି ଥରେ ପାଟିକଲା, "କହୋ ବାବୁ ! ପଚିଶ କହି ଦଶ କଣ ଦେଉଛ ? ଖାସା ବଡ଼ଲୋକ ହେ ତୁମେ । ଆମ ଗରିବଙ୍କ ପଇସା ଖାଇ…… ।"

ରିକ୍‌ସାବାଲାର ମନ୍ତବ୍ୟରେ ଖୁବ୍ ଚିଡ଼ ଉଠିଲି । ପକେଟ୍‌ରୁ ପଚିଶ ପଇସିଟି କାଢ଼ି ବଢ଼ାଇଲା ବେଳେ କହିଲି, "ନେ……ତୋ ପଇସା । କହିଲୁ,…… ଗରିବଙ୍କ ପଇସା ଖାଇଲି । ଆବେ ଆକାରରୁ ୫୦ ହୋଇଥିବ ଭାବି ନଦେଖି ବଢ଼ାଇଦେଲି ବୋଲି ଠକିବା ହେଲା ? ନେ……ଧର୍ ! ଆଉ ଦିନେ ଏମିତି ଖରାପ କହିଥିବୁ, ……ଶଳା ଦେଖିବୁ !" ପର ଉପରେ ମନଇଚ୍ଛା ରାଗି ଯାହା ପାରେ ତାହା କହିବାର ମୌଳିକ ଅଧିକାର ପ୍ରୟୋଗ କରିଥିଲି । ଆତ୍ମସନ୍ତୋଷ ବି ଲାଭ କରିଥିଲି । ଇଚ୍ଛା ହେଉଥାଏ, ଆହୁରି ବହେ ଗାଳି କରି ତାର ସାତ ପୁରୁଷକୁ ଉଦ୍ଧାର କରନ୍ତି ।

ଗାଡ଼ି ପ୍ରଥମ ଗିଅର୍ କବଳରେ ପଡ଼ି ବିକଟାଳ ଶବ୍ଦ କଲାବେଳେ ରିକ୍‌ସାବାଲା ବି ଦି' ପଦ ଶୁଣାଇଦେଲା । କହିଲା, "କଣ ହୋ ବାବୁ ……ଭାରି ବଡ଼ କଥା କହିଯାଉଛ । ମୁଣ୍ଡ ଝାଳ ତୁଣ୍ଡରେ ମାରି ତୁମକୁ ରିକ୍‌ସାରେ ଅଣିଲି ବୋଲି ତୁମ 'ଶଳା' ହେବି ମୁଁ ? ବୁଝିଲ ଆମ ଭଳି ଗରିବ ଗୁରୁବାଙ୍କ ମା, ଭଉଣୀ, ସ୍ତ୍ରୀ ଦେଖିଲେ କେହି ଚୁହିଁବେନମ । ହେଲେ ତୁମଭଳି ବାବୁମାନଙ୍କ ସ୍ତ୍ରୀ ଭଉଣୀଙ୍କ ହାତକଟା ବ୍ଲାଉଜ ଆଉ ନାଭିତଳକୁ ଶାଢ଼ୀ ଦେଖିଲେ ନା……ଆମ ପାଟିରୁ…… ହଜ ଗୁଡ଼ । ତମ ଗ୍ରହଠା ଭଲ ।"

ଇସ୍ କଣ ନ କହିଲା ସେ ! ଟ୍ୟାକ୍‌ସିରୁ ଉଠି ହାତାହାତି ପାଇଁ ଇଚ୍ଛା ହେଉଥାଏ । କିନ୍ତୁ ପାଖରେ ବସିଥିବା ଭଦ୍ର ବ୍ୟକ୍ତି ଜଣକ ମୋ ଉଦ୍ୟମକୁ ଅଟକାଇ କହିଲେ, "ଛାଡ଼ନ୍ତୁ । ରାସ୍ତାରେ ଯେ କୌଣସି

Digitized by srujanika@gmail.com

ସ୍ତ୍ରୀ ଲୋକଙ୍କୁ ଦେଖିଲେ ପ୍ରତ୍ୟେକ ପୁରୁଷଙ୍କ ଆଖି ବଡ଼େ ପିଇଯାଏ । କିନ୍ତୁ ଭଦ୍ରାମି ଦେଖାଇ କେହି କିଛି ପ୍ରକାଶ କରନ୍ତିନ । ଛକ୍‌ସାବାଲାଟା ଅବା କହିଦେଲା । ତେଣୁ କଚଆ କରି ଲାଭ କଣ ? କଥାଟା ଯିନା ଟିକଏ ଅସଙ୍ଗତ ହେଲେ ଦର୍ଶନଟା ସତ ।"

ଟ୍ୟାକ୍‌ସି ଚାଲିଲା ଆଗକୁ । ଭଦ୍ରବ୍ୟକ୍ତିଙ୍କୁ ଚିହ୍ନିଲି । ମନେ ପଡ଼ିଲା, ଦିନେ ସେ ରାଜ୍ୟର ଉପମନ୍ତ୍ରୀ ଥିଲେ । ଭାଷଣ ଦେବା ଏବଂ ଦୁର୍ନୀତିକୁ ଅସଙ୍ଗତ କହିବା ବେଶ୍ ଜାଣନ୍ତି ।

ଗାଡ଼ି ଛୁଟିଲା ତୀବ୍ର ବେଗରେ । ଥଣ୍ଡା ପବନଟା କାଠଯୋଡ଼ି ପୋଲ ଡେଇଁବାକ୍ଷଣି ଭସ ଭସ୍ ହୋଇ ପଶିଆସିଲା ଗାଡ଼ି ଭିତରକୁ । ସଙ୍ଗେ ସଙ୍ଗେ ମାଡ଼ି ଆସିଲା କେତେଟା ଅଳସ ହାଇ—ତା ପରେ ତନ୍ଦ୍ରା—ତା ପରେ ଏକ୍‌ବାରେ ଶୋଇଗଲି । ରସ୍ତାରେ ଗାଡ଼ି କେତେ ବାଙ୍କ ନେଇଛି—କେତେ ବ୍ରେକ୍ ମାରିଛି, ମୋଟେ ମୁଁ ଜାଣିନି । କ୍ଳାନ୍ତିପରର ନିଦ୍ରାଟା ବେଶ୍ ଗଭୀର ଥିଲା ।

ନିଦ ଭାଙ୍ଗିଲା ଟ୍ୟାକ୍‌ସି ଡ୍ରାଇଭର୍‌ର ଡାକରେ । ନିଦବାଜିଲା ଆଖିରେ ଚାହିଁଲାବେଳକୁ ଶୀତଦ୍ଧନିଆ ରାତିଟା ମଡ଼ାଇ ପଡ଼ିଲାଣି । ଟ୍ୟାକ୍‌ସିରେ କେହି ନାହାନ୍ତି । ଚାରିଆଡ଼େ ଖାଲି ବିଜୁଳିବତି—ବସ୍ ଓ କାର୍‌ର ଧୁ·····ଧୁ ଶବ୍ଦ । ( ଭୁବନେଶ୍ୱରର ପୁରୁଣା ବସ୍ ଷ୍ଟାଣ୍ଡଟା )

ଡ୍ରାଇଭର୍ କହିଲା, "ବାବୁ ଓହ୍ଲାନ୍ତୁ । କଉ ୟୁନିଟ୍‌କୁ ଯିବେ କି ? ଖୁବ୍ ନିଦରେ ଶୋଇଗଲେ ଯେ ।"

ଟିକଏ ସଚେତ ହୋଇ କହିଲି, "ଚାଲ୍ ରାଜମହଲ ଛକକୁ ।"

—"ଏଇଟା ପରା ଟ୍ୟାକ୍‌ସି ଷ୍ଟାଣ୍ଡ । ଆଜ୍ଞେ ଯିବ କୁଆଡ଼େ ? ଚାଲିକରି ଚାଲିଯାଆନ୍ତୁ । ରିକ୍‌ସା ବି ଏଠି ବହୁତ ଅଛି ମ । ଡାକି ଦେବି ?"

Digitized by srujanika@gmail.com

ଆଉ କିଛି ନ କହି ଗାଡ଼ିରୁ ଓହ୍ଲାଇ ଚାଲିଗଲାବେଳେ ଡ୍ରାଇଭର୍ ଡାକିଲା, "ହେ।...ବାବୁ ! ଟ୍ୟାକ୍‌ସି ଭଡ଼ାଟା ? କଣ ମୋତେ ଭିକ୍‌ସା ବାଲା ପାଇଲେ କି ?

ଅପ୍ରସ୍ତୁତ ହେଲି । କଥା ବାଆରେଇ କହିଲି, "ଆରେ ରହ ଦେଉଛି । ଚେଞ୍ଜ୍ ନାହିଁ ଯାଉଥିଲି ଦୋକାନକୁ । ଆଉ କଣ ତୋ ପଇସା ଖାଇଯାଉଛି ?"

—"କ'ଣ ଷଢେ ଠକିଆ ଲୋକ୍ ? ଆଣନ୍ତୁ ମୋ ପାଖରେ ରେଜା ଅଛି ।"

ଖୁବ୍ କଡ଼ମଡ଼ କରି ଚାହିଁଲି ତା ଆଡ଼େ । କିନ୍ତୁ ଉପାୟ କିଛି ନାହିଁ । ନିଜର ଭୁଲ୍ ପରଲୋକ କେବେ ମୁଣ୍ଡାଏନି ।

ଡ୍ରାଇଭର୍ ଟିଗୁଲେଇ କରି ପୁଣି କହି ଚାଲିଲା, "ସମ୍ବଲପୁରୀ ଭାଷାରେ ନୁହଁ ମ । ରେଜା ମାନେ ଦକ୍ଷିଣୀ ଭାଷାରେ ଚଳନ୍ତି — ମାନେ ଖୁଚୁରା ।"

ମନେ ମନେ ପରାସ୍ତ ସ୍ୱୀକାର କରି ପେଣ୍ଟ ପକେଟ୍‌ରେ ହାତ ପୂରାଇଲି । ଖୋଜା ଖୋଜି କରି ବହୁ କଷ୍ଟରେ ବାହାର କରି ଖୁଚୁରା ପଇସା ଦେଢ଼ ଟଙ୍କା ମାତ୍ର । ଆଉ ମୋଟେ ମୋ ପାଖରେ ନଥାଏ । ଡ୍ରାଇଭର୍‌କୁ ପଚାରିଲି, "ଭଡ଼ା କେତେକ ?"

—"ଦେଢ଼ ଟଙ୍କା ପର ? କେବେ ଟ୍ୟାକ୍‌ସିରେ ଆସି ନାହାନ୍ତି କି ? ଭଲ । ଭଗବାନ ଦେଇଥିବା ଗୋଡ଼ ଗାଡ଼ିକ କିଏ ସମାନ ନାହିଁ ମ ଆଜ୍ଞା ।"

ରକ୍ଷା ହେଲି । ଭଡ଼ାଟା ଦେଢ଼ ଟଙ୍କାରୁ ବେଶୀ ନୁହଁ । ଡ୍ରାଇଭର୍ ଟିଗୁଲେଇ କହିଲେ ମଧ୍ୟ କିଛି ନକହି ତା' ହାତକୁ ଖୁଚୁରାତକ ବଢ଼ାଇ ଦେଇ ଏକା ନିଃଶ୍ୱାସରେ ଆଗେଇଗଲି ରାଜମହଲ ଛକଆଡ଼େ । ୟୁନିଟ ଆସିଥିବା ବସ୍‌ଟା ସେତିକବେଳେ ଷ୍ଟାଣ୍ଡ୍ ଭିତରକୁ ପଶୁଥାଏ ।

Digitized by srujanika@gmail.com

ଟିକଏ ସ୍ପ୍ରିଡ଼ଗଣ୍ଡରେ ଆଗେଇଲା । କିନ୍ତୁ ପଛରୁ ପୁଣି ଡାକିଲା ଡ୍ରାଇଭର୍, "ହୋ...ବାବୁ ! ନିଦ ବାଉଳାରେ ହସିଲ ଜିନିଷଟା ଗୁଡ଼ିଗଲ ଯେ ।"

ପଛକୁ ଫେରି ଦେଖିଲି ବଡ଼ସ୍‌ଟା ଧରି ଡ୍ରାଇଭର୍ ମୂରୁକି ହସୁଛି ।

ଇସ୍ ! ଗଲି ! ସର୍ବନାଶ ଗଲି । ସୁନନ୍ଦର ବଡ଼ସ୍‌ଟା ଡ୍ରାଇଭର୍‌ର ପାପୁଲିରେ ! ଆ······ ! କି ଦୁର୍ଯୋଗ !

ଏକା ନିଃଶ୍ୱାସରେ ଦୌଡ଼ିଯାଇ ତା ହାତରୁ ବଡ଼ସ୍‌ଟା ଛଡ଼ାଇ ଆଣିଲି । ଡ୍ରାଇଭର୍ କହୁଥାଏ, "କେଞ୍ଚି ନେବନି ମ ବାବୁ । ବଡ଼ ସାଇଜ୍‌ଟା ।" ବାଃ......କି ଅଶ୍ଳୀଳ ଆକ୍ଷେପ !!!

କିନ୍ତୁ ନିଜକୁ ଚୁପ୍ ଚୁପ୍ ଗୁଞ୍ଜିଲି ସୁନନ୍ଦ ବସା ଅଭିମୁଖେ । ଗ୍ରେଟ ଲୋକଗୁଡ଼ାକ ସବୁ କଥା କହିବା ମାନେ ଦୁର୍ଯୋଗଟା । ବେଶି ଯୁକ୍ତି କଲେ କହିବେ, ଟିକଏ ଅସଙ୍ଗତ ଭଷାଟା ସିନା—ହେଲେ କଥାଟା ସତ । ସାଇଜ୍ ଛଡ଼ିଣି ।

ଅତି ସନ୍ତର୍ପଣରେ ପାଦ ଦେଲି ସୁନନ୍ଦ କ୍ୱାର୍ଟର୍‌ରେ । ଝରକା ଖୋଲିଥାଏ । ବନ୍ଦଥାଏ ବାଟଘର ଦରଜାଟା । କବାଟରେ ଆଘାତ ଦେଇ ଡାକିବା ପୂର୍ବରୁ ଶୁଭିଲା ଚଡ଼ା ଗଳାରେ ଯୁକ୍ତିତର୍କ । ପୁରୁଷ ଓ ସ୍ତ୍ରୀ କଣ୍ଠ । ତେଣୁ ଡାକିବା ଅପପ୍ରୟାସ ନକରି ଚୁପ୍‌ଚାପ୍ ଶୁଣିଲି ।

ସୁନନ୍ଦର ସ୍ୱାମୀ କହୁଥାନ୍ତି, କେତେ ସାମ୍ବିଧାନିକ ସ୍ୱାଧୀନତା ପାଇଛ ବୋଲି ସ୍ୱାମୀର ଅନୁମତି ନନେଇ ମନଇଚ୍ଛା ଚୁନେ ଚାଲିଯିବ ? ଏଇଯା ତୁମର ବି. ଏ. ଡିଗ୍ରୀର ପରିଣାମ ? ତୁମେ କଣ କଲେଜ ପଢ଼ା ଝିଅ ହୋଇଛ ?"

ସୁନନ୍ଦ ଉତ୍ତର ଦେଲା, "ପ୍ରତି କଥାରେ ତୁମେ ଅନୁମତି ଖୋଜିଲେ ମୁଁ ନାଚାର । ମୁଁ ତୁମର ସ୍ତ୍ରୀ ବୋଲି କଣ ମୋ ବାପାଙ୍କର ଝିଅ ନୁହଁ ? ବିବାହ କଲ ବୋଲି ଜଗତର ଆଗ୍ରହ, ବ୍ୟବହାର ଓ ଅଧିକାର କଣ ସବୁ ଚୁଲିରେ ପୋଡ଼ିଦେବ ?"

Digitized by srujanika@gmail.com

—"ନାରୀ ବିବାହ କରିବା ପରେ ତୁମ ନାରୀ ଜୀବନର ସ୍ୱାଧୀନତା ଦାବୀ କରିବା ବୋକାମି ଛଡ଼ା ଆଉ କିଛି ନୁହେଁ ।"

—"ଯଦି ତୁମେ ଅଠରଶ ଶତାବ୍ଦୀର ନାରୀ ଚାହୁଁଥିଲ ମୋତେ ବାହା ହେଉଥିଲ କାହିଁକି ? କଣ ବାପାଙ୍କ ଧନ ଓ କାର୍ ଲୋଭରେ । କାହିଁ ଏବେ ତ ମୋ ମତାମତ ପଚାରିନା ବିବାହ ପୂର୍ବରୁ ! ତା ବାହାରେ ମୁଁ ମୋର ଶିକ୍ଷାଦୀକ୍ଷାକୁ ଚୁଲିରେ ଜାଳି ପରଦା ଉହାଡ଼ର ନାରୀ ଭଳି ଚଳିପାରିବିନି । ତୁମ ଇଚ୍ଛା ।"

ସ୍ୱାମୀଙ୍କୁ ଖୁବ୍ ବାଧିଥିବ ବୋଧହୁଏ । କିଛି ସମୟପାଏଁ ନୀରବ ରହି କହିଲେ, "ଯେଉଁଠି ବାହା ହେଲେ ବି କାର୍ ଓ ଟଙ୍କା ଯୌତୁକଟା ମିଳିବା ନିଶ୍ଚିତ ଥିଲା । ତେଣୁ ତୁମଠୁ ମତାମତ ନନେଇ ବାହା ହେବାଟା ଅସଙ୍ଗତ ମାତ୍ର । ସକାଳ ୧୧ରୁ ରାତି ସାତଟାପାଏଁ କିଛି ନ ଜଣାଇ ବାହାରେ ବୁଲିବ, ଏଣେ ମୁଁ ସନ୍ଧ୍ୟା ଚାରିଟାରୁ ଦାଣ୍ଡଦରେ ପରଲୋକ ଭଳି ବସିଥିବି । କାହିଁକି, ଶୋଇବା ଘରର ଚାବିଟା ଚାକରକୁ ଦେଇଗଲନି ?"

—"ଆଜି ଟୁରରେ ଯାଉଛି, ଫେରିଲାବେଳକୁ ରାତି ୧୧ଟା ହେବ କହି ସନ୍ଧ୍ୟା ଚାରିଟାରେ ଫେରିବା ଭୁଲ୍ କାହାର ? ତୁମର ନା...ମୋର ? ଏତେ ଶୀଘ୍ର ଫେରିବାର ଜାଣିଥିଲେ ମୁଁ ଯାଇନଥାନ୍ତି । ଆଉ ଯାଇଥିଲେ ବି ତୁମକୁ ନିଶ୍ଚୟ କହିଥାନ୍ତି ।"

ଦୀର୍ଘ ନିଃଶ୍ୱାସଟିଏ ମାରି ସ୍ୱାମୀ କହିଲେ, "ହଉ ସବୁ ଭୁଲ୍ ମୋର ହେଲା । ତୁମ ବାପାଙ୍କ ଟଙ୍କା ଓ କାର୍‌ର ତାକତ କେତେ ଏବେ ବୁଝିପାରୁଛି । ରୋଷେଇଶାଳାକୁ ଯିବା ଆବଶ୍ୟକ ନାହିଁ । ଚାକରକୁ ପଠାଇସାରିଛି ହୋଟେଲ୍‌ରୁ ଆଣିବା ପାଇଁ ।"

ଆଉ କିଛି ଶୁଣିବା ଧୈର୍ଯ୍ୟ ମୋର ନଥାଏ । ଭୁଲ୍ — ଠିକ୍ — ଅସଙ୍ଗତ — ଅଧିକାର ଏମିତି ସବୁ କିଛିର ଉଦ୍ଭ୍ରାନ୍ତ ବିପ୍ଳବ ଘଟେଇ ଉଠିଲା ମନ ଭିତରେ । ଚାକରଟା କାଳେ ବାହାରୁ ଆସିଯିବ ଭାବି

Digitized by srujanika@gmail.com

ଦ୍ରୁତଗତିରେ ଫେରିଲି । ସୁନନ୍ଦର ବଡ଼ସ୍ଟା ପେଣ୍ଟ ପକେଟ୍ ଭିତରେ ଯେପରି ବେଲକୁଟେଲ ଫୁଲ ଉଠୁଥାଏ । ଓଜନଆ ବି ଲାଗୁଥାଏ ।

ଏଇ......ସେଇ ସୁନନ୍ଦ । ମୋର ପ୍ରିୟା—ପ୍ରେମିକା—ପ୍ରଣୟୀ—ବାନ୍ଧବୀ ସବୁ କିଛି । ଅବିବାହିତା ଜୀବନର ଅବୈଧ ଗୁପ୍ତ-ପ୍ରେମ ସହ, ବିବାହିତ ଜୀବନର ସମାଜ ସ୍ୱୀକୃତ ସ୍ୱର୍ଗୀୟ ଦାମ୍ପତ୍ୟ-ପ୍ରେମର ସଂଘର୍ଷରେ ଯାହା ହେବା କଥା । ବିବାହ ପୂର୍ବରୁ 'ନାରୀ' ଦେହର ପୂର୍ବାପର ସଙ୍ଗତ ନଜାଣି ଯୌତୁକ ଲୋଭରେ ପୁରୁଷ ବାହା ହେଲେ ଯାହା ହେବା କଥା ।

ଫେରିଆସି ଧରିଲି କଟକ ବସ୍ । ଲାଷ୍ଟ ବସ୍ ।

ଖୁବ୍ ଭିଡ଼ । ଦେଇ ଦେଇ ଫାଟକ ନିକଟରେ ଲେଡ଼ିସ୍ ସିଟ୍ ପାଖରେ ଶୋଷିତ ଗଳାକୁ ଜାଗା ନାହିଁ । ଭିତରକୁ ପଶି ହେଉନି । କ୍ଲିନର ପାଟି କରୁଛି "ଘଇଟ୍......ଘଇଟ୍ ।" ଗାଡ଼ି ଷ୍ଟାର୍ଟରେ ଅଛି । କୌଣସି ରକମ ଠେଲି ପେଲିରେ ଭିତରକୁ ପଶିଯାଇ ଚେଷ୍ଟା କଲି ଗାଡ଼ିର ପଛଆଡ଼କୁ ଖସିଯିବା ପାଇଁ । ଲେଡ଼ିସ୍ ସିଟ୍ ପାଖରେ ଠିଆ ହେବାର ସାହସ୍ ମୋର ଆଜି ନଥାଏ ।

ବହୁ କଷ୍ଟରେ ଗାଡ଼ିର ପଛଆଡ଼କୁ ଯାଇ ନିଃଶ୍ୱାସ ମାରିଲି । ଠିଆ ହେବା ଖୁବ୍ କଷ୍ଟ ଲାଗୁଥାଏ । ଶୀତ ଦିନରେ ବି ଝାଳ ବହୁଥାଏ । ଗାଡ଼ିର ବେଗ ବି ଖୁବ୍ ବଢ଼ି ଯାଇଥାଏ । ପିଷି ହେଉଥାଏ ପକେଟା ।

ଏଣେ କ୍ଲିନର୍ ପାଟି କରୁଥାଏ, "ବାବୁ......କେଉଁଠି କି ? ବାଅ ପଇସା—ହଁ ଗୁରୁ ଫୁଲନଖରା—ବାବୁ ପଇସା ଦିଅ—ହଁ ସାତ କଟକ—ବାବୁ ତୁମର ?—ହଁ ଛ ଫୁଲନଖରା—ଆଠ କଟକ—" ଏମିତି ଖାଲି ବାକ୍ୟ ବାହାରୁଥାଏ କ୍ଲିନର୍ ପାଟିରୁ ।

ମନେ ମନେ ଭାବିଲି ଦକ୍ଷିଣୀ ହୋଟେଲରେ ଯେମିତି ଡ଼ାକପଡ଼େ, "ରୁଣ୍ଡୁ ପେସ୍‌ରୁଟୁ—ମୁଣ୍ଡୁ ଦୋସା—ନାଲୁଗୁ ଦୋସା—ଆଇଦୁ ପେସ୍‌ରୁଟୁ, ପୁଣି ଆଇଦୁ ଦୋସା" । କିନ୍ତୁ ଚୁଲି ପାଖରେ ପାଚକ ତା'ର

Digitized by srujanika@gmail.com

ଯେତିକ ତିଆରି କରିବା କଥା କରୁଥାଏ । ସେବକର ଡାକ ଯାଚକଙ୍କୁ ଶୁଣିବା ପ୍ରଶ୍ନ ନାହିଁ । ଖାଲି ଗ୍ରାହକ ମନେ ମନେ ଖୁସ୍—ତା ପାଇଁ ସ୍ୱତନ୍ତ୍ରଭାବେ ତିଆରି ହେବ । ଖୁବ୍ ଗରମ୍ ଥିବ ।

ଠିକ୍ ସେମିତି କ୍ଲିନର୍‌ର ଡାକ । କଣ୍ଡକ୍ଟର ନଜର ଓ ଅନ୍ୟାନ୍ୟ ସବୁ କର୍ମଚାରୀଙ୍କ ପକେଟ୍‌କୁ ମାପିଚୁପି ଆଗରୁଁ ସ୍ଥିର କରିସାରିଥାଏ କେତେ ଟିକଟ୍ କାଟିବ । ଯାତ୍ରୀଙ୍କ ସଂଖ୍ୟାରେ ତାର ଯାଏ ଆସେନା । କ୍ଲିନର ଡାକିଲାବେଳେ କଣ୍ଡକ୍ଟର୍‌ର ପେନ୍‌ସିଲ୍‌ଟା ଥାଏ ତା କାନ ଉପରେ । ଘରକୁ କଣ ସଉଦା ଯିବ—କାହାକୁ କେମିତି ଭାଗ ଦେବାକୁ ହେବ ହିସାବ କରୁଥାଏ । ଏଣେ କିନ୍ତୁ କ୍ଲିନର ସମସ୍ତ ଯାତ୍ରୀଙ୍କଠାରୁ ପାଉଥିଲାଯାଏ ହିସାବ କରି ନେଉଥାଏ । ତା ଭାଗ ତିନିଅଣା । ତା ଡାକ ଶୁଣି ଯାତ୍ରୀ ଭାବେ ତା ଟିକଟ କଣ୍ଡକ୍ଟର ନିଶ୍ଚୟ କାଟୁଥିବ ।

କ୍ଲିନର ମଧ୍ୟ ସେଇ ଭିଡ଼ରେ ବହୁକଷ୍ଟରେ ପହଞ୍ଚିଲା ମୋ ନିକଟରେ । ସାମନାରେ ଠିଆ ହୋଇଥିବା ଯାତ୍ରୀ ଜଣକ ତା ହାତକୁ ଟଙ୍କାଟିଏ ବଢ଼ାଇ ଦେଇ କହିଲେ, "ବୁଦ୍ଧମା ଚୌକ୍ ।"

— "ଆଜ୍ଞା ! ଆଉ ଚାରିଅଣା" କହି କ୍ଲିନର ଚାହିଁ ରହିଲା ଯାତ୍ରୀଙ୍କ ମୁଖକୁ ।

ଯାତ୍ରୀ ଜଣକ ହେଁ...ହେଁ...ହସଟିଏ ମେଲିଲେ । ଖୁବ୍ ମୃଦୁହସ । କ୍ଲିନରକୁ ଆଗରୁଁ ଏଇ ହସର ଅର୍ଥ ମାଲୁମ୍ ଅଛି— 'ଟଙ୍କାଟିଏ ନିଅ, ଟିକଟ ଦିଅନି, ବାକି ଚାରିଅଣା ମୋର ।'

କ୍ଲିନର ଜଣକ ମୋ ନିକଟର ଅନ୍ୟ ଜଣେ ଯାତ୍ରୀଙ୍କୁ ଟିକଟ ପଇସା ମାଗିବା ମାତ୍ରେ ସେ କହିଲେ, "କଲେଜ ଛକ । ଓହ୍ଲାଇଲା-ବେଳେ ।" ଟିକିଏ ହସିଥିଲେ ମଧ୍ୟ । ବୋଧେ ବହୁ ଆଗରୁ କ୍ଲିନର ସହ ତାଙ୍କର ଜଣାଶୁଣା ଅଛି ।

ତା ପରେ ପଡ଼ିଲା ମୋ ପାଳି । ହାତଟାକୁ ମୋ ଆଡ଼କୁ ବଢ଼ାଇ କ୍ଲିନର ଚାହିଁ ରହିଲା ମୋ ମୁହଁକୁ । ସଙ୍ଗେ ସଙ୍ଗେ ମୁଁ ଉତ୍ତର ଦେଲି, "ମୁଁ ବି । କଲେଜ ଛକ । ଓହ୍ଲାଇଲାବେଳେ ।" ଆମ ଦୁହିଙ୍କ

Digitized by srujanika@gmail.com

ମୁହଁରେ ହସ ଦେଖା ଦେଉଥିଲା । ତା ପରେ କ୍ଲିନର ଚାଲିଗଲା ଅନ୍ୟ ଯାତ୍ରୀଙ୍କ ଆଡ଼େ ।

ବସ୍ ପହଞ୍ଚିଲା କଲେଜ ଛକରେ । ଜଣ ଜଣ କରି ଓହ୍ଲାଇଲେ କେତେକ ଯାତ୍ରୀ । ଜଣେ ଦୁଇଜଣ ଅବା ଟିକଟ ବଢ଼ାଇଲେ । ଆଉ କିଏ କହିଲା, "ଟିକେଟ୍ ଦେଇନାହାନ୍ତି ।" ଆଉ କେହି ହେଁ...ହେଁ... ହସି ଖୁଚୁରା କେତେ କ୍ଲିନର ହାତକୁ ବଢ଼ାଇଦେଇ ଚାଲିଗଲେ । ଅବଶ୍ୟ ନିତିଦିନିଆ ଯାତ୍ରୀ ହୋଇଥିବେ । ହିସାବ ଠିକ୍ ଥିବ ।

ଜଣେ ଦୁ'ଜଣ ଯାତ୍ରୀ ପଇସା ଦେଇ ଟିକଟ୍ ନପାଇଥିବା ଯୋଗୁଁ ଓହ୍ଲାଇଲାବେଳେ ଅଭିଯୋଗ କଲେ । ଅଭିଯୋଗ ବହି ମଧ୍ୟ ମାଗିଥିଲେ । କଣ୍ଡକ୍ଟର କହିଥିଲେ—"ଅଭିଯୋଗ ବହି ନାହିଁ ।" କ୍ଲିନର୍ ହାତରେ ଧରିଥିବା କେଇଖଣ୍ଡ ଟିକଟ ଧରି କହୁଥାଏ, "ହେଟିମ ଆଜ୍ଞା ! ଆପଣଙ୍କ ଟିକଟ ପରା ମୁଁ ଧରିଛି । ଏଇ ବଡ଼ାକ ଟିକଟ ଭିତରେ ଆପଣଙ୍କ ଟିକଟ ମଧ୍ୟ ଅଛି । ଆପଣଙ୍କୁ ଦେଇଥାନ୍ତି, ପୁଣି ଓହ୍ଲାଇଲା-ବେଳେ ନେଇଥାନ୍ତି । ତେଣୁ ନଦେଇ ମୋ ପକେଟ୍‌ରେ ରଖିଛି । କିଛି ଦୁର୍ମତି କରନ୍ତୁ ନ ଆଜ୍ଞା । ଟିକିଏ ଅସଙ୍ଗତ ହୋଇଗଲା ।"

ତଥାପି ଯାତ୍ରୀଗଣ ସନ୍ଦେହ ପ୍ରକାଶ କରିବାରେ କ୍ଲିନର୍ କହିଲା, "ଆଜ୍ଞା ଯାହା କିଛି ଏପଟ ସେପଟ କରୁଛୁ ସେସବୁ ଆମ ଉପରଙ୍କ ପାଇଁ । ଆପଣ ଖରାପ ଭାବନ୍ତୁ ନ । ସେଇ କମାମାକୁ ଏଇ ପଇସା ଯିବ ।"

ଏତକବେଳେ ବସ୍ ଭିତରେ ବସିଥିବା କେଇଜଣ ଯାତ୍ରୀ ଅଭିଯୋଗ କରୁଥିବା ବ୍ୟକ୍ତିଙ୍କ ପ୍ରତି ଖୁବ୍ ବିରକ୍ତି ପ୍ରକାଶ କଲେ । ଚଞ୍ଚଳ ବସ୍ ଛାଡ଼ିବା ପାଇଁ ଆଦେଶ ଦେଲେ ଡ୍ରାଇଭରଙ୍କୁ । ଅଭିଯୋଗ କରୁଥିବା ବ୍ୟକ୍ତି ମୁହଁ ମାରି ଚାଲିଗଲେ । ତା ପରେ ଆଉ କେତେକ ବ୍ୟକ୍ତି ମୋ ଆଗରେ ଓହ୍ଲାଇ ସେପରି...ହେଁ...ହେଁ କରି କିଛି ଗୁଞ୍ଜିଦେଲେ କ୍ଲିନର୍ ହାତରେ । ମୋ ପଛରେ ମଧ୍ୟ କେଇଟି ଯାତ୍ରୀ ଠିଆ ହୋଇଥାନ୍ତି ।

ମୁଁ ଓହ୍ଲାଇଲି । ପାଖରେ ପଇସା ନାହିଁ । ତେଣୁ ପେଣ୍ଟ ପକେଟ୍‌ରୁ ବଡ଼ସ୍ଠା କାଢ଼ି କ୍ଲିନର ହାତକୁ ବଢ଼ାଇ ଦେଇ ଦୌଡ଼ିବା

Digitized by srujanika@gmail.com

ଆରମ୍ଭ କଲି । କ୍ଲିନର୍ ଜଣକ ପାଟି କଲେ, "ହୋ ବାବୁ । ଏଇଟା କଣ ହେଲ ? ପଇସା କାହିଁ ?"

ଟିକିଏ ନିଃଶ୍ୱାସ ନେଇ କହିଲି, "ଏକା କଥା ନୁହେଁ ? ମୁଁ ପଇସା ଦେଇଥାନ୍ତି, ଆଜି ତୁମେ ବଡ଼ସ୍ କିଣି ଘରକୁ ଯାଇଥାନ୍ତ । ତେଣୁ ଆଗରୁଁ ନେଇ ଆସିଛି । ଛତିଶି ସାଇଜ୍‌ଟା । ନିଶ୍ଚୟ ସୁଟ୍ କରିବ ।"

କ୍ଲିନର ଜଣକ ଏବଂ ଆଉ କେତେକ ଯାତ୍ରୀ ମୋ ମୁହଁକୁ ଚାହିଁ ରହିଥାନ୍ତି । ମୁଁ କେଉଁ ଆଡ଼କୁ ନ ଅନାଇ ଅତିଶୀଘ୍ର ପଦଚାଳନାରେ ଜନତାଙ୍କ ଭିତରେ ଲୁଚିଗଲି । ରକ୍ଷା ପାଇଲି କ୍ଲିନର ହାତରୁ ।

ବଡ଼ିସ୍‌ର ଓଜନଟା ମୋ ହାତରୁ ଓହ୍ଲାଇଗଲା ପରେ ଖୁବ୍ ଆଶ୍ୱସ୍ତ ଅନୁଭବ କଲି ।

ଘରେ ପହଞ୍ଚି ଦେଖିଲି, ତାଲାବନ୍ଦ କରି ନଥିବା ଯୋଗୁଁ କେହି ଭଦ୍ରଲୋକ ମୋ ରୁମ୍‌ଟାକୁ ଖୁବ୍ ହାଲୁକା କରି ଦେଇଥାନ୍ତି । କେବଳ ପଟା ଖଟ ଓ ଟେବୁଲ୍ ଚୌକି ପଡ଼ିଥାଏ—ମୋତେ ବିଦ୍ରୂପ କରୁଥାଏ ।

ସାମନା ଦୋତାଲା କୋଠାର ବେଡ୍‌ରୁମ୍ ଝରକାଟା ବନ୍ଦ ହେବାର ଶବ୍ଦ ଶୁଭିଲା । ବୁଲି ଦେଖେ ତ ଘର ସାମନାର ବାରଣ୍ଡାଟ୍ ତଳେ କେତୋଟି କୁକୁର । ଖୁବ୍ ଝଗଡ଼ା କରୁଥାନ୍ତି । ଆଶ୍ୱିନ ମାସଟା ।

ଠିଆ ହୋଇ ଅନେକ ବେଳଯାଏଁ ଭାବିବାରେ ଲାଗିଲି ।

ଶେଷରେ ପଟା ଖଟଟା ଉପରେ ଶୂନ୍ୟ କୋଠରୀରେ ନିଜକୁ ଲମ୍ବାଇ ହାଇ କେତୋଟା ମାଗିଲାବେଳକୁ ଭାବିଲି, ଏଣିକି ଚତୁର୍ଥ ପୁରୁଷର ଅସାମାଜିକ କାର୍ଯ୍ୟକୁ ଅସଙ୍ଗତ କହି ପ୍ରଥମ ପୁରୁଷରେ ଦୂରେଇବାକୁ ଚେଷ୍ଟା କରିବି । ସୁନନ୍ଦ ଏଇଘରୁ ବିଦାୟ ନେଲାବେଳେ ଆଖି ଛଳ ଛଳ କରି କହିଥିଲା—'ଆମ ବାହାଙ୍କ ବିଚ୍ଛେଦରେ ସେ ଖୁବ୍ ମର୍ମାହତ । କୁଆଡ଼େ ଆତ୍ମହତ୍ୟା କରିବ ବୋଲି ଠିକ୍ କରିଛି ।' ତାକୁ ସ୍ପଷ୍ଟ କହିଦେବି—ତା ଆତ୍ମହତ୍ୟାଟା ମୋ ନିକଟରେ ଅସଙ୍ଗତ ହୋଇରହିବ ।

—— —— ——

Digitized by srujanika@gmail.com

# ରଜନୀଗନ୍ଧାର ପ୍ରଶ୍ନ

ସେଦିନର ପ୍ରଶ୍ନଟା ଆଜି ବି ଭୁଲି ହୁଏନି ସୁରେଶର । ଜୀବନର ଅସଂଖ୍ୟ ବିଦାୟୀ ମୁହୂର୍ତ୍ତ ମଧ୍ୟରୁ ଗୋଟିଏ । ଆଉ ସେଇ ବିଦାୟୀ ମୁହୂର୍ତ୍ତର ପ୍ରଶ୍ନ—କେତେଟି ପ୍ରଳାପ । ସେଥିରେ ନଥିଲା ଭାଷା—ନଥିଲା ଅଳଙ୍କାର । ଖାଲି ଥିଲା ଭାବ । ଯେଉଁଟା କି ଆଜି ବି ବୁଝିବାକୁ ଚେଷ୍ଟା କଲେ ସମ୍ଭବ ହେଉନି ସୁରେଶ ପକ୍ଷେ । ନାହିଁ......ହିଁ...ର ଗୋଳମାଳ ଭିତରେ ପୁଣି ପ୍ରଶ୍ନଟା ହଜିଯାଉଛି ।

ତେବେ ସୁରେଶ ସ୍ପଷ୍ଟ ସ୍ୱୀକାର କରେ—ପ୍ରଶ୍ନଟା ନ ବୁଝିଥିବା ଯୋଗୁଁ ଉତ୍ତରଟା ଦେଇପାରିନି । ଆଉ ଏଇଆ ବି ସ୍ୱୀକାର କରେ—ଯେଉଁ ପ୍ରଶ୍ନର ଭାଷା ଯେତେ ସରଳ, ତା'ର ଉତ୍ତରଟା ସେତେ କଠିନ ।

ହେଟି ସେଦିନ ଭଳି ଲାଗୁଛି—

ସୁରେଶ ଯୋଗ ଦେଇଥିଲା ବ୍ଲକଶ୍ୱରେ । ଇଞ୍ଜିନିୟରିଙ୍ଗ୍ ଡିପ୍ଲୋମା ପାସ୍ କରିସାରିଲା ପରେ ପୃଥିବୀରେ ଆଉ କୌଣସି ବ୍ଲକଶ୍ୱ ତା ପାଇଁ ନଥିଲା । ସେତେବେଳର ଅଶିକ୍ଷିତ ଲୋକେ ସେଇ ବ୍ଲକଶ୍ୱଟାକୁ କେତେ କଣ ସମ୍ବୋଧନ କରୁଥିଲେ । ଟିକିଏ ଜିଭ ଲେଉଟିଲେ କହୁଥିଲେ ଓଭରସିଅର୍ । ନଚେତ୍ କହୁଥିଲେ ଉଗ୍ରସର—ଉଗ୍ରସନ, ଅଫିସର୍ ବାବୁ, ସେକ୍‌ସନ୍ ବାବୁ, ବନ୍ଧ ବାବୁ, କେନାଲ ବାବୁ—ଏମିତି କେତେ କଣ । ତେବେ ସମାଜରେ ସେଇ ବ୍ଲକଶ୍ୱଟା ଥିଲା ଅତି ମର୍ଯ୍ୟାଦାପୂର୍ଣ୍ଣ । ସମ୍ମାନ ଥିଲା ଅତି ଉଚ୍ଚକୋଟୀର । ସକାଳଠୁଁ ସଞ୍ଜଯାଏଁ ଓଜାଡ଼ି ପଡୁଥିଲା ଖାଲି ଜୁହାର । ରାସ୍ତାରେ ବି ଜୁହାରର ଅଭାବ ନଥିଲା ।

ତେବେ ଅବିବାହିତ ସୁରେଶଙ୍କୁ କର୍ତ୍ତବ୍ୟରତ ସମୟରେ ସମ୍ପୂର୍ଣ୍ଣ ଭୁଲିବାକୁ ହେଉଥିଲା ନିଜ ଯୌବନକୁ । ଠିକ୍ ଜାଣିଥିଲା, ଯୌବନର ଟିକିଏ ସ୍ଖଳନ କିମ୍ବା ଚପଳତା ବାହାରେ ଆତ୍ମପ୍ରକାଶ କଲେ ପଦ-ମର୍ଯ୍ୟାଦା ଓ ସମ୍ମାନ ସମ୍ପୂର୍ଣ୍ଣ କ୍ଷୁଣ୍ଣ ହେବ । ଆଉ ଫେରି ପାଇବନି । ସମାଜ କ୍ଷମା ଦେବନି ।

ନଯାବନ୍ଧ ଚଳକୁ—ଗାଁର ଟିକିଏ ଦୂରରେ ନୂଆରେ ତିଆରି ହେଉଥିବା ସରକାରୀ ପକ୍‌କା ଘରଟା । ସେକ୍‌ସନ୍ ଅଫିସରଙ୍କ ସରକାରୀ ବାସଗୃହ । ତାକୁ ଲାଗି ଅଫିସ୍ । ବିରାଟ କମ୍ପାଉଣ୍ଡ୍ । ଲୋକେ କହନ୍ତି ବାବୁଙ୍କ ବଙ୍ଗଳା । ଖୁବ୍ ବଡ଼ ଘର । କିନ୍ତୁ ଅବିବାହିତ ସୁରେଶ ପକ୍ଷେ ଜୀବନ ଓ ଯୌବନ ସବୁ ନିଘୁଞ୍ଚିଆ । ଏତେବଡ଼ ସରକାରୀ ବଙ୍ଗଳାର ସଦୁପଯୋଗ ହେଇପାରୁନି ।

ପ୍ରସ୍ତାବ ଆସୁଛି—ଆଉ ଯାଉଛି । କେଉଁଠି କନ୍ୟାଟା ସୁନ୍ଦର ନାହିଁ—କେଉଁଠି ଯୌତୁକ ବିଶେଷ ନାହିଁ—କେଉଁଠି ବଂଶଟା ଭଲ ନାହିଁ । ଖୋଜା ଚାଲିଥାଏ—ଡଜନୋଟିଯାକ ଥିବ ଆଉ ସେଥିରେ ଅନ୍ତ କମ୍‌ରେ ମେଟ୍ରିକ୍ କିମ୍ବା କମ୍‌ସେ କମ୍ ମାଇନର୍‌ଯାଏଁ ପାଠ ଥିବ । ଆଉ ସବା ଶେଷରେ ଜାତକଟା ଶୁଝୁଥିବ ।

ବିକେ ବିକେ ସୁରେଶ ଯୌବନର ଉଗ୍ରତମ କ୍ଷୁଧା ଅନୁଭବ କରି ମନେ ମନେ କେତୋଟି କଣ୍ଡିସନ୍ ବାଦ୍ ଦେଉଥିଲା । ଭାବୁଥିଲା, ବିଜ୍ଞାପନକୁ ଯେତେ ପାରିବ ସେତେ କ୍ଳିପ୍ତ କରିବ । କିନ୍ତୁ ଦୁର୍ବଳ ମୁହୂର୍ତ୍ତ ଟିକକ କଟିଗଲା ପରେ ସବଳ ମୁହୂର୍ତ୍ତରେ ଭାବୁଥିଲା – ସବୁଯାକ ଆବଶ୍ୟକ । ବାଦ୍ ଦେବାର କାରଣ ନାହିଁ ।

ଉକ୍ତ ବଙ୍ଗଳାକୁ ଲାଗି ଦରଜିପଡ଼ା ଗାଁଟା ।

ଆଖପାଖ ପଲ୍ଲୀ ଭିତରେ ଟିକିଏ ବଡ଼ । ଦୁଇ ତିନିଟା ବେଶ୍ ଥିଲାବାଲା ଓ ମୁଖିଆ ଲୋକ ଥାଆନ୍ତି । ତାଙ୍କର କୁଆଡ଼େ ସାର୍ଟିଫିକେଟ୍ ଥାଏ ପୋଷଣ ଟାଉଟର୍ ବୋଲି । ଖାଣ୍ଟି ସରଳ ଭାଷାରେ ଶୋଷକ

Digitized by srujanika@gmail.com

କହିଲେ ଅତ୍ୟୁକ୍ତି ହେବନି । ସେମାନଙ୍କ ଜୀବନର ଦର୍ଶନ ଓ ଅଭିଳାଷ ଥିଲା—ବିନା ପରିଶ୍ରମରେ ବିପୁଳ ଧନ ଲାଭ—ବିନା ଶାରୀରିକ ଯୁଦ୍ଧରେ ଶତ୍ରୁ କ୍ଷୟ । ଆଜି ସେଇ ଉଦ୍ଦେଶ୍ୟ ସାଧନ କରିବା ପାଇଁ ସବୁ ପ୍ରକାର କୌଶଳ ଅବଲମ୍ବନ କରାଯାଇପାରେ । ଶହ ଶହ ଲୋକ ସର୍ବସ୍ୱାନ୍ତ ହେଲେ କିମ୍ବା କାହାର ଜୀବନ ନଷ୍ଟ ହେଲେ, ତାଙ୍କର ଯାଏ ଆସେନା । ତେଣୁ ଖୁବ୍ ଭାବିଚିନ୍ତି ଯୋଜନା କରନ୍ତି ସେମାନେ । ସତର ଖିଅଧରି ମିଛର ଅଳଙ୍କାର ଗଢ଼ନ୍ତି ।

ସେଇମାନେ ହିଁ କୁଆଡ଼େ ସେଇ ଅଞ୍ଚଳର ସମସ୍ତ ସରକାରୀ କାମ ଠିକା ନେବେ । ଅନ୍ୟ କେହି ପଶିବା ସମ୍ଭବ ନୁହେଁ । ଏଜେଣ୍ଟ ଲଗାଇ ଠିକା କାମ ବେଶ୍ ଚାଲେ ତାଙ୍କର । କେବଳ କାମ ମାପବେଳେ କିମ୍ବା ଚେକ୍ ନେଲାବେଳେ ଖଦଡ଼ ପିନ୍ଧି, ବେଶ୍ ଚକ୍‌ଚକ୍‌କଣ ହୋଇ ଆସିବେ । ତେବେ ମାପକୁ ଆସିଲାବେଳେ ସେକ୍‌ସନ୍ ଅଫିସର୍ ବାବୁଙ୍କ ନାଁରେ ପଡ଼ିଥିବ ଚପାକସ ପିଟିସନ୍ । ତାଙ୍କ ମୁଣ୍ଡରେ ସୃଷ୍ଟି କରା-ହୋଇଥିବ ନାନା ଆଶଙ୍କା ଓ ଅଶାନ୍ତି—ଯେମିତି କୂଳକିନାରା ପାଇଁ ଉପରୋକ୍ତ ଠାଉଟରଙ୍କ ଉପରେ ଏକ୍‌ବାରେ ବାବୁ ଢଳି ପଡ଼ିବେ । ଯଦି ସେଥିକରେ ତାଙ୍କ ସୁବିଧାବାଦୀ ଆଶା ପୂରଣ ନହୁଏ ତେବେ ନାନାପ୍ରକାର କୌଶଳ ଅବଲମ୍ବନ କରି ବାବୁଙ୍କୁ ବଦଳି କରାହେବ ବହୁ ଦୂରକୁ । ଅମୋଘ ଅସ୍ତ୍ର କିଏ କେବେ ଫେଲ୍ ମାରେ ? ତେଣୁ ବାବୁ ହୋଇ ଯିଏ ଆସିବେ କିନ୍ତୁ ଗଲାବେଳକୁ ନାନା ହଇରାଣ ହଟହଟା ହୋଇଯିବେ । ଯଦି ଠାଉଟରଙ୍କ ପୋଷା ମାନିବେ ତେବେ ରକ୍ଷାଅଛି । ନଚେତ୍, ଗଲାବେଳେ ଦାଗୀଭଳି ବଦନାମ ପାଇଯିବେ ।

ସୁରେଶ୍ ନୂଆକରି ଚାକିରିରେ ଜଏନ୍ କଲାପରେ ସେଠି ପୋଷ୍ଟିଂ ହୋଇଥାଏ । ପିଲ୍‌ପାନ୍ ଚେହେରା, ଗଜା ଚୋକା । ମେଟୁକୁଳା ମାରିଲେ ସତେ ଯେପରି ରକ୍ତ ଝରିପଡ଼ିବ ।

ଗତାନୁଗତିକ ବାବୁ ହେବା ପାଇଁ ସେତିକା କାଇଦା କଟକଣା ପ୍ରତି ଅଭ୍ୟସ୍ତ ହେଉଥାଏ । ଆଜି ଗାଁ ଲୋକ ଓ ଠାଉଟରଙ୍କ ବିଷୟରେ

Digitized by srujanika@gmail.com

ଚଳିଆ କର୍ମଚାରୀଙ୍କ ସହ ପରାମର୍ଶ କରୁଥାଏ । ପିଟିସନ୍ ଶବ୍ଦଟା ଶୁଣିଲେ ଟିକିଏ ଚମକି ଉଠୁଥାଏ ବି ।

ଚାକିରି ନାଁଟା ସିନା ସେକ୍ସନ୍ ଅଫିସର୍ ବାବୁ—ପଲ୍ଲୀ ଅଞ୍ଚଳରେ ସମ୍ମାନ ଓ ମର୍ଯ୍ୟାଦା ଖୁବ୍ ବେଶୀ, ହେଲେ ପିଟିସନ୍ କମ୍ ନୁହଁ ! ପ୍ରାୟ ପ୍ରତ୍ୟେକ ପୂର୍ବବର୍ତ୍ତୀ ବାବୁ ଏଇ ମିଛସତ ପିଟିସନ୍‌ର ଶିକାର ହୋଇ ବଦଳି ହୋଇଥାନ୍ତି । ପିଟିସନ୍‌ର ତଦନ୍ତ କେବେ ହୁଏନା— ସତ୍ୟାସତ୍ୟ ଅନୁସନ୍ଧାନ ହୁଏନା । କେବଳ ସଙ୍ଗେ ସଙ୍ଗେ ବଦଳି । ବଦଳି କରିବାଟା ଯେପରି ଶାସନ କରିବାର ଅସ୍ତ୍ର । ତେବେ ବଦଳି ବାବଦ ସମସ୍ତ ଖର୍ଚ୍ଚ ବହନ କରନ୍ତି ଖୋଦ୍ ସରକାର - ତଥା ଗରିବ ଜନସାଧାରଣ । ସେ ବାବଦ ଖର୍ଚ୍ଚର ଉଚିତ ଅନୁଚିତ ଆବଷ୍ଟାର କରିବାର ଉପାୟ ନାହିଁ । କେବଳ ସରକାରୀ ସ୍ତର ତଥା ମନ୍ତ୍ରୀଙ୍କ ଦୃଷ୍ଟିକୁ କଥାଟା ଅଣାଗଲେ ପ୍ରଶାସନିକ ନ୍ୟାୟ ମିଳେ ।

ଏଣେ ପରିଶ୍ରମ ଖୁବ୍ କଠିନ । ଭଲ କାମ କଲେ ପ୍ରଶଂସା ପାଏ ଉପରିସ୍ଥ ହାକିମଙ୍କ ହିସାବକୁ । ଆଉ ଉପରିସ୍ଥ ହାକିମଙ୍କ ତ୍ରୁଟି ହେଲେ ସବୁଯାକ ବଦନାମ ଓ ପରିଣାମ ଭୋଗିବାକୁ ହୁଏ ସେକ୍ସନ୍ ଅଫିସରଙ୍କୁ । କି ବିଚିତ୍ର ଚାକିରି !!

ସୁରେଶ ଥିଲ ଅତି କର୍ମଠ ଓ ସଚ୍ଚୋଟ । ତେଣୁ ଚାକିରିରେ ଯୋଗ ଦେବାର ଅଳ୍ପ ସମୟ ଭିତରେ ପଡ଼ିଲା ପିଟିସନ୍ । ଗତାନୁଗତିକ ଭାବେ ଉପରୁ ସତର୍କ କରିଦିଆଗଲା । ଡାଇରେକ୍ଟର୍‌ଗଣ ବାରବାର ଉପଦେଶ ଦେଇଗଲେ, ଭଲ ଚାଉଳ—ବଡ଼ ମାଛ—ଭଲ ଛେନା ଓ ଘିଅ ଯେଉଁଠି ମିଳେ ସେଇ ଗାଁର ନାଁଟାକୁ ମନେ ରଖିବାକୁ । ବହୁଣା ଦେଇ ଆଗତୁରା ବଣ୍ଡ୍ କରିବାକୁ ହେବ । ନଚେତ୍ ବିଷମ ଅସ୍ତ୍ରକୁ ପ୍ରତିରୋଧ କରିହେବନି । ଚାକିରିରେ ବହୁତ ଅସୁବିଧା ଦେଖା ଦେବ । ନାଲି ଫିତାର କରାମତି ବହୁତ ବେଶି ।

ବିଧାନସଭାର ଲୋକପ୍ରିୟ ସରକାରଙ୍କଦ୍ୱାରା ପାଶ୍ କରାହୋଇ-ଥିବା ଲୋକହିତକର ଯୋଜନା କାମ ଚାଲିଥାଏ । କେନାଲ୍ ଖୋଳା

Digitized by srujanika@gmail.com

ହେବ । କେନାଲ୍ ପାଣିଦ୍ୱାରା ଜମିରେ ସୁନା ଫଳିବ । ଖାଦ୍ୟାଭାବ ଘଟିବନି—ମରୁଡ଼ି ବୋଲି ଆଉ ଶୁଣାଯିବନି । ଅଗଣିତ ଶ୍ରମିକ ମଜୁରିଆ ବଞ୍ଚିଯିବେ । ସେଇ କେନାଲ୍ ଖୋଳା କାମ ଦାୟିତ୍ୱରେ ଥାଏ ସୁରେଶ ।

କେନାଲ ଖୋଳେଇ କାମ ଚାଲିଥାଏ । କେନାଲ୍‌ରେ ଯାଉଥିବା ଜମି ପାଇଁ ଗରିବ ଚାଷୀ କ୍ଷତିପୂରଣ ନ ପାଉଣୁ ଠିକାଦାରମାନେ ଆଖି ଦେଖାଇ କେନାଲ୍ ଖୋଳିଯାଆନ୍ତି । କେନାଲକୂଳିଆ ଜମିରୁ ମାଟି ନେଇ ମଣିଷ ମଣିଷ ଉଚ୍ଚା କେନାଲ ବନ୍ଧ ତିଆରି କରନ୍ତି । କେନାଲରେ ଯେତେ ଗଭୀରରେ ପାଣିଯିବ ତା ଠାରୁ ଦୁଇ ତିନିଗୁଣ ଗଭୀରରେ କେନାଲ ତଳ ଜମିଗୁଡ଼ିକରେ ହେଇଥାଏ ଖନ୍ଦକ । ସେଠି ଜମିବ ପାଣି । ମଶାମାଛିଙ୍କ ଦୁର୍ଦ୍ଦଶା ମୋଚନ ହେବ । ସରୀସୃପମାନଙ୍କ ହେବ ଉତ୍କୃଷ୍ଟ ଭୋଜନସ୍ଥଳ । ଶ୍ରେଷ୍ଠ ବଡ଼ ମୀନ ସେଠି ରହିବେ—ପଲ୍ଲୀ ପଙ୍କାଳର ବେକାର ବାଳକ ବାଳିକା ଠାରୁ ଆରମ୍ଭ କରି ଅଧା ଅଧା ଭେଣ୍ଡା ପୁରୁଷ ଓ ଧେଣ୍ଡା ଝିଅ, ବହୂ ମଧ୍ୟ ମାଛ ଧରିବା ସଉକରେ ମନୋନିବେଶ କରିବେ ।

ଡାକ୍ତରମାନେ କହି ବୁଲନ୍ତି, ପଲ୍ଲୀପଙ୍କାଳ ଲୋକେ ମାଛଧରା ସଉକରେ ମାତିଲେ କୁଆଡ଼େ ଦେଶର ବସ୍ତ୍ର ସମସ୍ୟା କିଛି ପରିମାଣରେ ସମାଧାନ ହୁଏ । ମନୋବିଜ୍ଞାନୀମାନେ କହନ୍ତି—ଉଲଙ୍ଗ ପ୍ରାୟ ଶରୀରରେ ସ୍ତ୍ରୀ ପୁରୁଷଙ୍କ ମାଛଧରା ଅଭ୍ୟାସ ଯୋଗୁଁ ପଲ୍ଲୀପଙ୍କାଳରେ ଯୌନ ଚେତନାର ବିଭ୍ରାଟ ଓ ବିଭ୍ରାନ୍ତି ଦେଖାଦିଏନି ।

ତେବେ ସ୍ୱତନ୍ତ୍ରାଣ୍ଡିଭିଲ୍ଲ ଜମି କେନାଲ ଗର୍ଭରେ ଯିବା ବାହାରେ ବଳକାତକ ଏଇ ଗଭୀର ଖନ୍ଦକରେ ନଷ୍ଟ ହେବା ଯୋଗୁଁ ଗରିବ ଚାଷୀ ଆପତ୍ତି କରନ୍ତି । କିନ୍ତୁ ଗାଁ ଡାକ୍ତରଙ୍କୁ ମୁହାଁଇବା ସାହସ କାହାରି ନଥାଏ । ପାଟି ଫିଟାଇବାମାନେ ମିଛ ମକଦ୍ଦମା ଥୁଆ । ଭାଇ—ଭାଇ, ବନ୍ଧୁବାନ୍ଧବ ଓ ସାଇପଡ଼ିଶାରେ ଅଶାନ୍ତି ନିଆଁ ଜଳିବା ପାଇଁ ଯୋଗ ହେବ, 'କଳି-ମଞ୍ଜି' । ତେଣୁ ଗୁହ୍ମମୁହ ହେଇ ମନେ ମନେ ଡାକ୍ତରଙ୍କ ଚଉଦ ପୁରୁଷ ଉଦ୍ଧାର କରି ତୁନି ରହନ୍ତି । କିଏବା କେମିତି ଆଞ୍ଜୁଳାଏ ଦି'ଆଞ୍ଜୁଳା ଧୂଳି ଉଡ଼ାଇ ଦିଅନ୍ତି । ବାସ୍ ସେତିକି । ଯାହାର ବା

Digitized by srujanika@gmail.com

ହି ପଇସା ଅଛି, ହାତରୁ କଛି ଖର୍ଚ୍ଚ କରି ଜମିକୁ ସମତଳ କରିବା ଚେଷ୍ଟା କରନ୍ତି । ଖଣ୍ଡମୂଳ ବୋହି ଆଣି ପକାନ୍ତି । ତେବେ ସେ ଖର୍ଚ୍ଚ ହୁଏ ନିରର୍ଥକ । ଫସଲ ହୁଏନି ।

ଏହା ହିଁ ଗରିବ ମଳିମୁଣ୍ଡିଆ ଲୋକଙ୍କ ଅଭିଶପ୍ତ ଜୀବନ । ତାଙ୍କ ଗୁହାରି ଶୁଣିବାକୁ କେହି ନାହିଁ । ଧୋବ ଧାଉଳିଆ ପିନ୍ଧି ବଡ଼ ବାବୁ ଜିପ ଚଢ଼ି ଆସନ୍ତି—କେବେ କେମିତି ମନ୍ତ୍ରୀ, ଉପମନ୍ତ୍ରୀ ଆସନ୍ତି । ହେଲେ ସମସ୍ତେ ସେଇ ଗାଁ ଟାଉଟରଙ୍କ ଧଳା ଖଦଡ଼—ଚକ୍‌କଣ ସୁନ୍ଦର ଭାଷା —ଆଉ ତାଙ୍କ ଉତ୍‌ଫୁଲ୍ଲତା ଦେଖି ଗାଁ ଲୋକଙ୍କ ଉନ୍ନତ ଜୀବନ ଯାପନର ଧାରଣା କରିନିଅନ୍ତି । କିଛି ବୁଝାଶୁଝା କରିବାକୁ ମନ୍ତ୍ରୀ, ଉପମନ୍ତ୍ରୀ ତଥା ଅଫିସରଗଣ ଚାହିଁଲେ ବି ସେଇ ଟାଉଟରମାନେ ଗାଁ ଲୋକଙ୍କୁ ସେଥିରୁ ବଞ୍ଚିତ କରନ୍ତି । ଏଣୁ ତେଣୁ କହି ସମସ୍ତଙ୍କୁ ଭ୍ରାନ୍ତ । ବାବୁମାନଙ୍କୁ ବିଦା କରନ୍ତି ହସ ହସ ବଦନରେ । ରାସ୍ତା, ସ୍କୁଲ, ପୋଖରୀ, ପାଠାଗାର ଇତ୍ୟାଦି ନିର୍ମାଣ ପାଇଁ ଚିନ୍ତା କରିବା ଆବଶ୍ୟକ ପଡ଼େନି । ଲୋକେ ଶିକ୍ଷିତ ହେଲେ—ଗୁମର କଥା ଜାଣିଲେ ଟାଉଟରଙ୍କ ଭାତ ହାଣ୍ଡି ମାଙ୍କଡ଼ା ଚଢ଼ି ମାରିବ । ଧୋବା ମଧ୍ୟ ମାଗଣାରେ ଫିନ୍‌ଫାନ୍ ସଫା କରି ଲୁଗା ଦେବନି । ରହିବନି ବେଠିର ପ୍ରଶ୍ନ । ଚାଲିବନି ତାଙ୍କର ବେଆଇନ୍ ଶାସନ ।

ଯୁବକ ସୁରେଶ ବୁଝୁଥାଏ ଆଇନ୍ ଓ ବେଆଇନ୍ ଭିତରର ତଫାତ୍ଟା । କିନ୍ତୁ ବିଶ୍ଳେଷଣ କରିପାରେନି କିବା କାହାକୁ କହିପାରେନି । କରିବା ପାଇଁ ମନା ବି । କେନାଲ ଖୋଳା ଦାୟିତ୍ୱରେ ଥିବା ଉପର ହାକିମ ତଥା ଉଚ୍ଚ କର୍ମକର୍ତ୍ତାଗଣ ବଜେଟ୍‌ରେ ବରାଦ ଥିବା ଟଙ୍କା ଖର୍ଚ୍ଚ କରିବାରେ ବ୍ୟସ୍ତ । କିନ୍ତୁ ଗରିବ ଚାଷୀ କିପରି ଜମିର କ୍ଷତିପୂରଣ ପାଇବେ, ସେ ବିଷୟରେ ତାଙ୍କର ଚିନ୍ତା କରିବା ଆବଶ୍ୟକ ନଥାଏ । ସେ କଥା ବୁଝିଥିବେ ଅନ୍ୟମାନେ ବୁଝିବେ । ଦେଶର ମହାନ୍ ସମ୍ବିଧାନର ମୌଳିକ ଅଧିକାରବୃନ୍ଦିକ ଉପରିସ୍ଥ ହାକିମଙ୍କ କୌଣସି ଆଦେଶଦ୍ୱାରା ଖିଲାପ କରାଯାଇଥିଲେ ବି, ସୁରେଶକୁ ନୀରବ ରହିବାକୁ ହୁଏ । ଜନସାଧାରଣଙ୍କ ଯାହା କ୍ଷତି ହେଲେ ମଧ୍ୟ ବାର୍ଷିକ ଏଲଟ୍‌ମେଣ୍ଟ ସାରିବାକୁ ହେବ । ନଚେତ୍ ମାର୍ଚ୍ଚ ପରେ ଏପ୍ରେଲ୍‌ରେ ମେଳିବ ଖରାପ ରିପୋର୍ଟ ।

Digitized by srujanika@gmail.com

ପରିଗଣିତ ହେବ ନାକମା କର୍ମଚାରୀଭାବେ । ଛଣବାଡ଼ା ଭଳି ବଦଳି ଅସ୍ତ୍ର ସାହାଯ୍ୟରେ ଫିଙ୍ଗାହେବ ହିମାଳୟଠାରୁ କୁମାରୀକା ଯାଏଁ । ସାମାଜିକ ତଥା ପାରିବାରିକ ଜୀବନ ହେବ ବିପର୍ଯ୍ୟସ୍ତ । ତେଣୁ ମାନିବାକୁ ହେବ ଆମେରିକାର ଦାସତ୍ୱ ପ୍ରଥା ଟା ।

ବିଧାନସଭା ତଥା ଲୋକସଭାରେ ମାନ୍ୟବର ମନ୍ତ୍ରୀ ତଥା ସଭ୍ୟଗଣ ସମ୍ବିଧାନର ମୌଳିକ ଅଧିକାର, ଗଣତନ୍ତ୍ର, ସାମାଜିକ ନ୍ୟାୟ, ସମାଜବାଦ, ସାମ୍ୟବାଦ ଇତ୍ୟାଦି ବ୍ୟାଖ୍ୟା କରି ଗରିବ ଜନସାଧାରଣଙ୍କ ହିତ ନିମନ୍ତେ ଯେତେ ଆଇନ୍‌କାନୁନ୍ ଓ ଯୋଜନା କଲେ ମଧ୍ୟ— ଯେତେ ଉଦାର ମନୋଭାବ ପୋଷଣ କଲେ ମଧ୍ୟ, ଭୂତପୂର୍ବ ସାମ୍ରାଜ୍ୟବାଦ ସରକାର ଅମଳରେ ଶିକ୍ଷା ପାଇଥିବା ଅଫିସରଗଣ ସରକାରୀ ଦପ୍ତରରେ ବସି ଠିକ୍ ଓଲଟା ଚର୍ଚ୍ଚା କରନ୍ତି । ବାରବାର କରି ଦେଶର ନେତା ତଥା ନେତୃସ୍ଥାନୀୟ ବ୍ୟକ୍ତିମାନେ ଯେତେ ଆକ୍ଷେପ ଓ ତାଗିଦା କଲେ ମଧ୍ୟ କାହାର ହେଲେ ଚେତା ପଶେନି । ସରକାରରେ ରହି ସରକାରୀ ନୀତିକୁ ବିରୁଦ୍ଧାଚରଣ କରିବା ଉଚ୍ଚ କର୍ମକର୍ତ୍ତାଙ୍କ ଗୋଟାଏ ସଉକରେ ପରିଣତ ହୋଇଥାଏ । ପୁଞ୍ଜିବାଦ ଅର୍ଥନୀତି ପଢ଼ି ପ୍ରଗତିଶୀଳ ସମାଜବାଦ ଅର୍ଥନୀତିର ମର୍ମ ବୁଝିବେ ବା କେମିତି ?

ତେଣୁ ଲୋକେ ଏପରି ବେଆଇନ୍ କେନାଲ୍ ଖୋଳା କାମ ବିରୁଦ୍ଧରେ ଆପତ୍ତି ଓ ଗୁହାରି କଲେ ଶିକ୍ଷିତ ଓ ଯୁବକ ସୁରେଶ ଚୁପ ରହେ । ନିଜ ବିବେକ ବିରୁଦ୍ଧରେ ନିଜେ ସଂଗ୍ରାମ କରେ ମନ ଭିତରେ । କୁହେ --"ଉପରକୁ ଜଣାକରିଛୁ । ଶୀଘ୍ର କ୍ଷତିପୂରଣ ମିଳିବା ଆଶା ଅଛି ।"

ତେବେ ଆସ୍ତେ ଆସ୍ତେ ଯୁବକ ସୁରେଶ ଟାଣି ହୋଇଗଲା ନିର୍ବୋଧ ଗ୍ରାମବାସୀଙ୍କ ପ୍ରତି । ସେମାନଙ୍କ ସରଳତା ଓ କଷ୍ଟସହିଷ୍ଣୁତା ପ୍ରତି ଖୁବ୍ ଆକୃଷ୍ଟ ହୋଇପଡ଼ିଲା । ତା'ର ମନ ଓ ବିବେକ ଭିତରେ ଗଜା ମେଲିଲା ସ୍କୁଲ ଓ କଲେଜ ଜୀବନରେ ଲାଭ କରିଥିବା ଗଣତାନ୍ତ୍ରିକ ଚେତନା ତଥା ଦେଶପ୍ରେମ । ଆସ୍ତେ ଆସ୍ତେ ପୁରାତନ ଧର୍ମନୀତି ଓ ଇତିହାସ ଭାଙ୍ଗି ନୂତନତା ସୃଷ୍ଟି କରିବା ପାଇଁ ତା'ର ବିବେକ ଇଙ୍ଗିତ ଦେଲା ।

Digitized by srujanika@gmail.com

ଦେଶବାସୀ ସଚେତନ ନହେଲେ ଯେ ସରକାରଙ୍କ ସମସ୍ତ ଯୋଜନା ଭଣ୍ଡୁର ହେବ; ସମାଜବାଦୀ କାର୍ଯ୍ୟକ୍ରମ ବାସ୍ତବ ରୂପ ନେଇ ପାରିବନି—ଜାତୀୟ ଚରିତ୍ର କ୍ଷୁଣ୍ଣ ହେବ—ଏତକ ବେଶ୍ ଉପଲବ୍ଧି କଲା ସୁରେଶ । ଲୋକଙ୍କ ସହ ଖୁବ୍ ମିଶିଲା—ସୁଖ ଦୁଃଖ ଶୁଣିଲା—ଗରିବ ଗୁରୁବା ଲୋକଙ୍କୁ ପଚାରିଲା ସେମାନଙ୍କ ସୁବିଧା ଅସୁବିଧା । ସମବେଦନା ପ୍ରକାଶ କଲା ଦୁଃଖୀ ଲୋକଙ୍କ ପ୍ରତି । ଲୋକଙ୍କଠାରୁ ପାରମ୍ପରିକ ଭାବେ ବାଧ୍ୟତାମୂଳକ ସମ୍ମାନ ପାଇବା ଅଭିଳାଷ ଦୂରେଇ, ଚେଷ୍ଟା କଲା ସେମାନଙ୍କଠାରୁ ଆନ୍ତରିକ ସ୍ନେହ ଓ ଶ୍ରଦ୍ଧା ହାସଲ କରିବା ପାଇଁ । ସମାଜବାଦ ଓ ପ୍ରଗତିଶୀଳ ଚେତନାରେ ଉଦ୍‌ବୁଦ୍ଧ ହୋଇ ଲୋକଙ୍କୁ ବୁଝାଇଲା ସରକାରଙ୍କ ସମାଜବାଦ ନୀତି ତଥା ପ୍ରଗତିଶୀଳ କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ । ଉପଦେଶ ଦେଲା—ଉତ୍ତମ ଜାତୀୟ ଚରିତ୍ରରେ ଉଦ୍‌ବୁଦ୍ଧ ହେବା ପାଇଁ ।

ଗାଁର ଯୁବକଙ୍କୁ ମେଳକରି ଆରମ୍ଭ କଲା ପାଠାଗାର । ନିଜେ ବି କିଛି ଆର୍ଥିକ ସାହାଯ୍ୟ ଦେଲା । ୟୁ. ପି. ସ୍କୁଲକୁ ମାଇନର୍ ସ୍କୁଲରେ ପରିଣତ କରିବା ପାଇଁ, ଗ୍ରାମର ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରିବା ପାଇଁ ସେମାନଙ୍କୁ ସଚେତନ କରାଇଲା । ଯୁବଗୋଷ୍ଠୀ ସାହାଯ୍ୟରେହିଁ ଯେ ଦେଶର ସମୃଦ୍ଧି ଘଟେ, ଏଇତକ ସେମାନଙ୍କୁ ହୃଦୟଙ୍ଗମ କରାଇଲା । ଶେଷରେ ସମ୍ଭବ ହୋଇପାରିଲା ସେଇ ଯୁବଗୋଷ୍ଠୀଙ୍କ ଆନ୍ତରିକତା ଓ କର୍ତ୍ତବ୍ୟ ନିଷ୍ଠା ଯୋଗୁଁ ।

ତେବେ ସୁରେଶର ଏସବୁ କାର୍ଯ୍ୟକଳାପ ଗାଁ ଟାଉଟରଙ୍କ ଦେହରେ ଗଲାନି । ସେମାନଙ୍କ ସ୍ୱାର୍ଥରେ ବି ଆଞ୍ଚ୍ ଆସିଲା । ସଂଗ୍ରାମର ସୂତ୍ରପାତ ହେଲା ସେଇଠୁଁ ।

ଏଣେ ନିରୀହ ଓ ଗରିବ ଜନସାଧାରଣ କେନାଲ୍ ବାବୁଙ୍କଠାରୁ ଏପ୍ରକାର ଅଲୌକିକ ପ୍ରେରଣା ପାଇ ସମ୍ମୋହିତ ହେବା ସାଥେ ସାଥେ ତାଙ୍କର ପ୍ରତ୍ୟେକ ଉପଦେଶ ଓ ପ୍ରେରଣାକୁ ସଫଳ କରିବାରେ ଲାଗି ପଡ଼ିଲେ । ଭଲ କଥାକୁ କିଏ ଅବା ଭଲ ନପାଏ ? ଯୁଗ ଯୁଗ ଧରି ସତ୍ୟ-ଶିବ-ସୁନ୍ଦର ରହିଆସିଛି—ରହିଥିବ ବି ।

Digitized by srujanika@gmail.com

ଏଣେ ବର୍ଷ ବର୍ଷ ଧରି କେନାଲ ମାପଚୁପ ଓ ଖୋଳାଇ କାମ ଚାଲିଥିଲେ ବି ପାଣି ଆସେନି । ପ୍ରତି ବର୍ଷ ଲୋକେ ଶୁଣନ୍ତି, 'ହେଇ ଆର ବର୍ଷକୁ ପାଣି ଆସିଯିବ । ତେଣୁ କ୍ଷତିପୂରଣ ପାଇବା ଡେରି ହେଲେ ମଧ୍ୟ ଆଗ ଜମି ଛାଡ଼ିଦିଅ । ଆଗ ଦେଶରେ ସୁନା ଫଳୁ ।' କିନ୍ତୁ ଜମି ଯେଉଁ ଶୁଖିଲକୁ ସେଇ ଶୁଖିଲା । କେନାଲ କାମ ସରିପାରୁନି । ନଖାଦ ଓ ନସ୍ତପଟ ଗରିବ ଚାଷୀ କେନାଲ ଖୋଳାଇବା ପାଇଁ ଜମି ଛାଡ଼ିଦେଇ ଚାହିଁ ରହିଥାନ୍ତି । ତେବେ ସେମାନଙ୍କ ବର୍ଷକୁ ବର୍ଷ ଫସଲ ହରାଇବା ହିଁ ସାର ହୁଏ । ଗାଁ ନାହାକଙ୍କୁ ପାଞ୍ଜିରେ ଥିବା ବର୍ଷାଭାଗ— ଅଡ଼ା କାହା ହାତରେ - ବର୍ଷାକାଳ ଆଦି ପଚାରି ପଚାରି କଟୁନାନ୍ତି ହୁଅନ୍ତି । କେତେକ ଚାଷୀ ଉକ୍ତ ଠିକାଦାର ବା ଓଭରସିଅରଙ୍କ ନାଲି ଆଖି ଦେଖି କିମ୍ବା ମନଭୁଲାଣିଆ କଥାରେ ହେଉ ନିଜର ସର୍ବସ୍ୱ ଜମି କେନାଲ ପାଇଁ ଛାଡ଼ି ଦେଇଥାନ୍ତି କ୍ଷତିପୂରଣ ନପାଇ । କିନ୍ତୁ ବର୍ଷ ବର୍ଷ ଧରି କ୍ଷତିପୂରଣ ନପାଇ ହେଇଥାଆନ୍ତି ନିସ୍ୱ ଓ ଗରିବ । ଠିକ୍ ଶୂନ୍ୟ ଚଉଡ଼କ ଭଳି । ହାରି ହାରି ଭୁଲି ଭିକ ମାଗିବା ବି କେତେକଙ୍କ ପକ୍ଷେ ବୃତ୍ତିରେ ପରିଣତ ହେଇଥାଏ । କେବଳ ସମୟେ ସମୟେ "ତୁମ ଜମି ସରକାର ନେଉଛନ୍ତି" ବୋଲି ଝଣ୍ଟିଏ ଝଣ୍ଟିଏ ନୋଟିସ୍ ପହଞ୍ଚେ । ସେଇ ନୋଟିସ୍ ଦେଖାଇଲେ ବି ମହାଜନ ଧାନ ଦେଉନି କାଳରେ ଦିଏନି ।

ହରିଙ୍ଗିପଡ଼ା ତଥା ଆଖପାଖ ଗାଁର ଅଧିବାସୀମାନେ ସେମାନଙ୍କ ଜମି ଏପରି ଭାବେ କ୍ଷତିପୂରଣ ନପାଇ ଛାଡ଼ିଥିଲେ ମଧ୍ୟ ବହୁ ଜାଗାରେ ଉପର ମୁଣ୍ଡରେ କେନାଲ ଅଟକିଥାଏ । କେତେକ ଟାଣୁଆ ଓ ଶିକ୍ଷିତ ଲୋକ କ୍ଷତିପୂରଣ ନପାଇ ଜମି ଛାଡ଼ିବାକୁ ନାରାଜ । ତେଣୁ କେନାଲରେ ପାଣି ଆସିବ ବା କପରି ? ତା' ବାହାରେ ହରିଙ୍ଗିପଡ଼ା ଗାଁରେ ବାଘା ପ୍ରଧାନ ଥିଲା ଗୋଟିଏ ସମସ୍ୟା ।

ବାଘା ପ୍ରଧାନ ଜଣେ ନଖାଦ ଗରିବ ଚାଷୀ । କାହାର ଭଲଜୁଲି ଚିହ୍ନେନି । ଆଉ ଯଦି କିଏ ତା ଭଲଜୁଲି ଚିହ୍ନେ ତେବେ ଝଣ୍ଡା ଭଳି କାଉଡିକୁ ଧରି ପିଣ୍ଡାତଳକୁ ଓହ୍ଲାଇ ପଡ଼ିବ । ଚକ୍‌କଣ ମୁଗୁନି ପଥରଟା

Digitized by srujanika@gmail.com

ଉପରେ ବସିବା ଆରମ୍ଭ କରିଦେବ । ତେଣୁ ତା ବସ୍ତିଦେଇ ଲୋକେ ଗଲାବେଳେ ହୁସିଆରରେ ଯିବେ । ଘୋର ଜିଦ୍‌ଖୋର ଲୋକ । ନ୍ୟାୟ, ଧର୍ମ ଓ ସତ୍ୟରୁ ଟିକେ ନଇଁବନି । ପର ସୁଖ ଦୁଃଖରେ ତା ଶକ୍ତି ଅନୁଯାୟୀ ଭାଗିଦାର ହେବ । କଥାବାର୍ତ୍ତା ବ୍ୟବହାରରେ ଅତି ଭଲ । ସଦାସର୍ବଦା ଗମ୍ଭୀର । ଗୋଟିଏ ବୋଲି ଝିଅ । ଭୁଆସୁଣୀ । ଗୋଟିଏ ଗୁଣ୍ଡଳରେ ଗଡ଼ା । ବହୁ ଧର୍ମ କର୍ମ କରି ସାରିଛି । ତା ପରଠୁ ଅଙ୍କ ମିଶିନି । ଘର ଯୁଆଇଁ କରିବାକୁ ମନସ୍ଥ କରିଛି । କେବଳ ତା ସ୍ତ୍ରୀ ଟିକିଏ ଅପେକ୍ଷା କରିବାକୁ କହିବାରୁ ବରପାତ୍ର ପାଇଁ ମନ ଦେଇନି ।

ପାଞ୍ଚ ମାଣ ବୋଲି ଜମି । ଗଣ୍ଡେ ଦାନ୍ତର ବେଶ୍ ହୃଷ୍ଟପୁଷ୍ଟ ବଳଦ ହଳଟା । ସେତିକି ତାର ସମ୍ବଳ । ଜମି ଝଣ୍ଡିକ ବି ଘରଦ୍ୱାଣ୍ଡି । ଗୋଟିଏ ଚକଡ଼ା । ଲମ୍ବି ଯାଇଛି ଘାଟଟା ଭିତରେ । କେତେ ମରୁଡ଼ି ହେଲେ ବି ପାଞ୍ଚ ପା' ଫସଲରୁ କମ୍ ନୁହଁ । ତା ଜମିର ଫସଲ ଦେଖି ଅନେକ ହିଂସା କରନ୍ତି । ବାଘା ପଧାନ ତା ସ୍ତ୍ରୀକୁ କୁହେ, "ବୁଝିଲୁ— ଯେତେ ଆମକୁ ହିଂସା କରିବେ ଆମର ସେତେ ଭଲ ହେବ । ତୁ ଇଷ୍ଟଦେବଙ୍କୁ ଡାଇତ ଡାକେ—ଆମକୁ ଲୋକେ ଅଧିକରୁ ଅଧିକ ହିଂସା କରନ୍ତୁ ।" ହେଲେ ଶୀତେଇ ପବନରେ ତା' ଜମି ଚକଡ଼ାର ଫସଲ ଉଲୁପୁଲି ହେଇ ଅତି ନାଚେଇଲାବେଳେ, ବାଘା ପଧାନର ସ୍ତ୍ରୀ ଶୁଖିଲା ଲଙ୍କା ଦି'ଟା ଧରି ଜମି ଚାରିପାଖେ ଥରେ ବୁଲିଆସେ । ଘରକୁ ଆସି ଦାନ୍ତଚିପି କଡ଼୍‌ମଡ଼ ହେଇ ଚୁଲିର ଦୁଃ···ଦୁଃ ନିଆଁରେ କଷିକରି ଫିଙ୍ଗିଦିଏ ।

ସେଇ ଜମିରେ ଯିବ କେନାଲ । ଠିକ୍ ମଝାଲରେ । ଗୁଣ୍ଠିମାଣ ଜମି ଲୁଚିଯିବ କେନାଲ ଗର୍ଭରେ । ଆଉ ବାକି ମାଣକ ଏକଡ଼ ସେକଡ଼ ହେଇ ରହିବ । କନ୍ତୁ କାମକୁ ଲାଗିବନି । ତେଣୁ ବାଘା ପଧାନ ଜିଦ୍ ଧରି ବସିଛି—ହଳ ଭାଙ୍ଗିବନି । ଜମି ଟଙ୍କା ପାଇଲେ ଆଉ ଜମି କିଣିବ । ଯେମିତି ମେହେନତ କରିବ । ନଚେତ୍ ତାର ପରାକ୍ରମରତ ଶରୀର ଅଳସୁଆ ହେଇ ରୋଗିଆ ହେଇଯିବ । ବାତ ଧରିବ । ଚୁଲି, ହାଣ୍ଡି ଶୁଖିଲ୍ ଖଡ଼ଖଡ଼ ହେବ । ତେଣୁ ତାର ଏକା ଜିଦ୍, "ଆଗ ଟଙ୍କା ଦିଅ— ତା ପରେ ଯାଇ ଜମି ଛାଡ଼ିବ ।"

Digitized by srujanika@gmail.com

ତାର ସେଇ ଝିକ୍‌ମିକ୍ ଶାଣଦିଆ କାତିକି ସମସ୍ତଙ୍କ ଜୁହାର । ତାହାକୁ କେହି କହିବେନି । ପ୍ରତିଦିନ ସକାଳୁ ଯିବ । ଚକଡ଼ା ମଝିରେ ଦାଢ଼ୁଆ କାତିଟାକୁ ଭୂଇଁକୁ ଲଗାଇ ଠିଆ ରହିବ । ଦାଢ଼ୁଆ ପାଖଟା ଗୁରିପାଖ ଘୁରୁଥିବ । ସକାଳଠାରୁ ସଞ୍ଜପାଏଁ ବସିବ । ସ୍ତ୍ରୀ କିବା ଝିଅ ପୋଟଣା ଆଣିଲେ ଖାଇବ । ଏମିତି ବର୍ଷ ବର୍ଷ ବିତିଲାଣି । କାହାର ସାହସ ହେଉନି ତା ଜମି ମାଡ଼ି ବୁଲିବା ପାଇଁ । ଜୁଲମ୍‌କିଆ ଦୂରରୁ ତା କାତିକୁ ଜୁହାର କରନ୍ତି । ଠିକାଦାର ବାବୁଙ୍କ ଯେତେ ବୁଦ୍ଧି ଥିଲେ ମଧ୍ୟ ସେଇ କାତିକୁ ଦେଖି ମୁଣ୍ଡ ନୁଆଁଇ ନଥାନ୍ତି । କେନାଲ ଖଣ୍ଡିଆ ହୋଇ ରହିଛି । ଠିକାଦାର ଜଣକ ଗାଁ ପଞ୍ଚାୟତ ସଭ୍ୟ ହୋଇ ମଧ୍ୟ କିଛି କରିପାରୁ ନାହାନ୍ତି । ସବୁ ଅକଲ ଗୁଡ଼୍‌ଡ଼ୁମ୍ ।

ତେବେ ଠିକାଦାର ବା ଗାଁ ଟାଉଟର୍ ଲୋକଙ୍କୁ ବୁଝାଇ ଦେଉଛନ୍ତି, 'ବାଘା ପଧାନ ଯୋଗୁଁ କେନାଲରେ ପାଣି ଆସୁନି । ତା ଚକଡ଼ା ଜମିର ଉପର ଓ ତଳ ପାଖ କେନାଲ ହୋଇସାରିଛି । କେବଳ ଯାହା ସେତିକ ଫାଙ୍କ ଥିବାଯୋଗୁଁ ଲୋକଙ୍କୁ ଦୁର୍ଦ୍ଦଶା ଗୋଟେଉଛି । ସରକାର ଅନ୍ୟ ଚାଷୀମାନଙ୍କୁ ଜମି ଟଙ୍କା ମଧ୍ୟ ଦେଇ ନାହାନ୍ତି ।' ତେଣୁ ଗାଁଲୋକ ବାନ୍ଧିଛନ୍ତି ମେଳ । ବାଘା ପଧାନକୁ ଏକଘରକିଆ କରାହୋଇଛି । ନିଆଁ ପାଣି ମନା । ତା ପରିବାର ସହ କେହି କଥା ମଧ୍ୟ ହେଉନାହାନ୍ତି ।

ତଥାପି ବାଘା ପଧାନର ଖାତିର ନାହିଁ । ମୋଟା କତା ଦଉଡ଼ିଟାରେ ନିଆଁ ଲଗାଇ ସଦାସର୍ବଦା ରଖିଛି । ବାଡ଼ିରେ ଗାଡ଼ିଆ । ତେଣୁ ତାର ଖାତିର ନାହିଁ । ଜମି କେଉଁ ଗୁଡ଼ିବନି । ଏକା ଜିଦ୍ । ଆଗ ଟଙ୍କା ଧରାଇଲେ ପରେ ଜମି ଛାଡ଼ିବ । ତେଣୁ ତା ଉପରେ ସମସ୍ତେ ଖପ୍‌ପା । ତା'ର ଯେ କୌଣସି କ୍ଷତିରେ ସମସ୍ତେ ଖୁସି ।

ସୁରେଶ ପକ୍ଷେ ଏକ ବଡ଼ ସମସ୍ୟା । ଉପରୁ ବାରମ୍ବାର ନିର୍ଦ୍ଦେଶ ଆସିଲାଣି ସେବର୍ଷ ଯେମିତି ହେଉ ସେଇ ଚକଡ଼ା ଉପରେ କେନାଲ ବନ୍ଧ ତିଆରି କରି ଏଲଟ୍‌ମେଣ୍ଟ୍ ଟଙ୍କା ସାରିବାକୁ ହେବ । ଠିକାଦାର ମଧ୍ୟ ବ୍ୟସ୍ତ ଲାଭଟା ଭଲ ଉଠିବ ।

Digitized by srujanika@gmail.com

ସୁରେଶ ବହୁତ ଚେଷ୍ଟା କଲା—ବୁଝାଶୁଝା କଲା ବାଘା ପଧାନକୁ । କିନ୍ତୁ ଲାଭ ହେଲାନି । ଟଙ୍କାଟା ସବୁରେ ଭଲ । ଜମି କଥା ପଡ଼ିଲେ ଠିକ୍ ବାଘ । କାଣ୍ଡଟାକୁ ମୋଟେ ପାଖରୁ ଛାଡ଼େନି । ବେଶି ଅଧିକା କହିଲେ ଅଙ୍ଗୁଠି ଦେଖାଇ ଶନିଆ ବେହେରା, ରାମ ଚଇନି, ମଙ୍ଗୁଳି ବାରିକର ଘର ଦେଖାଏ । ସେମାନେ କଣ ଥିଲେ, ଆଜି ଟଙ୍କା ନପାଇ ଜମି ଛାଡ଼ିଦେଇ କପର ବାର ଦୁଆର ଶୁଣ୍ଢିପିଣ୍ଡାରେ ହାତ ପସାରୁଛନ୍ତି ଚେତାଇଦିଏ । ସୁରେଶ ଫେରିଆସେ ।

ବଦଳଟା ଯେ ନିଶ୍ଚୟ ହେବ, ସୁରେଶ ମନେ ମନେ ଠିକ୍ କରିଥାଏ । ସହଜେ ତ ଠିକାଦାରଙ୍କ ସନ୍ଧ ପଡ଼େନି । ସେଥିରେ ଏଲାଟ୍‌ମେଣ୍ଟ୍ ଟଙ୍କା ସାରିନପାରି ନିକମାରେ ପରିଗଣିତ ହେବ । ତେଣୁ ନିଶ୍ଚିନ୍ତ ହୋଇ ବଦଳ ପାଇଁ ଅପେକ୍ଷା କରିଥାଏ ।

ଦିନେ ବହୁ ରାତିରେ ସୁରେଶ ବହୁ କଥା ଭାବି ଭାବି ଶୋଇଥାଏ । ଚଳିଆ କର୍ମଚାରୀ ଜଣେ ତାକୁ ନିଦରୁ ଉଠାଇ କହିଲା, ବାଘା ପଧାନ ସାପ କାମୁଡ଼ାରେ ମରିଯାଇଛି । ଶବ ମଧ୍ୟ ଉଠିପାରୁନି ।

ଯୁବକ—ସୁଜ୍ଞାନୀ—ଶିକ୍ଷିତ ଦେଶପ୍ରେମୀ ସୁରେଶର ହୃଦୟ ଖୁବ୍ ଚଞ୍ଚଳ ହୋଇ ପଡ଼ିଲା । ହସ ହସ ଖବରର ଉତ୍ତର ଅତି କର୍କଶ ସ୍ୱରେ ଦେଇ କହିଲା, "ତୁମେମାନେ ସବୁ କଣ କରୁଛ ? ତୁମର ତ ପୁଣି ସେଇ ଗାଁ ! ଗାଁରେ ମଡ଼ା ପଡ଼ି ପଚିଲେ ସଢ଼ିଲେ କାହାର କ୍ଷତି ?"

ସଙ୍ଗେ ସଙ୍ଗେ ସୁରେଶ ଛୁଟିଗଲା ଲଣ୍ଠନଟି ଧରି ଗାଁ ଅଭିମୁଖେ ।

ପଞ୍ଚୁଆତ ବସିଛି—ନ୍ୟାୟ ଛିଡ଼ିଛି । ବିଧବା ସ୍ତ୍ରୀ ଦେବାକୁ ହେବ ଦୁଇଶହ ଟଙ୍କା ଜରିମାନା । ତା ପରେ ଶବ ଉଠିବ ।

ବାପା ଛେଉଣ୍ଡ ଯୁବତୀ ଝିଅ ଗୁହାରି କରୁଛି ଶୁଷ୍କ, ନୀରସ ଓ ଅଶ୍ରୁପୂର୍ଣ୍ଣ ବଦନରେ । ଏବେ ଟଙ୍କା ନାହିଁ—ପରେ ଦେବ । କିନ୍ତୁ ପଞ୍ଚୁଆତ ଉଠୁନି । ସମସ୍ତେ ନୀରବ । ଝିଅଟି ମୁଣ୍ଡିଆ ମାରି କାନ୍ଦ କାନ୍ଦି କହୁଛି ।

Digitized by srujanika@gmail.com

ଏତକବେଳେ ସୁରେଶ ପହଞ୍ଚିଲା ପଞ୍ଚୁଆଡ଼ି ନିକଟରେ । ଶୁଣିଲା, ଟାଉନର ଜଣକ ଝିଅଟିକୁ କହୁଛି "ବଡ଼ର ସେ ପତରମାଳଟା ଆଉ କଣ ହେବ । ସେଇଟାକୁ ଆଣ୍ । ସବୁ ଛାଡ଼ିଯିବ ।"

ଝିଅଟି ସେଇ ଦୁଃଖ ଭିତରେ ବ ତମ୍ ତମ୍ ହୋଇଯାଇ ଲୁହ ପୋଛି କଣ କହିବାକୁ ଯାଉଥିଲା । ସୁରେଶ ଆଗଭର ହୋଇ ପଞ୍ଚୁଆଡ଼ିଙ୍କ ନିକଟକୁ ଚାଲିଗଲା । ପକେଟ୍‌ରୁ ଦୁଇଟି ଛଅ ଟଙ୍କିଆ ନୋଟ୍ କାଢ଼ି ଫୋପାଡ଼ି ଦେଲା ତାଙ୍କ ନିକଟରେ । ତା ପରେ ଏକମୁହାଁ ହୋଇ ଚାଲିଲା ଶବ ନିକଟକୁ । ସମସ୍ତେ ଅବାକ୍ ହୋଇ ଚାହିଁ ରହିଥାନ୍ତି । ଝିଅଟି ବାକ୍‌ଶୂନ୍ୟ ହୋଇ ବାବୁଙ୍କ ପିଛରେ ଚାଲିଥାଏ ।

ତଳିଆ କର୍ମଚାରୀଙ୍କ ସହ ମିଶି ସୁରେଶ ଖାନ୍ଦେଇଲା ଶବର ଗୋଟିଏ ପାଖ । ମା ଓ ଝିଅର କାନ୍ଦରେ ଆକାଶଟା ଫାଟି ପଡ଼ୁଥାଏ । ଆଖିରୁ ଲୁହ ପୋଛି ପୋଛି ସୁରେଶ ଡାକୁଥାଏ 'ରାମନାମ ସତ୍ୟ ହୈ ।' ଶ୍ମଶାନ ଯାଏ ଶୁଭୁଥିଲା ବିଧବା ସ୍ତ୍ରୀ ଆଉ ବାପ ଛେଉଣ୍ଡ ଝିଅର ବୁକୁ ଫଟା କନ୍ଦନ । ସୁରେଶ ନିଜେ ଦେଇଥିଲା ମୁଖାଗ୍ନି । ଶବ ପଛେ ପଛେ ଆସିଥିବା ଗାଁର ଯୁବକ ଓ ବୃଦ୍ଧଗଣ ଆଶ୍ଚର୍ଯ୍ୟ ହୋଇ ଠିଆ ହୋଇଥାନ୍ତି । ବାଘାର ଚିତାରେ ବାବୁ ଦେଉଛନ୍ତି ମୁଖାଗ୍ନି—କମ୍ କଥା ନୁହେଁ । ବାଘାର କି ଭାଗ୍ୟ !!

ଚାରି ମାସକ ପରେ ବାଘାର ବିଧବା ସ୍ତ୍ରୀଠାରୁ ଆସିଲା କେନାଲ କାମ ପାଇଁ ଅନୁମତି । ସୁରେଶର ସେଥିରେ ଆଗ୍ରହ ନଥାଏ । ତେବେ ଠିକାଦାରର ଦାବୀ ଅନୁଯାୟୀ ସେଇ ଜମି ଉପରେ ବଦଳାଗଲା ଲାଇନ୍ ଓ ଲେଭେଲ୍ । ଯେତେବେଳେ ଜଣେ କୁଲି ବାଘା ପଧାନ ଜମି ଉପରେ ନିର୍ଦ୍ଦୟତାର ଫାଉଡ଼ାଟା କଷିକରି ମାରିଦେଲା, ସୁରେଶ ମୁହଁ ବୁଲାଇ ଫେରି ଆସିଲା ।

ବଙ୍ଗଳାର ଗେଟ୍ ଖୋଲିଲାବେଳେ ଦେଖିଲା, ଝିଅଟି ବାପାର ସେ କାଠଟାର ଦାଢ଼ ଧାରଟାକୁ ଏକ୍‌ବାରେ ମାରିଦେଇ ଗେଟ୍ ନିକଟରେ

Digitized by srujanika@gmail.com

ଧରି ଠିଆ ହୋଇଛି । ସୁରେଶ ଗୁହିଁବା ମାତ୍ରେ ପାଟିରେ କାନଟା ହୋଇ ଧାଇଁ ଧାଇଁ ଗୁଲିଗଲା ।

ସୁରେଶ ସବୁ ବୁଝିଲା । ଅର୍ଜ୍ଜୁନଙ୍କ କୃଷ୍ଣକଳା ଗୁଲିଗଲା ପରେ ଗାଣ୍ଡିବଟିକୁ ମୁଣ୍ଡରେ ବହିବା କଷ୍ଟକର ହୋଇ ପଡ଼ିଥିଲା । ତେଣୁ ବାପା ପଧାନ ଗୁଲିଗଲା ପରେ ସେହି କାତିକୁ ରଖିବ କିଏ ? ତା ମୂଲ୍ୟ ବା କଣ ? ବାପା ଗୁଲିଯାଇଛି—କାତିର ଦାନ୍ତ ମରିଛି—ତା ପାଠ ଜମି ଉପରେ ଫାଉଡ଼ା ଘୂଲିଛି । ଜଣକର ମୃତ୍ୟୁ ଆଣିଦେଇଛି ଅନେକଙ୍କ ମନରେ ଅସୁମାରି ଆନନ୍ଦ । ଗାଁ ଲୋକେ ଖୁସି । ଏଥର କେନାଲରେ ପାଣି ଆସିବ ।

ସୁରେଶ ବି ଆଖି ପୋଛି ପୋଛି ଘର ଭିତରକୁ ପଶିଲା । କିଛି ଭଲ ଲାଗିଲାନି ତାକୁ । କିଛି ଦିନ ଯାଏଁ ଖାଇବା ପିଇବା ଶୋଇବା ଭୁଲିଗଲା । କାମକୁ ଆଉ ଗଲାନି । ସମସ୍ତେ ପାଇଲେ ଶାନ୍ତି—କିନ୍ତୁ ସୁରେଶ ପାଇଲା ଅଶାନ୍ତି ।

ଏଣେ ବାପାର ମୃତ୍ୟୁ ପରଠୁଁ ସେଇ ଝିଅଟି କେଇଟି ଛେଳି, ଗାଈ ଓ ବଳଦ ହାଙ୍କ ଧରି ଖଣ୍ଡିଖଣ୍ଡିଆ କେନାଲ ବନ୍ଧଆଡ଼େ ଚରାଇ ଆସେ । ବାବୁଙ୍କ ବଙ୍ଗଳା ଯାଏଁ ବି ଆସେ । ସୁରେଶ ଭଳି ଝିଅଟି ଡ଼ାଳ ଯାଉଥିବ ତାର ଗରମ ନିଃଶ୍ୱାସ ଏଇ ବଙ୍ଗଳା ଓ ସେଥିରେ ଥିବା ବାବୁଙ୍କ ଉପରେ । କିନ୍ତୁ ସେ ନିରୁପାୟ ।

ବେଳ ରତ ରତ ହେଲେ ପାଳିତ ପଶୁମାନଙ୍କ ନାଁ ଧରି ଡ଼ାକି ଡ଼ାକି ଫେରିଯାଏ । ତେବେ କେତୋଟି ଛେଳି ଓ ବଳଦକୁ ଗାଁ ପଞ୍ଚୁଆତି ସଭ୍ୟଙ୍କ ନାଁ ଦେଇଥାଏ । ସମୟେ ସମୟେ ରାଗରେ ପାହାର ଦ'ପାହାର ସେମାନଙ୍କୁ କସିଦିଏ । ବଡ଼ପାଟିରେ ନାଁ ଧରି ଗୋସେଇଁଖିଆ—ବାଡ଼ପଡ଼ା—ଖଙ୍କାରଖିଆ ବୋଲି ଗାଳିଦିଏ ପଶୁଗୁଡ଼ାକୁ ସେମାନଙ୍କ ନାଁ ଧରି ।

ତେବେ ଝିଅଟି ସୁନ୍ଦରୀ । ବାସ୍ତବିକ୍ ସୁନ୍ଦରୀ । କେବଳ ବାପାର କାନଟା ଥିବାଯୋଗୁଁ କୌଣସି ଯୁବକର ଲୋଲୁପ ଦୃଷ୍ଟି ତା ପ୍ରତି

Digitized by srujanika@gmail.com

ନଥାଏ । ଯୌବନର ପ୍ରାକୃତିକ ସୌନ୍ଦର୍ଯ୍ୟ ତା ଠାରେ ଭରପୂର । ବ୍ଲାଉଜ, ବଡ଼ସ୍ କବା ସାୟା ନଥିବା ଯୋଗୁଁ ଖୁବ୍ ଆକର୍ଷଣୀୟ ।

ସୁରେଶ ସେଇ ଝିଅଟିର ଗୁଣ ନଥିବା ଯୌବନର ଇନ୍ଦ୍ରଧନୁ ଦେଖି ଆଖି ଫେରାଏ । କିନ୍ତୁ ଝିଅଟିର ଆଖି ଖୁବ୍ ଉଦାସ । ବୋଧହୁଏ ଭିତ ରହିଥାଏ ଅଭିମାନ ଓ ଅଭିଯୋଗ । ସୁରେଶ କେବେ ସାମନା ସାମନି ଦେଖିଲେ ଭଲମନ୍ଦ ଦୁଇପଦ ପଚାରେ । ରାଗ ରୋଷ ଭାଙ୍ଗିବା ପାଇଁ ହସି ହସି କୁହେ, "ତୁମ ବାଡ଼ିରେ ପରା ଭଲ ପିଜୁଳି ?" ଝିଅଟି ନୀରବ ରୁହେ । ଲୁଗାଟିକୁ ଦେହର ଚତୁର୍ଦ୍ଦିଗରେ ପବନ ନଗଲା ଭଳି ଘୋଡ଼ାଇ ନଏ ।

ସମୟେ ସମୟେ ସୁରେଶର ନଭୃତ ଓ ପିପାସୀ ଯୌବନଟା ଚଞ୍ଚଳ ଉଠେ । ଖୁବ୍ ଚେଷ୍ଟା କରେ ଜାଣିବା ପାଇଁ ସେଇ ଝିଅଟିର ଉଦାସ ଚାହାଣୀର ଅର୍ଥ କଣ । ସହରିଆ ଝିଅମାନଙ୍କଠାରୁ ତା ଠାରେ ଅଧିକ କଣ ବା ଆକର୍ଷଣ ରହିଛି । କେବେ କେମିତି ମନେ ମନେ ଉତ୍ତର ଦିଏ, "ହଁ...ଅଛି । ତା ଠାରେ ଅଛି ଲଜ୍ଜା – ଅଛି ଅମାୟିକତା— ଅଛି ନାରୀର ସଚେତନ ହୃଦୟ— ଜନ୍ମିତ ମଣିଷ ସୃଷ୍ଟି କରିବାର ପିପାସା । କେବଳ ନାହିଁ— ଅଶ୍ଳୀଳତା ଆଉ ଉଚ୍ଛୃଙ୍ଖଳ ହେବାର ଆକାଂକ୍ଷା ।

କେନାଲ କାମ ଚାଲିଥାଏ । ଝିଅଟିର ମୁହଁର ସରସତା ମଉଳି ମଉଳି ଯାଉଥାଏ । ନିଜ ନିଜର ସ୍ୱାର୍ଥ ହାସଲ ହେଉଥିବା ଯୋଗୁଁ ଅନ୍ୟ ସମସ୍ତେ ଖୁସି । କିନ୍ତୁ ଏଇ ଗରିବ ନିସହା ଯୁବତୀ ବାଳିକାର ମରମ ବେଦନା – ଅକୁହା ଭାଷା ବୁଝି ପାରୁଛି କିଏ ? ତାର ବିବାହ ପାଇଁ ନଜର ଦେଉଛି କିଏ ? ବାପାଗଲା— ଜମିଗଲା—ବଉର କପାଳ ପୋଡ଼ିଗଲା । ଏଣେ ତା ନିଜ ପାଖରେ ବେଳକୁ ବେଳ ଯୌବନର ସରସୀ ଭରି ହେବାରେ ଲାଗିଛି— ଖୁବ୍ ଟଳମଳ । ତା ହାତକୁ ଦି'ହାତ କରାଇବ କିଏ ?

ସୁରେଶ ଭାବେ ଝିଅଟି ହୁଏତ ଭାବୁଥିବ ତା ବାପାର ପଚି ସଡ଼ି ଯାଉଥିବା ଶବକୁ ଯେପରି ଏ ବାବୁଟା ଆଗଭର ହୋଇ ଆସିଥିଲେ

Digitized by srujanika@gmail.com

ଉଠାଇଦେବା ପାଇଁ, ସେପରି ତଳ ତଳ ହୋଇ ଉଛୁର ପଡୁଥିବା ଯୌବନଟିକୁ କୂଳରେ ଲଗାଇଦେବା ପାଇଁ ଆଗଭର ହୋଇ ଆସିବେକ ? ହାତକୁ ବି'ହାତ କରାଇ ଦେବ କି ?

ଦିନେ ସୁରେଶ ଜ୍ୱରରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ହେଲା । ଝିଅଟି କିନ୍ତୁ ଗତାନୁଗତିକ ଭାବେ ବଙ୍ଗଳା ଗୃହପଟେ ଜନ୍ତୁ ଗଣ୍ଡାକୁ ଚରାଇ ଚରାଇ ଚାଲିଗଲା । ତା'ର ପାଟି ସୁରେଶ ଶେଯରେ ଶୋଇ ବି ଶୁଣି ପାରୁଥିଲା । ତା ପରଦିନ ବି ସେଇଆ ।

କିନ୍ତୁ ତୃତୀୟ ଦିନ ଝିଅଟି ଏକ୍‌ବାରେ ଚାଲିଆସିଲା ବଙ୍ଗଳା ଭିତରକୁ ଚାକରର ବାରଣ ସତ୍ତ୍ୱେ । ଛୁଇଁଲା ସୁରେଶର ରୋଗାକ୍ରାନ୍ତ ଶରୀରକୁ । 'ବାବୁ' ବୋଲି ଥର ଥର ଗଳାରେ ଡାକିଲା । ସୁରେଶ ଚାହିଁବା ମାତ୍ରେ ଦେଖିଲା ଝିଅଟିର ଆଖି ଦିଓଟି ଓଦା । କାନିଟାକୁ ଆଖିରେ ଚପାଇ ନେଇ ଝିଅଟି ଚାଲିଗଲା ।

ତା ପରଦିନ ଖୁବ୍ ଭୋରରୁ ଆସିଲା ଝିଅଟି । ହାତରେ ଧରିଛି କେଇଟି ଲେମ୍ବୁ, ଖଟାକମଳା ଆଉ ଡାଳଢିଆ ପିଜୁଳି । ଏତିକିବେଳେ ସୁରେଶର ଜ୍ୱର ଛାଡ଼ିଥିବା ଯୋଗୁଁ ଟିକିଏ ସୁସ୍ଥ ହୋଇ ଆଉଜିଥିଲା ଖଟ ଉପରେ । ତା ପାଖରେ ସେତକ ରଖିଦେଇ ଝିଅଟି କହିଲା, "ଆମ ବାଡ଼ିର । ବଉ ଦେଇଛି । ଫଳରେ ଧନୀ-ଗରିବ ଛୁଆଁ-ଅଛୁଆଁ ନାହିଁ ବୋଲି କହୁଛି ।"

କହିଦେଇ ଚାଲିଯାଉଥିଲା । କିନ୍ତୁ ସୁରେଶ ଅଟକିବାକୁ କହି ତକିଆ ତଳୁ ଟଙ୍କା ଦୁଇଟି କାଢ଼ି ବଢ଼ାଇଲା ।

କିନ୍ତୁ ଅତି କରୁଣ ଓ ନିଶ୍ଚଳଭାବେ ଝିଅଟି ଉତ୍ତର ଦେଲା, "ଏ ଫଳର ମୂଲ୍ୟ ନାହିଁ ବାବୁ -ଏହା ଅମୂଲ୍ୟ" । ଏତିକି କହି ଝଡ଼ ବେଗରେ ଚାଲିଗଲା । ସୁରେଶର ଇଚ୍ଛା ଥିଲା ତାକୁ ହାତ ଧରି ଟାଣି ଆଣନ୍ତା । ଖଟ ଉପରେ ବସାଇ ତା ଘର କଥା ପଚାରନ୍ତା । ଆଉ ବୁଝନ୍ତା, ତା ଜମି ଉପରେ କେନାଲ ଖୋଲା ହେବାଟା ତାର ଦୋଷ ନୁହଁ ।

Digitized by srujanika@gmail.com

କେଇ ଘଣ୍ଟା ପରେ ଖବର ଆସିଲା କେନାଲ କାମ ବନ୍ଦ ହୋଇଛି । ଝିଅଟି ଶୋଇ ରହିଛି ଜମି ଉପରେ । କହୁଛି, ଟଙ୍କା ନପାଇ ବିନା କେନାଲ କାମ ପାଇଁ ଜମି ଛାଡ଼ିଦେଲା, ହେଲେ ବାକିତକ ଜମିରୁ ମାଟି ଉଠାଇ ଘର ବାନ୍ଧି ଭଲ ଜମିକୁ ନଷ୍ଟ କରିବାକୁ ଦେବନି । ଜମିରୁ ଫାଉଡ଼ାଏ ମାଟି ଛାଡ଼ିବନି ।

ଠିକାଦାରଙ୍କ ଠାରୁ ଅନୁରୋଧ ପାଇ ସୁରେଶ ରୋଗ ଶଯ୍ୟାରୁ ଉଠିଲା କାମ ଉପରକୁ ଯିବାପାଇଁ । ଯଥେଷ୍ଟ ଆଶା ବାନ୍ଧିଲା ଝିଅଟି ନିଶ୍ଚୟ ତା କଥା ଶୁଣିବ ।

ସୁରେଶ ପହଞ୍ଚି ଦେଖିଲା, ଝିଅଟି ଅଣ୍ଟାରେ ପଣତ କାନିଟାକୁ ଭିଡ଼ି ନେଇ ଠିଆ ହୋଇଛି । ଅତି ଦୃଢ଼ ତା ଶରୀର—ଶକ୍ତ ତା ମନ—ପ୍ରସାରିତ ତା ଆଖି—ରାଗ ଜର୍ଜରିତ ତା ବଦନ ।

ତାକୁ ମୁହାଁଇ ପାରିଲାନି ସୁରେଶ । ଟିକିଏ ସମୟ ନେଇ ଦୁର୍ବଳ କଣ୍ଠରେ ଧୀରେ ଧୀରେ କହିଲା, "ମନା କାହିଁକି କରୁଛୁ । କେନାଲ କେମିତି ହେବ ?"

ତତ୍‌କ୍ଷଣାତ୍ ଝିଅଟି ଉତ୍ତର ଦେଲା, "ଏଇ ଠାଉଟର୍ କହୁଛି—ଆଇନ୍‌ରେ ଅଛି କେନାଲକୂଳିଆ ଜମିରୁ ମନଇଚ୍ଛା ମାଟି ନେବା ପାଇଁ । ଏଇଟା କଣ ସତ ?

ସୁରେଶ କୌଣସି କଥା ନ ଭାବି ସଙ୍ଗେ ସଙ୍ଗେ ଉତ୍ତର ଦେଲା, "ହଁ...... ।"

ସେମିତି କାଳ ବିଳମ୍ବ ନକରି ଝିଅଟି ଅତି ଦୃଢ଼ କଣ୍ଠରେ ପ୍ରଶ୍ନ କଲା, "ଯେଉଁ ଆଇନ୍‌ରେ ଅଛି ଆମ ଜମିରୁ ସରକାର ମନଇଚ୍ଛା ମାଟି ନେଇପାରିବେ, ସେଇ ଆଇନ୍‌ରେ ମଧ୍ୟ ଥିବ ଆମ ଜମିର ଖନ୍ଦକ ପୋତିବା ପାଇଁ ସରକାରଙ୍କ କେନାଲ୍‌ରୁ ଆମେ ମାଟି ଆଣିପାରିବୁ ?"

Digitized by srujanika@gmail.com

ସୁରେଶ ଅନୁଭବ କଲା ଯେପରି ବନ୍ଦ ହୋଇଯାଉଛି ତା'ର ରକ୍ତ ସଞ୍ଚାଳନ । ତେବେ ଅଫିସର ମନୋଭାବ ନେଇ କହିଲା, "ସରକାରୀ ଜମିକୁ ଛୁଇଁଲେ ଦଣ୍ଡ ଭୋଗିବାକୁ ପଡ଼ିବ ।"।

—"ବାଃ……ଭଲ ସରକାର ହେ ତୁମେ । ମୁଁ ମାମୁଁ ଘରେ ମେଟ୍ରିକ୍ ପଢ଼ିଲାବେଳେ ମନ୍ତ୍ରୀଙ୍କ ଭାଷଣ ଶୁଣିଛି—'ଏଇ ଦେଶର ଆଇନ୍ ପାଖରେ ସମସ୍ତେ ସମାନ । କୁଆଡ଼େ ସମ୍ବିଧାନରେ ସମସ୍ତଙ୍କୁ ସମାନ ଅଧିକାର ଦିଆଯାଇଛି । ସରକାର ଯେତିକି—ଲୋକେ ବି ସେତିକି । ତେବେ, ସେଇ ଗାଁ ଆଉ ଏଇ ଗାଁ ଭିତରେ ଆଇନ୍‌ଟା ଏତେ ତଫାତ୍ ?"

ହଠାତ୍ ଠିକାଦାର ରାଗି କରି ଉତ୍ତର ଦେଲେ, "ଚୁପ୍ କର୍ ! ବଦ୍‌ମାସୀ କି ମେଟ୍ରିକ୍ ପଢ଼ିଲା ଯେ ବାବୁଙ୍କୁ ଉତ୍ତର ଦେଉଛୁ ! ବାପଠୁଁ ଛଡ଼ାଇ ଆଣିଛୁ ପ୍ରକୃତିଟା ।"

ଏତିକିବେଳେ ସମ୍ପୂର୍ଣ୍ଣଭାବେ ମାନସିକ ଭାରସାମ୍ୟ ହରାଇ କାଳ ପାଦ ସମାନ ଝିଅଟି ମାଡ଼ି ଆସିଲା ଆଗକୁ । ଯେମିତି ସେ ମାତାଲ୍ । ଆହତ ସିଂହୀ । ନାରୀର ଭୂଷଣ ଲଜ୍ଜା ଓ ଇଜ୍ଜତ୍ ଉପରେ ଆସିଛି ଆଘାତ—ଦେଖାଦେଇଛି ଧରିତ୍ରୀରେ କମ୍ପନ—ଧୈର୍ଯ୍ୟର ସ୍ଖଳନ—ଶକ୍ତିର ତୀବ୍ର ଆନ୍ଦୋଳନ ।

ସୁରେଶର କ୍ଳାନ୍ତ ଶରୀର ଚଞ୍ଚଳିତ ହୋଇ ଉଠିଲା ପରିସ୍ଥିତିର ଗୁରୁତା ଦେଖି । ଠିଆ ହେଲା ଝିଅଟିର ସାମନାରେ । ଚାହିଁଲା ଅପଲକ ନୟନରେ । ସେଇ ଚାହାଣୀରେ ଯେପରି ଥିଲା ପୃଥିବୀର ସମସ୍ତ କୋମଳତା—ଅଭିଧାନର ପର୍ଯ୍ୟାପ୍ତ ଶବ୍ଦ ସମ୍ବଳିତ ଅନୁରୋଧ—ଯୌବନର ସବିନୟ ନିବେଦନପୂର୍ଣ୍ଣ ପରଶ ।

ଝିଅଟି ଏକ୍‌ବାରେ ବୁଲି ଆସିଲା ହୋସ୍‌କୁ । ଫେରି ପାଇଲା ସମସ୍ତ ଚେତନା । ଚକ୍ଷୁକେନ୍ଦ୍ରରେ ଦେଖାଦେଲା ପରିବର୍ତ୍ତନ । ଦୀର୍ଘ ନିଃଶ୍ୱାସ ଛାଡ଼ି ଫେରିଗଲା ପଛକୁ ।

କାମ ବନ୍ଦ କରିବା ପାଇଁ ଆଦେଶ ଦେଇ ସୁରେଶ ବି ଫେରି ଆସିଲା ବସାକୁ । ଦିନସାରା ବସି ଭାବିବାକୁ ଲାଗିଲା—ଝିଅଟିର କ

Digitized by srujanika@gmail.com

ତୀକ୍ଷ୍ଣ ବୁଦ୍ଧି ! କି ପ୍ରତ୍ୟୁତ୍ପନ୍ନମତି ! ବାସ୍ତବିକ୍ କି ନିର୍ଘାତ ସତ୍ୟ ସେ ଆବିଷ୍କାର କରିନି ! ଆଉ ସେଇ ସତର ସାହସ ନେଇ ଏକୁଟିଆ ଚାଲି ଆସିଛି ଭଗ୍ୟାବହ ସଂଗ୍ରାମ କ୍ଷେତ୍ରକୁ ନିରସ୍ତ୍ର ହୋଇ । ଅବଳା ହୋଇ । ପୃଥିବୀର ଏତେବଡ଼ ସ୍ୱାର୍ଥଲିପ୍ସୁ ସମାଜ ସହ ଅବିବାହିତା ଯୁବତୀ ହୋଇ ଯୁଦ୍ଧ କରିବାର ସାହସ ବାନ୍ଧିଛି !

ରାତି ହେବା ମାତ୍ରେ ଭାବନାକୁ ଆଜି ବିଶେଷ ବଢ଼ିବାକୁ ଦେଲିନି । ସେଇ ରାତିରେ ହିଁ ଛୁଟିଗଲା ଝିଅଟିର ଘର ଅଭିମୁଖେ । ଅନ୍ଧାର ରାତି ।

ଝିଅଟିକୁ ତା' ଦାଣ୍ଡ ପିଣ୍ଡାରେ ଦେଖି ଏକା ନିଃଶ୍ୱାସରେ କହିଲି, "ରାତିରେ ଟିକିଏ ଜରୁରୀ କାମରେ ଚାଲି ଆସିଲି । ମୋର ଗୋଟିଏ ଅନୁରୋଧ-- ମୋ ଉପରି ହାକିମମାନେ ଆସିଲେ ତାଙ୍କ ନିକଟରେ ବି ଆଜିର ପ୍ରଶ୍ନଗୁଡ଼ିକ ପୁନରାବୃତ୍ତି କରିବୁ । ବାସ୍ ସେତିକି ।"

ଏତିକି କହି ସଙ୍ଗେ ସଙ୍ଗେ ଫେରି ଆସିଲି ସୁରେଶ । ଝିଅଟି ଅବାକ୍ ହୋଇ ଚାହିଁ ରହିଥାଏ । ପଛରୁ ଥରେ ଦି'ଥର ଥର ଥର ଗଳାରେ 'ବାବୁ' ବୋଲି ଡ଼ାକିଛି । କିନ୍ତୁ ସୁରେଶ ଶୁଣି ନ ଶୁଣିଲା ଭଳି ଏକାଗ୍ରଚିତ୍ତରେ ଫେରି ବସାରେ ପହଞ୍ଚିଲା । ଲମ୍ବାଇଦେଲା ନିଜ ଶରୀରକୁ ଶେଯ ଉପରେ । ଶୋଇଗଲା ନିଶ୍ଚିନ୍ତ ହୋଇ ।

କିଛି ଦିନ ପରେ କାମ ବନ୍ଦ ଖବର ପାଇ ସୁରେଶର ଉପର ହାକିମ—ତାଙ୍କ ଉପର ହାକିମ – ଥାନା ଅଫିସର୍ ଓ ସିପେହୀ କେଇ ଜଣ ଆସି ପହଞ୍ଚିଲେ କାମ ନିକଟରେ । ଜିପ୍ ଚକର ଧୂଳି ବହୁ ସମୟ ଯାଏଁ ବାୟୁମଣ୍ଡଳରେ ଉଡ଼ୁଥାଏ ।

ସିପେହୀ ପଠାଇ ଡକାଇଲେ ସେଇ ଝିଅ ଓ ତା ବାପକୁ । ଗାଁର ବହୁ ବ୍ୟକ୍ତି ଆସି ପହଞ୍ଚିଲେ । ଗାଁକୁ ରଙ୍ଗପଗଡ଼ି ପିନ୍ଧା ସିପେହୀ ଆସିବା କମ୍ କଥା ନୁହଁ । ନାନା ଆଶଙ୍କା ।

Digitized by srujanika@gmail.com

ବହୁ ଲୋକ ଜମା ହେଲେ । ଗହଳ ଭିତରୁ ବିଧବା ସ୍ତ୍ରୀ ଜଣକ ଓଢ଼ଣାରେ ମୁହଁକୁ ଆଢୁଆ କରି ନାନା ଆଶଙ୍କା ଭରି କାକୁତି ମିନତି ହୋଇ କହିଲେ, "ମୋ ଝିଅ ଦୁଷ୍ଟ ଟା । କ'ଣ ନାହିଁ, କ'ଣ କହି ଦେଉଛି । ସରକାର ତା ଦୋଷକୁ କ୍ଷମା କର – ଜମିରୁ ମାଟି ନିଅ ।"

ତା ସାଥିରେ ଆସିଥିବା ଅନ୍ୟାନ୍ୟ ଲୋକେ ବି ସେଇ ଝିଅଟିକୁ କ୍ଷମାଦେବା ପାଇଁ କହିଲେ । ବହୁତ ଅନୁରୋଧ କଲେ ତା ଦୋଷ ନ ଧରିବା ପାଇଁ ।

କିନ୍ତୁ ଝିଅଟି ଅଣ୍ଟା ଭିଡ଼ି ଆଗକୁ ଚାଲି ଆସିଲା । ଖୁବ୍ କସିକରି ଚାହିଁଲା ସମସ୍ତଙ୍କୁ—ଠିକ୍ ବାଘା ପଧାନର ଝିଅ ଭଳି । ସେଇ ପ୍ରଶ୍ନଗୁଡ଼ିକୁ ଗୋଟିଏ ପରେ ଗୋଟିଏ ଆବୃତ୍ତି କରିଚାଲି ।

ସମସ୍ତେ ଚୁପ୍ । କେବଳ ଠିକାଦାର କହିଲା, "ଆଇନ୍‌ରେ ସ୍ପଷ୍ଟ ଲେଖାଅଛି—ସରକାର ଯେ କୌଣସି ଜମିରୁ ମାଟି ଉଠାଇପାରିବେ । ଆପତ୍ତି କଲେ ଫାଶିକୁ ଯିବୁ ।"

ଝିଅଟି ରାଗରେ ଗର୍ଜିଉଠି କହିଲା, "ଚୁପ୍ କର୍ ! ଠିକାଦାର ହୋଇ ଠିକା ଦାଖ ଭଳି କଥାବାର୍ତ୍ତା କରୁଛୁ ।" ତା ପରେ ଥାନା ବାବୁଙ୍କୁ ଚାହିଁ ପ୍ରଶ୍ନ କଲା, "ମୋ ପ୍ରଶ୍ନର ଉତ୍ତର ଦେଲନି ତ ବାବୁ – ଏ ଟାଉଟର୍‌ଟା କଣ ସରକାର କି ?" ଏତିକବେଳେ ତା ବଉ ଆସି ତାକୁ ଟାଣି ନେଉଥାନ୍ତି ।

ସମସ୍ତେ ନୀରବ । ଠିକାଦାର ଜଣକ ରାଗରେ ଚମ୍ ଚମ୍ ହେଉଥାନ୍ତି ।

ବଉ ପାଖରୁ ନିଜକୁ ଛଡ଼ାଇଆଣି ଝିଅଟି ଆହୁରି ପାଖକୁ ଘୁଞ୍ଚି-ଆସି ସୁରେଶର ଉପର ହାକମଙ୍କୁ ପ୍ରଶ୍ନ କଲା, "ଠିକ୍ ଅଛି । ମୋ ଜମିରୁ ମାଟି ଉଠାଅ । କିନ୍ତୁ ମନେ ରଖ—ମୋ ଜମିର ଖନ୍ଦକ ପୋତିବା ପାଇଁ ତୁମ କେନାଲବନ୍ଧରୁ ମୁଁ ମଧ ମାଟି ଉଠାଇ ଆଣିବି । ମୋ ଜମିକୁ ଧନା ପଇସାରେ ନାଳ କାଟିଦେବାକୁ ଦେବିନି । ଆଇନ୍ ସମସ୍ତଙ୍କ ପାଇଁ ଅଛି ।"

Digitized by srujanika@gmail.com

କାହା ପାଟିରୁ କିଛି କଥା ବାହାରୁ ନଥାଏ ।

ପୁଣି ନିଃଶ୍ୱାସ ନେଇ ଆଖି ଛଳ ଛଳ କରି ଝିଅଟି କହିଲା, "ମୋ ବାପା ମଲା ଉତାରୁ ଟଙ୍କା ନଦେଇ ଆମ ଘର ମାଣ ଜମି ଉପରେ କେନାଲ ଠିଆ କଲ । ବଲଙ୍କା ମାଣକ ଜମିରୁ ମାଟି ନେଇ ଗାଡ଼ିଆ କରିବ । ଆମେ ଆଉ ଖାଇବୁ କଣ ? ବଞ୍ଚିବୁ କମିତ ? ଭୋଟ ବେଳକୁ ମନ୍ତ୍ରୀ କହିବେ ଗୋଟିଏ କଥା—ଆଉ ଭୋଟ ସରିଲେ ଅଫିସର୍‌ମାନେ କରିବେ ଠିକ୍ ଓଲଟା । ବାଃ......ଏ କ ସରକାର ହେ !! ତୁମ ମାଇପ, ଝିଅ, ପିଲାପିଲି ଭଲ ଖାଇବେ—ଭଲ ପିନ୍ଧିବେ – ମଉଜ କରିବେ । ଆଉ ଆମେ ଗରିବ ହେଲୁ ବୋଲି ଆମକୁ ଦୋଖରେ ରଖିବ—ଆମେ ଚିରା ଲୁଗାଙ୍ଗୁଡ଼ା ପିନ୍ଧିବୁ ? ଆମ ଗରିବ ମାଇପିଙ୍କ ଲୁଗା ପିଠି ଦେଖିବାକୁ ତୁମକୁ ଖୁବ୍ ଶରଧା ନା ?"

ଏତକି କହି ଝିଅଟି ମୁହଁରେ ପଣତକାନି ଦେଇ କାନ୍ଦି କାନ୍ଦି ଖୁବ୍ କାନ୍ଦିଲା । ତାର ଯେମିତି ମନ, ପ୍ରାଣ, ଯୌବନ ସବୁ ଏକକାଳୀନ କରୁଣ ରାଗିଣୀ ଛାଡ଼ୁଥିଲା ।

ହଠାତ୍ ଥାନା ବାବୁ ସାଥିରେ ଆସିଥିବା ହାକିମମାନଙ୍କୁ କହିଲେ, "ବାସ୍ତବିକ୍ ଆଜ୍ଞା ! ଆପଣ ତ ବିନା କ୍ଷତିପୂରଣରେ କାହା ଜମି ନେଇ ପାରିବେନି । ତା ବାହାରେ କାହା ଜମିରୁ ମାଟି ଉଠାଇବାକୁ ହେଲେ ସେମାନଙ୍କୁ ତାଙ୍କର ଫସଲ କ୍ଷତି ପାଇଁ—ଖତ ମୁତ ପଙ୍କ ଇତ୍ୟାଦି ପକାଇ ଜମି ଉର୍ବର କରିବା ପାଇଁ—ଜମିକୁ ସମତଳ ଆଦି କରିବା ପାଇଁ—ଅସ୍ଥାୟୀ କ୍ଷତିପୂରଣ ଦେବାକୁ ହେବ । ସେମାନେ ତ ପୁଣି ଗୋଟିଏ ଦୁଇଟା ଫସଲ ହରାଇବେ ! ଜମିକୁ ଉର୍ବର ଓ ସମତଳ କରିବା ପାଇଁ କିଛି ବ୍ୟୟ କରିବେ !"

ଝିଅଟି ହଠାତ୍ ମୁହଁରୁ କାନିଟା କାଢ଼ିନେଇ ସେଇ ଅଶ୍ରୁ ପୂର୍ଣ୍ଣ ଆଖିରେ ରାଗିଯାଇ କହିଲା, "ଏଇ ଟାଉଟର୍ ସବୁର ମୂଳରେ । ଗାଁ ପଞ୍ଚାୟତ ସଭ୍ୟ ହେଇଛି—ଆମର ସର୍ବନାଶ କରିବାକୁ ବସିଛି—ଆମକୁ ଏକଘରକିଆ କରିଛି । ମୋ ବାପା ମରୁ ମରୁ ପଣ କରିଛି

Digitized by srujanika@gmail.com

ଆମର ସମୁଦାୟ ଜମିକୁ ସର୍ବନାଶ କରିବ—ଆମକୁ ଭିକ ମଗାଇବ । ଆଇନ୍‌ର ଧମକ ଦେଖାଉଛୁ । ଆମେ ବଞ୍ଚିବୁ କେମିତି ବାବୁ କହିଲ ? ଆମେ ଗରିବ, ନିରାଶ୍ରୟ ବୋଲି ଆମର ବଞ୍ଚିବା ଅଧିକାର ମଧ୍ୟ ନାହିଁ ? ଯିଏ କୁ ନେଲ । ଆଗ ପାଣିରେ ପୂରାଅ ।”

ଠିକାଦାର ଜଣକ ରାଗିଯାଇ କହିଲେ, “ଚୁପ୍ କର ! ମୁଁ ସରକାରଙ୍କ ଆଦେଶ ପାଇ ଖୋଳାଇଛୁ ।”

ଉପସ୍ଥିତ ସୁନ୍ଦରଣର ହାକିମମାନଙ୍କଠାରୁ ଥାନା ବାବୁ ଜାଣିବାକୁ ଚାହିଁଲେ, ‘ଏପରି ଆଦେଶ ଠିକାଦାରକୁ ଦିଆଯାଇଛି କି ?’

ଜଣ୍ଟା ଖାଲ ତିପ ଦେଇ ଆସିବାବେଳେ ଖୁବ୍ ଧଡ଼କଡ଼ ହେବା ଯୋଗୁଁ ହାକିମମାନଙ୍କ କମିଜ୍‌ଟା ପେଣ୍ଟ ଭିତରୁ କେତେ ଜାଗାରେ ଖସି ଯାଇଥିଲା । ତାକୁ ପୁଣି ପେଣ୍ଟ ଭିତରେ ପୂରାଉ ପୂରାଉ ସ୍ପଷ୍ଟ କହିଥିଲେ—‘ସେପରି କୌଣସି ଆଦେଶ ଦିଆଯାଇନି ।’

ସୁନ୍ଦରଣ ସମୁଦାୟ ଘଟଣା ଭିତରେ ରହିଥିଲା ସଂପୂର୍ଣ୍ଣ ନୀରବ ।

ସମସ୍ତେ ମୁହଁ ମୋଡ଼ି ଚାଲିଗଲେ । ଝିଅଟିର ସାହସ ଦେଖି ଗାଁରୁ ସୁନ୍ଦରତା ଦେଖିବା ପାଇଁ ଦୌଡ଼ି ଆସିଥିବା ଆବାଳ-ବୃଦ୍ଧ-ବନିତା ଖୁବ୍ ତାରିଫ୍ କଲେ । ଶିକାର ସାରି ସିଂହଣୀ ଫେରିଯିବା ଭଳି ଝିଅଟି ଚାଲିଗଲା ସମସ୍ତଙ୍କ ଆଗେ ଆଗେ । ଜମିଥିବା ମାଇପେ ଅବାକ୍ । ବୃଦ୍ଧମାନେ ନିସ୍ତବ୍ଧ । ପଞ୍ଚ ଆଉ ସଭ୍ୟଗଣ ତୁନିଆ ।

ଥାନା ବାବୁ ସରକାରଙ୍କୁ କି ରିପୋର୍ଟ ଦେଲେ କେଜାଣି, ତା ପରେ ପରେ ଆସିଗଲେ ମାନ୍ୟବର ମନ୍ତ୍ରୀ ମହୋଦୟ, ଗାଁ ଲୋକଙ୍କ ଠାରୁ ସମୁଦାୟ ଦୁଃଖ ବୁଝିଲେ । ଝିଅଟି ଜଣ ସବୁ ଲେଖିକରି ମାହାଜାଗାଟିଏ ଦେଇଥିଲା ।

ତେଣିକି ବଡ଼ ଅଫିସରୁ—ଏମିତିକି ସ୍ବଦେଶୀ ସାହେବ—କଲେକ୍ଟର ସାହେବ—ଆହୁରି ବଡ଼ ହାକିମ କେତେ ଜଣ ଆସିଲେ । ମାସ ଏକ ମାସ ଭିତରେ ସମସ୍ତଙ୍କୁ କେନାଲ ଜମିର କ୍ଷତିପୂରଣ

Digitized by srujanika@gmail.com

ଦିଆଗଲା । ମାଟି ଉଠାଇଥିବା ଜମିର ଫସଲ ହାନି ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ମଧ୍ୟ ଅସ୍ଥାୟୀ କ୍ଷତିପୂରଣ ଦିଆଗଲା । ଯେଉଁ ଜମିରୁ ମନଇଚ୍ଛା ମାଟି ଉଠାଇ ନାଳ ଗାଡ଼ିଆ ଆଦି କରିଦେଇଥିଲା, ସେ ସବୁ ବି ସରକାର ନେବାର ଠିକ୍ ହେଲା । ଠିକାଦାରଙ୍କୁ ଜମି ନଷ୍ଟ କରିଥିବା ବାବଦକୁ ଆର୍ଥିକ ଦଣ୍ଡ ଭୋଗିବାକୁ ହେଲା ।

ସବୁ ହେଇଗଲା ସମାଧାନ । ଲୋକେ ଆଶା କରିନଥିବା ଟଙ୍କା ଓ ଅସ୍ଥାୟୀ କ୍ଷତିପୂରଣ ପାଇଲେ । ଝିଅଟିର ପ୍ରଶଂସା ଗାଁ ଗାଁରେ ମୁଖରିତ ହେଲା । ତା ପ୍ରତି ନାହିଁ ନ ଥିବା ଆଶୀର୍ବାଦ । ତା ଦାଣ୍ଡରେ ବହୁ ଲୋକଙ୍କ ଭିଡ଼ । ମୁଥୁଡ଼ା କାଢ଼ଟା ଗୁଳରେ ଝୁଲୁଥାଏ ।

ସୁରେଶ ପ୍ରତି ମଧ୍ୟ ଲୋକଙ୍କର ପ୍ରଶଂସା ଓ ସମ୍ମାନ ବହୁଗୁଣ ବଢ଼ିଗଲା । ଯଦିଓ ସେ କୌଣସି ସାହାଯ୍ୟ କରିନ, ତେବେ ଝିଅଟି ସମସ୍ତଙ୍କୁ କହିଥିଲା କେନାଲ ବାବୁଙ୍କ ଯୋଗୁଁ ଆମକୁ ନ୍ୟାୟ ମିଳିଲା ସରକାରଙ୍କ ତରଫରୁ ।

ତେବେ ହିଂସୁକ ଟାଉଟର୍ ତଥା ଉକ୍ତ କାମର ଠିକାଦାର କଣ ସହଜେ ଛାଡ଼ନ୍ତେ ? ଧୂର୍ତ୍ତ ପ୍ରକୃତି ପଙ୍କେ ଲୋଟେ—ମଣିଷ ପ୍ରକୃତି ମଳେ ଲୁଟେ । ତେଣୁ ସୁରେଶ ବିରୁଦ୍ଧରେ ପଡ଼ିଲା ପିଟିସନ୍ । ଅଭିଯୋଗ ହେଲା— ସେଇ ଝିଅଟିକୁ ସୁରେଶ ପ୍ରେମ କରୁଛି । ଝିଅଟି ବଙ୍ଗଳାକୁ ଯାଏ । ଆଉ ସୁରେଶ ଯାଇ ସେଇ ଝିଅକୁ ଏପରି ବିପ୍ଳବ କରିବା ପାଇଁ ମତାଇଥିଲା । ଗାଁ ରାଜନୀତିରେ ସୁରେଶ ଭାଗ ନେଉଛି—ଏପରି କେତେ କ'ଣ ।

ଉପରିସ୍ଥ ହାକିମଗଣ ବି ବଗଡ ଘଟଣାଗୁଡ଼ିକରେ କମ୍ ଅପଦସ୍ଥ ହେଇ ନଥାନ୍ତି । ତେଣୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କୈଫିୟତ୍ ତଲବ ହେଲା । ସୁରେଶ ସବୁ ସତ କଥା ମାନିଥିଲା । କିନ୍ତୁ ସେଇ ଝିଅକୁ ପ୍ରେମ କରିବା ଓ ଗାଁ ରାଜନୀତିରେ ଭାଗ ନେବା ଅଭିଯୋଗକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରିଥିଲା ।

ଝିଅ ଯଦି ସତ ହୁଏ—ଗୁନ୍ଥା ହେଇଥିବା ଅଳଙ୍କାର କଣ ମିଛ ହେବ ? ସୁନାର ଗୋଲେଇ ମୁଦିରେ ନକଲି ହୀରା ବସିଲେ ମଧ୍ୟ—

Digitized by srujanika@gmail.com

ପ୍ରକୃତ ସ୍ଥିର ବୋଲି ପରିଗଣିତ ହେବ । ସେଇଥିପା ହେଲା । ସୁରେଶର ବଦଳି ଆଦେଶ ଆସିଲା ବହୁ ଦୂରକୁ ।

ଆଖପାଖ ଗାଁଲୋକେ ସୁରେଶର ବଦଳି ପାଇଁ ଦୁଃଖ କଲେ । ଠାକୁରମାନେ ଅସନ୍ତୋଷ ଲାଭ କଲେ । ସୁରେଶ ବି ବଦଳି ଆଦେଶକୁ ପ୍ରତିରୋଧ କରିବାକୁ ଚାହିଁଲାନି । ବଦଳି ଅସ୍ତ୍ର ପ୍ରତିରୋଧ କରିବା ପାଇଁ ଠାକୁରମାନଙ୍କ ପରାମର୍ଶକୁ ବହୁ ଆଗରୁ ପ୍ରତ୍ୟାଖ୍ୟାନ କରିସାରିଛି ।

ନୂଆ ବାବୁ ଆସିଲେ । ଚାର୍ଜ ଦିଆନିଆ ସରିଲା ।

ସୁରେଶ ବିଦାୟ ନେଇ ବାହାରିଲା ସେଇ ବଙ୍ଗଳା ଘରୁ । ନୂଆ ବାବୁ ଜଣକ ବିଦାୟକାଳୀନ ନମସ୍କାର କରି ପଶିଗଲେ ଘର ଭିତରକୁ । ବାହାରେ ଠିଆ ହୋଇଥିବା ବହୁ ଲୋକଙ୍କଠାରୁ ସୁରେଶ ନେଲା ଅନ୍ତିମ ବିଦାୟ । କେତେକ ଚଳିଆ ବିଶ୍ୱସ୍ତ କର୍ମଚାରୀ ଆଖି ଛଳ ଛଳ କରି ବାବୁଙ୍କ ସହ କିଛି ବାଟ ଚାଲି ତାଙ୍କ ଅନୁରୋଧରେ ଫେରି ଆସିଲେ । ବହୁ ଆଗରୁ ଶଗଡ଼ କେଇଟିରେ ସୁରେଶର ସାମାନ ସବୁ ଚାଲି ଯାଇଥାଏ ।

ପଛକୁ ଚାହିଁଲେ ସୁରେଶ ଦେଖୁଥାଏ ହରିଙ୍ଗିପଡ଼ା ଗାଁର ଯୁବକ ବନ୍ଧୁଗଣ ଓ ଅଧିବାସୀ । ଠିଆ ହୋଇଥାନ୍ତି—ଏକଲୟରେ ବାବୁଙ୍କ ଯିବାପଥକୁ ଚାହିଁଥାନ୍ତି ।

ରାସ୍ତାର ଗୋଟିଏ ମୋଡ଼ପରେ କେହି କାହାକୁ ଦେଖାଗଲେନି । ଗହଳିଆ ଆମ୍ବ ତୋଟାଟା ଭିତରେ ସୁରେଶ ପଶିଗଲା । ପଛଟା ଶୂନ୍‌ଶାନ୍ । କିଛି ଦିଶୁନି । ତୋଟାଟି ବି ନଗ୍ନଛିଆ । ଟିକିଏ ପ୍ରକୃତିସ୍ଥ ହେବା ପାଇଁ ଠିଆ ହେଲା । ପକେଟ୍‌ରୁ ସିଗାରେଟ୍ କାଢ଼ି ନିଆଁ ଧରଉଥିଲା-ବେଳେ ଅନ୍ତରଟା ଖୁବ୍ କାନ୍ଦି ଉଠିଲା । ସତେ ଯେପରି ଗୋଟାଏ ବର୍ତ୍ତ ଅବଶୋଷ ରହିଗଲା ଜୀବନରେ । ସେଇ ଝିଅଟା—ଯାହାକୁ କେନ୍ଦ୍ର କରି ଏତେ ବଡ଼ ବିପ୍ଳବ ସୃଷ୍ଟି ହେଲା—ଅବସାନ ଘଟିଲା ଅଶୋକଙ୍କ କଳିଙ୍ଗ ଯୁଦ୍ଧ—ଫେରିଆସିଲା ମାନବ ସଭ୍ୟତାରେ ଶାନ୍ତି, ମୈତ୍ରୀ ଓ ପ୍ରେମର ସ୍ରୋତ—ସେଇ ଝିଅଟିକୁ ଅନ୍ତତଃ ସୁରେଶ ଶେଷ

Digitized by srujanika@gmail.com

ମୁହୂର୍ତ୍ତିରେ ଦେଖିଥାନ୍ତା । ହେଲାନି—ପାରିଲାନି । ବରଂଚ ନିର୍ଦ୍ଦୋଷୀ ହୋଇ ଗଲା ପ୍ରେମର ବଦ୍‌ନାମ ହେଇଗଲା । ଆହା...... !!

ଦୁଇଧାର ଲୁହ ଖୁବ୍ ବେଗ ନେଇ ଖସି ଆସିଲା ଆଖିରୁ । ଦିଆସିଲିରେ ଖାଡ଼ିଟାକୁ ଖୁବ୍ ଜୋର୍‌ରେ ଘସିଦେଲା । ନିଆଁଟାରେ ସିଗାରେଟ୍ ଧରାଇଲା ବେଳକୁ ଦେଖିଲା, ହେଇ ଝିଅଟି ସାମନା ଆମ୍ବ ଗଛ ଗଣ୍ଡି ପଛପଟେ ଠିଆ ହେଇ ଅଶ୍ରୁଳ ନୟନରେ ନମସ୍କାର କରୁଛି । ହାତରେ ଧରିଛି ଗୋଟିଏ ବଡ଼ ହଳଦିଆ ପିଜୁଳି । ଖୁବ୍ ବଡ଼ ପିଜୁଳିଟା —ପିନ୍ଧିଛି ଖୁବ୍ ଆକର୍ଷଣୀୟ ପୋଷାକ ।

ସିଗାରେଟ୍‌ରେ ନିଆଁଟା ଲଗିପାରିଲାନି । ବିସ୍ମିତ ହେଲା ସୁରେଶ । ତା ଆଖିରେ ସେ ଦେଖାଗଲା ଅତୀବ ସୁନ୍ଦରୀ ।

ସୁରେଶ ଘୁଞ୍ଚିଗଲା ଝିଅର ଟିକିଏ ନିକଟକୁ । ଦୁହେଁ ବାକ୍‌ରୁଦ୍ଧ । ଦୁହିଙ୍କ ଆଖିରେ ଅବିଶ୍ରାନ୍ତ ଧାର । ନିଜକୁ ଟିକିଏ ସମ୍ଭାଳି ନେଇ ସୁରେଶ ବାଷ୍ପାକୁଳ କଣ୍ଠରେ କହିଲା, "ମୁଁ...ଯା...ଉ...ଛି........"

ଆଜି କିଛି କହିଥାନ୍ତା । କିନ୍ତୁ ପାରିଲାନି । ଝିଅଟି ବି ଖୁବ୍ ଅଥୟ ।

ମୁଣ୍ଡପୋତି କିଛି ସମୟ ପରେ ଝିଅଟି କହିଲା, "ବାବୁ ! ତୁମେ ଚାଲିଗଲେ ଏ କେନାଲ୍ କାମ କିମିତି ହେବ ?"

ସୁରେଶ ସାନ୍ତ୍ୱନା ଦେଲା, "ଯେଉଁ ନୂଆ ବାବୁ ଆସିଛନ୍ତି ସେ ସବୁ କରିବେ । କିଛି ଅସୁବିଧା ହେବନି ।"

—"ଆଉ ଗାଁ ଲୋକେ କିମିତି ଚଳିବେ ? ତାଙ୍କ ସୁଖ ଦୁଃଖ କିଏ ବୁଝିବ ?"

—"ସେଇ ନୂଆ ବାବୁ !"

Digitized by srujanika@gmail.com

ଏଠି ଝିଅଟି ଆତୁର ଅଥୟ ହୋଇପଡ଼ିଲା । ବିଚଳିତ ହୋଇ ଉଠିଲା ଶରୀରର କଷ୍ଟ ଏକ କମ୍ପନରେ । ହଠାତ୍ ମୁହଁଟାକୁ ଟେକି ଦେଇ ଅଶ୍ରୁ ଗଦ୍ ଗଦ୍ କଣ୍ଠରେ ପ୍ରଶ୍ନ କଲା, "ଆଜି ମୁଁ ? ମୁଁ···କେମିତି · ···" ଝିଅଟି ଆହୁରି କଣ କହିବାକୁ ଯାଉଥିଲା । କିନ୍ତୁ ଭାଷା ପାଇଲାନି । କିଏ ଯେମିତି ତା ତୋଣ୍ଟିଟାକୁ ଚିପି ଧରିଲା । ମୋଟା ମୋଟା ଲୁହ ଝରି ପଡୁଥିଲା ତା ଆଖିରୁ । ଲୁଗା ଖୁଣ୍ଟଟା ଓଦା ହୋଇଯାଉଥିଲା ।

ସୁରେଶ ଏଠି ଉତ୍ତର ଦେଇପାରିଲାନି । ସବୁ ସ୍ୱାର୍ଥ, ସବୁ ଦାୟିତ୍ୱ ପିତା ନୂଆ ବାବୁଙ୍କୁ ଦେଇଛନ୍ତି—ହେଲେ ଝିଅଟିର ଘର କାହାକୁ ଦେବ ? କାହାକୁ ଦେଇ ପାରିବନି । ଏଇଟା ନଗ୍ନ ବିଶ୍ୱଜନୀନ ସତ୍ୟ । ଝିଅଟିର ସରଳ ପ୍ରଶ୍ନର ଉତ୍ତରଟା ଖୁବ୍ କଠିନ । କେହି ଦେଇ ପାରିବେନି ।

ଝିଅଟି ଗୋଟିଏ ହାତରେ ଏ ଆଖିର ଲୁହକୁ ସେ ଆଖିରେ ପୋଛୁବା ବେଳେ ଆଉ ହାତଟିରେ ହଳଦିଆ ପିଜୁଳିଟାକୁ ବଢ଼ାଉଥାଏ । ସୁରେଶ କିନ୍ତୁ ବୁଦ୍ଧିଶୂନ୍ୟ—ଜ୍ଞାନଶୂନ୍ୟ । ତଳ ଉପର କିଛି ବାରି ପାରୁନଥାଏ । ଯେତେବେଳେ ଉତ୍ତରଟା ଦେଇପାରେନି ସେତେବେଳେ ତା ସମ୍ମୁଖରେ ଠିଆ ହେବାର ଅଧିକାର ତାର ନାହିଁ । ତେଣୁ କିମିଷେ ବି ଧୈର୍ଯ୍ୟ ଧରି ଠିଆ ହୋଇ ପାରିଲାନି ।

ଆଗେଇ ଗଲା ଦଣ୍ଡାଟାରେ—ପଛକୁ ମୋଟେ ଚାହିଁନି—ଚାଲିଛି ! ଲୁହ ଧାର ଧାର ପଡ଼ି ବସ୍ତ୍ରାରେ ଚିହ୍ନ ରହିଯାଉଛି—ତଥାପି ଚାଲିଛି । ପଛରୁ ଯେପରି ବିସ୍ତୀର୍ଣ୍ଣ ଆମ୍ବ ତୋଟାଟା ଉପହାସ କରୁଛି, 'କି ସରକାର ହୋଇଛ ହେ । ତୁମ ଝିଅଟିର ସରଳ ପ୍ରଶ୍ନର ଉତ୍ତରଟା ଦେଇପାରିଲନି —ସାମାଜିକ ନ୍ୟାୟ ଦେଇପାରିଲନି—ଆଜି କଣ ହୋଇଛ ଲୋକଙ୍କର, ଲୋକଙ୍କ ପାଇଁ, ଲୋକଙ୍କ ଦ୍ୱାରା ଗଣତନ୍ତ୍ର ସରକାର ! ଟାଙ୍କରୁ କେଇଟାଙ୍କ ପିଟିସନ୍, ଏତେ ମମତା—ଏତେ ସ୍ନେହ—ଏତେ ପ୍ରେମକୁ ଅସାମାଜିକ କରାଇ ଗଳା ମେଲୁଥିବା ଗଛଟିକୁ ସମୂଳେ ନଷ୍ଟ କରିଦେଲ; ଅଥଚ ଏତେ ବଡ଼ ସରକାର ତାକୁ ବଞ୍ଚାଇ ପାରିଲନି ।"

Digitized by srujanika@gmail.com

ଚଟକୁ ଭୁଲପଡ଼ି ସୁରେଶ ଦେଖେ ତ ତୋଟାଟା ବହୁ ଦୂରରେ ରହିଗଲାଣି । ଝିଅଟି ମୋଟେ ଦିଶୁନି । ବୋଧହୁଏ ପିଜୁଳଟାକୁ ସୁରେଶର ପଦାଙ୍କ ଉପରେ ଥୋଇ ଭୁଲିଯାଇଥିବ । ଖୁବ୍ କାନ୍ଦୁଥିବ !

ସେଇ ଦିନଠୁଁ ସୁରେଶ ସେଇ ପ୍ରଶ୍ନର ଗଭୀର ମର୍ମ ଓ ତାହାର ଉତ୍ତରକୁ ଖୋଜି ବୁଲୁଛି । ପାଉନି । ରାତି ହେଲେ ସେଇ ପ୍ରଶ୍ନଟି ଖୁବ୍ ବାସ୍ନା କରେ—ମହକ ଉଠେ ସୁରେଶର ଜୀବନ—ଚହଲ ଉଠେ ଯୌବନ । ଝିଅଟିର ନାଁଟା ବି ଜାଣିପାରିନି । ଲୋକେ କହୁଥିଲେ "ବାଘା ଝିଅ ।"

କିନ୍ତୁ ସୁରେଶ ମନେ ମନେ ନାଁ ଦେଇଛି 'ରଜନୀଗନ୍ଧା !'

Digitized by srujanika@gmail.com

## ଏହି ଲେଖକଙ୍କ ଅନ୍ୟାନ୍ୟ କୃତୀ—

### ଉପନ୍ୟାସ—

ଅଶ୍ରୁ ଟୀକା
ଘୁମନ୍ତ ମାଳମା
ଗୋଟିଏ ଆଶା କୋଟିଏ ସ୍ୱପ୍ନ
ପଣ୍ଟିମା ବଧୂ

### ଗୀତିନାଟ୍ୟ—

ବୋଇତ ବନ୍ଦାଣ

### ଜ୍ୟୋତିଷ—

ସମ୍ପୂର୍ଣ୍ଣ ଜ୍ୟୋତିଷ ଶିକ୍ଷା
ରାଶି ଓ ଗ୍ରହବିଚାର

### ଗବେଷଣାମୂଳକ ବୈଷୟିକ ପ୍ରବନ୍ଧ—

Tackling Flood Devastation in Orissa
Tackling Littoral Drift in a Port on East Coast
Scientific Aforestation along East Coast
( All are awarded Gold medals by O. S. E. A, )

### ଅନ୍ୟାନ୍ୟ—

Proceedings and Punishment
( For Govt. and non-Govt. Establishments
with up-to-date case laws)

Digitized by srujanika@gmail.com